ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୨୧/୨୦୨୩ (୧୨+୮=୨୦ ପୃଷ୍ଠା) | Bhubaneswar, Friday, April 21/2023 | Page 20 | ₹ 7.00

୪୯ଶ ଭାଗ ୧୪୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 146 | ମୂଲ୍ୟ ₹୭/-

DSPL - 15

5T | ଓଡ଼ିଶା ସରକାର

ଗ୍ରାମାଞ୍ଚଳ ବିକାଶରେ ଓଡ଼ିଶା ସାରା ଭାରତରେ ଶ୍ରେଷ୍ଠ

# ଦେଶର ଶ୍ରେଷ୍ଠ ଜିଲ୍ଲା ଓ ଶ୍ରେଷ୍ଠ ବ୍ଲକ୍ ସମେତ ଓଡ଼ିଶା ପାଇଁ ୮ଟି ଜାତୀୟ ପୁରସ୍କାର

## ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ସତତ ବିକାଶ ପୁରସ୍କାର



‘ଗଞ୍ଜାମ’ ଜିଲ୍ଲା ଦେଶର ଶ୍ରେଷ୍ଠ ଜିଲ୍ଲା ପରିଷଦ



‘ହିଞ୍ଜିଳିକାଟୁ’ ଦେଶର ଶ୍ରେଷ୍ଠ ପଞ୍ଚାୟତ ସମିତି

## ଦୀନ ଦୟାଲ ଉପାଧ୍ୟାୟ ପଞ୍ଚାୟତ ସତତ ବିକାଶ ପୁରସ୍କାର

ହିଞ୍ଜିଳିକାଟୁ ବ୍ଲକ୍‌ର କଞ୍ଚୁରୁ ଗ୍ରାମପଞ୍ଚାୟତ
ଦେଶର ଦ୍ୱିତୀୟ ସର୍ବଶ୍ରେଷ୍ଠ ସୁସ୍ଥ ପଞ୍ଚାୟତ ପୁରସ୍କାର

ଶାସନ ଆମ୍ବଗାଁ ଗ୍ରାମପଞ୍ଚାୟତ
ଦ୍ୱିତୀୟ ସ୍ୱଚ୍ଛ ଓ ସବୁଜ ପଞ୍ଚାୟତ ପୁରସ୍କାର

ଭଞ୍ଜନଗର ବ୍ଲକ୍‌ର କୁଲାଡ଼ ଗ୍ରାମପଞ୍ଚାୟତ
ଦେଶର ଦ୍ୱିତୀୟ ଶ୍ରେଷ୍ଠ ସାମାଜିକ ସୁରକ୍ଷା ପଞ୍ଚାୟତ ପୁରସ୍କାର

## ବିଶେଷ ପଞ୍ଚାୟତ ପୁରସ୍କାର

ପାତ୍ରପୁର ବ୍ଲକ୍‌ର ଆଙ୍କୁଲି ଗ୍ରାମପଞ୍ଚାୟତ
ଦେଶର ଦ୍ୱିତୀୟ ଶ୍ରେଷ୍ଠ ଗ୍ରାମ ଉର୍ଜା ସ୍ୱରାଜ ବିଶେଷ ପଞ୍ଚାୟତ ପୁରସ୍କାର

ସୁନ୍ଦରଗଡ଼ ଜିଲ୍ଲା ବଣାଇଁଗଡ଼ ଗ୍ରାମପଞ୍ଚାୟତ
ଦ୍ୱିତୀୟ କାର୍ବନ ନ୍ୟୁଟ୍ରାଲ୍ ବିଶେଷ ପଞ୍ଚାୟତ ପୁରସ୍କାର

ସୁନ୍ଦରଗଡ଼ ଜିଲ୍ଲାର ବଣାଇଁଗଡ଼ ଗ୍ରାମପଞ୍ଚାୟତ
ଗ୍ରାମ ଉର୍ଜା ସ୍ୱରାଜ ବିଶେଷ ପଞ୍ଚାୟତ ପୁରସ୍କାର

୨୦୩୦ ମସିହା ସୁଦ୍ଧା ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ପାଇଁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**
ଦୂରଦୃଷ୍ଟିସମ୍ପନ୍ନ ଗ୍ରାମାଞ୍ଚଳ ବିକାଶ ଓ ପଞ୍ଚାୟତିରାଜ ଅନୁଷ୍ଠାନଗୁଡିକର ସଶକ୍ତିକରଣ ଯୋଗୁଁ ଓଡ଼ିଶା ପାଇଛି ଏହି ଜାତୀୟସ୍ତରର ଗୌରବ ।



ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ

OIPR-19214/13/0002/2324

**ଅତିକ୍ ହତ୍ୟା: ଅପରାଧ ଦୃଶ୍ୟ ପୁନଃ ପ୍ରସ୍ତୁତ କରାଇଲା ଏସ୍ଆଇଟି**

ଗ୍ୟାଙ୍ଗଷ୍ଟର ଅତିକ ମହମ୍ମଦ ଓ ତାଙ୍କ ଭାଇ ଅଶ୍ରଫ ହତ୍ୟାକାଣ୍ଡର ୩ ଅଭିଯୁକ୍ତଙ୍କୁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ଗୁରୁବାର ଘଟଣାସ୍ଥଳକୁ ନେଇ ଅପରାଧ ଦୃଶ୍ୟକୁ ପୁନଃ ପ୍ରସ୍ତୁତ କରାଇଥିଲା। ଅତିକ୍ ଓ ଅଶ୍ରଫ ବେଶଧାରୀ ଦୁଇଜଣ ଖବରଦାତାଙ୍କ ସହ କଥା ହେଉଥିବାବେଳେ ଅଭିଯୁକ୍ତମାନେ ପ୍ରତୀକାତ୍ମକ ଭାବେ ସେମାନଙ୍କୁ ଗୁଳି ଚଳାଇଥିଲେ।



## ସଂକ୍ଷେପରେ

### ଏସିଡ୍ ଆକ୍ରମଣ: ବରକନ୍ୟାଙ୍କ ସମେତ ୧୨ ଆହତ

**ଜଗଦଲପୁର,୨୦।୪:** ଛତିଶଗଡ଼ର ବସ୍ତର ଜିଲା ଅନ୍ତର୍ଗତ ଏକ ଗ୍ରାମରେ ବିବାହ ଉତ୍ସବ ଚାଲିଥିବାବେଳେ କେହି ଦୁର୍ବୃତ୍ତ ଏସିଡ୍ ଭଳି ସାମଗ୍ରୀ ଫିଙ୍ଗିବାରୁ ବରକନ୍ୟାଙ୍କ ସମେତ ସେମାନଙ୍କର ୧୦ ଜଣ ସମ୍ପର୍କୀୟ ପୋଡ଼ିହୋଇ ଆହତ ହୋଇଛନ୍ତି। ଭାନପୁର ଥାନା ଅନ୍ତର୍ଗତ ଛୋଟେ ଅମାବଲ ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଘଟିଛି। ବର ଡମ୍ରୁଧର ବାଘେଲ(୨୫), କନ୍ୟା ସୁନିତା କାଶ୍ୟପ(୧୯) ଓ ଅନ୍ୟ ୧୦ ଜଣଙ୍କ ଶରୀରର ବିଭିନ୍ନ ଭାଗ ପୋଡ଼ିଯାଇଛି। ବୁଧବାର ସନ୍ଧ୍ୟାରେ ଝିଅ ଘରେ ବିବାହ ଉତ୍ସବ ବେଳେ କରେଣ୍ଟ ଚାଲିଯାଇଥିଲା। ଏହି ସମୟରେ ମଣ୍ଡପରେ ବସିଥିବା ବରକନ୍ୟାଙ୍କ ଉପରକୁ କେହି ଜଣେ ଏସିଡ୍ ଭଳି ସାମଗ୍ରୀ ଫିଙ୍ଗିଥିଲା। ଆହତମାନଙ୍କୁ ସଙ୍ଗେ ସଙ୍ଗେ ଭାନପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ବରକନ୍ୟା ଓ ଅନ୍ୟ ୨ ଜଣଙ୍କୁ ଜଗଦଲପୁର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

### ପାୱାରଙ୍କୁ ଭେଟିଲେ ଗୌତମ ଆଦାନୀ



**ମୁମ୍ବାଇ,୨୦।୪:** ଆଦାନୀ-ହିଣ୍ଡେନ୍‌ବର୍ଗ ପ୍ରସଙ୍ଗର ତଦନ୍ତ ଯୁଗ୍ମ ସଂସଦୀୟ କମିଟି (ଜେପିସି) ଦ୍ୱାରା କରାଇବା ପାଇଁ ବିରୋଧୀ ଦଳଗୁଡ଼ିକ ଅଡ଼ିବସିଥିବାବେଳେ ବିଶିଷ୍ଟ ଶିଳ୍ପପତି ଗୌତମ ଆଦାନୀ ଗୁରୁବାର ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଶରଦ ପାୱାରଙ୍କୁ ତାଙ୍କ ବାସଭବନରେ ଭେଟିଛନ୍ତି। ଉଭୟଙ୍କ ମଧ୍ୟରେ ଦୀର୍ଘ ୨ ଘଣ୍ଟା ଧରି ଆଲୋଚନା ଚାଲିଥିଲା। କିଛିଦିନ ପୂର୍ବରୁ ପାୱାର ଆଦାନୀଙ୍କୁ ସମର୍ଥନ ଜଣାଇଥିଲେ। ଆଦାନୀ ଗ୍ରୁପ୍ ବିରୋଧରେ ଆମେରିକାର ଶର୍ଟ ସେଲର ହିଣ୍ଡେନବର୍ଗ ରିସର୍ଚ୍ଚ ପକ୍ଷରୁ ପ୍ରକାଶିତ ରିପୋର୍ଟକୁ ଏନ୍‌ସିପି ଅଧ୍ୟକ୍ଷ ସମାଲୋଚନା କରିଥିଲେ। ଜେପିସି ପରିବର୍ତ୍ତେ ସୁପ୍ରିମକୋର୍ଟ କମିଟି ଦ୍ୱାରା ଆଦାନୀ ପ୍ରସଙ୍ଗର ତଦନ୍ତ ସପକ୍ଷରେ ପାୱାର ମତ ଦେଇଥିଲେ।

### ମେ'ରେ ଭାରତ ଆସିବେ ବିଲାୱଲ

**ନୂଆଦିଲ୍ଲୀ,୨୦।୪:** ଗୋଆରେ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ)



ବହିର୍ବ୍ୟାପାର ମନ୍ତ୍ରୀମାନଙ୍କ ସମ୍ମିଳନୀ ମେ' ମାସରେ ହେବାକୁ ଥିବାବେଳେ ଏଥିରେ ଯୋଗଦେବା ଲାଗି ପାକିସ୍ତାନର ବହିର୍ବ୍ୟାପାର ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରୀ ଭାରତ ଆସିବେ। ଗୁରୁବାର ଇସ୍‌ଲାମାବାଦ ପକ୍ଷରୁ ଏହା ଘୋଷଣା କରାଯାଇଛି। ମେ' ୪ ଓ ୫ରେ ଗୋଆରେ ଅନୁଷ୍ଠିତ ହେବାକୁ ଥିବା ବହିର୍ବ୍ୟାପାର ମନ୍ତ୍ରୀମାନଙ୍କ ସମ୍ମିଳନୀରେ ବିଲାୱଲ ପାକିସ୍ତାନ ପ୍ରତିନିଧିମାନଙ୍କ ନେତୃତ୍ୱ ନେବେ ବୋଲି ଏହାର ବହିର୍ବ୍ୟାପାର କାର୍ଯ୍ୟାଳୟ ମୁଖପାତ୍ର ମମତାଜ୍ ଜରାହ ବାଲୋଚ୍ କହିଛନ୍ତି। ୨୦୧୪ରେ ନୱାଜ ଶରିଫ ଭାରତ ଗସ୍ତରେ ଆସିଥିଲେ। ଏହା ପରେ କୌଣସି ପାକିସ୍ତାନୀ ନେତା ଭାରତ ଆସିବାରେ ବିଲାୱଲ ପ୍ରଥମ ହେବେ। ଭାରତ ଏସ୍‌ସିଓର ଅଧ୍ୟକ୍ଷତା ଗ୍ରହଣ କରିଥିବାବେଳେ ଚାଇନାର ନୂଆ ବହିର୍ବ୍ୟାପାର ମନ୍ତ୍ରୀ କିନ୍ ଗାଙ୍ଗ୍, ପାକ୍ ମନ୍ତ୍ରୀ ବିଲାୱଲ ଓ ଅନ୍ୟ ଏସ୍‌ସିଓ ସଦସ୍ୟମାନଙ୍କୁ ଜାନୁଆରୀରେ ଆମନ୍ତ୍ରଣ କରାଯାଇଥିଲା।



ପଶ୍ଚିମବଙ୍ଗର ଓ୍ୱେଷ୍ଟ ବର୍ଦ୍ଧମାନ ଜିଲା ପାନାଗଡ଼ସ୍ଥିତ ଅର୍ଜନ ସିଂ ଏୟାରଫୋର୍ସ ଷ୍ଟେସନରେ ଭାରତୀୟ ବାୟୁସେନା ଓ ଆମେରିକା ଏୟାରଫୋର୍ସର ମିଳିତ ସମରାଭ୍ୟାସ।

## ପ୍ରବାସୀ ଶ୍ରମିକଙ୍କୁ ୩ ମାସରେ ରାଶନ କାର୍ଡ ଦିଅ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୦।୪**

ଇ-ଶ୍ରମ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ପ୍ରବାସୀ ଶ୍ରମିକମାନଙ୍କୁ ରାଶନ କାର୍ଡ ଯୋଗାଇଦେବା ଲାଗି ସୁପ୍ରିମକୋର୍ଟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଆଉ ୩ ମାସ ସମୟ ଦେଇଛନ୍ତି। ସରକାରଙ୍କ ଲାଭଦାୟକ ଯୋଜନାର ସୁଫଳ ସେମାନଙ୍କୁ ମିଳିବା ଆବଶ୍ୟକ ବୋଲି ଜଷ୍ଟିସ୍ ଏମ୍.ଆର୍. ଶାହା ଏବଂ ଅସାନୁଦ୍ଦିନ ଅମନୁଲ୍ଲାଙ୍କ ଖଣ୍ଡପୀଠ କହିଛନ୍ତି। ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ପ୍ରବାସୀ ଶ୍ରମିକମାନେ ଯେପରି ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ)ର ସୁବିଧା ହାସଲ କରିପାରିବେ, ସେଥିପାଇଁ ଏହାର ବ୍ୟାପକ ପ୍ରଚାର କରାଇବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏନ୍‌ଏଫ୍‌ଏସ୍‌ଏର ରାଶନ କୋଟା ନିର୍ବିଶେଷରେ ସମସ୍ତ ପ୍ରବାସୀ ଶ୍ରମିକଙ୍କୁ ରାଶନ ଯୋଗାଇଦେବା ଲାଗି ଅଞ୍ଜଳି ଭରଦ୍ୱାଜ, ହର୍ଷ ମନ୍ଦର ଏବଂ ଜଗଦୀପ ଛୋକ୍କରଙ୍କ ପକ୍ଷରୁ ଦାଏର ପିଟିଶନର ଶୁଣାଣି କରି ସର୍ବୋଚ୍ଚ ଅଦାଲତ ଉପରୋକ୍ତ ରାୟ ଦେଇଛନ୍ତି। ଏନ୍‌ଏଫ୍‌ଏସ୍‌ଏରେ ଜନସଂଖ୍ୟା ଅନୁପାତ ଉପଯୁକ୍ତ ଭାବେ ଦର୍ଶାଯାଇ ନ ଥିବା କାରଣ ପାଇଁ ପ୍ରବାସୀ ଶ୍ରମିକମାନଙ୍କୁ ଆଧାର କାର୍ଡରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ଗତ ୧୭ ତାରଖରେ ସୁପ୍ରିମକୋର୍ଟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କହିଥିଲେ। ଏକ ଜନମଙ୍ଗଳ ରାଷ୍ଟ୍ରରେ ପ୍ରତ୍ୟେକଙ୍କ ପାଖରେ ସୁବିଧା ପହଞ୍ଚାଇବା ସରକାରଙ୍କ କର୍ତ୍ତବ୍ୟ ବୋଲି ଅଦାଲତ ଟିପ୍ପଣୀ ଦେଇଥିଲେ।

# ନରୋଦା ଗାମ୍ ଦଙ୍ଗା: ୬୭ ଅଭିଯୁକ୍ତ ଖଲାସ

■ ଗୋଧ୍ରା ଟ୍ରେନ୍ ପୋଡ଼ି ପ୍ରତିବାଦରେ ବନ୍ଦ ପାଳନ ବେଳେ ଘଟିଥିଲା ସାମ୍ପ୍ରଦାୟିକ ଦଙ୍ଗା

■ ମାୟା କୋଡ୍‌ନାନି, ବାବୁ ବଜରଙ୍ଗୀଙ୍କ ସମେତ ୬୭ ଜଣଙ୍କ ନାମରେ ଚାଲିଥିଲା ମାମଲା

**ଅହମଦାବାଦ/ନୂଆଦିଲ୍ଲୀ,୨୦।୪**

ଗୁଜରାଟ ଦଙ୍ଗା ବେଳେ ଘଟିଥିବା ନରୋଦା ଗାମ୍ ସାମ୍ପ୍ରଦାୟିକ ହିଂସା ମାମଲାର ସମସ୍ତ ୬୭ ଅଭିଯୁକ୍ତଙ୍କୁ ଅହମଦାବାଦର ଏକ ସ୍ୱତନ୍ତ୍ର କୋର୍ଟ ଗୁରୁବାର ଦୋଷମୁକ୍ତ କରିଛନ୍ତି। ୧୧ ମୁସଲମାନଙ୍କ ଜୀବନ ଯାଇଥିବା ନରେଦା ଗାମ୍ ଦଙ୍ଗା ମାମଲାରେ ରାଜ୍ୟର ପୂର୍ବତନ ମନ୍ତ୍ରୀ ତଥା ଭାଜପା ନେତ୍ରୀ ମାୟା କୋଡ୍‌ନାନି ଓ ବଜରଙ୍ଗ ଦଳର ବାବୁ ବଜରଙ୍ଗୀଙ୍କ ସମେତ ୬୭ ଅଭିଯୁକ୍ତ ଥିଲେ।

୨୦୦୨ ଫେବୃୟାରୀ ୨୮ରେ ଗୋଧ୍ରାରେ ଟ୍ରେନ୍ ପୋଡ଼ି ପ୍ରତିବାଦରେ ବନ୍ଦ ପାଳନ ବେଳେ ଅହମଦାବାଦ ସହରର ନରୋଦା ଗାମ୍‌ରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କ ଘରେ ନିଆଁ ଲଗାଇଦିଆଯାଇଥିଲା। ଏହି ସାମ୍ପ୍ରଦାୟିକ ଦଙ୍ଗାରେ ୧୧ ଜଣ ମୁସଲମାନଙ୍କ ମୃତ୍ୟୁ ଘଟିଥିଲା। ଏହା ଥିଲା ସେହିବର୍ଷ ଘଟିଥିବା ୯ ବଡ଼ ସାମ୍ପ୍ରଦାୟିକ ମାମଲା ମଧ୍ୟରୁ ଅନ୍ୟତମ। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍ଆଇଟି) ଏହାର ତଦନ୍ତ କରିଥିବାବେଳେ



ମାୟା କୋଡ୍‌ନାନି



ବାବୁ ବଜରଙ୍ଗୀ

> ୨୦୦୨ ଫେବୃୟାରୀ ୨୭ରେ ଗୁଜରାଟର ଗୋଧ୍ରାରେ ଦୁର୍ବୃତ୍ତମାନେ ସାବରମତି ଏକ୍ସପ୍ରେସ୍‌ରେ ନିଆଁ ଲଗାଇଦେବାରୁ ଉକ୍ତ ଟ୍ରେନ୍‌ରେ ଅଯୋଧ୍ୟାରୁ ଫେରୁଥିବା କାରସେବକଙ୍କ ସମେତ ୫୯ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହାର ପ୍ରତିବାଦରେ ବନ୍ଦ ପାଳନ ବେଳେ ନରୋଦା ଗାମ୍‌ରେ ସାମ୍ପ୍ରଦାୟିକ ଦଙ୍ଗା ଘଟିଥିଲା।

୨୦୧୦ରେ ସ୍ପେଶାଲ କୋର୍ଟରେ ଶୁଣାଣି ଆରମ୍ଭ ହୋଇଥିଲା। ୧୩ ବର୍ଷ ମଧ୍ୟରେ ୬ ବିଚାରପତି ବଦଳିଥିଲେ। ଏହି ମାମଲାରେ ୮୬ ଅଭିଯୁକ୍ତ ଥିଲେ, ଯାହାଙ୍କ ମଧ୍ୟରୁ ୧୮ ଜଣଙ୍କ ମୃତ୍ୟୁ ବିଚାର ସମୟ ଭିତରେ ହୋଇଥିଲା। ଅଭିଯୋଜନକାରୀ ଏବଂ ପ୍ରତିବାଦୀ ପକ୍ଷ ଓକିଲ ଯଥାକ୍ରମେ ୧୮୭ ଓ ୫୭ ସାକ୍ଷୀଙ୍କୁ ଜେରା କରିଥିଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାରରେ ମନ୍ତ୍ରୀ ଥିବା ଭାଜପା ନେତ୍ରୀ ମାୟା କୋଡ୍‌ନାନି ଏହି ଦଙ୍ଗାର ବହୁଚର୍ଚ୍ଚିତ ଅଭିଯୁକ୍ତ। ୨୦୧୭ରେ ମାୟାଙ୍କ ପାଇଁ ପ୍ରତିବାଦୀ ପକ୍ଷ ସାକ୍ଷୀ ଭାବେ ବର୍ତ୍ତମାନର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କୋର୍ଟରେ ହାଜର ହୋଇଥିଲେ। ବଜରଙ୍ଗ ଦଳର ବାବୁ ବଜରଙ୍ଗୀ ଓ ଜୟଦୀପ ପଟେଲ ନ୍ୟାୟ ବହିର୍ଭୂତ ହତ୍ୟା ସମ୍ପର୍କରେ କଥା ହେଉଥିବା ନେଇ ୨୦୦୭ ନଭେମ୍ବରରେ ତେହଲ୍‌କା ପତ୍ରିକାରେ ରିପୋର୍ଟ ପ୍ରକାଶ ପାଇଥିଲା। ଏହାର ଶୀର୍ଷକ ରହିଥିଲା 'ଅପରେଶନ୍ କଳଙ୍କ'। ପୀଡ଼ିତଙ୍କ ଓକିଲ ସମଶାଦ୍ ପଠାନ୍ ସ୍ୱତନ୍ତ୍ର ଅଦାଲତଙ୍କ ରାୟକୁ ଗୁଜରାଟ ହାଇକୋର୍ଟରେ ଚ୍ୟାଲେଞ୍ଜ କରିବେ ବୋଲି କହିଛନ୍ତି। ମାୟା ଏହା ପୂର୍ବରୁ ୯୭ ଜଣଙ୍କ ପ୍ରାଣହାନି ଘଟିଥିବା ନରୋଦା ପାଟିୟା ଦଙ୍ଗା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ପରବର୍ତ୍ତୀ ସମୟରେ ଗୁଜରାଟ ହାଇକୋର୍ଟ ତାଙ୍କୁ ଦୋଷମୁକ୍ତ କରିଥିଲେ।



ନରୋଦା ଗାମରେ ଦଙ୍ଗା ବେଳର ଦୃଶ୍ୟ।

> ସ୍ୱତନ୍ତ୍ର କୋର୍ଟ କେଉଁ ଆଧାରରେ ସମସ୍ତ ଅଭିଯୁକ୍ତଙ୍କୁ ଖଲାସ କଲେ ତାହା ଜଣାନାହିଁ। ଏହି ରାୟ କେବଳ ପୀଡ଼ିତମାନଙ୍କ ବିରୋଧରେ ନୁହେଁ। ଏହା ୮୬ ଜଣଙ୍କୁ ଅଭିଯୁକ୍ତ କରିଥିବା ଏସ୍ଆଇଟି ସହ ସୁପ୍ରିମକୋର୍ଟ ବିରୋଧୀ ରାୟ। ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା ଆମେ ଲଢ଼େଇ ଜାରି ରଖିବୁ।
> **-ସମଶାଦ୍ ପଠାନ୍, ପୀଡ଼ିତଙ୍କ ଓକିଲ**

୨୧ ବର୍ଷୀୟା ବିଲ୍‌କିସ୍ ୟାକୁବ୍ ରସୁଲଙ୍କ ପରିବାର ସଦସ୍ୟମାନେ ମାର୍ଚ୍ଚ ୩ରେ ଏକ ଟ୍ରକ୍‌ରେ ସୁରକ୍ଷିତ ସ୍ଥାନକୁ ଯାଉଥିବାବେଳେ ରନ୍ଧିକାପୁରରେ ଦଙ୍ଗାକାରୀମାନେ ନିଆଁ ଲଗାଇଦେଇଥିଲେ। ଏଥିରେ ୪ ମହିଳା ଓ ୪ ଶିଶୁଙ୍କ ସମେତ ୧୪ ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରେ ବିଲ୍‌କିସ୍‌ଙ୍କ ୨ ବର୍ଷୀୟା ଝିଅ ସଲେହା ମଧ୍ୟ ଥିଲେ। ଦଙ୍ଗାକାରୀମାନେ ୫ ମାସର ଗର୍ଭବତୀ ଥିବା ବିଲ୍‌କିସ୍‌ଙ୍କୁ ଗଣବଳାତ୍କାର କରି ମୃତ୍ୟୁ ମୁଖକୁ ଠେଲିଦେଇଥିଲେ। ମାମଲାର ୧୧ ଦୋଷୀଙ୍କୁ ଗତ ଅଗଷ୍ଟ ୧୫ରେ ଗୁଜରାଟ ସରକାର ମୁକ୍ତ କରିଥିଲେ। କେଉଁ ଆଧାରରେ ସେମାନଙ୍କୁ ଛଡ଼ାଯାଇଛି ବୋଲି ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟ ଜବାବ ମାଗିଛନ୍ତି। ଏଭଳି ସମୟରେ ନରୋଦା ଗାମ୍ ଦଙ୍ଗା ମାମଲାରେ ସମସ୍ତ ଅଭିଯୁକ୍ତଙ୍କୁ ସ୍ପେଶାଲ କୋର୍ଟ ଦୋଷମୁକ୍ତ କରିବା ପରେ ରାଜନୈତିକ ଝଡ଼ ଉଠିବା ଆଶଙ୍କା କରାଯାଉଛି।

### ଅମ୍ରିତ୍‌ପାଲଙ୍କ ସ୍ତ୍ରୀଙ୍କୁ ବିମାନବନ୍ଦରରେ ଜେରା

**ଅମୃତସର,୨୦।୪**

ପଳାତକ ଖଲିସ୍ତାନୀ ନେତା ଅମ୍ରିତ୍‌ପାଲ ସିଂଙ୍କ ସ୍ତ୍ରୀ କିରନଦୀପ୍ କୌର ଗୁରୁବାର ବିମାନ ଯୋଗେ ଲଣ୍ଡନ ପଳାଇଯିବାକୁ ଉଦ୍ୟମ କରୁଥିବାବେଳେ ଇମିଗ୍ରେଶନ ଅଧିକାରୀମାନେ ତାଙ୍କୁ ଅମୃତସରର ଶ୍ରୀଗୁରୁ ରାମଦାସ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅଟକ ରଖି ଜେରା କରୁଛନ୍ତି। ବ୍ରିଟେନ ଏନ୍‌ଆର୍‌ଆଇ କୌରଙ୍କୁ ଅମ୍ରିତ୍‌ପାଲ ଗତ ଫେବୃୟାରୀ ୧୦ରେ ବିବାହ କରିଥିଲେ। ଅମୃତସରର ବାବା ବକଲାସ୍ଥିତ ଗୁରୁଦ୍ୱାରାରେ ହୋଇଥିବା ଏହି ବିବାହ ଉତ୍ସବରେ ଅଳ୍ପ କେତେଜଣ



କିରନଦୀପ୍ କୌର

ପରିବାର ସଦସ୍ୟ ସାମିଲ ହୋଇଥିଲେ। ଅମ୍ରିତପାଲ ଓ ତାଙ୍କ ସହଯୋଗୀଙ୍କ ବିରୋଧରେ ହତ୍ୟା ଉଦ୍ୟମ, ପୋଲିସ ଉପରେ ଆକ୍ରମଣ, ସଦ୍‌ଭାବନା ବ୍ୟାହତ କରିବା, ଆଇନଶୃଙ୍ଖଳା ସ୍ଥିତି ସୃଷ୍ଟି କରିବା ନେଇ ଏକାଧିକ ମାମଲା ରୁଜୁ ହୋଇଛି। ଖଲିସ୍ତାନୀ ନେତାଙ୍କୁ ଧରିବା ପାଇଁ ଗତ ମାସରେ ପଞ୍ଜାବ ପୋଲିସର ବ୍ୟାପକ ଚଢ଼ାଉ ସତ୍ତ୍ୱେ ସେ ଖସିପଳାଇଥିଲେ।

## ଆରାଧ୍ୟା ବଚ୍ଚନଙ୍କ ଉପରେ ବିଭ୍ରାନ୍ତିକର କଣ୍ଟେଣ୍ଟ କରିବା ମନା

**ନୂଆଦିଲ୍ଲୀ,୨୦।୪**



ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଓ ଅଭିନେତା ଅଭିଷେକ ବଚ୍ଚନଙ୍କ ଝିଅ ଆରାଧ୍ୟା ବଚ୍ଚନଙ୍କ ଉପରେ ୟୁଟ୍ୟୁବ୍ ଚ୍ୟାନେଲଗୁଡ଼ିକରେ ବିଭ୍ରାନ୍ତିକର କଣ୍ଟେଣ୍ଟ ଦେଖାଯାଇପାରିବ ନାହିଁ ବୋଲି ଗୁରୁବାର ଦିଲ୍ଲୀ ହାଇକୋର୍ଟ ରାୟ ଦେଇଛନ୍ତି। ଏଥିସହ ଅନେକ ୟୁଟ୍ୟୁବ୍ ଚ୍ୟାନେଲକୁ ଏଭଳି କରିବାରୁ କ୍ଷାନ୍ତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ସି. ହରିଶଙ୍କର କହିଛନ୍ତି, ପ୍ରତ୍ୟେକ ଶିଶୁ ସମ୍ମାନ ପାଇବାକୁ ହକ୍‌ଦାର। ଶିଶୁଙ୍କ ଉପରେ ବିଭ୍ରାନ୍ତିକର ତଥ୍ୟ ପ୍ରସାର କରିବା ଘୃଣ୍ୟ ବିକୃତି। ଆଇନରେ ଏହା ଆଦୌ ବରଦାସ୍ତଯୋଗ୍ୟ ନୁହେଁ। ପ୍ରକାଶ ଯେ, ଆରାଧ୍ୟାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଓ ତାଙ୍କ ମୃତ୍ୟୁ ଘଟିଥିବା ନେଇ କେତେକ ଭିଡିଓରେ ଅପପ୍ରଚାର କରାଯାଇଥିଲା। ଆରାଧ୍ୟା ଏହା ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅନ୍ତରୀଣ ରାୟରେ ଜଷ୍ଟିସ୍ ହରିଶଙ୍କର ଏଭଳି ୟୁଟ୍ୟୁବ୍‌ରେ ଥିବା ବିବାଦୀୟ ଭିଡିଓଗୁଡ଼ିକୁ ତତ୍କାଳ ହଟାଇବା ପାଇଁ ଗୁଗଲକୁ ନିର୍ଦ୍ଦେଶ ଦେଇଛନ୍ତି।

### ଜଷ୍ଟିସ୍ ମୁରଲୀଧରଙ୍କ ବଦଳି ସୁପାରିସ ପ୍ରତ୍ୟାହୃତ

**ନୂଆଦିଲ୍ଲୀ,୨୦।୪:** ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ୍. ମୁରଲୀଧରଙ୍କୁ ମାଡ୍ରାସ ହାଇକୋର୍ଟକୁ ବଦଳି ପାଇଁ ସୁପ୍ରିମକୋର୍ଟ କଲେଜିୟମ୍ ପୂର୍ବରୁ କରିଥିବା ସୁପାରିସ୍‌କୁ ବୁଧବାର ପ୍ରତ୍ୟାହାର କରିନେଇଛନ୍ତି। ଜଷ୍ଟିସ ମୁରଲୀଧରଙ୍କ ବଦଳି ପାଇଁ ୨୦୨୨ ସେପ୍ଟେମ୍ବରରେ କଲେଜିୟମ ସୁପାରିସ କରିଥିଲେ। ସେବେଠାରୁ ଏହା କେନ୍ଦ୍ର ସରକାରଙ୍କ ବିଚାରାଧୀନ ଥିଲା। ଆଉ ୪ ମାସରୁ କମ୍ ସମୟରେ ଜଷ୍ଟିସ ମୁରଲୀଧର ଅବସର ଗ୍ରହଣ କରିବାକୁ ଥିବାରୁ କଲେଜିୟମ ତାଙ୍କ ବଦଳି ନିଷ୍ପତ୍ତିକୁ ପ୍ରତ୍ୟାହାର କରିନେଇଛି। ଅଗଷ୍ଟ ୭ରେ ଜଷ୍ଟିସ ମୁରଲୀଧରଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଯାଉଥିବା ପ୍ରସ୍ତାବରେ କୁହାଯାଇଛି।

## ସ୍ପେସ୍‌ଏକ୍ସ ରକେଟରେ ବିସ୍ଫୋରଣ

**ନୂଆଦିଲ୍ଲୀ,୨୦।୪**

ବିଶ୍ୱର ସବୁଠୁ ପ୍ରଭାବଶାଳୀ ରକେଟ ଭାବେ ପରିଚିତ ସ୍ପେସ୍‌ଏକ୍ସର ଷ୍ଟାର୍‌ଶିପ୍ ଗୁରୁବାର ପ୍ରଥମ ପରୀକ୍ଷା ବେଳେ ବିସ୍ଫୋରଣ ହୋଇଛି। ଚନ୍ଦ୍ର, ମଙ୍ଗଳ ଏବଂ ଅନ୍ୟ ଗ୍ରହକୁ ମହାକାଶଚାରୀଙ୍କୁ ପଠାଇବା ନିମନ୍ତେ ସ୍ପେସ୍‌ଏକ୍ସ ଏହି ରକେଟ ଡିଜାଇନ ପ୍ରସ୍ତୁତ କରିଥିଲା। ଟେକ୍ସାସ୍‌ର ବୋକା ଚିକା ଘରୋଇ ସ୍ପେସ୍‌ପୋର୍ଟରୁ ସ୍ଥାନୀୟ ସମୟ ପୂର୍ବାହ୍ନ ୮ଟା ୩୩ ସମୟରେ ଏହି ବିଶାଳ ରକେଟ ସଫଳତାର ସହ ଉତ୍‌କ୍ଷେପଣ କରାଯାଇଥିଲା। ଉପରକୁ ଉଠିବାର ୩ ମିନିଟ ପରେ ଷ୍ଟାରଶିପ୍ କ୍ୟାପ୍‌ସୁଲ ପ୍ରଥମ ପର୍ଯ୍ୟାୟ ରକେଟ ବୁଷ୍ଟରଠାରୁ ଅଲଗା ହୋଇଥାନ୍ତା। ଏହି ପୃଥକୀକରଣ ବିଫଳ ହେବାରୁ ରକେଟ ବିସ୍ଫୋରଣ ହୋଇଥିଲା।



## ୟୁକ୍ରେନ୍‌ରେ ନାଟୋ ମୁଖ୍ୟ

**କିଭ୍,୨୦।୪**

ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ମହାସଚିବ ଜେନ୍ସ ଷ୍ଟୋଲ୍‌ଟେନ୍‌ବର୍ଗ ଗୁରୁବାର ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍ ଗସ୍ତ କରି ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ ଭେଟିଛନ୍ତି। ୨୦୨୨ ଫେବୃୟାରୀ ୨୪ରେ ରୁଷିଆର ୟୁକ୍ରେନ୍ ଆକ୍ରମଣ ପରେ ଏହା ହେଉଛି ନାଟୋ ମୁଖ୍ୟଙ୍କ ପ୍ରଥମ କିଭ୍ ଗସ୍ତ। ଏହି ଅବସରରେ ସେ ୟୁକ୍ରେନ୍ ପ୍ରତି ସାମରିକ ମେଣ୍ଟର ସମର୍ଥନକୁ ଦୋହରାଇଛନ୍ତି। ଯୁଦ୍ଧରେ ପ୍ରାଣ ହରାଇଥିବା ୟୁକ୍ରେନୀୟ ସୈନ୍ୟଙ୍କ ସମାଧିସ୍ଥଳରେ ଷ୍ଟୋଲ୍‌ଟେନ୍‌ବର୍ଗ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଏଥିସହ କିଭ୍‌ର ମାଇକେଲ୍ ସ୍କୋୟାରରେ ରଖାଯାଇଥିବା ରୁଷୀୟ ସେନା ଯାନଗୁଡ଼ିକୁ ଦେଖିଛନ୍ତି। ତେବେ ସେ ନିଜ ଗସ୍ତ ସମ୍ପର୍କିତ ଲକ୍ଷ୍ୟ ନେଇ ତତ୍କାଳ କୌଣସି ଘୋଷଣା କରିନାହାନ୍ତି।





ନାଟୋ ମହାସଚିବ ଜେନ୍ସ ଷ୍ଟୋଲ୍‌ଟେନ୍‌ବର୍ଗ ୟୁକ୍ରେନ୍ ଗସ୍ତ କରି ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ ଭେଟୁଛନ୍ତି।

ନାଟୋକୁ ନିଜର ପରମ ଶତ୍ରୁ ବିବେଚନା କରୁଥିବା ମସ୍କୋ ପକ୍ଷରୁ ମଧ୍ୟ ଗସ୍ତ ଉପରେ କୌଣସି ପ୍ରତିକ୍ରିୟା ଆସିନାହିଁ। ପ୍ରକାଶ ଯେ, ୧୯୯୧ରେ ୟୁକ୍ରେନ୍ ରୁଷିଆ ନେତୃତ୍ୱାଧୀନ ସୋଭିଏତ୍ ସଂଘରୁ ଅଲଗା ହୋଇ ସ୍ୱାଧୀନ ରାଷ୍ଟ୍ର ପାଲଟିଥିଲା।

## ସ୍ୱୀକୃତି ପାଇଁ ଧାରଣା ବଦଳାଇବାକୁ ହେବ

### ସମଲିଙ୍ଗୀ ବିବାହକୁ ନେଇ ସିଜେଆଇ ମତ

**ନୂଆଦିଲ୍ଲୀ,୨୦।୪**

ସମଲିଙ୍ଗୀ ବିବାହର ବୈଧୀକରଣକୁ ନେଇ ସୁପ୍ରିମକୋର୍ଟର ୫ ଜଣିଆ ସାମ୍ବିଧାନିକ ପୀଠରେ ଗୁରୁବାର ତୃତୀୟ ଦିନ ପାଇଁ ଶୁଣାଣି ଜାରି ରହିଥିଲା। ବିପରୀତଲିଙ୍ଗୀ ଦୁଇ ଜୀବନସାଥୀଙ୍କ ମଧ୍ୟରେ ବିବାହ ଜରୁରୀ କି ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ଗୁରୁବାର ପ୍ରଶ୍ନ କରିଛନ୍ତି। ସମଲିଙ୍ଗୀ ସମ୍ପର୍କକୁ ଆମେ କେବଳ ଶାରୀରିକ ସମ୍ପର୍କ ଭାବେ ଦେଖୁନାହୁଁ, ବରଂ ଏକ ସ୍ଥାୟୀ, ଭାବାତ୍ମକ ସମ୍ପର୍କ ଭାବେ ଦେଖୁଛୁ ବୋଲି ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଥିଲେ। କୋର୍ଟ ୱେବ୍‌ସାଇଟ୍ ଏବଂ ୟୁଟ୍ୟୁବ୍‌ରେ ଶୁଣାଣିର ସିଧା ପ୍ରସାରଣ ହୋଇଥିଲା।

ସମଲିଙ୍ଗୀ ବିବାହକୁ ଆଇନଗତ ସ୍ୱୀକୃତି ଦେବାକୁ ହେଲେ ବିବାହ ସହ ସମ୍ପୃକ୍ତ ଧାରଣାର ପୁନଃ ସଂଜ୍ଞା ନିରୂପଣ କରିବାକୁ ହେବ। କାରଣ ପ୍ରଚଳିତ ନିୟମ ଅନୁଯାୟୀ ବିବାହ ପାଇଁ ଦୁଇ ଦୁଇ ଜୀବନସାଥୀ ବିପରୀତଲିଙ୍ଗୀ ହୋଇଥିବା ଜରୁରୀ। ୧୯୫୪ରେ ସ୍ୱତନ୍ତ୍ର ବିବାହ ଆଇନ କାର୍ଯ୍ୟକାରୀ ହେବା ପରଠାରୁ ଗତ ୬୯ ବର୍ଷ ମଧ୍ୟରେ ଆଇନରେ ଉଲ୍ଲେଖନୀୟ ପରିବର୍ତ୍ତନ ହୋଇଛି। ଯେଉଁମାନେ ପର୍ସନାଲ ଲ'କୁ ଅନୁପାଳନ କରିବାକୁ ଚାହୁଁନାହାନ୍ତି, ସେମାନଙ୍କର ସିଭିଲ୍ ବିବାହ କରାଯାଉଛି। ସମଲିଙ୍ଗୀ ସମ୍ପର୍କକୁ ଅପରାଧମୁକ୍ତ କରାଯିବା ଦ୍ୱାରା କେବଳ ଦୁଇ ସମଲିଙ୍ଗୀଙ୍କ ମଧ୍ୟରେ ସହମତିରେ ସମ୍ପର୍କ ସ୍ଥାପନକୁ ସ୍ୱୀକୃତି ଦିଆଯାଇ ନାହିଁ, ଏଥିସହିତ ସମଲିଙ୍ଗୀ ସମ୍ପର୍କର ଥିବା ଲୋକଙ୍କ ମଧ୍ୟରେ ଏହାକୁ ସ୍ଥାୟୀ ସମ୍ପର୍କ ଭାବେ ସ୍ୱୀକୃତି ମିଳିଛି ବୋଲି ୨୦୧୮ର ଐତିହାସିକ ରାୟର ଅବତାରଣା କରି ସିଜେଆଇ କହିଥିଲେ। ଟ୍ରୋଲ୍ ହେବାର ଆଶଙ୍କା ଥିଲେ ମଧ୍ୟ ଏହାକୁ ଅନ୍ୟ ସହ ତୁଳନା କରାଯାଇପାରିବ ନାହିଁ ବୋଲି ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଥିଲେ।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୨୧/୨୦୨୩ (୧୨+୮=୨୦ ପୃଷ୍ଠା) Bhubaneswar, Friday, April 21/2023 Page 20 | ପୃଷ୍ଠା-୧



## ଦେଶୀଗର୍ଲଙ୍କ ପରେ ଏବେ ଭଂସାଳି ହଲିଉଡ୍ ମୁହାଁ

ବଲିଉଡ୍ ଅଭିନେତ୍ରୀ ତଥା ଦେଶୀଗର୍ଲ ପ୍ରିୟଙ୍କା ଚୋପ୍ରା ଓ ନିର୍ଦ୍ଦେଶକ ଏସ୍ଏସ୍ ରାଜାମୌଳିଙ୍କ ପରେ ବଲିଉଡ୍‌ର ନାମୀ ପ୍ରଯୋଜକ ସଞ୍ଜୟ୍ ଲିଲା ଭଂସାଳି ଏବେ ହଲିଉଡ୍ ମୁହାଁ ହୋଇଛନ୍ତି।

୦୨

୦୯

## ସିରାଜଙ୍କ ପ୍ରଭାବୀ ବୋଲିଂ

ପଞ୍ଜାବ କିଙ୍ଗ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ପ୍ରଭାବୀ ବୋଲିଂ କରି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ମହମ୍ମଦ ସିରାଜ ପ୍ଲେୟର ଅଫ୍ ମ୍ୟାଚ ହୋଇଛନ୍ତି।






ଜମ୍ମୁ-କଶ୍ମୀରର ପୁଞ୍ଚର ମେନ୍ଧାର ଅଞ୍ଚଳରେ ଗୁରୁବାର ଆତଙ୍କବାଦୀଙ୍କ ଆକ୍ରମଣରେ ଜଳିଯାଇଥିବା ଯବାନଙ୍କ ଗାଡ଼ି।

# ଆତଙ୍କବାଦୀ ଆକ୍ରମଣରେ ୫ ଯବାନ ଶହୀଦ

### ଗ୍ରେନେଡ୍ ମାଡ଼ରେ ଜଳିଗଲା ସେନା ଭ୍ୟାନ୍

ପୁଞ୍ଚ/ନୂଆଦିଲ୍ଲୀ,୨୦।୪

କିଛିଦିନର ନୀରବତା ପରେ ଜମ୍ମୁ-କଶ୍ମୀରରେ ପୁଣି ସକ୍ରିୟ ହୋଇଉଠିଛନ୍ତି ଆତଙ୍କବାଦୀ। ପୁଞ୍ଚର ମେନ୍ଧାର ଅଞ୍ଚଳରେ ଯବାନଙ୍କ ଉପରେ ଆକ୍ରମଣ ହୋଇଛି। ପ୍ରବଳ ବର୍ଷା ଓ ସ୍ୱଳ୍ପ ଦୃଶ୍ୟମାନତାର ସୁଯୋଗ ନେଇ ଭାରତୀୟ ସେନାର ଏକ ଭ୍ୟାନ୍‌କୁ ଟାର୍ଗେଟ କରିଛନ୍ତି ମୃତ୍ୟୁର ସୌଦାଗର। ଏହି ଅତର୍କିତ ଆକ୍ରମଣରେ ଶହୀଦ ହୋଇଛନ୍ତି ୫ ଯବାନ। ସେନାର ଜଳନ୍ତା ଭ୍ୟାନ୍‌ରୁ ଉଦ୍ଧାର କରି ଅନ୍ୟ ଜଣେ ଯବାନଙ୍କୁ ରାଜୌରିସ୍ଥିତ ଆର୍ମି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସଦ୍ୟ ଆକ୍ରମଣ ଭୂସ୍ୱର୍ଗ କଶ୍ମୀରରେ ☞ପୃଷ୍ଠା-୨

## ମୃତକଙ୍କ ମଧ୍ୟରେ ଓଡ଼ିଆ ଯବାନ



ଦେବାଶିଷ ବିଶ୍ୱାଳ

ସାକ୍ଷୀଗୋପାଳ,୨୦।୪ (ସ୍ୱ.ପ୍ର./ଡି.ଏନ୍.ଏ.)

ଜମ୍ମୁ କଶ୍ମୀରର ପୁଞ୍ଚର ମେନ୍ଧାର ଅଞ୍ଚଳରେ ଗୁରୁବାର ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୫ଜଣ ଯବାନ ଶହୀଦ ହୋଇଛନ୍ତି। ଏଥିରେ ଜଣେ ଓଡ଼ିଆ ଯବାନ ରହିଛନ୍ତି। ସେ ହେଲେ ପୁରୀ ଜିଲା ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଅଲଗୁମ ପଞ୍ଚାୟତ ଖଣ୍ଡାୟତ ସାହିର ଦେବାଶିଷ ବିଶ୍ୱାଳ। ଏହି ଖବର ପାଇବା ପରେ ☞ପୃଷ୍ଠା-୨

# ଗୁଡ୍ଡୁ ମୁସଲିମ୍ ପୁରୀ ଆସିଥିବା ଚର୍ଚ୍ଚା

**ବୋମା ପ୍ରସ୍ତୁତିରେ ସିଦ୍ଧହସ୍ତ ଗୁଡ୍ଡୁ ମୁସ୍‌ଲିମ୍‌ଙ୍କ ଆପରାଧିକ କ୍ୟାରିୟର ଆରମ୍ଭ ହୋଇଥିଲା ଆଲ୍ଲାହାବାଦ ୟୁନିଭର୍ସିଟିରୁ। କୁହାଯାଏ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଗୁଣ୍ଡାଗିରିଠୁ ନେଇ ରାଜ୍ୟର ମୋଷ୍ଟ ୱାଣ୍ଟେଡ୍ କ୍ରିମିନାଲ ପାଲଟିବା ପର୍ଯ୍ୟନ୍ତ ଗୁଡ୍ଡୁ ୟୁପିର ଆଇନ ପ୍ରବର୍ତ୍ତନକାରୀ ଏଜେନ୍ସି ସହ ଲୁଚକାଳି ଖେଳିଆସିଛନ୍ତି। ଏକ ନିଶା ଦ୍ରବ୍ୟ ଚାଲାଣ ମାମଲାରେ ୧୯୯୧ରେ ପ୍ରଥମେ ଗିରଫ ହୋଇଥିବା ଏହି କୁଖ୍ୟାତ୍ ଅପରାଧୀ ଯେକୌଣସି ସ୍ଥିତିରେ ଥିଲେ ମଧ୍ୟ ହାତରେ ବୋମା ତିଆରି କରି ଶତ୍ରୁପକ୍ଷର ଜୀବନ ନେଇ କୌଶଳକ୍ରମେ ଫେରାର ହେବାରେ ସଫଳ ହୁଅନ୍ତି। ଗ୍ୟାଙ୍ଗ୍‌ଷ୍ଟର ଅତିକ୍ ଅହମ୍ମଦ ଓ ଭାଇ ଅଶ୍ରଫ୍ ଅହମ୍ମଦଙ୍କ ହତ୍ୟା ପରେ ୟୁପି ପୋଲିସର ମୋଷ୍ଟ ୱାଣ୍ଟେଡ୍ ତାଲିକାର ସର୍ବାଗ୍ରେ ଥିବା ଗୁଡ୍ଡୁଙ୍କ ଲୋକେଶନ୍ ପୁରୀରେ ଠାବ ହେବା ପରେ ତାଙ୍କ ଅବସ୍ଥିତି ନେଇ ତନାଘନା ଚାଲିଛି।**

ଭୁବନେଶ୍ୱର,୨୦।୪ (ବ୍ୟୁରୋ)

ଉତ୍ତରପ୍ରଦେଶ ପ୍ରୟାଗରାଜର ଆଇନଜୀବୀ ଉମେଶ ପାଲଙ୍କ ହତ୍ୟା ଘଟଣାର ଅଭିଯୁକ୍ତ ତଥା ଗୁଳିମାଡ଼ରେ ମୃତ ଗ୍ୟାଙ୍ଗଷ୍ଟର ଅତିକ ଅହମ୍ମଦଙ୍କ ସହଯୋଗୀ ଗୁଡ୍ଡୁ ମୁସଲିମ୍ ଦୀର୍ଘଦିନ ହେବ ଫେରାର ଅଛନ୍ତି। ଉତ୍ତରପ୍ରଦେଶ ପୋଲିସର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ବିଭିନ୍ନ ରାଜ୍ୟରେ ଖୋଜାଖୋଜି କରି ଗୁଡ୍ଡୁଙ୍କୁ ଧରିବାକୁ ଚେଷ୍ଟା ଜାରି ରଖିଛି। ଏଭଳିସ୍ଥିତିରେ ପୋଲିସର ଗିରଫଦାରି କିମ୍ବା ଏନକାଉଣ୍ଟର ଭୟରେ ଗୁଡ୍ଡୁ ଓଡ଼ିଶାର ପୁରୀକୁ ଆସି ଆଶ୍ରୟ ନେଇଥିବା ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ଏପରିକି ପୁରୀ ପୂର୍ବରୁ ତାଙ୍କ ଶେଷ ଲୋକେଶନ୍ କର୍ନାଟକ ଥିବା ମଧ୍ୟ କୁହାଯାଉଛି। ତେବେ ଗୁଡ୍ଡୁଙ୍କ ଲୋକେଶନ୍ ପୁରୀ ଥିବା ଜଣାପଡ଼ିବା ପରେ ତାଙ୍କୁ ଧରିବାକୁ ଉତ୍ତରପ୍ରଦେଶ ଏସ୍‌ଟିଏଫ୍ ଟିମ୍ ଏଠାକୁ ଆସିଥିଲା। ହେଲେ ତାହା ପୂର୍ବରୁ ଅଭିଯୁକ୍ତ ଗୁଡ୍ଡୁ ଏଠାରୁ ଖସି ପଳାଇଥିଲେ ବୋଲି ଗଣମାଧ୍ୟମରେ କୁହାଯାଉଛି।



ଗୁଡ୍ଡୁ ମୁସଲିମ୍

ତେବେ ୱାଣ୍ଟେଡ ଗୁଡ୍ଡୁଙ୍କୁ ଉତ୍ତରପ୍ରଦେଶ ପୋଲିସ ଖୋଜାଖୋଜି କରୁଥିବା ବେଳେ ସେ ପୁରୀରେ ଲୁଚିଥିବା ଘଟଣାକୁ ନେଇ ଚାରିଆଡ଼େ ନାନା ପ୍ରଶ୍ନ ଉଠିଛି। ଗୁଡ୍ଡୁ ଓଡ଼ିଶାକୁ କେବେ ଆସିଥିଲେ, କାହା ସହ ରହିଥିଲେ, ସେ ଲୁଚିବାକୁ ପୁରୀ କାହିଁକି ବାଛିଲେ ଆଦି ଦିଗକୁ ନେଇ ପ୍ରଶ୍ନ ସୃଷ୍ଟି ହୋଇଛି। ଏସବୁ ପ୍ରଶ୍ନ ମଧ୍ୟରେ ଆଉ ଏକ ☞ପୃଷ୍ଠା-୨

# ଗର୍ଲଫ୍ରେଣ୍ଡଙ୍କୁ ଖୁସି କରିବାକୁ ଚାକିରି ଛାଡ଼ି ଅପରାଧୀ ହେଲେ ଆଇଆଇଟି ସ୍ନାତକ

ପାଟନା,୨୦।୪

ମାଡ୍ରାସ ଆଇଆଇଟିରୁ ସ୍ନାତକ ଡିଗ୍ରୀ ହାସଲ କରି ଦୁବାଇର ଏକ ବହୁରାଷ୍ଟ୍ରୀୟ କମ୍ପାନୀରେ କେମିକାଲ ଇଞ୍ଜିନିୟର ଭାବେ ନିଯୁକ୍ତି ପାଇଥିବା ଜଣେ ୪୦ ବର୍ଷୀୟ ବ୍ୟକ୍ତି ତାଙ୍କ ଗର୍ଲଫ୍ରେଣ୍ଡଙ୍କୁ ଖୁସି କରାଇବା ପାଇଁ ଚାକିରି ଛାଡ଼ିଛନ୍ତି। ବାନ୍ଧବୀଙ୍କ ସହ ମୁଜାଫରପୁର ସହରକୁ ଚାଲିଆସିବା ପରେ ସମସ୍ତ ସଞ୍ଚିତ ଅର୍ଥ ଶେଷ ହୋଇଯିବାରୁ ସେ ଅପରାଧ ଦୁନିଆରେ ପାଦ ଦେଇଥିଲେ। ଧରାପଡ଼ି ଏବେ ଜେଲର ଅନ୍ଧକାର କୋଠରିରେ



ଦିନ କାଟୁଛନ୍ତି। ଗିରଫ ହେମନ୍ତ କୁମାର ରଘୁଙ୍କ ଘର ତାମିଲନାଡୁର ତିରୁଭାଲୁର ଜିଲାରେ। ଶାନ୍ତି ଦେବୀ ନାମ୍ନୀ ମହିଳାଙ୍କଠାରୁ ୨.୨୫ ଲକ୍ଷ ଟଙ୍କା ଲୁଟିବା ଅଭିଯୋଗରେ ହେମନ୍ତଙ୍କ ସହ ତାଙ୍କର ୩ ସହଯୋଗୀ ଗିରଫ ହୋଇଛନ୍ତି। ସେମାନଙ୍କଠାରୁ ନଗଦ ୫୨ ହଜାର ଟଙ୍କା, ଅସ୍ତ୍ର, ଗୁଳିଗୋଳା, ଚୋରି ବାଇକ, ଲାପ୍‌ଟପ ଓ ୫ଟି ହାର୍ଡଡିସ୍କ ଜବତ ହୋଇଛି। ଗର୍ଲଫ୍ରେଣ୍ଡଙ୍କ ପ୍ରେମରେ ପଡି ସେ ଦୁବାଇର ମଲ୍ଟିନ୍ୟାଶନାଲ କମ୍ପାନୀ ଚାକିରି ଛାଡ଼ିଥିବା ଜେରାବେଳେ ହେମନ୍ତ ପୋଲିସକୁ କହିଛନ୍ତି। ଦୁବାଇରେ ଜଣେ ନାଇଟ୍ କ୍ଲବ୍ ଡ୍ୟାନ୍ସର ପ୍ରେମରେ ପାଗଳ ହୋଇ ସେ ଚାକିରି ଛାଡ଼ି ତାଙ୍କ ସହ ଗତବର୍ଷ ମୁଜାଫରପୁର ଚାଲିଆସିଥିଲେ।

# ଆଜିଠାରୁ ଖରାଛୁଟି

ଭୁବନେଶ୍ୱର,୨୦।୪(ବ୍ୟୁରୋ)

ରାଜ୍ୟ ସରକାର ସମସ୍ତ ସ୍କୁଲ ପାଇଁ ଖରାଛୁଟି ଘୋଷଣା କରିଛନ୍ତି। ଶୁକ୍ରବାରଠାରୁ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ବନ୍ଦ ରହିବ। ଭୀଷଣ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପିଲାମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ନିର୍ଦ୍ଦେଶ ଦେଇଛନ୍ତି।

ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସରକାରୀ, ବେସରକାରୀ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ବନ୍ଦ ରହିବ। ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବିଜ୍ଞପ୍ତି ପ୍ରକାଶ ପାଇବା ପରେ ହିଁ ସ୍କୁଲଗୁଡ଼ିକ ଖୋଲାଯିବ। ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଦିନର ତାପମାତ୍ରାରେ ଅତ୍ୟଧିକ ବୃଦ୍ଧି ଯୋଗୁ ସାଧାରଣ ଜୀବନଯାପନ ବାଧାପ୍ରାପ୍ତ ହୋଇଛି। କେତେକ ସହରର ତାପମାତ୍ରା ଦେଶର ସର୍ବାଧିକ ତାପମାତ୍ରା ରହୁଥିବା ସହରମାନଙ୍କ ତାଲିକାରେ ରହୁଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି।

ଏବର୍ଷ ପ୍ରବଳ ଗ୍ରୀଷ୍ମ ପ୍ରବାହ ସହ ଅଧିକାଂଶ ସହରରେ ତାପମାତ୍ରା ୪୦ ଡିଗ୍ରୀକୁ ଅତିକ୍ରମ କରିଛି। ସାଧାରଣତଃ ମେ' ମାସରେ ଖରାଛୁଟି ଘୋଷଣା କରାଯାଇଥାଏ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ଏଥର ଆଗୁଆ ଖରାଛୁଟି ଘୋଷଣା କରାଯାଇଛି। ଗ୍ରୀଷ୍ମକାଳୀନ ଛୁଟି ଘୋଷଣା ନେଇ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ପ୍ରବଳ ତାତିକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ସ୍କୁଲଗୁଡ଼ିକୁ ଛୁଟି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବ କ୍ୟାଲେଣ୍ଡର ଅନୁସାରେ ☞ପୃଷ୍ଠା-୨

# ପିଲାଙ୍କ ପାଇଁ ଗ୍ରୀଷ୍ମାବକାଶ ହୋମ୍‌ୱାର୍କ

## ଆଜି ଅଭିଭାବକ-ଶିକ୍ଷକ ବୈଠକ

ଭୁବନେଶ୍ୱର,୨୦।୪(ବ୍ୟୁରୋ)

ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଶୁକ୍ରବାରଠାରୁ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ ପାଇଁ ଖରାଛୁଟି ଘୋଷଣା କରିଛନ୍ତି। ପରବର୍ତ୍ତୀ ଘୋଷଣା ପର୍ଯ୍ୟନ୍ତ ଏହି ଆଦେଶ ବଳବତ୍ତର ରହିବ। ମାତ୍ର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଶୁକ୍ରବାର ଚଳିତ ଶିକ୍ଷାବର୍ଷ ୨୦୨୩-୨୪ର ପ୍ରଥମ ଅଭିଭାବକ- ଶିକ୍ଷକ -ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟିର ବୈଠକ ସମସ୍ତ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଅନୁଷ୍ଠିତ ହେବ। ସକାଳ ୬.୩୦ରୁ ପୂର୍ବାହ୍ନ ୧୦.୩୦ଟା ମଧ୍ୟରେ ଏହି ବୈଠକ ହେବ। ଏଥିରେ ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ଓ ସଭ୍ୟାମାନେ ଯୋଗଦେବେ। ଚଳିତ ବର୍ଷ ରାଜ୍ୟ ସରକାର ଆଗୁଆ ଛୁଟି ଘୋଷଣା କରିଥିଲେ ମଧ୍ୟ ଛାତ୍ରୀଛାତ୍ରଙ୍କୁ ପାଠପଢ଼ାରେ ନିୟୋଜିତ ରଖିବା ପାଇଁ ପ୍ରଥମଥର ପ୍ରାଥମିକ ☞ପୃଷ୍ଠା-୨

# ମେ' ୯ରେ ବାରିପଦା ଆସିବେ ରାଷ୍ଟ୍ରପତି

### ଏମ୍ଏସ୍‌ସିବି ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

ଭୁବନେଶ୍ୱର(ବ୍ୟୁରୋ)/ବାରିପଦା ଅଫିସ୍,୨୦।୪

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ମେ' ୯ ତାରିଖରେ ଓଡ଼ିଶା ଆସିବେ। ସେ ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ(ଏମ୍ଏସ୍‌ସିବି) ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏନେଇ ରାଷ୍ଟ୍ରପତିଙ୍କ ବ୍ୟକ୍ତିଗତ ସଚିବ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଚିଠି ମାଧ୍ୟମରେ ସୂଚନା ଦେଇଛନ୍ତି। ରାଷ୍ଟ୍ରପତି ହେବା ପରେ ମୟୂରଭଞ୍ଜ ମାଟିର ଝିଅ ଦ୍ରୌପଦୀ ମୁର୍ମୁ ପ୍ରଥମ ଥର ପାଇଁ ଜିଲା ଗସ୍ତରେ ଆସିବେ। ତେଣୁ ବିଶ୍ୱବିଦ୍ୟାଳୟର ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

## ଆଇଏମ୍ଏଫ୍‌ର ଭିନ୍ନ ବିଚାର




**ଆଜିର ମନ୍ତବ୍ୟ**

"କୃଷି ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)କୁ ଆଇନଗତ ଗ୍ୟାରେଣ୍ଟି ପ୍ରଦାନ ନେଇ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟ ସନ୍ଦେହ ଘେରରେ। କମିଟି ରଖିଥିବା ସର୍ତ୍ତକୁ କୋହଳ କରାଯାଇଥିବାରୁ ଏହା ଚାଷୀଙ୍କ ଦାବି ପୂରଣରେ ସହାୟକ ହେବ ନାହିଁ। ଚାଷୀଙ୍କ ଆୟ ଦୁଇଗୁଣ ହେବା ପରିବର୍ତ୍ତେ ସରକାରଙ୍କ ଭୁଲ୍ ନୀତି ଯୋଗୁ ସେମାନେ ଋଣ ଭାରରେ ବୁଡ଼ିଯାଉଛନ୍ତି।

– ଭୂପିନ୍ଦର ସିଂ ହୁଡା, କଂଗ୍ରେସ ନେତା

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୃହକୁ ଭାରିଯା, ସୁତ,**
**ବିତ୍ତ ସିନା ଶିରୀ**
**ଏ ତିନିହେଁ ଯାହାର ନାହିଁ**
**ଦରିଦ୍ର ସେ ପୁରୀ।**

ଯେଉଁ ଘରେ ଗୁଣବତୀ ସ୍ତ୍ରୀ, ପୁତ୍ର ତଥା ସମ୍ପଦ ରହିଥାଏ ; ସେ ଘରଟି ସ୍ୱର୍ଗପୁରୀ ହେବା ସହ ସେଠାରେ ସୁଖଶାନ୍ତି ବିରାଜମାନ କରିଥାଏ। ତେବେ ଯେଉଁ ପୁରରେ ଏକାଧାରରେ ଏ ତିନିହେଁ ନାହାନ୍ତି ସେ ପୁରୀ ଦରିଦ୍ର ଅଟେ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଗୁରୁକୁ ମାଇଲେ ଗୋଇଠା**
**ଗୋଡ଼ ଟେକି କରି ବଇଥା।**

ଗୁରୁ ହେଉଛନ୍ତି ସାକ୍ଷାତ୍ ଈଶ୍ୱର। ତାଙ୍କ ପ୍ରତି ଯଥୋଚିତ ଭକ୍ତି ଓ ସମ୍ମାନ ପ୍ରଦର୍ଶନ କରାଯିବା ଉଚିତ। ତେବେ ଗୁରୁଙ୍କୁ ଅବମାନନା କଲେ ପରିଣାମ ଅତ୍ୟନ୍ତ ବିଷମ ହୁଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

## ହଲିଉଡ୍‌ମୁହାଁ ଭଂସାଲି

ମୁମ୍ବାଇ: ବଲିଉଡ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଓ ନିର୍ଦ୍ଦେଶକ ଏସ୍‌ଏସ୍ ରାଜାମୌଳିଙ୍କ ପରେ ବଲିଉଡର ନାମୀ ପ୍ରଯୋଜକ ସଞ୍ଜୟ୍ ଲିଲା ଭଂସାଲି ବି ଏବେ ହଲିଉଡ ମୁହାଁ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ, ଭଂସାଲି ପ୍ରଡକସନ ବ୍ୟାନର ହଲିଉଡ ଏଜେନ୍ସି ଡବ୍ଲୁଏମଇ (ୱିଲିୟମ ମରିସ ଏଣ୍ଡେଭର)ସହ ଡିଲ କରିଛି। ଏହା ପୂର୍ବରୁ ସଞ୍ଜୟ୍ ଲିଲା ଭଂସାଲିଙ୍କ ମୁଭି 'ଗଙ୍ଗୁଭାଇ କାଠିଆୱାଡି'କୁ ଅନ୍ତର୍ଜାତୀୟ ପୁରସ୍କାର ଦେବା ପାଇଁ କ୍ୟାମ୍ପେନ ଚଲାଯାଉଥିବା ବେଳେ ଏହାର କିଛି ମାସ ପରେ ଡିଲର ରିପୋର୍ଟ ସାମ୍ନାକୁ ଆସିଛି। ସୂଚନାଯୋଗ୍ୟ, ଭଂସାଲି ଅନ୍ତରାଷ୍ଟ୍ରୀୟ ଫିଲ୍ମ ବିରାଦରି ପାଇଁ ଅଜଣା ନୁହେଁ। ତାଙ୍କ ମୁଭି 'ଦେବଦାସ'ର କାମ ଫିଲ୍ମ ଫେଷ୍ଟିଭାଲ ପ୍ରିମିୟର ସମୟରେ ସର୍ବଶ୍ରେଷ୍ଠ ବିଦେଶୀ ଭାଷାର ଫିଲ୍ମ କାଟାଗୋରୀରେ ବାଫଟା ପାଇଁ ନମିନେଟ ହୋଇଥିଲା। ଗଙ୍ଗୁଭାଇ ବର୍ଲିନ ଫିଲ୍ମ ଫେଷ୍ଟିଭାଲରେ ଡେବ୍ୟୁ କଲେ। ନେଟଫ୍ଲିକ୍ସ ପରେ ବି ଏହା ଏବେ ପର୍ଯ୍ୟନ୍ତ ହିଟ ହୋଇଥିବା ଭାରତୀୟ ଫିଲ୍ମ ମଧ୍ୟରୁ ଗୋଟିଏ। ଏଥିରେ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କୁ ଅନ୍ତର୍ଜାତୀୟ ସ୍ତରରେ ବହୁ ପ୍ରଶଂସା ମିଳିଥିଲା। ସୂଚନାଯୋଗ୍ୟ, ଏବେ ସଞ୍ଜୟ୍ ଲିଲା ଭଂସାଲି ତାଙ୍କର ସବୁଠାରୁ ହାଇ ପ୍ରୋଫାଇଲ ଇଣ୍ଟରନ୍ୟାଶନାଲ ପ୍ରୋଜେକ୍ଟ ପିରିୟଡ ଡ୍ରାମା ସିରିଜ 'ହିରାମଣ୍ଡି' ପାଇଁ କାମ କରୁଛନ୍ତି। ଭଂସାଲି ଏହି ପ୍ରୋଜେକ୍ଟର ଘୋଷଣା ଗତ ବର୍ଷ କରିଥିଲେ।

## ବଳାତ୍କାର ଉଦ୍ୟମକାରୀଙ୍କୁ ୩ ବର୍ଷ ଜେଲ

**ଫୁଲବାଣୀ ଅଫିସ, ୨୦।୪:** ଏକ ବଳାତ୍କାର ମାମଲାର ବିଚାର କରି ଫୁଲବାଣୀ ଅତିରିକ୍ତ ଜିଲା ଦୌରାଜଜ୍ ଏବଂ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ସଂଜିତ କୁମାର ବେହେରା ଅଭିଯୁକ୍ତଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୨ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଏହା ଅନାଦେୟ ଅଧିକ ମାସେ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଚକାପାଦ ଥାନା ବରଡିକିଆ ଗ୍ରାମର ସୁଧାକର ପୃଷ୍ଟି। ସୂଚନା ଅନୁସାରେ, ୨୦୨୦ ଅକ୍ଟୋବର ୨୪ରେ ଚକାପାଦ ଥାନା ଅଞ୍ଚଳର ଜଣେ ନାବାଳିକା ଫୁଲ ତୋଳିବା ପାଇଁ ଗାଁ ସ୍କୁଲକୁ ଯାଉଥିଲେ। ବାଟରେ ସୁଧାକର ନାବାଳିକାଙ୍କ ହାତକୁ ଟାଣି ନିର୍ମାଣାଧୀନ ଏକ ଦୋକାନ ଘର ଭିତରକୁ ନେଇ ଯାଇଥିଲେ। ସେଠାରେ ତାଙ୍କ ସହ ଅଶାଳୀନ ବ୍ୟବହାର କରିଥିଲେ। ନାବାଳିକା ଜଣକ ତାଙ୍କ ହାତକୁ କାମୁଡି ଦେବାରୁ ସେ ଛାଡି ଦେଇଥିଲେ। ହେଲେ ସ୍କୁଲକୁ ଗଲାବେଳେ ବଳାତ୍କାର କରିବେ ବୋଲି ଧମକ ଦେଇଥିଲେ। ନାବାଳିକା ଜଣକ ଘରକୁ ଆସି ଘଟଣା ସମ୍ପର୍କରେ ମା' ବାପାଙ୍କୁ କହିଥିଲେ। ପରେ ନାବାଳିକାଙ୍କ ପରିବାର ପକ୍ଷରୁ ଚକାପାଦ ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ୫୬/୨୦ରେ ମାମଲା ରୁଜୁ କରି ସୁଧାକରଙ୍କୁ ଗିରଫ କରିଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ମାମଲା ପରିଚାଳନା କରୁଥିଲେ।




# ଚିଙ୍ଗୁଡ଼ିଘେରି ଉଚ୍ଛେଦ ଦାବିରେ ଆମରଣ ଅନଶନ

**କେନ୍ଦ୍ରାପଡ଼ା ଅଫିସ୍/ରାଜକନିକା, ୨୦।୪ (ଡି.ଏନ୍.ଏ.)**

ଚିଙ୍ଗୁଡ଼ି ଚାଷ ହେବା ଦ୍ୱାରା କ୍ଷତିଗ୍ରସ୍ତ ହେଉଛି ଚାଷୀ। ଉଜୁଡ଼ିଯାଉଛି ଶାରଦ, ଡାଲୁଅ ଧାନ, ମୁଗ, ବିରି, ସୂର୍ଯ୍ୟମୁଖୀ, ଆଳୁ, ପନିପରିବା, ବାଦାମ ଏବଂ ଆହୁରି ଅନେକ ଫସଲ। ଚାଷକରି ଜୀବିକା ନିର୍ବାହ କରି ପରିବାର ପ୍ରତିପୋଷଣ କରୁଥିବା ଚାଷୀ ଆଜି ବାରଦୁଆର ଶୁଣ୍ଢୀପିଣ୍ଡା ହେଉଛି। ଚିଙ୍ଗୁଡ଼ି ଚାଷୀ ମାଲାମାଲ ହେଉଛନ୍ତି। ପ୍ରଶାସନ ସବୁ ଜାଣି ନ ଜାଣିଲା ପରି ନିଦାବିଷ୍ଟ ସାଜିଛି। ଚିଙ୍ଗୁଡ଼ିଚାଷ ପାଇଁ ବ୍ୟବହୃତ ରାସାୟନିକ ପଦାର୍ଥ ମିଶ୍ରଣ ଜଳ ନଦୀ ଓ ନାଳକୁ ଛାଡ଼ି ମଧୁର ଜଳକୁ ପ୍ରଦୂଷିତ କରି ଦେଉଥିବା ଶତାଧିକ ଚାଷୀ ଅଭିଯୋଗ କରିଛନ୍ତି। ଚିଙ୍ଗୁଡ଼ି ଘେରିଗୁଡ଼ିକୁ ଉଚ୍ଛେଦ ଦାବିରେ ଚାଷୀମାନେ ଗୁରୁବାର ରାଜକନିକା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିଥିବା ଦେଖିବାକୁ ମିଳିଛି।

ସୂଚନାନୁଯାୟୀ କେନ୍ଦ୍ରପଡ଼ା ଜିଲା ରାଜକନିକା ବ୍ଲକର ହାଟସାହି ପଞ୍ଚାୟତର ଚାଷୀଙ୍କ ଅଭିଯୋଗ ଅନୁସାରେ, ପ୍ରାକୃତିକ ବିପର୍ଯ୍ୟୟ ଚିଙ୍ଗୁଡିଘେରି ପାଇଁ ଶାରଦ ଧାନ ଉଜୁଡ଼ି ଯିବା ପରେ ଡାଲୁଅ ଧାନ ଉପରେ ନିର୍ଭର କରିଥା'ନ୍ତି। ଚାଷୀ ବନ୍ତିଆପାଟ ନାଳ, ଲୁଣିଆ ନାଳ, ବରଗଡ଼ିଆ ନାଳ, ଖୋପରାଡ଼ିଆ ନାଳ, ବାଇଶମାଣିଆ ନାଳ, ଗଗନାପାଟ ନାଳର ଜଳକୁ ବ୍ୟବହାର କରି ସମସ୍ତ ପ୍ରକାର ଚାଷ କରିଥା'ନ୍ତି। କିନ୍ତୁ ଗଢ଼ି ଉଠିଥିବା ଚିଙ୍ଗୁଡ଼ି ଘେରିଗୁଡ଼ିକରେ ବ୍ୟବହାର ହେଉଥିବା ରାସାୟନିକ ପଦାର୍ଥ ମିଶ୍ରଣ ଜଳ ନଦୀ ଓ ନାଳରେ ମିଶି ବିଷାକ୍ତ ହୋଇଯାଉଛି। ସେହି ପାଣି ଚାଷ କାର୍ଯ୍ୟରେ ବ୍ୟବହାର କରିବା ଦ୍ୱାରା ସମସ୍ତ ଫସଲ ସହ ଜମିର ଉର୍ବରତାକୁ ନଷ୍ଟ କରି ଦେଉଛି। ମାଟି ନାଲିରଙ୍ଗର ପଟୁମାଟି ପରି ଦିଶୁଛି ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଫସଲ ନଷ୍ଟ ହେବା ଫଳରେ ବର୍ଷକର ଦାନା ଉଜୁଡ଼ି ଯାଉଛି। ଏ ସଂକ୍ରାନ୍ତରେ ଚାଷୀମାନେ ସ୍ଥାନୀୟ ପ୍ରଶାସନଠାରୁ ଜିଲାପାଳଙ୍କୁ ବାରମ୍ବାର ଲିଖିତ ଅଭିଯୋଗ କଲା ପରେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ଶେଷରେ ବାଧ୍ୟ ହୋଇ ଚାଷୀମାନେ ଚିଙ୍ଗୁଡ଼ି ଘେରିଗୁଡ଼ିକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବା ନେଇ ଆମରଣ ଅନଶନ କରିଥିବା କହିଛନ୍ତି। ହାଟସାହି ପଞ୍ଚାୟତର ଚାଷୀମାନେ ମେଳି ବାନ୍ଧି ପଶ୍ଚିମ କନିକା ଆଦିମାତା ଅନ୍ନପୂର୍ଣ୍ଣା ପରମ୍ପରାଗତ କୃଷକ ଆସୋସିଏଶନ ପକ୍ଷରୁ ଅନଶନ କରାଯାଇଛି। ଯେ ପର୍ଯ୍ୟନ୍ତ ପ୍ରଶାସନ ତତ୍ପରତା ପୂର୍ବକ ଚିଙ୍ଗୁଡ଼ି ଘେରିଗୁଡ଼ିକୁ ଉଚ୍ଛେଦ ନ କରିଛି, ସେ ପର୍ଯ୍ୟନ୍ତ ଏହି ଆମରଣ ଅନଶନ ଜାରି ରହିବ ବୋଲି ଅନଶନକାରୀ ଚାଷୀମାନେ କହିଛନ୍ତି। ଅନଶନ କରିଥିବା ଚାଷୀ ସୁମନ୍ତ ଦାସ, ଉମାକାନ୍ତ ବେଉରିଆ, ପ୍ରକାଶ କୁମାର ନାୟକ, ବାବାଜୀ ଚରଣ ଜେନା, ଗୋଲେଖ ଆର୍ଯ୍ୟ, ଚୌଧୁରୀ ପଢିହାରୀ, ଅଦ୍ୱୈତ ମଲିକ, କମଳା ଦାସ, ଶଶିକାନ୍ତ ନାୟକ, ପ୍ରତାପ ମଲିକ, ସିନା ରାଉତ, ମନ୍ମଥ ବଳ, ସନ୍ତୋଷ ନାୟକ, ବୀରକିଶୋର ବେହେରା, ପ୍ରଦୀପ୍ତ ନାୟକ, ପ୍ରତାପ ନାୟକ ପ୍ରମୁଖ କହିଛନ୍ତି। କନିକା ତହସିଲଦାର ଅଶୋକ କୁମାର ଦେହୁରୀ ଉପରିସ୍ଥ ଅଧିକାରୀଙ୍କୁ ଏ ବାବଦରେ ଅବଗତ କରାଇବା ସହ ଆସନ୍ତା ୬ ତାରିଖ ମଧ୍ୟରେ ଏହାର ସମାଧାନ ହୋଇଯିବ ବୋଲି କହିଥିଲେ। ହେଲେ ଚାଷୀମାନେ ସେମାନଙ୍କ ଜିଦରେ ଅଟଳ ରହି ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଏଠାରେ ଅନଶନରେ ବସିବୁ ବୋଲି କହିଥିଲେ। ତେବେ ଖବର ଲେଖା ହେବା ବେଳକୁ କୌଣସି ସମାଧାନର ନିର୍ଯାସ ବାହାରି ନାହିଁ। ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା ଅନଶନ ସ୍ଥଳରେ ପହଞ୍ଚି ସମର୍ଥନ ଜଣାଇଥିବା ଦେଖିବାକୁ ମିଳିଛି।



କେନ୍ଦ୍ରାପଡ଼ା ଜିଲା ରାଜକନିକା ତହସିଲ ସମ୍ମୁଖରେ ଚାଷୀମାନେ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ଦାବି ଆମରଣ ଅନଶନରେ ବସିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – କର୍ମକ୍ଷେତ୍ରରେ କୌଣସି ଘଟଣାକୁ କେନ୍ଦ୍ରକରି କିଛି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ବନ୍ଧୁଙ୍କ ପରାମର୍ଶ ପ୍ରାପ୍ତ ହୋଇ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ସଭାସମିତିର ବିବାଦୀୟ ପରିସ୍ଥିତିରେ ନ୍ୟାୟୋଚିତ କଥା କହି ସୁଧାରି ନେବେ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଦେଖାଦେଇପାରେ।

**ବୃଷ** – କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ନେଇ ସହକର୍ମୀଙ୍କ ସହ ସାଧାରଣ କଥାରେ ମତାନ୍ତର ଘଟିପାରେ। ଆନୁଷ୍ଠାନିକ କାମରେ ଆକସ୍ମିକ ଖର୍ଚ୍ଚ ପରିମାଣ ବୃଦ୍ଧି ଦୁଶ୍ଚିନ୍ତାକୁ ବଢ଼ାଇ ଦେବ। ପାରିବାରିକ ବିବାଦରେ ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ଉଚ୍ଚକର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ।

**ମିଥୁନ** – ଅର୍ଥାଭାବ ଦୂର ସକାଶେ ବିଭିନ୍ନ ଧନ୍ଦା କରିବାକୁ ମନ ବଳାଇବେ। ଆଲୋଚନା ଆଳରେ ଜଣେ ବନ୍ଧୁ ଆଜି ଆପଣଙ୍କର ମାର୍ଗଦର୍ଶକ ସାଜିପାରନ୍ତି। ବିବାଦୀୟ ପରିସ୍ଥିତିରେ କିମ୍ବା କର୍ମକ୍ଷେତ୍ରରେ ହିତୈଷୀଙ୍କ ପରାମର୍ଶକୁ ଗ୍ରହଣ କରିବା ଭଲ ହେବ। ଆଗାମୀ କାର୍ଯ୍ୟାରମ୍ଭ ପରିପ୍ରେକ୍ଷୀରେ ସମ୍ପର୍କୀୟଙ୍କ ସହ ମିତ୍ରତା ବୃଦ୍ଧି କରିବେ।

**କର୍କଟ** – ପରିବାରର ସହମତି ଦ୍ୱାରା ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। କଳା, ସାହିତ୍ୟ, ସଙ୍ଗୀତ ତଥା ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। ହଠାତ୍ ଆଶା କରୁଥିବା ଶୁଭ ଖବର ବନ୍ଧୁଙ୍କ ଅସମର୍ଥିତ ସୂତ୍ରରୁ ଶୁଣି ଖୁସି ହେବେ। ନିଜ ପରିସରରେ ସମସ୍ୟା ଲାଗିରହିବା କାରଣରୁ ସାମୟିକ ମନ ଭାରାକ୍ରାନ୍ତ ରହିବ।

**ସିଂହ** – ନିଜେ ରହୁଥିବା ସ୍ଥାନର ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ପରିବାର ସକାଶେ ବହୁତ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସ୍ଥଗିତ କାର୍ଯ୍ୟାରମ୍ଭ ପୂର୍ବରୁ କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ଦୀର୍ଘଦିନରୁ ହଜିଯାଇଥିବା କିମ୍ବା ଖୋଜୁଥିବା ଜିନିଷର ସୂଚନା ପାଇପାରନ୍ତି।

**କନ୍ୟା** – କେତେକ ଅପୂରଣୀୟ ଆଶା ବାରମ୍ବାର ମନକୁ ଆଲୋଡ଼ିତ କରିବାର ସୂଚନା ରହିଛି। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ଯାନବାହନ, ମରାମତି କିମ୍ବା ପୁରୁଣା ଘରକୁ ସଜାଡ଼ିବାରେ ମନୋନିବେଶ କରିପାରନ୍ତି। ବିବାଦୀୟ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ।

**ତୁଳା** – ମାନସିକ ଅଶାନ୍ତିରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ଘରର ବରାଦ ଅନୁସାରେ ଫେରିବା ବାଟରୁ ମୂଲ୍ୟବାନ ଦ୍ରବ୍ୟ ଆଣିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟର ସହ କାମ କରି ଚାଲିଲେ ସବୁ ସମସ୍ୟାର ସମାଧାନ ହୋଇଯିବ।

**ବିଛା** – ସମୟର ପ୍ରତିକୂଳତା ହେତୁ ବିଭିନ୍ନ ପ୍ରକାରର ସମସ୍ୟା ଭିତରେ ମନ ଭାରାକ୍ରାନ୍ତ ରହିବ। ଅନ୍ୟମାନଙ୍କ କଥାରେ ପ୍ରଭାବିତ ହୋଇ କୌଣସି କାମକୁ ମୁହାଁଇବା ଠିକ୍ ହେବନି। କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦେଖାଦେବ। କିନ୍ତୁ ପ୍ରଶାସନ, ପରିବହନ ଓ ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** – କର୍ମଜୀବୀମାନେ ନିଜ ନିଜର ସ୍ଥାନରେ ବେଶ୍ ଖୁସି ରହିବେ। ରାଜନୀତି ଓ ସାଂଗଠନିକ କ୍ଷେତ୍ରରେ ବହୁତ ଜନକଲ୍ୟାଣ କାମ ହାତକୁ ନେଇ ପ୍ରଶଂସିତ ହେବେ। ମାଲିମକଦ୍ଦମାରେ ଆପୋସ ସମାଧାନ ସକାଶେ ଆଲୋଚନା କରିପାରନ୍ତି। କର୍ମକ୍ଷେତ୍ରରେ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**ମକର** – ବନ୍ଧୁଙ୍କ କଥାକୁ ସହଜରେ ଗ୍ରହଣ କଲେ କର୍ମକ୍ଷେତ୍ରରେ ସମସ୍ୟାରୁ ମୁକୁଳି ଯାଇପାରନ୍ତି। କର୍ମକ୍ଷେତ୍ରରୁ ଫେରିବା ବାଟରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ପରୀକ୍ଷା, ଆଲୋଚନା, ଲେଖାପଢ଼ା ଓ ଗବେଷଣା କ୍ଷେତ୍ରରୁ ଶୁଭଫଳ ପାଇବେ। ଆର୍ଥିକ ଅଭିବୃଦ୍ଧି ପାଇଁ ବିଭିନ୍ନ ଯୋଜନା କରିପାରନ୍ତି।

**କୁମ୍ଭ** – କର୍ମକ୍ଷେତ୍ରରେ ବିଭିନ୍ନ ପ୍ରତିବନ୍ଧକ ମଧ୍ୟରେ ଗତି କରିବାର ଆଶଙ୍କା ରହିଛି। ପକ୍ଷପାତିତାକୁ କେନ୍ଦ୍ରକରି ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ହୋଇପାରନ୍ତି। ଆଜିର ଆମଦାନୀ କାରବାର, ପରିବହନ ଓ ବ୍ୟବସାୟିକ ସ୍ଥିତି ମାନ୍ଦା ହେବନାହିଁ।

**ମୀନ** – ପାରିବାରିକ ସ୍ତରରେ ପଛକଥା ନ ଭାବି ଏହି ସମୟର ପରିସ୍ଥିତିକୁ ସାମନା କରିବାକୁ ଚେଷ୍ଟା କରନ୍ତୁ। ନିଜର କାମରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ଲେଖାପଢ଼ା, ଆଲୋଚନା କ୍ଷେତ୍ରରେ ସୁଫଳ ପାଇବେ। ଆର୍ଥିକ ସମସ୍ୟା ମଧ୍ୟରେ ଗତିକଲେ ମଧ୍ୟ କୌଣସି କାମ ଅଟକି ରହିବ ନାହିଁ।

ଆଜି ବୈଶାଖ ଶୁକ୍ଳ ପ୍ରତିପଦା ଯୁକ୍ତ ଦ୍ୱିତୀୟା ଶୁକ୍ରବାର, ରମଜାନ ମାସର ରୋଜା ଶେଷ, ଭାରତୀୟ ପ୍ରଶାସନିକ ସେବା ଦିବସ, ସଚିବ ଦିବସ, ଏପ୍ରିଲ ୨୧ ତାରିଖ, ରାଶିନକ୍ଷତ୍ର–ଦ୍ୱିଜା/ମେଷ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୨୮ ଗତେ ଘ.୦୬।୧୮ ମଧ୍ୟେ, ଘ.୦୭।୦୯ ଗତେ ଘ.୦୮।୩୭ ମଧ୍ୟେ ଶୁଭ ଶୁଭବେଳା। ଦିବା ଘ.୧୦।୧୧ ଗତେ ଘ.୧୧।୪୫ ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## ଆତଙ୍କବାଦୀ ଆକ୍ରମଣରେ...

ଭାରତୀୟ ସଶସ୍ତ୍ର ବଳର ଦୁର୍ବଳତାକୁ ପୁଣିଥରେ ପଦାରେ ପକାଇଛି। ଗୁରୁବାର ଅପରାହ୍ନ ପ୍ରାୟ ୩ଟା। ରାଜୌରି ସେକ୍ଟରର ଭିମ୍ବେର ଗଲି ଓ ପୁଞ୍ଚ ମଧ୍ୟ ଦେଇ ଗତି କରୁଥିଲା ଏକ ସେନା ଭ୍ୟାନ୍। ପ୍ରବଳ ବର୍ଷା ଯୋଗୁ କିଛି ଦେଖାଯାଉ ନ ଥିଲା। ଆତଙ୍କବାଦୀମାନେ ଏହାର ଫାଇଦା ଉଠାଇ ଉକ୍ତ ସେନା ଗାଡ଼ିକୁ ଆଖିବୁଜା ଗ୍ରେନେଡ୍ ମାଡ଼ କରି ଫେରାର ହୋଇଯାଇଥିଲେ। ଚାହୁଁ ଚାହୁଁ ଭ୍ୟାନ୍‌ରେ ନିଆଁ ଲାଗିଯାଇଥିଲା। ପ୍ରଥମେ ଏହାକୁ ସମସ୍ତେ ଯାନ୍ତ୍ରିକ ତ୍ରୁଟିଜନିତ ଅଗ୍ନିକାଣ୍ଡ ବୋଲି ଧରିନେଇଥିଲେ। କିନ୍ତୁ ପରେ ନର୍ଦ୍ଦର୍ନ କମାଣ୍ଡ ହେଡ୍‌କ୍ୱାର୍ଟର୍ସ ପକ୍ଷରୁ ବିବୃତି ଜାରି କରାଯାଇ ଏହା ଏକ ଆତଙ୍କବାଦୀ ଆକ୍ରମଣ ବୋଲି ସ୍ପଷ୍ଟ କରାଗଲା। ଏହି ଆକ୍ରମଣରେ ଆତଙ୍କବାଦ ନିରୋଧୀ ଅପରେଶନ ପାଇଁ ନିୟୋଜିତ ଥିବା ରାଷ୍ଟ୍ରୀୟ ରାଇଫଲ୍ସ ୟୁନିଟ୍‌ର ୫ ଯବାନ ଶହୀଦ ହୋଇଛନ୍ତି। ସମ୍ପୃକ୍ତ ଅଞ୍ଚଳକୁ ଯବାନମାନେ ଘେରି ରହିଛନ୍ତି। ତଲାସୀ ଅଭିଯାନକୁ ଜୋର୍‌ଦାର କରାଯାଇଛି। ଆତଙ୍କବାଦୀମାନଙ୍କୁ ଠାବ କରିବା ଲାଗି ଅପରେଶନ ଜାରି ରହିଛି ବୋଲି ସେନା ପକ୍ଷରୁ କୁହାଯାଇଛି।

## ମୃତକଙ୍କ ମଧ୍ୟରେ...

ପରିବାର ଓ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ୨୦୨୧ ମସିହାରେ ଦେବାଶିଷ ସୈନ୍ୟବାହିନୀରେ ନିଯୁକ୍ତି ପାଇଥିଲେ। ସ୍ଥାନୀୟ ବିଷ୍ଣୁପୁର ପଞ୍ଚାୟତର ବନ୍ତ ଗ୍ରାମର ସୁଶ୍ରୀ ସଙ୍ଗୀତା ବିଶ୍ୱାଳଙ୍କୁ ବିବାହ କରିଥିଲେ। ପରେ ତାଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିବା ବେଳେ ଗତ ଜାନୁୟାରୀରେ ଦେବାଶିଷ ଗାଁକୁ ଆସିଥିଲେ। ପରିବାରରେ ସ୍ତ୍ରୀ ପିଲାଙ୍କ ସହ ବାପା ପ୍ରତାପ ବିଶ୍ୱାଳ, ମା' ମମତା ବିଶ୍ୱାଳ, ସାନ ଭାଇ, ଜେଜେବାପା ଓ ଜେଜେମା ରହିଛନ୍ତି।

## ପିଲାଙ୍କ ପାଇଁ...

ସ୍ତରରୁ ମାଧ୍ୟମିକ ସ୍ତରର ପିଲାଙ୍କ ନିମନ୍ତେ 'ଅବକାଶ ହୋମ୍‌ୱାର୍କ'ର ବନ୍ଦୋବସ୍ତ କରାଯାଇଛି। ଶୁକ୍ରବାର ହେବାକୁଥିବା ବୈଠକରେ ଏହା ଅଭିଭାବକମାନଙ୍କୁ ପ୍ରଦାନ କରାଯିବ। ଗ୍ରୀଷ୍ମ ଅବକାଶରେ ପିଲାମାନେ ସେମାନଙ୍କ ଅଭିଭାବକମାନଙ୍କର ସହାୟତାରେ ଏହି ହୋମ୍‌ୱାର୍କଗୁଡ଼ିକୁ ସମ୍ପାଦନ କରିବେ। ଅଭିଭାବକମାନେ ପିଲାଙ୍କୁ ଏହି 'ଅବକାଶ ହୋମ୍‌ୱାର୍କ' ସମ୍ପାଦନ କରିବାକୁ ପ୍ରୋତ୍ସାହିତ କରିବେ। ପିଲାମାନେ ଖରାଛୁଟି ଉପଭୋଗ କରିବା ସହ ପାଠ୍ୟପୁସ୍ତକ ସହ ସଂଯୁକ୍ତ ହୋଇରହିବେ। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଜିଲାସ୍ତରରେ ହେଲ୍ପ ଡେସ୍କ ତଥା କଲ ସେଣ୍ଟର ବ୍ୟବସ୍ଥା କରାଯାଇଛି। ହେଲ୍ପ ଡେସ୍କ ତଥା କଲ୍ ସେଣ୍ଟରଗୁଡ଼ିକ ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ଦ୍ୱାରା ପରିଚାଳିତ ହେବ। ଛାତ୍ରୀଛାତ୍ରମାନେ 'ଅବକାଶ ହୋମ୍‌ୱାର୍କ' ସମ୍ବନ୍ଧୀୟ କୌଣସି ଅସୁବିଧାର ସମ୍ମୁଖୀନ ହେଲେ, ସମ୍ପୃକ୍ତ ହେଲ୍ପ ଡେସ୍କକୁ ଯୋଗାଯୋଗ କରି ସହାୟତା ନେଇପାରିବେ। ସେମାନଙ୍କର ସମସ୍ତ ସମସ୍ୟାକୁ ଦକ୍ଷ ଓ ବିଷୟଭିତ୍ତିକ ଶିକ୍ଷୟିତ୍ରୀଶିକ୍ଷକମାନେ ସମାଧାନ କରିବେ।

## ମେ' ୯ରେ ବାରିପଦା...

ଛାତ୍ରୀଛାତ୍ର ଓ କର୍ମଚାରୀମାନଙ୍କ ମହଲରେ ଖୁସି ଦେଖାଦେଇଛି। ଏହାକୁ ନେଇ ବିଶ୍ୱବିଦ୍ୟାଳୟ ପରିସର ଚଳଚଞ୍ଚଳ ହୋଇଉଠିଛି। ପୂର୍ବାହ୍ନ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ସମାବର୍ତ୍ତନ ଉତ୍ସବରେ ଉପସ୍ଥିତ ରହି ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ତେବେ ରାଷ୍ଟ୍ରପତିଙ୍କ ଗସ୍ତର ସମୟ ସାରଣୀ ଓ କାର୍ଯ୍ୟକ୍ରମ ସୋମବାର ସୁଦ୍ଧା ପ୍ରସ୍ତୁତ ହେବ ବୋଲି ବିଶ୍ୱବିଦ୍ୟାଳୟର କୁଳସଚିବ ସହଦେବ ସମାଧିଆ ପ୍ରକାଶ କରିଛନ୍ତି। ପୂର୍ବରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତ ଫେବ୍ରୁଆରୀ ୧୦ ତାରିଖରେ ଭୁବନେଶ୍ୱରସ୍ଥିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗ ଦେଇଥିଲେ। ଫେବ୍ରୁଆରୀ ୧୧ତାରିଖରେ କଟକର ବିଦ୍ୟାଧରପୁରସ୍ଥିତ ନ୍ୟାଶନାଲ ରାଇସ ରିଶର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟରେ ଦ୍ୱିତୀୟ ଇଣ୍ଡିଆନ ରାଇସ୍ କଂଗ୍ରେସରେ ରାଷ୍ଟ୍ରପତି ଯୋଗ ଦେଇଥିଲେ।

## ଗୁଣ୍ଡୁ ମୁସଲିମ୍ ପୁରୀ...

ଦିଗ ମଧ୍ୟ ସାମ୍ନାକୁ ଆସୁଛି। ଗୁଡ୍ଡୁଙ୍କୁ ପୁରୀରେ ଆଶ୍ରା ଦେବା ପାଇଁ କେହି ବ୍ୟକ୍ତି ରହିଥିବା ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। ତେବେ ଗୁଡ୍ଡୁଙ୍କ ପୁରୀ ଆସିବା ଓ ଏହା ପରେ ଏସ୍‌ଟିଏଫ୍ ଟିମ ଆସିବା ସଂକ୍ରାନ୍ତରେ କୌଣସି ଖବର ନ ଥିବା ପୁରୀ ଏସ୍‌ପି କନୱାର ବିଶାଲ ସିଂ କହିଛନ୍ତି। ଅପରପକ୍ଷରେ ପୁରୀ ଏକ ହିନ୍ଦୁ ପୀଠସ୍ଥଳୀ ହୋଇଥିବା ବେଳେ ଏଠାକୁ ସୁରକ୍ଷିତ ସ୍ଥାନ ଭାବି ମୁସଲମାନ ଧର୍ମାବଲମ୍ବୀ ଗୁଡ୍ଡୁ ଆସିଥିବା କୁହାଯାଉଛି। ତେବେ ଏନେଇ ଉତ୍ତରପ୍ରଦେଶ ଏସ୍‌ଟିଏଫ୍ ମୁଖ୍ୟ ଏଡିଜି ଅମିତାଭ ଯଶ କହିଛନ୍ତି, ଗୁଡ୍ଡୁ ଜଣେ ପେସାଦାର ଅପରାଧୀ। ସେ ବହୁଦିନ ଧରି ଏସ୍‌ଟିଏଫ୍ ତାଙ୍କୁ ଧରିବାକୁ ଖୋଜାଖୋଜି କରୁଛି। ଗୁଡ୍ଡୁ ଖୁବଶୀଘ୍ର ଧରାପଡ଼ିବା ନେଇ ଆଶା ରଖାଯାଇଥିବା ଏଡିଜି ଯଶ କହିଛନ୍ତି।

୧୯୯୬ରେ ଜଣେ ଠିକାଦାର ଓ ୧୯୯୭ରେ ଜଣେ କ୍ରୀଡ଼ା ଶିକ୍ଷକଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ ଅଭିଯୁକ୍ତ ଗୁଡ୍ଡୁ। ଏହାପରେ ଗୁଡ୍ଡୁ ଚର୍ଚ୍ଚାକୁ ଆସିଥିଲେ। ପରେ ସେ ଜେଲରେ ଥିବାବେଳେ ଅତିକ ତାଙ୍କୁ ବେଲ୍‌ରେ ମୁକୁଳାଇଥିଲେ। ପରେ ଅତିକଙ୍କ ଗ୍ୟାଙ୍ଗ ସହ ଗୁଡ୍ଡୁ ୧୦ ବର୍ଷ ହେଲା କାମ କରୁଥିଲେ। ବୋମା ତିଆରି କରିବା ଏହାକୁ ଫୋପାଡ଼ି ଆତଙ୍କ ସୃଷ୍ଟି କରିବାରେ ଗୁଡ୍ଡୁ ମୁଖ୍ୟ ଥିଲେ। ଫେବୃୟାରୀ ୨୪ରେ ଉମେଶଙ୍କୁ ହତ୍ୟା ସମୟରେ ଗୁଡ୍ଡୁ ବହୁ ବୋମା ମାଡ଼ କରିଥିଲେ। ଏହି ମାମଲାରେ ଅତିକ ଅହମ୍ମଦ ଓ ତାଙ୍କ ଭାଇ ଅଶ୍ରଫଙ୍କୁ ଗିରଫ କରାଯାଇଥିଲା। ପରେ ଅତିକଙ୍କ ପୁଅ ଅସଦ୍ ଓ ସୁଟର ଗୁଲାମଙ୍କୁ ମେ' ୧୩ରେ ଏସ୍‌ଟିଏଫ୍ ଏନ୍‌କାଉଣ୍ଟର କରି ହତ୍ୟା କରିଥିଲା। ଶନିବାର ରାତିରେ ଅତିକ ଓ ଭାଇ ଅଶ୍ରଫଙ୍କୁ ହ୍ୟାଣ୍ଡକପ୍ ଦେଇ ସ୍ୱାସ୍ଥ୍ୟପରୀକ୍ଷା ପାଇଁ ମେଡିକାଲ ନିଆଯାଉଥିବା ବେଳେ ୩ ଅଭିଯୁକ୍ତ ଖବରଦାତା ବେଶରେ ଆସି ଉଭୟଙ୍କୁ ଗୁଳି ମାଡ଼ କରିଥିଲେ। ଏପରିକି ଗୁଳିମାଡ଼ର କିଛି ସମୟ ପୂର୍ବରୁ ଅତିକ ଗଣମାଧ୍ୟମରେ ମଧ୍ୟ ଗୁଡ୍ଡୁଙ୍କ ନାଁ ନେଇଥିଲେ।

## ବୋମା ତିଆରିରେ ସିଦ୍ଧହସ୍ତ ଗୁଡ୍ଡୁ ମୁସ୍‌ଲିମ

**ଲକ୍ଷ୍ନୌ,୨୦।୪:** ୨୦୨୩ ଫେବୃୟାରୀ ୨୪। ପ୍ରୟାଗରାଜର ଧୂମାନଗରରେ ରାଜୁ ପାଲ୍ ହତ୍ୟାକାଣ୍ଡର ମୁଖ୍ୟ ସାକ୍ଷୀ ଉମେଶ ପାଲ୍‌ଙ୍କୁ ଟାର୍ଗେଟ କରାଯାଇଥିଲା। ଗ୍ୟାଙ୍ଗଷ୍ଟର ଅତିକ୍ ଅହମ୍ମଦଙ୍କ ପୁଅ ଅସଦ ଅହମ୍ମଦ ଓ ଶାର୍ପ ଶୁଟର ଗୁଲାମ ମହମ୍ମଦ (ଏନ୍‌କାଉଣ୍ଟରରେ ଉଭୟେ ମୃତ) ଗୁଳି ଚଳାଉଥିବାବେଳେ ଉମେଶଙ୍କ ଉପରକୁ ତୁହାକୁ ତୁହା ବୋମା ଫିଙ୍ଗୁଥିଲେ ଧଳା ଶାର୍ଟ, କଳା ପ୍ୟାଣ୍ଟ ଓ ସ୍ପୋର୍ଟ୍ସ ସୁଜ୍ ପିନ୍ଧି ବାଇକ୍‌ରେ ଆସିଥିବା ଜଣେ ମଧ୍ୟବୟସ୍କ। ଏହି ଆକ୍ରମଣରେ ଯୁବ ଆଇନଜୀବୀ ଉମେଶ ଏବଂ ତାଙ୍କ ୨ ପୋଲିସ ସୁରକ୍ଷା ଗାର୍ଡ ସନ୍ଦୀପ ନିଷାଦ ଓ ରାଘବେନ୍ଦ୍ର ସିଂ ମଧ୍ୟ ପ୍ରାଣ ହରାଇଥିଲେ। ଉମେଶଙ୍କୁ ତାଙ୍କ ଘର ବାହାରେ ହତ୍ୟା କରାଯିବାର ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ୍ ହୋଇଥିଲା। ଫୁଟେଜ୍ ଅଣ୍ଡାଳିବା ପରେ ଉତ୍ତର ପ୍ରଦେଶ ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଚିହ୍ନିପାରିଥିଲା ଗୁଡ୍ଡୁ ମୁସ୍‌ଲିମ୍‌ଙ୍କୁ। ମୋଷ୍ଟ ୱାଣ୍ଟେଡ୍ ଗୁଡ୍ଡୁ ସେହିଦିନ ମିରଟରେ ଅତିକ୍‌ଙ୍କ ସମ୍ପର୍କୀୟଙ୍କଠାରୁ ଟଙ୍କା ନେଇ ଦିଲ୍ଲୀ ଫେରାର ହୋଇଯାଇଥିଲେ। ତାଙ୍କୁ ଧରାଇଦେଲେ ୫ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ୟୁପି ପୋଲିସ ଘୋଷଣା କରିଥିଲା।

୫୦ ବର୍ଷୀୟ ଗୁଡ୍ଡୁ ମୁସ୍‌ଲିମ ୟୁପିରେ ଆତଙ୍କର ଅନ୍ୟନାମ। କୁହାଯାଏ ଅତିକ୍ ଓ ତାଙ୍କ ଭାଇ ଅଶ୍ରଫ୍ ଅହମ୍ମଦ ଯାହା ଯୋଜନା କରୁଥିଲେ ସେସବୁକୁ ଗୁଡ୍ଡୁ ହିଁ କାର୍ଯ୍ୟକାରୀ କରୁଥିଲେ। ଦୁଇଭାଇ ଜେଲ ଯିବା ପରେ ଅତିକ୍‌ଙ୍କ ସ୍ତ୍ରୀ ଶାଇସ୍ତା ସମ୍ଭାଳୁଥିଲେ ଅତିକ୍ ଅହମ୍ମଦଙ୍କ କ୍ରାଇମ୍ ସିଣ୍ଡିକେଟ୍। କେଉଁଠୁ କେତେ ଟଙ୍କା ଆସିବ। କାହାଠାରୁ କେତେ ଅସୁଲ କରାଯିବ ସବୁ ଶାଇସ୍ତାଙ୍କ ଇଶାରାରେ ସ୍ଥିର ହେଉଥିଲା। ସେପଟେ ଫେରାର ଥିବା ଗୁଡ୍ଡୁ ମଧ୍ୟ ଏକ ସମାନ୍ତରାଳ ଗ୍ୟାଙ୍ଗ୍ ଗଢ଼ି ବ୍ୟବସାୟୀ, ଠିକାଦାର ଓ ନେତାଙ୍କଠାରୁ ବେଆଇନ ବଟି ଅସୁଲି କରୁଥିଲେ। ସମ୍ଭବତଃ ଏହି କାରଣରୁ ଶାଇସ୍ତା ଓ ଗୁଡ୍ଡୁଙ୍କ ମଧ୍ୟରେ ଶତ୍ରୁତା ବଢ଼ିଥିଲା। ଦିନେ ଅତିକ୍‌ଙ୍କ ଅତି ଘନିଷ୍ଠ ଥିବା ଗୁଡ୍ଡୁ ମୁସ୍‌ଲିମ ଶେଷରେ ତାଙ୍କୁ ହତ୍ୟା କରାଇଥିବା କୁହାଯାଉଛି, ଯାହାର କାରଣ ଖୋଜୁଛି ୟୁପି ଏସ୍‌ଟିଏଫ୍।

## ସମ୍ବଲପୁରରେ ୟୁପି ପୋଲିସ ଟିମ୍‌କୁ ନେଇ ଚର୍ଚ୍ଚା

ସମ୍ବଲପୁର,୨୦।୪(ବ୍ୟୁରୋ): ଉତ୍ତରପ୍ରଦେଶ ପ୍ରୟାଗରାଜର ଆଇନଜୀବୀ ଉମେଶ ପାଲଙ୍କ ହତ୍ୟା ଘଟଣାର ଅଭିଯୁକ୍ତ ତଥା ଗୁଳିମାଡ଼ରେ ମୃତ ଗ୍ୟାଙ୍ଗଷ୍ଟର ଅତିକ ଅହମ୍ମଦଙ୍କ ସହଯୋଗୀଙ୍କ ଗୁଡ୍ଡୁ ମୁସଲିମ୍ ଦୀର୍ଘଦିନ ହେବ ଫେରାର ଅଛନ୍ତି। ଉତ୍ତରପ୍ରଦେଶ ପୋଲିସର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ବିଭିନ୍ନ ରାଜ୍ୟରେ ଖୋଜାଖୋଜି କରି ଗୁଡ୍ଡୁଙ୍କୁ ଧରିବାକୁ ଚେଷ୍ଟା ଜାରି ରଖିଛି। ଏହି ପୋଲିସ ଟିମ୍ ସମ୍ବଲପୁର ଜିଲାର କେତେକ ସ୍ଥାନରେ ଚଢାଉ କରିଥିବା ନେଇ ଆଲୋଚନା ହେଉଛି। ତେବେ ଏହି ଘଟଣାକୁ ସମ୍ବଲପୁର ପୋଲିସ ଅସ୍ୱୀକାର କରିଛି। ଜିଲାର ଧନୁପାଲି ଓ ରେଙ୍ଗାଲି ଥାନା ଅଞ୍ଚଳରେ ଏହି ଟିମ୍ ଚଢାଉ କରିଥିବା ଚର୍ଚ୍ଚା ହେଉଛି। ପୂର୍ବରୁ ବରଗଡ଼ ଜିଲାର ସୋହେଲା ଅଞ୍ଚଳରେ ମଧ୍ୟ ଏହି ଟିମ୍ ଚଢାଉ କରିଥିବା କୁହାଯାଉଛି।

## ଆଜିଠାରୁ ଖରାଛୁଟି...

ଜୁନ୍ ୧୬ ପର୍ଯ୍ୟନ୍ତ ସ୍କୁଲ ଛୁଟି ରହିବ। ସ୍କୁଲ ଖୋଲିବା ନେଇ ଯଦି କିଛି ପରିବର୍ତ୍ତନ ଆବଶ୍ୟକ ପଡ଼େ ସେ ନେଇ ପରେ ନିଷ୍ପତ୍ତି ହେବ। ପୂର୍ବ ନିଷ୍ପତ୍ତି ଅନୁସାରେ ଶୁକ୍ରବାର ଅଭିଭାବକ ଓ ଶିକ୍ଷକମାନଙ୍କର ବୈଠକ ସ୍କୁଲରେ ହେବ। କିନ୍ତୁ ଅଭିଭାବକମାନେ ସ୍କୁଲ ଆସିଲା ବେଳେ ପିଲାଙ୍କୁ ସାଙ୍ଗରେ ନ ଆଣିବାକୁ କୁହାଯାଇଛି। ସୂଚନାଯୋଗ୍ୟ, ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖାଯାଇ ସରକାର ଏପ୍ରିଲ ୧୨ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ସ୍କୁଲଗୁଡ଼ିକୁ ଛୁଟି ଘୋଷଣା କରିଥିଲେ। ପରେ ପୁଣି ୧୯ ଓ ୨୦ ତାରିଖ ଦୁଇ ଦିନ ସବୁ ସ୍କୁଲକୁ ଛୁଟି ଘୋଷଣା କରାଯାଇଥିଲା। ତେବେ ତାତିରୁ ନିସ୍ତାର ମିଳୁ ନ ଥିବାରୁ ସରକାର ଆଗୁଆ ଖରାଛୁଟି ଘୋଷଣା କରିଛନ୍ତି।

## ନବମରୁ ଦ୍ୱାଦଶ ଶ୍ରେଣୀ ଯାଏ ପାଠପଢ଼ା ଜାରି ରହୁ

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅଭିଭାବକ ମହାସଂଘର ଦାବିପତ୍ର

**ଭୁବନେଶ୍ୱର,୨୦।୪(ବ୍ୟୁରୋ):** ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ୨୧ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସ୍କୁଲକୁ ସରକାର ଗ୍ରୀଷ୍ମ ଛୁଟି ଘୋଷଣା କରିଛନ୍ତି। ତେବେ ପାଠପଢ଼ା ଗୁରୁତ୍ୱ ଦୃଷ୍ଟିରୁ ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ଶିକ୍ଷାଦାନ ସକାଳ ସମୟରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଜାରି ରଖିବା ପାଇଁ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ଦାବି କରାଯାଇଛି। ଏ ନେଇ ମହାସଂଘର ଅଧ୍ୟକ୍ଷ ବାସୁଦେବ ଭଟ୍ଟ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି।

ପୂର୍ବରୁ ପ୍ରାୟ ଦୁଇବର୍ଷ ଧରି କରୋନା ମହାମାରୀ ନିମନ୍ତେ ପିଲାଙ୍କ ପାଠପଢ଼ା ବ୍ୟାହତ ହୋଇଥିଲା । ଏବେ ପୁଣି ଶିକ୍ଷାଦାନ ବାଧାପ୍ରାପ୍ତ ହେଲେ ଛାତ୍ରୀଛାତ୍ରଙ୍କ କ୍ୟାରିୟର ପ୍ରଭାବିତ ହେବ। ସେହିପରି ଅନେକ ଅଞ୍ଚଳରେ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ପିଲାଙ୍କ ଲାଗି କେବଳ ସ୍କୁଲ ହିଁ ପାଠ ପଢ଼ିବାର ଏକମାତ୍ର ଉତ୍ସ। ସବୁ ପିଲା ଆର୍ଥିକ ଓ ବ୍ୟବସ୍ଥାଗତ ଦୃଷ୍ଟିରୁ ଘରୋଇ କୋଚିଂ ଓ ଟ୍ୟୁଶନ ପାଇପାରିବେ ନାହିଁ। ତେଣୁ ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ଶ୍ରେଣୀଗୃହ ପାଠପଢା ବନ୍ଦ ନ କରାଯିବାକୁ ଦାବି କରାଯାଇଛି ବୋଲି ସଂଘର ସହ ଅଧ୍ୟକ୍ଷ ପ୍ରସନ୍ନ ବିଶୋୟୀ କହିଛନ୍ତି।




'ଓଡ଼ିଶା ସ୍କିଲ୍ କନ୍‌କ୍ଲେଭ୍-୨୦୨୩'କୁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ନିକଟରେ ଅଛନ୍ତି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ, ବିଭାଗୀୟ ପ୍ରମୁଖ ସଚିବ ଉଷା ପାଢ଼ୀ, ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ ଓ ଅନ୍ୟମାନେ ।

# 'ନୂତନ ଯୁଗର ବୈଷୟିକ ଦକ୍ଷତା କ୍ଷେତ୍ରରେ ଓଡ଼ିଶା ପ୍ରମୁଖ ଭୂମିକା ନେବ'

## ୩ ଦିନିଆ 'ଓଡ଼ିଶା ସ୍କିଲ୍ କନ୍‌କ୍ଲେଭ୍' ଉଦ୍‌ଘାଟିତ

## ଉଦ୍‌ଘାଟନୀ ଉତ୍ସବରେ ୧୨ ଏମ୍‌ଓୟୁ ସ୍ୱାକ୍ଷରିତ

ଭୁବନେଶ୍ୱର,୨୦।୪(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଳିଙ୍ଗ ଷ୍ଟାଡିୟମଠାରେ ଅନୁଷ୍ଠିତ ୩ଦିନିଆ 'ଓଡ଼ିଶା ସ୍କିଲ୍ କନ୍‌କ୍ଲେଭ୍-୨୦୨୩'କୁ ଗୁରୁବାର ପୂର୍ବାହ୍ନରେ ଉଦ୍‌ଘାଟନ କରିଛନ୍ତି। ଏଥିସହିତ ଦେଶରେ ନୂତନ ଯୁଗର ବୈଷୟିକ ଦକ୍ଷତା ନେଇ କେନ୍ଦ୍ର ଓ ରାଜ୍ୟଗୁଡ଼ିକର ସହଯୋଗିତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ସମୟ ଆସିଛି 'ସ୍କିଲ୍‌ଡ-ଇନ୍-ଓଡ଼ିଶା' ବ୍ରାଣ୍ଡ ସାରା ବିଶ୍ୱକୁ ଆଲୋକିତ କରିବାକୁ ପ୍ରସ୍ତୁତ। କ୍ଲାଉଡ୍ କମ୍ପ୍ୟୁଟିଂ, କୃତ୍ରିମ ବୈଷୟିକ ବିଦ୍ୟା, ଡାଟା ବିଜ୍ଞାନ ଏବଂ ଅନ୍ୟାନ୍ୟ ଭବିଷ୍ୟତବାଦୀ ଜ୍ଞାନ ନିମନ୍ତେ ଯୁବକମାନଙ୍କୁ ତାଲିମ ଦେଇ 'ନୂଆ ଓଡ଼ିଶା' ଗଠନ ଲକ୍ଷ୍ୟରେ ଚଳିତ ବର୍ଷ ରାଜ୍ୟ ସରକାର ବଜେଟରେ ୧୦୦ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଦକ୍ଷତା ବିକାଶକୁ ପ୍ରୋତ୍ସାହନ ଦେବା ସହିତ ନିଯୁକ୍ତି ବଜାରରେ ଏହି ଦକ୍ଷତାର ସ୍ୱୀକୃତି ଏବଂ ମୂଲ୍ୟ ପ୍ରଦାନକୁ ସୁନିଶ୍ଚିତ କରିବା ପାଇଁ କେନ୍ଦ୍ର ମନ୍ତ୍ରଣାଳୟ, ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ, ଶିକ୍ଷାନୁଷ୍ଠାନ, ଶିକ୍ଷାବିତ୍ ଓ ନାଗରିକ ସମାଜର ମିଳିତ ପ୍ରୟାସ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି।

ଓଡ଼ିଶା ମିଶନ୍ ଶକ୍ତି ପରି ପ୍ରତିବଦ୍ଧ ଅଭିଯାନ ଆରମ୍ଭ କରି ରାଜ୍ୟର ୭୦ ଲକ୍ଷ ମହିଳାଙ୍କୁ ଉଦ୍ୟୋଗୀ ହେବା ପାଇଁ ସହଯୋଗ କରିଛି। ଦେଶରେ ଉଲ୍ଲେଖନୀୟ ପରିବର୍ତ୍ତନ, ଦ୍ରୁତ ବୈଷୟିକ ପ୍ରଗତି ଓ ପରିବର୍ତ୍ତିତ ବଜାର ବ୍ୟବସ୍ଥା କାରଣରୁ ମାନବ ସମ୍ବଳ କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶ ସମେତ ଏକବିଂଶ ଶତାବ୍ଦୀରେ ସଫଳତା ଅର୍ଜନ ପାଇଁ ଯୁବପିଢ଼ିଙ୍କୁ ଦକ୍ଷ କରି ଗଢ଼ି ତୋଳିବା ଅପରିହାର୍ଯ୍ୟ ହୋଇପଡ଼ିଛି। ଦକ୍ଷତା ବିକାଶ କେବଳ ଏକ ନୈତିକ ଦାୟିତ୍ୱ ନୁହେଁ, ଏହା ଦକ୍ଷ ଯୁବଗୋଷ୍ଠୀଙ୍କୁ ମାନବ ରୂପାନ୍ତରଣ କରିବାରେ ସହାୟକ ହୋଇଥାଏ। ବିଭିନ୍ନ ପ୍ଲାଟଫର୍ମ ଓ ନିଯୁକ୍ତି ମେଳାରେ ନିଯୁକ୍ତିଦାତାମାନେ ଓଡ଼ିଶାର ସ୍କିଲ୍ ଟ୍ୟାଲେଣ୍ଟକୁ ଉପଲବ୍ଧି କଲେଣି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ କହିଛନ୍ତି, ରାଜ୍ୟ ସରକାରଙ୍କ ବହୁ ଅନୁକୂଳ ପଦକ୍ଷେପ ବଳରେ ଦକ୍ଷତା ବିକାଶ କ୍ଷେତ୍ରରେ ବିଶେଷ ଅଗ୍ରଗତି ହୋଇପାରିଛି। ସେଥିପାଇଁ ଆମେ ଆଧୁନିକ ଓ ଭବିଷ୍ୟତ ପ୍ରଯୁକ୍ତି ଜ୍ଞାନରେ ଅଧିକ ସୁଫଳ ପାଇବା ନିମନ୍ତେ ଶିକ୍ଷାନୁଷ୍ଠାନଗୁଡ଼ିକ ସହିତ ସହଯୋଗ ଅବ୍ୟାହତ ରଖିଛୁ। ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ 'ଓଡ଼ିଶା ସ୍କିଲ୍ କନ୍‌କ୍ଲେଭ୍'କୁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିର ଏକ ପ୍ରମାଣ ବୋଲି ଅଭିହିତ କରି ରୂପାନ୍ତରଣଶୀଳ ପ୍ରଯୁକ୍ତି ବିଦ୍ୟା, ସାହିତ୍ୟ, ସଂସ୍କୃତି, କ୍ରୀଡ଼ା, ସ୍ୱାସ୍ଥ୍ୟ ପରି ଦକ୍ଷତା ବିକାଶ ବଳରେ ଓଡ଼ିଶା ବିଶ୍ୱସ୍ତରୀୟ ମାନଦଣ୍ଡ ଭାବରେ ପରିଗଣିତ ହୋଇପାରିବ ବୋଲି କହିଛନ୍ତି। ମୁଖ୍ୟଶାସନ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି, ରୋବୋଟିକ୍ସ ଓ କୃତ୍ରିମ ବୁଦ୍ଧିମତ୍ତାର ବିକାଶ ହେତୁ ବୈଷୟିକ କ୍ଷେତ୍ରରେ ପରିଦୃଷ୍ଟ ଦ୍ରୁତ ପରିବର୍ତ୍ତନ ପରିପ୍ରେକ୍ଷୀରେ ଦକ୍ଷତା ବିକାଶ ବର୍ତ୍ତମାନ ପାଇଁ ବଡ଼ ଆବଶ୍ୟକତା ଭାବରେ ଉଭା ହୋଇଛି । ଏପରି କନ୍‌କ୍ଲେଭ୍ ନୀତି ନିର୍ଦ୍ଧାରକ, ଶିକ୍ଷାନୁଷ୍ଠାନର ପ୍ରତିନିଧି, ଶିକ୍ଷାବିତ୍ ଓ ଛାତ୍ରୀଛାତ୍ରମାନଙ୍କ ପାଇଁ ଆଲୋଚନା, ସମନ୍ୱିତ ଉଦ୍ୟମ ଓ ସହଯୋଗର ଏକ ମଞ୍ଚ ହୋଇପାରିବ ବୋଲି ସେ କହିଛନ୍ତି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ଦେଇ କହିଛନ୍ତି, ଓଡ଼ିଶାର ଦକ୍ଷତା ବିକାଶ କେବଳ ଏକ ତାଲିମ ପ୍ରକ୍ରିୟା ନ ହୋଇ ଜୀବନଧାରା ପରିବର୍ତ୍ତନର ଲକ୍ଷ୍ୟ ଭାବରେ ସ୍ୱୀକୃତ ହୋଇଛି। ଏହି କନ୍‌କ୍ଲେଭ ଦକ୍ଷତା ବିକାଶ କ୍ଷେତ୍ରରେ ସମସ୍ତ ଅଂଶୀଦାରଙ୍କୁ ଗୋଟିଏ ଛାତ ତଳକୁ ଆଣିବାରେ ସଫଳ ହୋଇଛି।

ଉଦ୍‌ଘାଟନୀ ଉତ୍ସବରେ ୧୫୦ରୁ ଉର୍ଦ୍ଧ୍ୱ ପ୍ରଦର୍ଶକ ଏବଂ ରାଜ୍ୟର ବହୁ ବରିଷ୍ଠ ଅଧିକାରୀ ଏବଂ ଶିଳ୍ପ ପ୍ରତିନିଧି ଯୋଗ ଦେଇଥିଲେ। ଏହି ଅବସରରେ ୧୨ଟି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଆଇଟିଇ ଏଜୁକେଶନ ସର୍ଭିସେସ୍ ସିଙ୍ଗାପୁର ସହିତ ଓଡ଼ିଶା ଦକ୍ଷତା ବିକାଶ ଓ ବୈଶୟିକ ଶିକ୍ଷା, ମିଶନ ଶକ୍ତି ସହ ୱାର୍ଲଡ ସ୍କିଲ୍ ସେଣ୍ଟର, ସ୍କୁଲ୍ ଓ ଗଣଶିକ୍ଷା ବିଭାଗ ସହ ଆଇଟିଇ ଏଜୁକେଶନ ସର୍ଭିସେସ୍ ସିଙ୍ଗାପୁର, ଓକାକ୍ ସହିତ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଏବଂ ଡ୍ରୋନ୍ ଫେଡେରେଶନ ଅଫ୍ ଇଣ୍ଡିଆ ସହ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଏହି କନ୍‌କ୍ଲେଭ୍‌ରେ ୨ହଜାରରୁ ଉର୍ଦ୍ଧ୍ୱ ଶିକ୍ଷାର୍ଥୀଙ୍କ ସମେତ ଏକ ହଜାର ଶିଳ୍ପପତି, ଶହେରୁ ଉର୍ଦ୍ଧ୍ୱ ବକ୍ତାଙ୍କ ସମେତ ୭ଟି ସ୍ୱତନ୍ତ୍ର ପ୍ୟାନେଲ ଆଲୋଚନାରେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି।

## ଓଭରବ୍ରିଜ୍ ତଳକୁ ବାଇକ୍ ଖସି ଇଞ୍ଜିନିୟରଙ୍କ ମୃତ୍ୟୁ

କେନ୍ଦୁଝର,୨୦।୪ (ଡି.ଏନ୍.ଏ/ସ୍ୱ.ପ୍ର.)

କେନ୍ଦୁଝର ଜିଲା ଟାଉନ ଥାନା ଅନ୍ତର୍ଗତ ଧୃପଦା ଓଭର ବ୍ରିଜ ତଳକୁ ବାଇକ୍ ଖସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଜଗତ୍‌ସିଂହପୁର ଜିଲା କାକଟପୁର ଥାନା ଅଞ୍ଚଳର ଅରୁଣ ମିଶ୍ରଙ୍କ ପୁଅ ସନ୍ତୋଷ ମିଶ୍ର(୨୨) ବୋଲି ଜଣାପଡ଼ିଛି। ସେ ପଳାସପଙ୍ଗାସ୍ଥିତ ଓଡ଼ିଶା ସ୍ପଞ୍ଜ କାରଖାନାରେ ଇଞ୍ଜିନିୟର ଭାବେ କାର୍ଯ୍ୟରତ ଥିଲେ। ସନ୍ତୋଷ ବୁଧବାର ରାତିରେ ତାଙ୍କ (ଓଡି୦୯ଏସ୫୪୨୮) ବାଇକ ଯୋଗେ କେନ୍ଦୁଝର ଅଭିମୁଖେ ଯାଉଥିଲେ। ନିୟନ୍ତ୍ରଣ ହରାଇ ତାଙ୍କ ବାଇକ୍ ପୋଲ ତଳକୁ ଖସି ପଡ଼ିଥିଲା। ଟାଉନ ପୋଲିସି ତାଙ୍କୁ ଉଦ୍ଧାର କରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ଡାକ୍ତର ସନ୍ତୋଷଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ନଂ. ୧୬୦/୨୩ରେ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ତହସିଲଦାରଙ୍କ ଗାଡ଼ି ଦୁର୍ଘଟଣା: ୨ ଅଧିକାରୀ ଗୁରୁତର

କୁଜଙ୍ଗ,୨୦।୪(ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲାର କୁଜଙ୍ଗ ତହସିଲଦାରଙ୍କ ଗାଡ଼ି ଗୁରୁବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ୨ ଜଣ ପ୍ରଶାସନିକ ଅଧିକାରୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଅତିରିକ୍ତ ତହସିଲଦାର ବାଇଧର ପ୍ରଧାନ ଓ ଉପବିଭାଗ ଅଧିକାରୀ ଲାଲା ଅମରେନ୍ଦ୍ର ରାୟ। ପ୍ରଧାନଙ୍କ ଛାତି ଓ ଗୋଡ଼ରେ ଏବଂ ରାୟଙ୍କ ମୁଣ୍ଡରେ ଆଘାତ ଲାଗିଛି। ସ୍ଥାନୀୟ ଲୋକେ ଉଭୟଙ୍କୁ ପ୍ରଥମେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଛନ୍ତି। ଉଭୟ ଅଧିକାରୀ କୁଜଙ୍ଗ ତହସିଲଦାରଙ୍କ ସରକାରୀ ବୋଲୋରୋ ନଂ. ଓଡି ୦୫ ଏୟୁ ୮୨୩୬ ନେଇ ଜଗତ୍‌ସିଂହପୁରର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟକୁ ବୈଠକରେ ଯୋଗଦେବାକୁ ଯାଇଥିଲେ। ଫେରିବାବେଳେ କଟକ ପାରାଦୀପ ରାସ୍ତାର ଷଣ୍ଢପୁରଗଡ଼ା ନିକଟରେ ଗାଡ଼ିଟି ଭାରସାମ୍ୟ ହରାଇଥିଲା।









> ଯନ୍ତ୍ରଣା ହେଉଛି ଜଗନ୍ମାତାଙ୍କର ସ୍ପର୍ଶ। ଏହି ସ୍ପର୍ଶ ଆମକୁ ଶିକ୍ଷାଦିଏ –କିପରି ଆମେ ଅତ୍ୟୁଲ୍ଲାସ୍ ଭିତରେ ବଢିପାରିବା ଓ ତାକୁ ସହ୍ୟ କରି ପାରିବା। ସେ ଆମକୁ ତିନୋଟି ସ୍ତରରେ ଶିକ୍ଷା ଦିଅନ୍ତି– ପ୍ରଥମଟି ତିତିକ୍ଷା ବା ସହିଷ୍ଣୁତା –ଦ୍ୱିତୀୟଟି ସାମ୍ୟଭାବ ଓ ଶେଷଟି ହେଲା– ଦିବ୍ୟ ଉଲ୍ଲାସ ବା ଉନ୍ମାଦ। –ଶ୍ରୀଅରବିନ୍ଦ



# ଆଇଏମ୍‌ଏଫ୍‌ର ଭିନ୍ନ ବିଚାର



ଜୟତି ଘୋଷ

ବହୁ ବିଳମ୍ବ ହୋଇଥିଲେ ବି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ଶେଷରେ ଦେଶଗୁଡ଼ିକର ଋଣ ହ୍ରାସ ସମ୍ପର୍କିତ ସତ୍ୟକୁ ହୃଦୟଙ୍ଗମ କରିଛି। ବିକାଶଶୀଳ ଅର୍ଥ ବ୍ୟବସ୍ଥାଗୁଡ଼ିକ ନିକଟରେ ଋଣ ଫେରସ୍ତ କରିବା ପାଇଁ ଅନୁକୂଳ ସମୟ ରହିଛି ବୋଲି ଅନୁଭବ କରିଛି। ସେହିଭଳି ସ୍ୱୀକାର କରିଛି ଯେ, ଆଇଏମ୍‌ଏଫ୍ ପ୍ରିୟ ରଣନୀତି କୁହାଯାଉଥିବା ବିତ୍ତୀୟ ଏକୀକରଣ (ନିଅଣ୍ଟିଆ ସ୍ଥିତି ଦୂର କରିବା ଓ ଋଣ ସଂଗ୍ରହ କରିବା ଲକ୍ଷ୍ୟରେ ଗ୍ରହଣ କରାଯାଉଥିବା ନୀତି) ସରକାରୀ ଋଣ ଓ ମୋଟ ଘରୋଇ ଉତ୍ପାଦର ଅନୁପାତକୁ ହ୍ରାସ କରିବାରେ ନିଆଯାଉଥିବା ପଦକ୍ଷେପଗୁଡ଼ିକରେ କ୍ଷତି ପହଞ୍ଚାଏ। ନିଶ୍ଚିତ ହେବାକୁ ପଡ଼ିବ ଯେ, ଏହା ପ୍ରାୟତଃ ଏକ ନୂଆ ଅନ୍ତର୍ଦୃଷ୍ଟି। ଜନ୍ ମେନାର୍ଡ କିନେସ୍ ଏକ ଶତାବ୍ଦୀ ପୂର୍ବେ ଏହା ଉପରେ ଗୁରୁତ୍ୱ ଦେଇଥିଲେ ଓ ସେବେଠାରୁ ଏହା ଉପରେ ବାରମ୍ବାର କୁହାଯାଇଆସୁଛି। ୧୯୫୩ରେ ଲଣ୍ଡନ ଡେବିଟ୍ ଏଗ୍ରିମେଣ୍ଟ ବା ଚୁକ୍ତି ଯେଉଁସବୁ ପକ୍ଷ ଗଢିଥିଲେ ସେମାନଙ୍କୁ ନିର୍ଦ୍ଦିଷ୍ଟ ଭାବେ ଏହା ଜଣାଥିଲା। ଏହି ଚୁକ୍ତି ପଶ୍ଚିମ ଜର୍ମାନୀର ସରକାରୀ ଋଣ ବୋଝ ନାଟକୀୟ ଢଙ୍ଗରେ ହ୍ରାସ କରିଥିଲା। ଜର୍ମାନୀ ଏବଂ ଏହାର ୨୦ଟି ବିଦେଶୀ ଋଣଦାତାମାନଙ୍କ ମଧ୍ୟରେ ଚୁକ୍ତି ଏହାର ଯୁଦ୍ଧ ପରବର୍ତ୍ତୀ ଆର୍ଥିକ ଅଭିବୃଦ୍ଧି ପାଇଁ ପରିବେଶ ସୃଷ୍ଟି କରିଥିଲା।

ଆଇଏମ୍‌ଏଫ୍‌ର ସଦ୍ୟ ପ୍ରକାଶିତ ୱାର୍ଲ୍ଡ ଇକୋନୋମିକ ଆଉଟ୍‌ଲୁକ ରିପୋର୍ଟ ବିଭିନ୍ନ ଋଣ ହ୍ରାସ କାର୍ଯ୍ୟକ୍ରମଗୁଡ଼ିକ ଉପରେ ଏହାର ନିଜସ୍ୱ ତଦନ୍ତର ଫଳାଫଳ ଉପସ୍ଥାପନ କରିଛି। ଏହି କାର୍ଯ୍ୟକ୍ରମଗୁଡ଼ିକ ୧୯୮୦ରୁ ୨୦୧୯ ମଧ୍ୟରେ ବୈଶ୍ୱିକ ମାର୍କେଟ ସହ ଜଡ଼ିତ ୩୩ଟି ବିକାଶଶୀଳ ଓ ୨୧ଟି ବିକଶିତ ଅର୍ଥ ବ୍ୟବସ୍ଥା ଦ୍ୱାରା ଆରମ୍ଭ କରାଯାଇଥିଲା। ରିପୋର୍ଟ ପ୍ରସ୍ତୁତକର୍ତ୍ତାମାନେ ଜାଣିବାକୁ ପାଇଛନ୍ତି ଯେ, ସେହି ସମୟ ମଧ୍ୟରେ ଅନୁଧାନ କରାଯାଇଥିବା ଋଣ ହ୍ରାସର ପାଖାପାଖି ଏକ ତୃତୀୟାଂଶ ଜିଡିପି ଅଭିବୃଦ୍ଧି ଯୋଗୁ ଘଟିଛି। ଏହି ଅନୁଧାନଭିତ୍ତିକ ରିପୋର୍ଟ ସୂଚିତ କରେ ଯେ,ବିତ୍ତୀୟ ସମ୍ପ୍ରସାରଣ ବହୁ ଘଟଣାରେ ଡେବିଟ୍ ରେସିଓ(ଋଣ ଓ ମୋଟ ଘରୋଇଉତ୍ପାଦ)ର ଅନୁପାତରେ ଉନ୍ନତି ଆଣିଥିଲା। ବିଶେଷକରି ଜିଡିପି ଅଭିବୃଦ୍ଧି ଉପରେ ସକାରାତ୍ମକ ପ୍ରଭାବ ଯୋଗୁ ଏହା ଘଟିଥିଲା। ସେମାନଙ୍କ ମତରେ ବିତ୍ତୀୟ ଏକତ୍ରୀକରଣ ଦ୍ୱାରା ଅନୁକୂଳ ଆର୍ଥିକ ପରିବେଶ ତଥା ଏକ ବିକଶିତ ଅର୍ଥ ବ୍ୟବସ୍ଥାରେ ଋଣ ହ୍ରାସ କରିବାର ଅଧିକ ସମ୍ଭାବନା ରହିଛି। କିନ୍ତୁ ଦେଖିବାକୁ ଗଲେ ସେଭଳି ପରିସ୍ଥିତି ସବୁବେଳେ ରହେ ନାହିଁ। ବ୍ୟୟହ୍ରାସ ଜିଡିପି ଅଭିବୃଦ୍ଧିକୁ ରୋକୁଥିବାରୁ ଖର୍ଚ୍ଚକାଟ କିମ୍ବା ଟିକସ ବୃଦ୍ଧି ଲାଗୁ କରି ନିଅଣ୍ଟିଆ ସ୍ଥିତି ଦୂର କରିବାରେ ଲାଗୁ କରାଯାଉଥିବା ଆର୍ଥିକ ନୀତି ଦ୍ୱାରା ଋଣଗ୍ରସ୍ତ ଦେଶଗୁଡ଼ିକରେ କ୍ୱଚିତ ସକାରାତ୍ମକ ପରିଣାମ ମିଳିଥାଏ।

ଆଇଏମ୍‌ଏଫ୍ ରିପୋର୍ଟ ଉଲ୍ଲେଖ କରିଛି ଯେ, ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡ଼ିକୁ ଅପ୍ରତ୍ୟାଶିତ ଭାବେ ଟଙ୍କା ଦେବା ଏବଂ ବିନିମୟ ହାର ହ୍ରାସ କରି ଋଣ କମାଇବା ପଦକ୍ଷେପକୁ କ୍ଷତି ପହଞ୍ଚାଇପାରେ। କିନ୍ତୁ ଉକ୍ତ ରିପୋର୍ଟ ଗୋଟିଏ ବିଷୟ ସୂଚିତ କରିନାହିଁ। ତାହା ହେଉଛି, ଘଟୁଥିବା ଏହିସବୁ ବିଷୟ ବହୁ ସମୟରେ ଆଇଏମ୍‌ଏଫ୍‌ର ନିଜସ୍ୱ କାର୍ଯ୍ୟକ୍ରମଗୁଡ଼ିକରଏକ ଅନପେକ୍ଷିତ ପରିଣାମ ହୋଇଥାଏ। ଯାଦ୍ୱାରା ଋଣଗ୍ରସ୍ତ ଦେଶଗୁଡ଼ିକୁ ମାର୍କେଟଭିତ୍ତିକ ବିନିମୟ ହାରରେ ପରିବର୍ତ୍ତନ, ସୁଧ ହାର ବୃଦ୍ଧି ଏବଂ ସରକାରୀ ସବ୍‌ସିଡ଼ି ଛାଡ଼ କରିବା ଆବଶ୍ୟକ ପଡ଼େ, ଯେଉଁଥିରେ ବିଜ୍‌ନେସ କ୍ଷତି ବଢ଼ିଯାଏ। ଅପରପକ୍ଷେ ରିପୋର୍ଟ ଜାଣିବାକୁ ପାଇଛି ଯେ, ଋଣ ପୁନର୍ଗଠନ ପଦକ୍ଷେପସବୁ ଯେତେବେଳେ ଦେଶଗୁଡ଼ିକୁ ଅଭିବୃଦ୍ଧି ପୁନଃସ୍ଥାପିତ କରିବାରେ ଏବଂ ଆର୍ଥିକ ଅଧୋଗତି ଦୂରେଇବାରେ ସାହାଯ୍ୟ କରିଛନ୍ତି ସେତେବେଳେ ଅଧିକ ସଫଳ ହୋଇଛନ୍ତି।

ବହୁ ଦଶନ୍ଧି ଧରି ଆଇଏମ୍‌ଏଫ୍ କାର୍ଯ୍ୟକ୍ରମଗୁଡ଼ିକ ବିଚାର କରିଆସୁଥିଲା ଯେ, ସରକାରୀ ବ୍ୟୟ ହ୍ରାସ ଋଣ ଦୁଃଖକୁ ସାମ୍ନା କରିବାରେ ଏକମାତ୍ର ଉପାୟ। କିନ୍ତୁ ଏବେ ଏହା ତା' ଅତୀତ ତ୍ରୁଟିକୁ ବୁଝିଥିବା ମନେହେଉଛି। କିନ୍ତୁ ବିଚାରରେ ଏଭଳି ପରିବର୍ତ୍ତନ ଆଇଏମ୍‌ଏଫ୍‌ର ଗବେଷଣା ବିଭାଗକୁ ଛାଡ଼ି କାମ କରିବ କି ନାହିଁ ତାହା ଅସ୍ପଷ୍ଟ। ଏହା କିଭଳି ଋଣଦେବା କାର୍ଯ୍ୟକଳାପକୁ ପ୍ରଭାବିତ କରିବ ତାହା ସ୍ପଷ୍ଟ ହୋଇନାହିଁ। ତେବେ ସଫଳ ହେବାର ପ୍ରାରମ୍ଭିକ ସଙ୍କେତ ଦେଖାଯାଉନାହିଁ। ଆଇଏମ୍‌ଏଫ୍‌ର ଶୀର୍ଷ ନେତୃତ୍ୱ ଋଣ ବ୍ୟବସ୍ଥାରେ ଦ୍ରୁତ ଓ ଅଧିକ ପ୍ରଭାବୀ ପୁନର୍ଗଠନ ପାଇଁ ବାରମ୍ବାର ପରାମର୍ଶ ଦେଇଆସିଛି।ସେଥିପାଇଁ ନିକଟରେ ସରକାରୀ ତଥା ଘରୋଇ ଋଣଦାତାମାନଙ୍କର ଏକ ବୈଠକ ଆୟୋଜିତ କରିଛି। କିନ୍ତୁ ଏଯାବତ ଏହା ଉପରେ ଯେଉଁମାତ୍ରାରେ ପ୍ରତିକ୍ରିୟା ମିଳିବା କଥା ତାହା ହୋଇନାହିଁ ଏବଂ ବୈଠକ ସେଭଳି ପ୍ରଭାବୀ ବି ହୋଇନାହିଁ। ବିକାଶଶୀଳ ବିଶ୍ୱରେ ଯେଉଁ ଦେଶଗୁଡ଼ିକ ଋଣ ବୋଝଜନିତ ଦୁଃଖର ସମାଧାନ କରିବା ଲାଗି ଜି ୨୦ର ସାଧାରଣ ଢାଞ୍ଚା ଅଧୀନରେ ସାହାଯ୍ୟ ଚାହୁଁଛନ୍ତି ସେମାନେ ଅତ୍ୟଧିକ ବିଳମ୍ବ, ଭୂରାଜନୈତିକ ବିବାଦ ଓ ପ୍ରତିକ୍ରିୟାହୀନ ଋଣଦାତାଙ୍କର ସମ୍ମୁଖୀନ ହେଉଛନ୍ତି।



ସବୁଠୁ ଖରାପ ହେଉଛି, ଆଇଏମ୍‌ଏଫ୍‌ର କର୍ମଚାରୀମାନେ ଏହାର ସଦ୍ୟତମ ରିପୋର୍ଟ ସମ୍ପର୍କରେ ଅବଗତ ନ ଥିବା କିମ୍ବା ଏହାକୁ ସେମାନେ ଅଣଦେଖା କରିବାକୁ ଚାହିଁଥିବା ଜଣାପଡୁଛି। ଫଣ୍ଡର ଏବକାର ଆର୍ଥିକ କାର୍ଯ୍ୟକ୍ରମଗୁଡ଼ିକରେ କଠିନ ସର୍ତ୍ତସବୁ ସାମିଲ କରାଯାଇଥିବାରୁ ବିକାଶଶୀଳ ଦେଶଗୁଡ଼ିକର ଲୋକ ଓ ଅର୍ଥ ବ୍ୟବସ୍ଥା ଉପରେ ଏହାର ଅତ୍ୟଧିକ କ୍ଷତିକାରକ ପ୍ରଭାବ ପଡ଼ିବାର ସମ୍ଭାବନା ରହିଛି। ଉଦାହରଣସ୍ୱରୂପ, ନିକଟରେ ଆଇଏମ୍‌ଏଫ୍ ଓ ଶ୍ରୀଲଙ୍କା ମଧ୍ୟରେ କରାଯାଇଥିବା ଚୁକ୍ତି ବିତ୍ତୀୟ ଏକତ୍ରୀକରଣକୁ ଗୁରୁତ୍ୱ ଦେଇଛି। ସରକାର ଦୁଇବର୍ଷ ମଧ୍ୟରେ ବଳକା ବଜେଟ ହାସଲ କରିବା ଦରକାର ବୋଲି ଏଥିରେ କୁହାଯାଇଛି। ଏନର୍ଜି ଟାରିଫ୍‌ରେ ବୃଦ୍ଧି, ପରିବର୍ତ୍ତନୀୟ ବିନିମୟ ହାର ଉପରେ ଏହା ମଧ୍ୟ ଫଣ୍ଡିଂର ସର୍ତ୍ତ ରଖିଛି, ଯାହା ଦ୍ୱାରା ମୁଦ୍ରାମୂଲ୍ୟ ହ୍ରାସ ଓ ଅଧିକ ସୁଧ ହାରର ସମ୍ଭାବନା ରହିବ। ଏହି ପ୍ରୋଗ୍ରାମ ବିନା ୱେଲ୍‌ଥ ଟ୍ୟାକ୍ସ କିମ୍ବା ଅବୈଧ ଆର୍ଥିକ ପ୍ରବାହ ଉପରେ କଟକଣା ନ ରଖି ବି ଅଧିକ ରାଜସ୍ୱ ଲକ୍ଷ୍ୟ ଉପସ୍ଥାପନ କରିଛି। ବାସ୍ତବରେ ଏହିସବୁ ପଦକ୍ଷେପ ୫୩.୬% ମୁଦ୍ରାସ୍ଫୀତି ଦେଇ ଗତିକରୁଥିବା ଶ୍ରୀଲଙ୍କା ଭଳି ଦେଶରେ ଚାହିଦା କମାଇବା ସହ ତା'ଅର୍ଥ ବ୍ୟବସ୍ଥାକୁ ଆହୁରି ସଙ୍କୁଚିତ କରିଦେବ। ଘାନା ଓ ଜିମ୍ବାୱେରେ ଆଇଏମ୍‌ଏଫ୍‌ର ଅନ୍ୟ ପ୍ରସ୍ତାବିତ ଯୋଜନାରେ ବିତ୍ତୀୟ ସନ୍ତୁଳନ ଉପରେ ସମାନ ପ୍ରକାର ଧ୍ୟାନ ଦିଆଯାଇଥିବା ଆଉ ଏକ ପ୍ରମାଣ।

ଇସାବେଲ ଓରଟିଜ୍ ଏବଂ ମାଥ୍ୟୁ କୁମିନ୍‌ସ ସୂଚିତ କରିଛନ୍ତି ଯେ, ସରକାର ସାର୍ବଜନୀନ ଖର୍ଚ୍ଚ କମ୍ କରୁଥିବାରୁ ଖର୍ଚ୍ଚକାଟ, ଟିକସ ବୃଦ୍ଧି କରି ନିଅଣ୍ଟିଆ ସ୍ଥିତି ଦୂର କରିବା ଲାଗି ଆର୍ଥିକ ନୀତିଗୁଡ଼ିକ ଲାଗୁ କରିବାର ନୂଆ ଧାରା ଗଢିଉଠୁଛି। ବିଶ୍ୱ ଏକ ଆର୍ଥିକ ଓ ରାଜନୈତିକ ସଙ୍କଟକୁ ସାମ୍ନା କରୁଥିବାବେଳେ ଏହି ଧାରାର ପ୍ରତ୍ୟାବର୍ତ୍ତନ ଯୋଗୁ ଏକ ସାଂଘାତିକ ପରିଣାମ ସୃଷ୍ଟି ହୋଇପାରେ। କେବଳ ଆର୍ଥିକ କାର୍ଯ୍ୟକଳାପରେ ନୁହେଁ ,ବରଂ ଏହା ବୈଶ୍ୱିକ ସ୍ୱାସ୍ଥ୍ୟକୁ ବି କ୍ଷତି କରିବ। ଏହା ମଧ୍ୟ ଜଳବାୟୁ ପରିବର୍ତ୍ତନକୁ ସାମ୍ନା କରିବା ଲାଗି ଆମର କ୍ଷମତାକୁ କ୍ଷତି ଘଟାଇବ। ଯେତେବେଳେ ନିର୍ଦ୍ଦିଷ୍ଟ ସମାଧାନର ପଥସବୁ ବିଫଳ ହେବା ଦେଖାଯାଏ କିମ୍ବା ସମସ୍ୟାକୁ ଆହୁରି ଖରାପ କରେ, ସେତେବେଳେ ସେଗୁଡ଼ିକୁ ତ୍ୟାଗ କରିବା ଉଚିତ। ଅନେକ ଦଶନ୍ଧି ପରେ ଏବେ ଖରାପ ସ୍ଥିତିରେ ଉନ୍ନତି ଆଣିବା ପାଇଁ ଆଇଏମ୍‌ଏଫ୍ ତା'ଅର୍ଥକୁ ଲଗାଇବାର ସମୟ ଉପନୀତ ହୋଇଛି।

**ପ୍ରାଧ୍ୟାପକ, ଅର୍ଥନୀତି, ୟୁନିଭର୍ସିଟି ଅଫ୍ ମାସାଚ୍ୟୁସେଟସ୍ ଆମର୍ହଷ୍ଟ**

# ଜୀବନ ଚକ୍ରର ଅନୁଭବ



ଡା. ଗୋପାଳ ଚନ୍ଦ୍ର ଦାଶ

ବେଦରେ ବ୍ରହ୍ମବିଦ୍ୟା ସମ୍ବନ୍ଧୀୟ ବିଷୟବସ୍ତୁଗୁଡ଼ିକ ଉପନିଷଦ୍ ନାମରେ ଖ୍ୟାତ। ଋକ୍‌ବେଦ ଅନ୍ତର୍ଗତ ଐତରେୟ ଆରଣ୍ୟକର ୪ର୍ଥ, ୫ମ ଓ ୬ଷ୍ଠ ଅଧ୍ୟାୟ ଐତରେୟ ଉପନିଷଦ ଅନ୍ତର୍ଭୁକ୍ତ। ଏହି ୩ ଗୋଟି ଅଧ୍ୟାୟରେ ବ୍ରହ୍ମବିଦ୍ୟା ସମ୍ବନ୍ଧରେ ଆଲୋଚନା କରାଯାଇଛି। ଉପନିଷଦ୍ ଐତରେୟ ଆରଣ୍ୟକର ଅଂଶ ହୋଇଥିବାରୁ–ଏହାର ନାମ ଐତରେୟ ଉପନିଷଦ୍ ରଖାଯାଇଛି। କେତେଜଣଙ୍କ ମତରେ ଇତରା ନାମ୍ନୀ ମହିଳାଙ୍କ ପୁତ୍ର ମହିଦାସ ଐତରେୟଙ୍କ ଦ୍ୱାରା ଏହା ରଚନା ହୋଇଥିବାରୁ ଉପନିଷଦ୍‌ର ନାମ ଐତରେୟ ରଖାଯାଇଛି। ତିନି ଅଧ୍ୟାୟ ଓ ୫ ଖଣ୍ଡରେ ବିଭକ୍ତ ଏହି ଉପନିଷଦ୍‌ର ମନ୍ତ୍ର ସଂଖ୍ୟା ୩୩। ଉପନିଷଦ୍‌ଟି ପ୍ରତୀକାତ୍ମକ ଓ ଆଳଙ୍କାରିକ। ସୃଷ୍ଟିର ନିର୍ମାଣ ଓ କ୍ରମବିକାଶ, ଜୀବନ ଚକ୍ରର ଅନୁଭବ ତଥା ଆତ୍ମା ଓ ବ୍ରହ୍ମର ସ୍ୱରୂପ ଏହି ଉପନିଷଦ୍‌ର ବିଷୟବସ୍ତୁ।

ଉପନିଷଦ୍ କହେ, ଜଡ଼ ଓ ଚେତନାର ମିଶ୍ରଣରେ ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି। ଏହି କ୍ରମରେ ସୃଷ୍ଟି ଚାରି ଲୋକ ଜଡ଼ ଜଗତ ଓ ଆଠ ଲୋକପାଳ ଚେତନ ପୁରୁଷ। ବିରାଟ ପୁରୁଷ (ବ୍ରହ୍ମ) ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ଶରୀର ତଥା ବ୍ରହ୍ମାଣ୍ଡର ସବୁ ପଦାର୍ଥରେ ପରମାତ୍ମାଙ୍କର ଦିବ୍ୟ ଅଂଶ ବିଦ୍ୟମାନ। ସୃଷ୍ଟିର ସମସ୍ତ ପ୍ରାଣୀଙ୍କ ମଧ୍ୟରେ ମନୁଷ୍ୟ ସର୍ବଶ୍ରେଷ୍ଠ। ତେଣୁ ଅନ୍ୟ ଜୀବମାନଙ୍କ ଶରୀର ତୁଳନାରେ ମାନବ ଶରୀର ଅମୂଲ୍ୟ । ଋଷି କହିଛନ୍ତି ଯେ, ମାନବ ଶରୀର ସର୍ବୋତ୍ତମ ଓ ଉତ୍କୃଷ୍ଟ ହୋଇଥିବାରୁ ସୃଷ୍ଟିର ପ୍ରାରମ୍ଭରେ ଈଶ୍ୱର ମାନବ ଶରୀର ନିର୍ମାଣ କରି ସମଗ୍ର ଲୋକ–ଲୋକାନ୍ତରର ଦେବତାମାନଙ୍କୁ ମନୁଷ୍ୟ ଶରୀରରେ ଇନ୍ଦ୍ରିୟରୂପୀ ଦେବତା ଭାବରେ ଅବସ୍ଥାନ କରାଇଲେ। ବିରାଟ ପୁରୁଷଙ୍କଠାରୁ ସୃଷ୍ଟି ଅଗ୍ନିଦେବତା ବାଣୀ ହୋଇ ମୁଖରେ, କିନ୍ତୁ ପ୍ରାଣ ହୋଇ ନାସିକାରେ, ଆଦିତ୍ୟ ପ୍ରକାଶ ହୋଇ ଚକ୍ଷୁରେ, ଦିଶା ଶବ୍ଦ ହୋଇ କର୍ଣ୍ଣରେ, ଚନ୍ଦ୍ରମା ମନ ହୋଇ ହୃଦୟରେ, ମୃତ୍ୟୁ ଅପାନ ହୋଇ ନାଭିରେ, ବନସ୍ପତି ଲୋମ ହୋଇ ଚର୍ମରେ ଓ ଜଳ ବୀର୍ଯ୍ୟ ହୋଇ ଯୌନାଙ୍ଗରେ ଅବସ୍ଥାପିତ ହୋଇ ମନୁଷ୍ୟ ଶରୀରକୁ କ୍ରିୟାଶୀଳ କରେ। ଏହା ବ୍ରହ୍ମାଣ୍ଡ ଓ ପିଣ୍ଡ ମଧ୍ୟରେ ଥିବା ଏକାତ୍ମତାକୁ ପ୍ରକାଶ କରିଥାଏ। ଇନ୍ଦ୍ରିୟରୂପୀ ଦେବତାମାନଙ୍କୁ କାର୍ଯ୍ୟକ୍ଷମ କରିବା ପାଇଁ ପରମାତ୍ମା ମନୁଷ୍ୟ ଶରୀରର ବିଭିନ୍ନ ଅଙ୍ଗରେ କ୍ଷୁଧା ଓ ପିପାସା ଭଳି ୨ ଗୋଟି ଶକ୍ତି ସଂଚାର କଲେ, ଯାହା ସଂସାରର ସକଳ କାର୍ଯ୍ୟର ସଞ୍ଚାଳକ। ଫଳସ୍ୱରୂପ ଇନ୍ଦ୍ରିୟରୂପୀ ଦେବତାମାନେ ଭୋକ ଓ ଶୋଷକୁ ଦୂର କରିବାପାଇଁ ସର୍ବଦା ପ୍ରଯତ୍ନଶୀଳ ହେଲେ। ନିଜର ଈକ୍ଷଣ ଶକ୍ତିଦ୍ୱାରା ପରମାତ୍ମା ପଞ୍ଚଭୂତରୁ ଅନ୍ନ ସୃଷ୍ଟି କରି ଇନ୍ଦ୍ରିୟମାନଙ୍କର ପୋଷଣ କଲେ ଓ ସେମାନଙ୍କର ଭୋକ–ଶୋଷ ଦୂର କରିବା ପାଇଁ ଚେଷ୍ଟା କଲେ। ଆଠ ଲୋକପାଳ ଭାବରେ ନିୟୋଜିତ ମାନବ ଶରୀରର ଇନ୍ଦ୍ରିୟରୂପୀ ଦେବତାମାନଙ୍କ ମଧ୍ୟରୁ ଏକମାତ୍ର ଅପାନ ବାୟୁ ଅନ୍ନକୁ ଗ୍ରହଣ କରିବାରେ ସକ୍ଷମ ହେଲେ। ଅପାନ ବାୟୁ ମୁଖ ଦ୍ୱାରା ଅନ୍ନକୁ ଗ୍ରହଣ କରି ସମାନ ବାୟୁ ସାହାଯ୍ୟରେ ପାଚନ କରାଇ ବ୍ୟାନ ବାୟୁ ଦ୍ୱାରା ଅନ୍ନର ରସକୁ ଶରୀରର ବିଭିନ୍ନ ଅଙ୍ଗକୁ ପ୍ରେରଣ କରି ଶକ୍ତି ପ୍ରଦାନ କଲେ। ଅନ୍ନର ଅନାବଶ୍ୟକ ପଦାର୍ଥଗୁଡ଼ିକୁ ମଳ–ମୂତ୍ର–ସ୍ୱେଦ ଭାବରେ ଶରୀରରୁ ବିସର୍ଜନ କରିବାରେ ସକ୍ଷମ ହେଲେ। ଏହାଫଳରେ ଅପାନ ବାୟୁରେ କ୍ଷୁଧା ଅନ୍ନଦ୍ୱାରା ସମାପ୍ତି ହେଲେ। ମାତ୍ର ଚକ୍ଷୁ, ବାଣୀ, କର୍ଣ୍ଣ, ପ୍ରାଣ, ତ୍ୱଚା ଓ ମନ ଆଦି ଅନ୍ୟ ୭ ଜଣ ଦେବତାମାନଙ୍କୁ ଅନ୍ନ ପ୍ରକାଶ ବା ଗ୍ରହଣଯୋଗ୍ୟ ହୋଇ ନ ପାରିବାରୁ ସେମାନଙ୍କର କ୍ଷୁଧା–ପିପାସା ଅନ୍ନ ଦ୍ୱାରା ସମାପ୍ତି ହୋଇପାରିଲା ନାହିଁ। ତେଣୁ ପରମାତ୍ମା ନେତ୍ର, କର୍ଣ୍ଣ, ମୁଖ, ନାସିକା, ତ୍ୱଚାକୁ ଯଥାକ୍ରମେ ରୂପ, ଶବ୍ଦ, ରସ, ଗନ୍ଧ, ସ୍ପର୍ଶ ଆଦି ପଞ୍ଚ ତନ୍ମାତ୍ରା ତଥା ମନକୁ ବିଚାର ଓ ଉପସ୍ଥକୁ ତ୍ୟାଗ ପ୍ରଦାନ କରି ସେମାନଙ୍କର କ୍ଷୁଧାକୁ ପ୍ରଶମିତ କଲେ। ଐତରୀୟ ଉପନିଷଦର ସୃଷ୍ଟି ନିର୍ମାଣ ଓ କ୍ରମବିକାଶ ସମ୍ବନ୍ଧରେ ସିଦ୍ଧାନ୍ତ। ଦ୍ୱିତୀୟ ଅଧ୍ୟାୟରେ ମନୁଷ୍ୟର ଜୀବନଚକ୍ର ସମ୍ବନ୍ଧରେ ବର୍ଣ୍ଣନା କରି ଉପନିଷଦ୍‌କାର କହିଛନ୍ତି ଯେ, ଜୀବାତ୍ମା ପ୍ରଥମେ ପୁରୁଷ ବୀର୍ଯ୍ୟର ଶୁକ୍ରାଣୁରେ ପ୍ରବେଶ କରି ଗର୍ଭାଧାନ ଦ୍ୱାରା ମାତାର ଶରୀରକୁ ଆସିଥାଏ। ଗର୍ଭାଧାନ ସନ୍ତାନର ପ୍ରଥମ ଜନ୍ମ, ମାତୃଗର୍ଭରୁ ବହିର୍ଗମନ ଦ୍ୱିତୀୟ ଜନ୍ମ ଓ ମୃତ୍ୟୁପରେ ପୁନର୍ଜନ୍ମ ତୃତୀୟ ଜନ୍ମ। ଏହା ଜୀବନଚକ୍ରର ବୈଦିକ ସିଦ୍ଧାନ୍ତ।

ଅନ୍ତିମ ଅଧ୍ୟାୟରେ ଆତ୍ମାର ସ୍ୱରୂପ ସମ୍ବନ୍ଧରେ ଉପନିଷଦ୍‌କାର କହନ୍ତି ଯେ ଯାହାଙ୍କ ଉପସ୍ଥିତି ଯୋଗୁ ମନୁଷ୍ୟ ନିଜ ଶରୀରର ଅସ୍ତିତ୍ୱ ଅନୁଭବ କରିଥାଏ ଓ ଯାହାଙ୍କ ଯୋଗୁ ମନୁଷ୍ୟ ହୃଦୟ ଓ ମନରେ ବିଭିନ୍ନ ପ୍ରକାର ବିକାର ଓ ବିଚାର ଉତ୍ପନ୍ନ ହୁଏ, ସେ ହିଁ ଆତ୍ମା । ଆତ୍ମା ଶରୀରଠାରୁ ପୃଥକ୍ କାରଣ ପଞ୍ଚଭୂତରୁ ସୃଷ୍ଟି ଶରୀର ଜଡ଼ ମାତ୍ର, ଆତ୍ମା ହେଉଛି ଚେତନ ପୁରୁଷ।

**ମୋ: ୭୮୪୮୫୦୯୫୦**

## ଏଇ ଭାରତରେ

ନିର୍ବାଚନ ଆସିଲେ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିବା ଲକ୍ଷ୍ୟ କରାଯାଏ। ବହୁ ଆଡ଼ମ୍ବରରେ ପ୍ରାର୍ଥୀମାନେ ଆସି ଆବଶ୍ୟକ ଅର୍ଥ ପଇଠ କରି ଏହା କରିଥାନ୍ତି। କିନ୍ତୁ କର୍ନାଟକରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ଜଣେ ପ୍ରାର୍ଥୀ ୧୦,୦୦୦ ଟଙ୍କାର କେବଳ କଏନ ପଇଠ କରି ନାମାଙ୍କନ ଦାଖଲ କରିବା ଏବେ ଚର୍ଚ୍ଚାର ବିଷୟ ହୋଇଛି। ମେ'୧୦ରେ ହେବାକୁ ଥିବା କର୍ନାଟକ ବିଧାନସଭା ନିର୍ବାଚନ ପାଇଁ ନାମାଙ୍କନ ଦାଖଲ ପ୍ରକ୍ରିୟା ଚାଲିଛି। ଏହି ସମୟରେ କର୍ନାଟକର ୟାଦଗିର ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ୟାଙ୍କପ୍ପା ୧୦ହଜାର ଟଙ୍କିକିଆ କଏନ ଜମା କରି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ବଡ଼ କଥା ହେଉଛି, ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ସେ ସମଗ୍ର ନିର୍ବାଚନମଣ୍ଡଳୀର ଲୋକଙ୍କଠାରୁ ଏହି ମୁଦ୍ରା ସଂଗ୍ରହ କରିଛନ୍ତି। ଏହା କରି ସେ ସବୁ ଲୋକଙ୍କ ସହଯୋଗ କାମନା କରିଛନ୍ତି ବୋଲି ୟାଙ୍କପ୍ପା କହିଛନ୍ତି। ସେ କହିଛନ୍ତି, ନିର୍ବାଚିତ ହେଲେ ତାଙ୍କ ସମ୍ପ୍ରଦାୟର ଲୋକ ଏବଂ ଗ୍ରାମବାସୀଙ୍କୁ ଉତ୍ସର୍ଗ କରିବେ। ୟାଙ୍କପ୍ପା ସ୍ୱାମୀ ବିବେକାନନ୍ଦଙ୍କ ବିଚାରଧାରା ଲେଖାଥିବା ଏକ ପୋଷ୍ଟର ନେଇ ନାମାଙ୍କନ କରିବାକୁ ଆସିଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

**୨୧ ଏପ୍ରିଲ ୧୯୯୮**

- ନୋବେଲ ପୁରସ୍କାରପ୍ରାପ୍ତ ତଥା ମେକ୍ସିକୋର ପ୍ରତିଷ୍ଠିତ ସାହିତ୍ୟିକ ଅକ୍ଟାଭିଓ ପାଜଙ୍କର ୮୪ ବର୍ଷ ବୟସରେ ପରଲୋକ।
- ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ଉତ୍କୋଚ ମାମଲାରେ ଅଭିଯୁକ୍ତ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ବୁଟା ସିଂ କ୍ୟାବିନେଟରୁ ବହିଷ୍କୃତ।
- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶାନ୍ତାବେନ ପଟେଲଙ୍କ ୮୮ ବର୍ଷ ବୟସରେ ପରଲୋକ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | | | | | | 4 | |
| | 8 | 4 | | | | 3 | | |
| 7 | | | | 1 | | 8 | 9 | |
| | | | | | 9 | | 1 | 4 |
| 2 | | | | 3 | | 6 | | |
| | 1 | | 2 | | 6 | 9 | | 5 |
| | | | | 5 | | | | |
| 3 | 9 | | 8 | | | | | |
| | | 7 | 3 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 1 | 7 | 3 | 8 | 6 | 5 | 9 | 4 |
| 6 | 5 | 9 | 2 | 4 | 7 | 8 | 3 | 1 |
| 8 | 3 | 4 | 9 | 5 | 1 | 7 | 6 | 2 |
| 7 | 8 | 5 | 4 | 3 | 2 | 9 | 1 | 6 |
| 4 | 6 | 1 | 7 | 9 | 8 | 2 | 5 | 3 |
| 3 | 9 | 2 | 6 | 1 | 5 | 4 | 7 | 8 |
| 5 | 2 | 3 | 1 | 7 | 4 | 6 | 8 | 9 |
| 1 | 4 | 8 | 5 | 6 | 9 | 3 | 2 | 7 |
| 9 | 7 | 6 | 8 | 2 | 3 | 1 | 4 | 5 |

ଗତକାଲିର ଉତ୍ତର

# କୃତ୍ରିମ ଅମରତ୍ୱ



ଡା. ସମ୍ରାଟ କର

ଯଦି ଆମେ ୮୦ ବର୍ଷ ବୟସରେ ଜନ୍ମଧାରଣ କରି ଧୀରେ ଧୀରେ ୧୮ ବର୍ଷ ଆଡ଼କୁ ଗତି କରିବା, ତେବେ ଜୀବନ ଅନିର୍ଦ୍ଦିଷ୍ଟ କାଳଯାଏ ସୁଖଶୀଳ ହୋଇ ରହିପାରିବ ବୋଲି ଆମେରିକାର ଖ୍ୟାତନାମା ସାହିତ୍ୟିକ ମାର୍କ ଟ୍ୱେନ୍ ଦେଇଥିବା ବକ୍ତବ୍ୟ ଯୁଗେ ଯୁଗେ ଏକ ପରିକଳ୍ପନା ହୋଇ ରହିଆସିଛି। ତାହାକୁ ଭିତ୍ତିକରି ଆମ ମନୁଷ୍ୟ ସମାଜ ଯୁବସୁଲଭ ଠାଣିରେ ଅମର ହୋଇ ବଞ୍ଚିରହିବାର ବାସ୍ତବ ରୂପରେଖ ଶତାବ୍ଦୀ ଶତାବ୍ଦୀ ଧରି ଖୋଜି ଚାଲିଛି। ତେବେ ମନୁଷ୍ୟ ବାସ୍ତବରେ ସର୍ବାଧିକ କେତେଦିନ ଯାଏ ବଞ୍ଚିପାରିବ, ତାହାର ଉତ୍ତର ବାହାର କରିବାକୁ ସିଙ୍ଗାପୁରର କିଛି ଗବେଷକ ସେମାନଙ୍କର ଅନୁଧାନ ଜାରି ରଖିଛନ୍ତି। ଏ ପରିପ୍ରେକ୍ଷୀରେ ମନୁଷ୍ୟ ୧୨୦ରୁ ୧୫୦ ବର୍ଷ ଯାଏ ଜୀବନଧାରଣ କରିପାରିବ ବୋଲି ଜିରୋ ନାମକ ଜୈବପ୍ରଯୁକ୍ତି କମ୍ପାନୀର ଏହି ଗବେଷକମାନେ କହିଛନ୍ତି। ନେଚର କମ୍ୟୁନିକେଶନ ପତ୍ରିକାରେ ପ୍ରକାଶିତ ସେମାନଙ୍କର ରିପୋର୍ଟ ଅନୁଯାୟୀ, ମୃତ୍ୟୁ ଜୀବନର ଏକ ଅନ୍ତର୍ଭୁକ୍ତ ବା ସ୍ୱାଭାବିକ ଜୈବଗୁଣ, ଯାହା ବିଭିନ୍ନ ଚାପ ଉପରେ ନିର୍ଭର କରି ନ ଥାଏ। ଆମେରିକା, ରୁଷିଆ ଓ ବ୍ରିଟେନ୍‌ର ବିଭିନ୍ନ ଗୋଷ୍ଠୀର ସ୍ୱାସ୍ଥ୍ୟ ସଂକ୍ରାନ୍ତ ତଥ୍ୟାବଳୀକୁ ତର୍ଜମା କରି ସେମାନେ ଏପରି ନିର୍ଯାସ ପାଇପାରିଛନ୍ତି। ଲୋକେ ପ୍ରତ୍ୟହ ନେଉଥିବା ବିଭିନ୍ନ ପଦକ୍ଷେପ ସାଙ୍ଗକୁ ସେମାନଙ୍କ ରକ୍ତକଣିକା ସଂଖ୍ୟାରେ ସଂଘଟିତ ପରିବର୍ତ୍ତନକୁ ସେମାନେ ପୁଙ୍ଖାନୁପୁଙ୍ଖ ଅନୁଧାନ କରିଥିଲେ। ମନୁଷ୍ୟର ବୟସ ବଢ଼ିବା ଦ୍ୱାରା ଏପରି ସାର୍ବଜନୀନ ଉପାଦାନ ପ୍ରଦର୍ଶନ କରିଥାଏ, ଯାହା ବିଘଟନ ପାଇଁ କାର୍ଯ୍ୟ କରୁଥିବା ଜଟିଳ ପ୍ରକ୍ରିୟା ସହ ସମତୁଲ ବୋଲି ସେମାନେ କହିଛନ୍ତି। ତେଣୁ ବୟସ ବଢ଼ିବା ସହ କୌଣସି ରୋଗ ବାହାରେ ବି ଶରୀରରେ କ୍ଷୟପ୍ରାପ୍ତ ରକ୍ତକଣିକା ସଂଖ୍ୟାର ଭରଣା ପାଇଁ ସାମର୍ଥ୍ୟ କମି କମି ଆସିଥାଏ। ରକ୍ତକଣିକା ସଂଖ୍ୟାରେ ଏପରି ଅଧୋଗତି ହିଁ ସ୍ୱାଭାବିକ ମୃତ୍ୟୁର ଆଗମନକୁ ନିର୍ଦ୍ଧାରଣ କରିଥାଏ। ଏପରି ରକ୍ତକଣିକା ହ୍ରାସରେ ଭରଣା କରିବାର ସାମର୍ଥ୍ୟ ୧୨୦ରୁ ୧୫୦ ବର୍ଷ ଭିତରେ ସମ୍ପୂର୍ଣ୍ଣ ଲୋପ ପାଇଯାଇଥାଏ।

ଆମ ଶାସ୍ତ୍ର ପୁରାଣଗୁଡ଼ିକରେ ଦେବତା, ରାକ୍ଷସ ଓ ମନୁଷ୍ୟମାନଙ୍କର ଅମରତ୍ୱ ନେଇ ଅନେକ କାହାଣୀ ରହିଛି। ଏବେ ବି ଅନେକ ଲୋକ ଅମର ହେବାକୁ ହୁଏତ ଚାହୁଁଥିବେ, କିନ୍ତୁ ଏହା ଅକାଟ୍ୟ ଯେ –'ମର୍ତ୍ତ୍ୟମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ।' ସେଇ କାରଣରୁ ବୋଧହୁଏ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଏବେ ବାସ୍ତବ ଅମରତ୍ୱ ନୁହେଁ, ମଣିଷ କୃତ୍ରିମ ଅମରତ୍ୱର ଉପାୟ ସୃଷ୍ଟି କରିଛି। ଫେସ୍‌ବୁକ୍ ଭଳି ସାରା ପୃଥିବୀର ଲୋକଙ୍କୁ ପ୍ରତି ମୁହୂର୍ତ୍ତରେ ଏକାଠି ଯୋଡୁଥିବା ସୋସିଆଲ ନେଟ୍‌ୱର୍କିଂ ସାଇଟ୍‌ଗୁଡ଼ିକ ଏଭଳି ଏକ କୃତ୍ରିମ ଦୁନିଆ ସୃଷ୍ଟି କରିଛନ୍ତି, ଯେଉଁଠି ଅନେକ ବାସ୍ତବ ମୃତ୍ୟୁ ପରେ ବି ଅମର ହୋଇ ରହିଛନ୍ତି ଅର୍ଥାତ୍ ସେମାନଙ୍କର ଡିଜିଟାଲ ଆତ୍ମା ବଞ୍ଚିରହିଛି। କଥା ହେଉଛି, ଫେସ୍‌ବୁକ୍‌ରେ ଏଭଳି କୋଟି କୋଟି ମୃତ ଲୋକଙ୍କ ଖାତା ସକ୍ରିୟ ରହିଛି, ଯେଉଁମାନେ ଏ ଧରାଧାମରୁ କେବେଠୁ ବିଦାୟ ନେଇସାରିଲେଣି। ନିକଟରେ ପ୍ରକାଶିତ ଏକ ତଥ୍ୟ ଅନୁଯାୟୀ, ଫେସ୍‌ବୁକ୍ ଆରମ୍ଭ ହେବାର ଆଠବର୍ଷ ପରେ ପ୍ରାୟ ୩ କୋଟି ଫେସ୍‌ବୁକ୍ ବ୍ୟବହାରକାରୀଙ୍କ ମୃତ୍ୟୁ ଘଟିଥିଲା। ଅନୁମାନ ଅନୁଯାୟୀ ପ୍ରତିଦିନ ପ୍ରାୟ ୮ ହଜାର ଫେସ୍‌ବୁକ୍ ସଦସ୍ୟଙ୍କ ମୃତ୍ୟୁ ହୋଇଥାଏ। କିନ୍ତୁ ସେହି ବ୍ୟକ୍ତିମାନଙ୍କୁ ଜନ୍ମଦିନ ଶୁଭେଚ୍ଛା ପଠାଇବା ପାଇଁ ଅନ୍ୟ ସଦସ୍ୟମାନଙ୍କୁ ଫେସ୍‌ବୁକ୍



ପକ୍ଷରୁ ମନେ ପକାଇ ଦିଆଯାଇଥାଏ। ପ୍ରକୃତରେ ଏଥିପାଇଁ ଏହି ସାଇଟ୍ ବା ତା'ର କର୍ତ୍ତୃପକ୍ଷଙ୍କୁ ଦୋଷ ଦେଇହେବନାହିଁ, କାରଣ ସେଥିପାଇଁ ଏକ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ଖଞ୍ଜାଯାଇଛି। ଫେସ୍‌ବୁକ୍ ବ୍ୟବହାରକାରୀର ମୃତ୍ୟୁ ହେଲେ ତା'ର ସୂଚନା ତା ଖାତା(ଆକାଉଣ୍ଟ)ରେ ଦିଆଯିବା ଆବଶ୍ୟକ। ତା'ପରେ ତାହା ସ୍ମୃତି ଖାତା ହୋଇଯାଏ ଓ ସେହି ବ୍ୟକ୍ତିର ଜନ୍ମଦିନ ଶୁଭେଚ୍ଛା ପଠାଇବା ବନ୍ଦ ହୋଇଯାଏ। ସମସ୍ୟା ହେଉଛି, କୋଟି କୋଟି ଫେସ୍‌ବୁକ୍ ବ୍ୟବହାରକାରୀଙ୍କର ଇତିମଧ୍ୟରେ ମୃତ୍ୟୁ ହୋଇଥିଲେ ହେଁ ସେମାନଙ୍କର ଖାତା ସ୍ମୃତି ହେବା ପାଇଁ ଯେଉଁ ବ୍ୟବସ୍ଥାଟି ରହିଛି, ଜାଣତ ବା ଅଜାଣତରେ ତା'ର ଠିକ୍ ଉପଯୋଗ ହେଉନାହିଁ। ଆହୁରି ମଧ୍ୟ ଅନେକ ମୃତକଙ୍କ ଖାତାକୁ ସେମାନଙ୍କ ସମ୍ପର୍କୀୟ ସକ୍ରିୟ ରଖୁଥିବା ଜଣାଯାଏ। କେବଳ ସେତିକି ନୁହେଁ, ପାଶ୍ଚାତ୍ୟ ଜଗତରେ ଏଭଳି ଡିଜିଟାଲ ଆତ୍ମାକୁ ଅମର ରଖିବା ପାଇଁ ଅର୍ଥାତ୍ ସେହି ବ୍ୟକ୍ତିର ଇଣ୍ଟରନେଟ୍ ଉପସ୍ଥିତିକୁ ସକ୍ରିୟ ରଖିବା ଲାଗି ସେବା ଯୋଗାଇବାକୁ ମଧ୍ୟ କେତେକ କମ୍ପାନୀ ଖୋଲିଗଲାଣି। ଧରାଧାମରୁ ବିଦାୟ ନେଇସାରିଥିଲେ ହେଁ ଜଣକର ଡିଜିଟାଲ ଅସ୍ତିତ୍ୱ ବା ଡିଜିଟାଲ ଆତ୍ମା ଦୁନିଆରେ ବିଚରଣ କରୁ ବୋଲି ଚାହୁଁଥିବା ଲୋକେ ଉଭଟ ହେଲେ ବି ଏଭଳି ସେବାକୁ ଆପଣାଇଛନ୍ତି।

ଶରୀରର ମୃତ୍ୟୁ ହେଲେ ବି ମଣିଷର ଡିଜିଟାଲ ଅବତାରକୁ ବଞ୍ଚାଇ ରଖାଯାଉଛି ଏଇଥିପାଇଁ ଯେ ଭବିଷ୍ୟତରେ କୌଣସି ବ୍ୟକ୍ତି ସେସବୁ ତଥ୍ୟ, ଫଟୋ ବା ଭିଡିଓକୁ ଆଧାରକରି ତା' ସହ ସମ୍ବନ୍ଧ ଯୋଡ଼ିପାରିବ। ତା'ର ଆଚାର, ବିଚାର ଆଦି ସମ୍ପର୍କରେ ଅବହିତ ହୋଇପାରିବ। ଆଜିକାଲି କୋଟି କୋଟି ଲୋକ ଫେସ୍‌ବୁକ୍‌ରେ କଥା, ଚିତ୍ର ବା ଭିଡିଓ ଉପସ୍ଥାପନ କରି ଆତ୍ମକଥା ଜଣାଇବାକୁ ଏକ ଦୈନନ୍ଦିନ କାର୍ଯ୍ୟରେ ପରିଣତ କରିଦେଲେଣି। ଯଦି ସେମାନଙ୍କ ମୃତ୍ୟୁର ଅନେକ ବର୍ଷ ପରେ କେହି ବନ୍ଧୁ ସେଗୁଡ଼ିକୁ ଦେଖେ, ତାହା ସଂପୃକ୍ତ ବ୍ୟକ୍ତିଟିର ଉପସ୍ଥିତିକୁ ଅନୁଭବ କରାଇଦେବ। ତେଣୁ ଫେସ୍‌ବୁକ୍‌ରେ ଡିଜିଟାଲ ଆତ୍ମାର ଏ ଅମରତ୍ୱ ଅନେକଙ୍କ ପାଇଁ ସାନ୍ତ୍ୱନାର ବିଷୟ ବୋଲି କୁହାଯାଉଛି। ଆଧୁନିକ ସୂଚନା ପ୍ରଯୁକ୍ତି ଉଦ୍ୟୋଗ ଏହି ଡିଜିଟାଲ ଆତ୍ମାକୁ ଦୀର୍ଘଜୀବୀ କରିବା ପାଇଁ ମଧ୍ୟ ବିଭିନ୍ନ ପ୍ରକାର ଉପାୟ ବାହାର କରୁଛି। କେତେକ ବୈଜ୍ଞାନିକ ଏଭଳି ରୋବଟ୍ ତିଆରି କରୁଛନ୍ତି, ଯେଉଁମାନେ ମୃତ ବ୍ୟକ୍ତି ଭଳି ଦିଶିବେ ଓ ସେମାନଙ୍କ ଭଳି କଥା ବି କହିବେ। ଏହାଦ୍ୱାରା ମୃତକଟି ଅନ୍ୟମାନଙ୍କ ପାଇଁ ଅମର ହୋଇ ରହିବ। ଏହି କୃତ୍ରିମ ଅମରତ୍ୱ ଅନେକଙ୍କୁ ଆକର୍ଷଣୀୟ ଓ ମଜାଦାର ଲାଗୁଥାଇପାରେ। ମାତ୍ର ଏହା ଭିତରେ ଯେ ମଣିଷ ମନର ଦୁର୍ବଳତା ଲୁଚିରହିଛି, ଯାହା ତା' ପାଇଁ ବିପଜ୍ଜନକ ତାହା ଜାଣିବା ଆବଶ୍ୟକ। ଜନ୍ମ ହେଲେ ମୃତ୍ୟୁ ଅନିବାର୍ଯ୍ୟ। ଜୀବନ ଯେତିକି ଜରୁରୀ, ମୃତ୍ୟୁ ବି ସେତିକି ଜରୁରୀ। ମଣିଷ ନିଜକୁ ସାନ୍ତ୍ୱନା ଦେବା ପାଇଁ କୃତ୍ରିମ ଅମରତ୍ୱ ସୃଷ୍ଟି ତାକୁ ଦିନେ ଯେ କବରଖାନାର ଭୂତ ହୋଇ ନ ଡରାଇବ, ତାହା କହିହେବ ନାହିଁ। ଡିଜିଟାଲ କବରଖାନାରେ ଥିବା କୋଟି କୋଟି ମୃତକଙ୍କ ସୂଚନା ଆମର ବାସ୍ତବ ପୃଥିବୀକୁ ମଧ୍ୟ ପ୍ରଭାବିତ କରିପାରେ। ଅର୍ଥାତ୍ ମଣିଷର ଖୁସିକୁ ବଢ଼ାଇଦେବା ବଦଳରେ ସୁଖୀ ମଣିଷଟିକୁ ମଧ୍ୟ ଖୁବ୍ ଦୁଃଖୀ କରିଦେଇପାରେ। ମୃତ୍ୟୁକୁ ସ୍ୱାଭାବିକ ଭାବେ ମଣିଷ ଗ୍ରହଣ କରିବା ହିଁ ତା' ପାଇଁ ଶ୍ରେୟସ୍କର। କୃତ୍ରିମ ଅମରତ୍ୱ କେବଳ ଏକ ଅବୋଧ ପରିକଳ୍ପନା।

**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ୍, କଟକ, ମୋ:୯୧୩୨୪୩୩୩୩୩**

## ପାଠକ ଶ୍ରେଷ୍ଠ ବିଚାରକ

### ଘନ ଘନ ବିଜୁଳି କାଟ

ମହାଶୟ,

ବିଏମ୍‌ସି ଅନ୍ତର୍ଗତ ୬୨ ନଂ. ୱାର୍ଡରେ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ଦେଖାଯାଉଛି। ସାମାନ୍ୟ କାରଣରୁ ଘଣ୍ଟା ଘଣ୍ଟା ଧରି ଲାଇନ କାଟିଦିଆଯାଉଛି। ଅନେକ ସମୟ ବିଦ୍ୟୁତ୍ ଘନ ଘନ କଟୁଛି। ବିଦ୍ୟୁତ୍ ବିଭାଗର ରକ୍ଷଣାବେକ୍ଷଣ ଅଭାବରୁ କେତେକ ଖୁଣ୍ଟ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଅନନ୍ତ ବିହାରର କୋକିଳା ଆନେକ୍ସକୁ ଯାଇଥିବା ରାସ୍ତା ପାର୍ଶ୍ୱରେ ଏକ ବିଦ୍ୟୁତ୍ ଖୁଣ୍ଟ ମୂଳ ନଷ୍ଟହୋଇ ବିପଦପୂର୍ଣ୍ଣ ଅବସ୍ଥାରେ ଗତ ୬ ମାସ ଧରି ଝୁଲିରହିଛି। ଏ ସମ୍ପର୍କରେ ବିଭାଗୀୟ କର୍ମଚାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଗୁରୁତ୍ୱ ଦେଉନାହାନ୍ତି। ଭଙ୍ଗାଖୁଣ୍ଟ କେତେବେଳେ ଭୁଶୁଡ଼ିପଡ଼ି ଧନଜୀବନ ନଷ୍ଟ କରିବ ତାହା କହିହେବ ନାହିଁ। ପ୍ରତି ମାସରେ ବିଦ୍ୟୁତ୍ ଶୁଳ୍କ ଦେଇ ଆସୁଥିବା ଉପଭୋକ୍ତାମାନେ ଖରା ମାସରେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଉପଭୋକ୍ତାମାନଙ୍କୁ ଉତ୍ତମ ବିଦ୍ୟୁତ୍ ସେବା ଯୋଗାଇବାକୁ ସରକାର ଘରୋଇ କମ୍ପାନୀଙ୍କୁ ଦାୟିତ୍ୱ ଦେଇଛନ୍ତି। କିନ୍ତୁ ପୂର୍ବାପେକ୍ଷା ଉପଭୋକ୍ତାମାନେ ଅଧିକ ହଟହଟା ହେଉଛନ୍ତି। ଶିଶୁଠାରୁ ବୟସ୍କ ବ୍ୟକ୍ତି ବିଦ୍ୟୁତ୍ ବିଭ୍ରାଟର ଶିକାର ହେଉଛନ୍ତି। ଏହାର ସୁଧାର ହେବ କେବେ ? ଏ ଦିଗରେ କର୍ତ୍ତୃପକ୍ଷ ଦୃଷ୍ଟି ନ ଦେଲେ ସ୍ଥାନୀୟ ବିଦ୍ୟୁତ୍ ଉପଭୋକ୍ତାମାନେ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ।

**–ନିର୍ମଳ ଚନ୍ଦ୍ର ସାମଲ, ପୋଖରୀପୁଟ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସେ ପଥ ଯେ ପ୍ରିୟ ତବ ପାରେ କିଏ
କରି ଅସ୍ୱୀକାର,
କ୍ଳାନ୍ତ ଅଙ୍ଗୁ ଝରି କେତେ ଘର୍ମ ବିନ୍ଦୁ
ସିକ୍ତ ଧୂଳି ତାର।
–(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ରାଜ୍ୟର ୮ କେନ୍ଦ୍ରରେ ହେବ ସିଇଇ

**ଆର୍ମି ନିଯୁକ୍ତି ରାଲି**

କଟକ ଅଫିସ, ୨୦।୪

ଭାରତୀୟ ସେନା ପକ୍ଷରୁ ସୈନିକ ନିଯୁକ୍ତି ପ୍ରକ୍ରିୟାରେ କେତେକ ପରିବର୍ତ୍ତନ କରାଯାଇଛି। ଜୁନିୟର କମିଶନ୍ଡ ଅଧିକାରୀ ଓ ଯବାନଙ୍କ ନିଯୁକ୍ତି ନିମନ୍ତେ ପ୍ରଥମ ପର୍ଯ୍ୟାୟରେ କମ୍ପ୍ୟୁଟର ଆଧାରିତ ଅନ୍‌ଲାଇନ ସାଧାରଣ ପ୍ରବେଶିକା ପରୀକ୍ଷା (ସିଇଇ) କରାଯିବ। ଏହି ପରୀକ୍ଷା ଏପ୍ରିଲ ୧୭ରୁ ଦେଶର ୩୭୫ ପରୀକ୍ଷା କେନ୍ଦ୍ରରେ ଆରମ୍ଭ ହୋଇଛି। ଏହି ପରୀକ୍ଷା ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ଓଡ଼ିଶାର ଭୁବନେଶ୍ୱର (ମଞ୍ଚେଶ୍ୱର, ପଟିଆ), ବାଲେଶ୍ୱର, ଢେଙ୍କାନାଳ, ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର (ଖଲିକୋଟ୍, ଗୋଲନ୍ଥରା)ରେ ୮ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ଶିକ୍ଷା ମନ୍ତ୍ରଣାଳୟ ଅଧୀନ ଏଜୁକେଶନ କନ୍‌ସଲ୍‌ଟାନ୍ସି ସର୍ଭିସେସ୍ ଇଣ୍ଡିଆ ଲିମିଟେଡ୍ ଏହି ପରୀକ୍ଷା ପରିଚାଳନା କରୁଛି।

ସୂଚନାଯୋଗ୍ୟ, ଚଳିତବର୍ଷ ତିନୋଟି ପର୍ଯ୍ୟାୟରେ ସୈନିକ ନିଯୁକ୍ତି କରାଯିବ। ପ୍ରଥମ ପର୍ଯ୍ୟାୟରେ www.joinindianarmy.nic.in ଅନ୍‌ଲାଇନ୍ ପଞ୍ଜୀକରଣ ଓ ଆବେଦନ କରିଥିବା ଆବେଦନକାରୀ ଅନ୍‌ଲାଇନ ସାଧାରଣ ପ୍ରବେଶିକା ପରୀକ୍ଷା ଦେବେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ସେମାନେ ଜୁନ୍‌ରେ ସେନା ନିଯୁକ୍ତି କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଧାରିତ କରାଯାଇଥିବା ସ୍ଥାନରେ ଶାରୀରିକ ସ୍ୱାସ୍ଥ୍ୟ ପରୀକ୍ଷା ଓ ଶାରୀରିକ ମାପ ପରୀକ୍ଷାକୁ ସାମ୍ନା କରିବେ। ଶେଷରେ ଅର୍ଥାତ୍ ତୃତୀୟ ପର୍ଯ୍ୟାୟରେ ଚୟନ ହୋଇଥିବା ପ୍ରାର୍ଥୀଙ୍କର ମେଡିକାଲ ଟେଷ୍ଟ କରାଯିବ। ଏହା ପରେ ସଫଳ ପ୍ରାର୍ଥୀଙ୍କ ନାମ ଘୋଷଣା ହେବ। ଅପରପକ୍ଷରେ ସୈନ୍ୟବାହିନୀରେ ନିଯୁକ୍ତି ପାଇଁ କଟକସ୍ଥିତ ଆର୍ମି ରିକ୍ରୁଟମେଣ୍ଟ ଅଫିସ (ଏଆରଓ) ପକ୍ଷରୁ ଓଡ଼ିଶାର ୧୩୬ ସ୍କୁଲ, ୪୮ କଲେଜ ଓ ୪୪ ଆଇଟିଆଇରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଏଥିସହ ପ୍ରତି ଜିଲାରେ ବ୍ୟାଖ୍ୟାନ, ପ୍ରେଜେଣ୍ଟେସନ ଓ ପାମ୍ପଲେଟ୍ ବିତରଣ ହୋଇଛି। ଛାତ୍ରୀଛାତ୍ରମାନଙ୍କୁ ଓଡ଼ିଆ ଭାଷାରେ ଭିଡିଓ ବାର୍ତ୍ତା ମଧ୍ୟ ପଠାଯାଇଛି। ସଂଶୋଧିତ ଭର୍ତ୍ତି ପ୍ରଣାଳୀ ନିଯୁକ୍ତି ପ୍ରକ୍ରିୟାକୁ ଅଧିକ ସୁବ୍ୟବସ୍ଥିତ କରିବ ବୋଲି ଏଆରଓ ପକ୍ଷରୁ ଗୁରୁବାର ଏକ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି।

# ବାରଣ୍ଡାରେ ଶୋଉଛନ୍ତି ପ୍ରସୂତି, ନବଜାତ ଶିଶୁ

**କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ**

କେନ୍ଦୁଝର,୨୦।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ମାତୃ ଓ ଶିଶୁ ବିଭାଗରେ ନବଜାତ ଶିଶୁ ଓ ପ୍ରସୂତି ଶଯ୍ୟା ଅଭାବରୁ ବାରଣ୍ଡାରେ ଶୋଉଥିବା ଦେଖିବାକୁ ମିଳିଛି। ସାଧାରଣ ଲୋକଙ୍କ ଯାତାୟାତ ସ୍ଥାନ ତଥା ଶିଡ଼ି ନିକଟରେ ଏଭଳି ନବଜାତ ଶିଶୁଙ୍କୁ ଧରି ଗରିବ ଅସହାୟା ଆଦିବାସୀ ମହିଳା ଶୋଇବା ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଉଭୟ ଶିଶୁ ଓ ମା'ଙ୍କ ସ୍ୱାସ୍ଥ୍ୟଗତ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ବାଂଶପାଳ ବ୍ଲକ୍ ଜାମୁଡିହା ଗ୍ରାମର ଲମ୍ବୋଦର ଜୁଆଙ୍ଗ ସ୍ତ୍ରୀଙ୍କ ପ୍ରସବ ଯନ୍ତ୍ରଣା ହେବାରୁ ବୁଧବାର ବିଳମ୍ବିତ ରାତିରେ ମେଡିକାଲ ଆଣିଥିଲେ। ଗୁରୁବାର ତାଙ୍କର ସନ୍ତାନ ଜନ୍ମ ପରେ ସ୍ଥାନ ଅଭାବରୁ ଶିଡ଼ି ନିକଟ ବାରଣ୍ଡାରେ ରଖାଯାଇଥିଲା। ସେହିପରି ହରିଚନ୍ଦନପୁରରୁ ଆସିଥିବା ଯଶୋଦା ବେହେରାଙ୍କ ଗୁରୁବାର ସନ୍ତାନ ଜନ୍ମ ପରେ ବାରଣ୍ଡାରେ ସ୍ଥାନ ମିଳିବାରୁ ନବଜାତ ଶିଶୁକୁ ଧରି ସେଠାରେ ଶୋଇଥିଲେ। ପ୍ରବଳ ଗରମ ସମୟରେ ଏଭଳି ବହୁ ମହିଳା ଓ ଶିଶୁ ଚିକିତ୍ସିତ ହେଉଥିଲେ ମଧ୍ୟ କାହାରି ନଜର ନାହିଁ। ଫଳରେ ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କିଶୋର ଚନ୍ଦ୍ର ପୃଷ୍ଟି କହିଛନ୍ତି, ଉକ୍ତ ବିଭାଗରେ ଶଯ୍ୟା ସଂଖ୍ୟା ୫୦ ରହିଛି। ମାତ୍ର ଦୈନିକ ୩୦୦ରୁ ଊର୍ଦ୍ଧ୍ୱ ରୋଗୀ ଆସୁଛନ୍ତି। ତେଣୁ ଶଯ୍ୟା ଅଭାବ ଦେଖାଦେଉଛି। ଶଯ୍ୟାସଂଖ୍ୟା ବୃଦ୍ଧି ନେଇ ଜିଲା ପ୍ରଶାସନ ସହ ଆଲୋଚନା ହୋଇଥିବା ସେ କହିଥିଲେ।



ବାରଣ୍ଡାରେ ନବଜାତ ଶିଶୁଙ୍କୁ ଧରି ଶୋଇଥିବା ମହିଳା।

# ପୁରୁଣା ସ୍କୁଲଗୃହ ଭାଙ୍ଗି ନେଇଗଲେ ଆଜ୍‌ବେଷ୍ଟସ୍, ଝରକା ସହ ଇଟା

**ପ୍ରତିବାଦ କରିବାରୁ ଦେଲେ ଧମକଚମକ, ଉତ୍ତେଜନା**

ଦଶମନ୍ତପୁର,୨୦।୪ (ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଚିକାମ୍ବ ପଞ୍ଚାୟତର ପିରିମାଛ ଗ୍ରାମରେ ଥିବା ଏକ ପୁରୁଣା ସରକାରୀ ସ୍କୁଲ ଗୃହରୁ ସାମଗ୍ରୀ ଚୋରି ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଏନେଇ ଦୁଇପକ୍ଷଙ୍କ ମଧ୍ୟରେ ଟଣାଓଟରା ଲାଗି ଘଟଣା ଥାନାରେ ପହଞ୍ଚିଛି।

ଖବରରୁ ଜଣାପଡ଼ିଛି, ଏହି ଗ୍ରାମରେ ପିଲାଙ୍କ ପାଠପଢ଼ା ପାଇଁ ୧୯୯୧ରେ ପ୍ରଥମରୁ ୫ମ ଶ୍ରେଣୀ ଯାଏ ଏକ ବିଦ୍ୟାଳୟ ନିର୍ମାଣ କରାଯାଇଥିଲା। ବିଦ୍ୟାଳୟରେ ୪୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିଲେ। ଦୀର୍ଘ ୨୫ ବର୍ଷ ପରେ ବିଦ୍ୟାଳୟଟି ଜରାଜୀର୍ଣ୍ଣ ହୋଇପଡ଼ିବାରୁ ସେହି ଗ୍ରାମରେ ଏକ ନୂତନ କୋଠା ନିର୍ମାଣ କରାଯାଇ ସେଠାକୁ ବିଦ୍ୟାଳୟ ସ୍ଥାନାନ୍ତର ହୋଇଥିଲା। ତେବେ ଦୀର୍ଘ ୫ ବର୍ଷ ହେବ ପୁରାତନ ବିଦ୍ୟାଳୟଟି ବନ୍ଦ ରହିଥିଲା। ଏହାର ସୁଯୋଗ ନେଇ ଗ୍ରାମର ସ୍କୁଲ ପରିଚାଳନା କମିଟିର କେତେ ଜଣ ସଦସ୍ୟ ପୁରାତନ ବିଦ୍ୟାଳୟର ସାମଗ୍ରୀ ଆଜବେଷ୍ଟ, ଝରକା ଏବଂ ଇଟାଗୁଡ଼ିକୁ ଗ୍ରାମବାସୀଙ୍କ ଅଜାଣତରେ ଭାଙ୍ଗି ନିଜ ଘରକୁ ନେଇ ଯାଉଥିଲେ। ଏହା ଜାଣିବା ପରେ ଗ୍ରାମର ରତନୁ ଜାନିଙ୍କ ପୁଅ ବୋଗି ବିରୋଧ କରିଥିଲେ। ସ୍କୁଲ ସାମଗ୍ରୀ ନେବା ସମ୍ପର୍କରେ ସେମାନଙ୍କୁ ପଚରାଉଚରା କରିଥିଲେ। ଫଳରେ ବୋଗିଙ୍କୁ କେତେ ଜଣ ବ୍ୟକ୍ତି ବିଭିନ୍ନ ଧମକଚମକ ଦେଇଥିଲେ। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ବୋଗି ଥାନାର ଦ୍ୱାରସ୍ଥ ହୋଇ ଗ୍ରାମର ରଘୁ ବାଘ, ପ୍ରଦୀପ ବାଘ, ପାତ୍ର ଜାନି, ପୁରେନ୍ଦ୍ର ଜାନି ଓ ମୋହନ କନ୍ଧଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ବୋଗି ଥାନାର ଦ୍ୱାରସ୍ଥ ହୋଇଥିବା ଶୁଣି ଅନ୍ୟ ପକ୍ଷ ମଧ୍ୟ ବୋଗିଙ୍କ ନାମରେ ଏକ ଏତଲା ଦେଇଛନ୍ତି। ଉଭୟ ଅଭିଯୋଗକୁ ଭିତ୍ତିକରି ଥାନା ଅଧିକାରୀ ଚନ୍ଦ୍ରଭାନୁ ମହାନ୍ତିଙ୍କ ତତ୍ତ୍ୱାବଧାନରେ ସେକେଣ୍ଡ ଅଫିସର ନିର୍ମଳା ଲିମା ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।



ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

## ବୋମା ନିଷ୍କ୍ରିୟ ବେଳେ ବିସ୍ଫୋରଣ, ଯବାନ ଗୁରୁତର

ମାଲକାନଗିରି,୨୦।୪(ଡି.ଏନ୍.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲାରେ ମାଓବାଦୀମାନେ ଯବାନଙ୍କୁ ଟାର୍ଗେଟ୍ କରିଛନ୍ତି। କିଛି ଅଘଟଣ ଘଟାଇବା ଲାଗି ଆଇଇଡି ବୋମା ଖଞ୍ଜିଛନ୍ତି। ତେବେ ଏହାକୁ ଯବାନମାନେ ସଫଳ ହେବାକୁ ଦେଇନାହାନ୍ତି। ଖବରରୁ ଜଣାପଡିଛି, ବିଜାପୁର ଜିଲାର ନେଲସନାର ଥାନା ଅଞ୍ଚଳରେ ଗୁରୁବାର ସକାଳେ ପୋଲିସ ମାଓବାଦୀ ଦମନ ନେଇ ସର୍ଚ୍ଚ ଅପରେଶନ ଚଳାଇଥିଲେ। ଏହି ସମୟରେ ସେମାନେ କିଛି ଦୂର ଯିବା ପରେ ମାଓବାଦୀମାନେ ଏକ ଆଇଇଡି ବୋମା ଖଞ୍ଜିଥିବା ଦେଖିବାକୁ ପାଇଥିଲେ। ଯବାନମାନେ ତୁରନ୍ତ ଏହି ବୋମାକୁ ଜବତକରି ନିଷ୍କ୍ରିୟ କରିବାକୁ ପଦକ୍ଷେପ ନେଇଥିଲେ। ବୋମା ନିଷ୍କ୍ରିୟ ବେଳେ ଏହା ହଠାତ୍ ବିସ୍ଫୋରଣ ହେବାରୁ ଜଣେ ଯବାନ ସୀତାରାମ କୁଦିଆମ୍ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ପରେ ଦାନ୍ତେୱାଡା ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସମ୍ପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନକୁ ଜୋର୍‌ଦାର କରାଯାଇଛି।

# ଅଭିନବ ଉପାୟରେ ୧.୧୦ଲକ୍ଷ ଠକେଇ

ବାଲେଶ୍ୱର ଅଫିସ/ବାହାନଗା, ୨୦।୪(ଡି.ଏନ.ଏ.)

- ଜଣେ ଗିରଫ
- କାଗଜକୁ କେମିକାଲରେ ବୁଡ଼ାଇଲେ ହେବ ୫ଶହ ଟଙ୍କିଆ ନୋଟ୍ କହି ଭଣ୍ଡାଇଥିଲେ

କାଗଜକୁ କେମିକାଲରେ ବୁଡ଼ାଇଲେ ହେବ ୫ଶହ ଟଙ୍କିଆ ନୋଟ। ଏଭଳି ମିଛରେ ଭଣ୍ଡାଇ ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଅଞ୍ଚଳର ସୁନୀଲ ବିଶ୍ୱାଳ (୪୫) ନାମକ ଯୁବକ ସୋନପୁର ଜିଲା ବୀରମହାରାଜପୁର ଅଞ୍ଚଳର ସନ୍ତୋଷ କୁମାର ମହାକୁଡ଼ଙ୍କଠାରୁ ୧ଲକ୍ଷ ୧୦ହଜାର ଟଙ୍କା ଠକିନେଇଛନ୍ତି। ଏନେଇ ସନ୍ତୋଷ ଖନ୍ତାପଡ଼ା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୯୨/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଠକେଇ କରିଥିବା ସୁନୀଲଙ୍କୁ ଗିରଫ କରାଯିବା ସହ କୋର୍ଟଚାଲାଣ କରାଯାଇଥିବା ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ଶଶାଙ୍କ ଶେଖର ବେହେରା ସୂଚନା ଦେଇଛନ୍ତି।

ବୀରମହାରାଜପୁର ଅଞ୍ଚଳର ସନ୍ତୋଷ ଏକ ଜ୍ୟୋତିଷ କାମ କରୁଥିବା ଠକ ବ୍ୟକ୍ତିଙ୍କ ହାବୁଡ଼ରେ ପଡ଼ିଥିଲେ। ସେ ହାତ ସଫେଇ ମାଧ୍ୟମରେ କାଗଜକୁ ଏକପ୍ରକାର କେମିକାଲରେ ବୁଡ଼ାଇ ୫ଶହ ଟଙ୍କିଆ ନୋଟ୍ କରାଇ ଦେଉଥିବା ଦେଖାଇଥିଲେ। ଏଥିରେ ପ୍ରଭାବିତ ହୋଇ ସନ୍ତୋଷ ଉକ୍ତ କେମିକାଲକୁ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଠକ ଜ୍ୟୋତିଷଜଣକ କେମିକାଲ କିଣେଇ ଦେବାକୁ କହି ସୁନୀଲଙ୍କ ଫୋନ୍ ନମ୍ବର ଓ ଠିକଣା ଦେଇଥିଲା। ସନ୍ତୋଷ ଖନ୍ତାପଡ଼ାରେ ପହଞ୍ଚି ସୁନୀଲଙ୍କ ସହ ଫୋନ୍ ଯୋଗେ ଯୋଗାଯୋଗ କରି କେମିକାଲ କିଣିବା ସମ୍ପର୍କରେ ଆଲୋଚନା କରିଥିଲେ। ସେ ଏଟିଏମ୍‌ରୁ ଉଠାଇ ୭୦ହଜାର ଟଙ୍କା ଓ ଫୋନ୍ ପେ ମାଧ୍ୟମରେ ୪୦ହଜାର ଟଙ୍କା ଦେଇଥିଲେ। ଏହାପରେ ସୁନୀଲ କୌଣସି ଜିନିଷ ନ ଦେଇ ଧମକଚମକ ଦେବା ସହ ମାଡ଼ ମାରି ବିଦା କରିଦେଇଥିଲେ। ଏନେଇ ସନ୍ତୋଷ ସୋନପୁର ଯାଇ ଗତ ବୁଧବାର ଅନଲାଇନ୍ ଯୋଗେ ଖନ୍ତାପଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ସୁନୀଲଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଏକ ମୋବାଇଲ ଫୋନ ଜବତ କରିଛି।



ଗିରଫ ଅଭିଯୁକ୍ତ।

## ଖୁଲଣା ହତ୍ୟା ମାମଲା
## ୭ ବର୍ଷ ପରେ ମଧ୍ୟପ୍ରଦେଶରୁ ଅଭିଯୁକ୍ତ ସ୍ୱାମୀ ଗିରଫ

**ଢେଙ୍କାନାଳ ଅଫିସ, ୨୦।୪:** ଢେଙ୍କାନାଳ ସଦର ଥାନା ଝାରଗାଡ଼ିଆ ଫାଣ୍ଡି ସରଦେଇପୁର ଗ୍ରାମର ଖୁଲଣା ପ୍ରତିହାରୀ ହତ୍ୟାକାଣ୍ଡ ମାମଲାର ୭ବର୍ଷ ପରେ ଅଭିଯୁକ୍ତ ସ୍ୱାମୀ ରାମଜୀ ଆଇଗୁହାଙ୍କୁ ମଧ୍ୟପ୍ରଦେଶରୁ ପୋଲିସ ଗିରଫ କରିଛି। ୨୦୧୬ରେ ପାରିବାରିକ କଳହକୁ କେନ୍ଦ୍ରକରି ରାମଜୀ ସ୍ତ୍ରୀ ଖୁଲଣାଙ୍କୁ ହତ୍ୟାକରି ଫେରାର ହୋଇଯାଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ସଦର ଥାନାରେ ସେହି ସମୟରେ ନଂ. ୨୪୫/୧୬ରେ ଏକ ମାମଲା ରୁଜୁ କରାଯାଇଥିଲା। ଅଭିଯୁକ୍ତ ରାମଜୀଙ୍କ ଘର ମଧ୍ୟପ୍ରଦେଶ ରାଇସେନ୍ ଜିଲା କୀରାଟପୁର ଥାନା ବେଗମଗଞ୍ଜ୍ ଅଞ୍ଚଳରେ। ସେ ହତ୍ୟାପରେ ନିଜ ଘରକୁ ପଳାଇଯାଇ ସେଠାରେ ଆତ୍ମଗୋପନ କରିଥିଲେ। ପୋଲିସ ମଧ୍ୟ ଘଟଣାକୁ ଗୁରୁତ୍ୱର ସହ ନେଇ ନ ଥିଲା। କୌଣସି ସୂତ୍ରରୁ ସୂଚନା ପାଇ ଢେଙ୍କାନାଳ ଜିଲା ପୋଲିସର ଏକ ଟିମ୍ ଅଭିଯୁକ୍ତଙ୍କୁ ଉତ୍ତରପ୍ରଦେଶରୁ ଗୁରୁବାର ରାତିରେ ଗିରଫ କରିଥିବା ଜଣାପଡ଼ିଛି।

## ଏସ୍‌ପି, ଡିଜିଙ୍କୁ ମାସେ ମହଲତ ଦେଲେ ଏନ୍‌ଏଚ୍‌ଆର୍‌ସି

**ସମୁଦ୍ରରେ ନାବାଳକ ପ୍ରୀତମ ନିଖୋଜ ଘଟଣା**

ପାରାଦୀପ,୨୦।୪(ସ୍ୱ.ପ୍ର.)

ପାରାଦୀପ ବିଜୁ ମଇଦାନ ସମୁଦ୍ରକୂଳରେ ୨୦୨୨ ମେ ୨୧ତାରିଖରେ ନାବାଳକ ପ୍ରୀତମ ଦାସ ନିଖୋଜ ହୋଇଥିଲେ। ଏହି ଘଟଣାରେ ଜଗତ୍‌ସିଂହପୁର ଏସ୍‌ପି ଓ ଡିଜିଙ୍କୁ ଏନ୍‌ଏଚ୍‌ଆର୍‌ସି ପକ୍ଷରୁ ମାସେ ମହଲତ ଦିଆଯାଇଛି। ଆସନ୍ତା ୨୪ ତାରିଖରେ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ଏହି ୨ ବରିଷ୍ଠ ଅଧିକାରୀ ହାଜର ହେବାକୁ ୧୬।୩।୨୩ରେ ନୋଟିସ୍ ଜାରି ହୋଇଥିଲା। ଧାର୍ଯ୍ୟ ସମୟ ପୂର୍ବରୁ ଜଗତ୍‌ସିଂହପୁର ଏସ୍‌ପି ଏନ୍‌ଏଚ୍‌ଆର୍‌ସି କମିଶନଙ୍କୁ ସବିଶେଷ ଘଟଣା ସମ୍ପର୍କରେ ଲିଖିତ ତଥ୍ୟ ଦେବା ସହ ମାସେ ସମୟ ମାଗିଛନ୍ତି। ଏହାକୁ କମିଶନ ଗ୍ରହଣ କରି ସମୟ ଦେଇଛନ୍ତି ବୋଲି ଆବେଦନକାରୀ ସୁବ୍ରତ କୁମାର ଦାଶ କହିଛନ୍ତି। ସୂଚନାଯୋଗ୍ୟ, ପ୍ରୀତମ ଘଟଣାଦିନ ସାଙ୍ଗମାନଙ୍କ ସହ ସମୁଦ୍ର ପାଣିରେ ଗାଧୋଉ ଥିଲାବେଳେ ନିଖୋଜ ହୋଇଯାଇଥିଲେ। ସ୍ଥାନୀୟ ଜଟାଧାରୀ ମୁହାଣ ସାମୁଦ୍ରିକ ଥାନାରେ ନଂ.୧୬/୨୨ରେ ମାମଲା ରୁଜୁ ହୋଇଥିଲା। ସେତେବେଳେ ଲଗାତାର ୪ ଦିନ ଧରି କୋଷ୍ଟଗାର୍ଡ, ମେରାଇନ ପୋଲିସ, ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ମତ୍ସ୍ୟଜୀବୀମାନଙ୍କ ଦ୍ୱାରା ଖୋଜାଖୋଜି କରାଯାଇଥିଲେ ହେଁ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଏହି ଘଟଣାରେ ସୁବ୍ରତ ଜାତୀୟ ମାନବିକ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ। କମିଶନ ନଂ.୨୪୮୯/୨୨ରେ ମାମଲା ରୁଜୁ କରିବା ସହ ୪ ଥର ନୋଟିସ୍ ଜାରି କରିଥିଲେ। ଏସ୍‌ପି ଦେଇଥିବା ରିପୋର୍ଟରେ ସମ୍ପୃକ୍ତ ନାବାଳକଙ୍କ ମିଳିବା ଆଶା କ୍ଷୀଣ ବୋଲି ଦର୍ଶାଯାଇଛନ୍ତି।

# ନିବେଶ ଆଳରେ ୪ କୋଟିରୁ ଊର୍ଦ୍ଧ୍ୱ ଠକେଇ

ସୋର, (ଡି.ଏନ୍.ଏ)/ ଭୁବନେଶ୍ୱର,୨୦।୪ (ବ୍ୟୁରୋ)

**ବାଲେଶ୍ୱରରୁ ୨ ଅଭିଯୁକ୍ତ ଗିରଫ**

- ୩୫ ନିବେଶକାରୀଙ୍କୁ ଠକିଛନ୍ତି, ଠକେଇ ଟଙ୍କା ବଢ଼ିବା ଆଶଙ୍କା
- ମାସକୁ ୮ ପ୍ରତିଶତ ରିଟର୍ନ ଦେବାକୁ ପ୍ରତିଶ୍ରୁତି ଦେଉଥିଲେ

ଅନଲାଇନ୍ ଟ୍ରେଡିଂରେ ନିବେଶ କରି ବହୁଗୁଣ ଲାଭ ଦେବା ଆଳରେ ୪ କୋଟି ଟଙ୍କା ଠକେଇ ହୋଇଛି। ଏହି ମାମଲାରେ ଗୁରୁବାର କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ୨ଜଣ ଅଭିଯୁକ୍ତଙ୍କୁ ବାଲେଶ୍ୱରରୁ ଗିରଫ କରିଛି। ସେମାନେ ହେଲେ ବାଲେଶ୍ୱର ଜିଲା ସୋର ଥାନା ଅନ୍ତର୍ଗତ ଉତ୍ତରେଶ୍ୱର ଅଞ୍ଚଳର ଅନୁପମ ପ୍ରଧାନ ଓ ରିପନ କୁମାର ଜେନା। ଗିରଫ ପରେ ଅଭିଯୁକ୍ତଦ୍ୱୟଙ୍କୁ ବାଲେଶ୍ୱର ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ତେବେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତଦ୍ୱୟ ଉତ୍ତରେଶ୍ୱର ଅଞ୍ଚଳରେ ଓମ୍ ଏଜେନ୍ସି ଏବଂ ଜିଆର୍‌ଏସ୍‌ଏସ୍ ଗ୍ରୀନ୍‌ଟେକ ପ୍ରାଇଭେଟ ଲି଼ ନାମରେ ଅଫିସ ଖୋଲିଥିଲେ। ଏଥିରେ ବିଭିନ୍ନ ଲୋକଙ୍କୁ ଅନ୍‌ଲାଇନ୍ ଟ୍ରେଡିଂରେ ନିବେଶ କରି ବହୁଗୁଣ ଟଙ୍କା ଫେରାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏପରିକି ଫୋରେକ୍ସ ଟ୍ରେଡିଂରେ ନିବେଶ ଓ କ୍ରିପ୍ଟୋରେ ଶେୟାର କିଣିବା ଏବଂ ନିବେଶ ଆଳରେ ଫସାଉଥିଲେ। ସେମାନେ ମାସକୁ ୮ ପ୍ରତିଶତ ଅର୍ଥରାଶି ଦେବାକୁ ଲୋଭ ଦେଖାଉଥିଲେ। ଏହାପରେ ବହୁ ଲୋକ ସେମାନଙ୍କ ଲୋଭରେ ଫସି ଟଙ୍କା ନିବେଶ କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଅଭିଯୁକ୍ତମାନେ ନିବେଶକାରୀଙ୍କୁ କିଛି ଟଙ୍କା ଫେରାଇଥିଲେ। ହେଲେ ପରେ ଆଉ ଟଙ୍କା ଫେରାଇ ନ ଥିଲେ। ଏହିଭଳି ଭାବେ ଅଭିଯୁକ୍ତମାନେ ୨୦୧୯ରୁ ୨୦୨୧ ମସିହା ମଧ୍ୟରେ ସୋର ଅଞ୍ଚଳରୁ ୩୫ ଜଣ ଜମାକାରୀଙ୍କଠାରୁ ୪ କୋଟି ଟଙ୍କା ଠକି ନେଇଥିଲେ। ପରେ ଠକେଇର ଶିକାର ହୋଇଥିବା ତଥା ସେମାନଙ୍କ ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିବା ବାଲେଶ୍ୱର ଫକିରମୋହନ ନଗର ଅଞ୍ଚଳର ଜିତେନ୍ଦ୍ର କୁମାର ଦାସ ଇଓଡବ୍ଲ୍ୟୁ ନିକଟରେ ଅଭିଯୋଗ କରିଥିଲେ। ଏ ନେଇ ଇଓଡବ୍ଲ୍ୟୁ ୨୦୨୨ ଅକ୍ଟୋବର ୧୦ରେ ଏକ ମାମଲା (ନଂ.୧୮/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଏହି ଠକେଇ ପରିମାଣ ଓ ନିବେଶକାରୀଙ୍କ ସଂଖ୍ୟା ଆଗକୁ ବଢ଼ିପାରେ ବୋଲି ଇଓଡବ୍ଲ୍ୟୁ ଆଶଙ୍କା କରୁଛି। ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଇଓଡବ୍ଲ୍ୟୁ ଖୋଜାଖୋଜି ଜାରି ରଖିଛି।

# ଶାନ୍ତି ଫେରୁଛି, ନେଟ୍ ସେବା କୋହଳ

ସମ୍ବଲପୁର,୨୦।୪(ବ୍ୟୁରୋ)

ସମ୍ବଲପୁରରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ଗତ ୧୨ରେ ପଥରମାଡ଼ ଓ ୧୪ରେ ପୋଡ଼ାଜଳା ଘଟଣା ପରେ ସହର ଅଶାନ୍ତ ହୋଇପଡିଥିଲା। ଏହା ପରଠାରୁ ସହରରେ କିଭଳି ଶାନ୍ତି ଫେରିବ ସେ ନେଇ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏହିକ୍ରମରେ ଆର୍‌ଡିସି ଅଫିସରେ ଗୁରୁବାର ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଳେଇଙ୍କ ଅଧ୍ୟକ୍ଷତାରେ ଶାନ୍ତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସବୁଧର୍ମର ପ୍ରତିନିଧିଙ୍କ ସମେତ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଉପସ୍ଥିତ ଥିଲେ। ସହରରେ ଶାନ୍ତି ଫେରୁଥିବାବେଳେ ଗୁରୁବାରଠାରୁ ନେଟ୍ ସେବା କୋହଳ କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। ଅନ୍ୟପକ୍ଷେ ଏପ୍ରିଲ ୧୨ ଓ ୧୪ ତାରିଖ ଘଟଣାରେ ଏ ପର୍ଯ୍ୟନ୍ତ ୯୯ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏ ସମ୍ପର୍କରେ ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି, ଦୁଇଟି ମାମଲାରେ ଗୁରୁବାର ପୋଲିସ ହନୁମାନ ଜୟନ୍ତୀ ସମନ୍ୱୟ ସମିତି ସମ୍ପାଦକ ସମୀର ରଞ୍ଜନ ବାବୁଙ୍କ ସମେତ ୮ ଜଣଙ୍କୁ ଗିରଫ କରିଛି। ବର୍ତ୍ତମାନ ସୁଦ୍ଧା ଗିରଫ ସଂଖ୍ୟା ୯୯ରେ ପହଞ୍ଚିଛି।



ବୈଠକରେ ପ୍ରଶାସନିକ ଅଧିକାରୀଙ୍କ ସହ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ।

- ଆର୍‌ଡିସି ଅଫିସରେ ଶାନ୍ତି ବୈଠକ
- ହିଂସା ଘଟଣା: ଗିରଫ ସଂଖ୍ୟା ୯୯
- ହନୁମାନ ଜୟନ୍ତୀ ସମନ୍ୱୟ ସମିତି ସମ୍ପାଦକ ଗିରଫ

ଭିଡିଓ, ଫଟୋ ଓ ପ୍ରମାଣ ଆଧାରରେ ଗିରଫ କରାଯାଉଛି। ଘଟଣାରେ ଯେଉଁମାନଙ୍କ ସମ୍ପୃକ୍ତି ରହିଛି ସମସ୍ତଙ୍କୁ ଗିରଫ କରାଯିବ ବୋଲି ସେ କହିଥିଲେ। ଶାନ୍ତି ବୈଠକରେ ଆର୍‌ଡିସି ଦଳେଇ କହିଥିଲେ, ସହରରେ ଶାନ୍ତି ଫେରାଇ ଆଣିବା ଆମର ପ୍ରାଥମିକତା। ପରିସ୍ଥିତିରେ ସୁଧାର ଆସିଛି। ଲୋକମାନଙ୍କ ସମସ୍ୟା ଦୂର କରିବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ତେଣୁ ନିଜର ଦାୟିତ୍ୱ ବହନ କରି ପ୍ରଶାସନକୁ ସହଯୋଗ କରନ୍ତୁ ବୋଲି ସେ କହିଥିଲେ। ଜିଲାପାଳ ଅନନ୍ୟା ଦାସ ବୈଠକ ପରେ ସୂଚନା ଦେଇ କହିଥିଲେ, ପ୍ରଶାସନ ପକ୍ଷରୁ ଶାନ୍ତିଫେରାଇଆଣିବା ନେଇ ବିଭିନ୍ନ ସ୍ଥାନରେ ଶାନ୍ତି ସଭା ଆୟୋଜନ କରାଯାଉଛି। ଦୀର୍ଘ ୩ଦିନ ହେଲା ସ୍ଥାନୀୟ ଲୋକଙ୍କ ସହଯୋଗରେ ଏହା ସମ୍ଭବ ହୋଇପାରିଛି। ସବୁ ବୈଠକରେ ଲୋକମାନେ ଶାନ୍ତି କିଭଳି ଫେରିଆସିବ ସେ ନେଇ ଦାବି କରୁଛନ୍ତି। ପ୍ରଶାସନ ପକ୍ଷରୁ ନିଆଯାଇଥିବା ଶାନ୍ତି ସଭା ପଦକ୍ଷେପ ସଫଳ ହୋଇଛି। ଏବେ ଶାନ୍ତି ଫେରିଛି। ତେଣୁ ନେଟ୍ ସେବାକୁ କୋହଳ କରାଯାଇଛି। ସମସ୍ତ କମ୍ପାନୀର ଲିଜ୍‌ଲାଇନ, ବ୍ରଡ୍‌ବ୍ୟାଣ୍ଡ ନେଟ୍ ଚାଲୁ କରାଯାଇଛି। ପ୍ରଥମେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ କୋହଳ ରହିଛି। ହେଲେ ମୋବାଇଲ ନେଟ୍ ସେବା ବନ୍ଦ କରାଯାଇଛି। ବ୍ରଡ୍‌ବ୍ୟାଣ୍ଡ ଓ ଲିଜ୍‌ଲାଇନରେ ନେଟ୍ ସୁବିଧା ନେଇ କୌଣସି ବ୍ୟକ୍ତି ଭୁଲ୍ ଓ ବିଭ୍ରାନ୍ତିକର ତଥ୍ୟ ପ୍ରଚାର ନ କରିବାକୁ ସେ କହିଥିଲେ। ଏହା ଉପରେ ପ୍ରଶାସନ ଓ ପୋଲିସ ନଜର ରଖିଛି। ନିଶ୍ଚିତ ଭାବେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାସହ କୌଣସି ସ୍ଥାନରେ ଅସାମାଜିକ କାର୍ଯ୍ୟ କିମ୍ବା ଗତିବିଧି ଉପରେ ନଜର ଆସିଲେ ଜନସାଧାରଣ ଟୋଲ ଫ୍ରି ନମ୍ବର ୧୮୦୦୩୪୫୬୭୨୩ରେ ଯୋଗାଯୋଗ କରି ଅଭିଯୋଗ କରନ୍ତୁ। ପ୍ରଶାସନ ଓ ପୋଲିସ ସଙ୍ଗେ ସଙ୍ଗେ ପଦକ୍ଷେପ ଗ୍ରହଣ କରିବ। ନେଟ୍ ସେବା କୋହଳ ହେବା ପରେ ବିଭିନ୍ନ ସରକାରୀ ଅଫିସ, ଘରେ ରହି କାମ କରିବାକୁ ସୁବିଧା ହେବ। ଏଭଳି ପରିସ୍ଥିତି ଜାରି ରହିଲେ ଶୀଘ୍ର ସ୍ୱାଭାବିକ ଜୀବନଯାପନ କରିପାରିବେ ବୋଲି ଜିଲାପାଳ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍ତରାଞ୍ଚଳ ପୋଲିସ ଆଇଜି ଡ. ଦୀପକ କୁମାର, ଏସ୍‌ପି ବାତୁଲା ଗଙ୍ଗାଧର ଉପସ୍ଥିତ ଥିଲେ।

## ଗୋମାଂସ ରାନ୍ଧିବାକୁ ନେଇ ଉତ୍ତେଜନା

**ତିହିଡ଼ି,୨୦।୪ (ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ଭଦ୍ରକ-ଚାନ୍ଦବାଲି ରାସ୍ତାର ସତ୍‌ସଙ୍ଗ ବିହାର ନିକଟସ୍ଥ ଏକ ଘରେ ଗୁରୁବାର ମଧ୍ୟାହ୍ନରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର କେତେଜଣ ବ୍ୟକ୍ତି ଗୋମାଂସ ରାନ୍ଧିବା ନେଇ ଉତ୍ତେଜନା ଦେଖାଦେଇଥିଲା। ଏନେଇ ତିହିଡ଼ି ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୧୭୫/୨୩) ରୁଜୁକରି ଘଟଣାର ତଦନ୍ତ ଚଳାଇଛି। କୁବେରା ଗ୍ରାମର ସୌମ୍ୟଜିତ ସାହାଣୀ ନାମକ ବ୍ୟକ୍ତି ଥାନାରେ ଅଭିଯୋଗ କରିଛନ୍ତି ଯେ, ମୁର୍ଶିଦାବାଦରୁ ଆସିଥିବା ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଶ୍ରମିକମାନେ ଉକ୍ତ ଘରେ ଗୋମାଂସ ରାନ୍ଧୁଥିବା ନେଇ ସେ ଖବର ପାଇଥିଲେ। ବଜରଙ୍ଗ ଦଳର କେତେଜଣ କର୍ମୀଙ୍କୁ ସାଙ୍ଗରେ ନେଇ ସେ ସେଠାରେ ପହଞ୍ଚିବା ପରେ ଘଟଣା ସତ୍ୟ ବୋଲି ଜାଣି ଏହାର ବିରୋଧ କରିଥିଲେ। ପରେ ହିନ୍ଦୁ ସମ୍ପ୍ରଦାୟର ଲୋକେ ସେଠାରେ ପହଞ୍ଚିଯିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ତିହିଡ଼ି ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

## ଗଛରେ ପିଟିହେଲା କାର୍: ଯୁବକ ମୃତ

ସାତମାଇଲ, ୨୦।୪(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ସାତମାଇଲ ଛକ ନିକଟରେ ଗୁରୁବାର ଅପରାହ୍ନ ୫ଟାରେ ଏକ କାର୍ (ସିଜି ୧୩ ଏକ୍ସ ୬୯୦୦) ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଯାଇଛି। ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଡ୍ରାଇଭର ଏବଂ ଅନ୍ୟ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେମାନଙ୍କ ପରିଚୟ ମିଳିପାରିନାହିଁ। ତେବେ ମୃତାହତ ଛତିଶଗଡ଼ ଅଞ୍ଚଳର ଏବଂ ସେମାନେ କଟକ ବଡ଼ ମେଡିକାଲକୁ ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିବା ପୋଲିସ କହିଛି। ସୂଚନା ଅନୁଯାୟୀ, ସମ୍ପୃକ୍ତ ୩ଜଣ ଉକ୍ତ କାର୍‌ରେ ପୁରୁଣା କଟକ-ସମ୍ବଲପୁର ରାସ୍ତାଦେଇ କଟକ ଯାଉଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଗାଡ଼ିର ବାମପାର୍ଶ୍ୱରେ ବସିଥିବା ଯୁବକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ଡ୍ରାଇଭର ଏବଂ ପଛରେ ବସିଥିବା ମହିଳା ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ୨ ଗୁରୁତରଙ୍କୁ ଆମ୍ବୁଲାନ୍ସରେ ଅନୁଗୋଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମହିଳା ଜଣକ ଛତିଶଗଡ଼ ରାୟଗଡ଼ ଅଞ୍ଚଳର ବୋଲି କହୁଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ସାତମାଇଲ ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି।



କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ 'ଓଡ଼ିଶା ସ୍କିଲ୍ କନ୍‌କ୍ଲେଭ୍-୨୦୨୩' ଉଦ୍‌ଘାଟନୀ ଦିବସରେ ଗୁରୁବାର ବିଭିନ୍ନ ମଡେଲକୁ ପ୍ରଦର୍ଶିତ କରାଯାଉଛି।



କନ୍‌କ୍ଲେଭ୍‌ରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

# ନିଖୋଜ ଯବାନଙ୍କ ଝୁଲନ୍ତା ମୃତଦେହ ମିଳିଲା

- ହତ୍ୟା ଅଭିଯୋଗ ଆଣିଲେ ଭାଇ, ପୋଲିସ ତଦନ୍ତ ଜାରି
- ୧୭ରୁ ନିଖୋଜ ଥିଲେ ସିଆର୍‌ପିଏଫ୍ ଯବାନ ସୂର୍ଯ୍ୟକାନ୍ତ କହଁର

ଚଣ୍ଡିଖୋଲ,୨୦।୪(ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅନ୍ତର୍ଗତ ସୋମପୁର ଗ୍ରାମର ସିଆରପିଏଫ୍ ଯବାନ ସୂର୍ଯ୍ୟକାନ୍ତ କହଁରଙ୍କ ଝୁଲନ୍ତା ମୃତଦେହ ଗୁରୁବାର ମିଳିଛି। ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ ଧାନମଣ୍ଡଳ ନିକଟସ୍ଥ ବାରୁଣାବନ୍ତ ପାହାଡ଼ର ଶୀର୍ଷଦେଶରେ ଥିବା ଏକ ଗଛରୁ ବଡ଼ଚଣା ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷରେ ନିଖୋଜ ଯବାନଙ୍କ ମୃତଦେହ ମିଳିବା ପରେ ବିଭିନ୍ନ ଆଲୋଚା ପର୍ଯ୍ୟାଲୋଚନା ଜାରି ରହିଛି।

ମଙ୍ଗଳବାର ସକାଳେ ଧାନମଣ୍ଡଳ କୋଣାର୍କ ଖୋଟକଳ ରାସ୍ତାର ଉପର ପାର୍ଶ୍ୱରେ ଏକ ବାଇକ୍ ପଡ଼ିଥିବା ସୂଚନା ପାଇ ଧାନମଣ୍ଡଳ ଫାଣ୍ଡି ପୋଲିସ ବାଇକ୍‌ଟିକୁ ଜବତ କରିଥିଲା। ପରେ ସମ୍ପୃକ୍ତ ବାଇକ୍‌ଟି ଯବାନ ସୂର୍ଯ୍ୟକାନ୍ତଙ୍କର ବୋଲି ଜଣାପଡ଼ିଥିଲା। ଏ ସମ୍ପର୍କରେ ବଡ଼ଚଣା ପୋଲିସ ଏରସମା ପୋଲିସକୁ ଖବର ଦେବା ସହ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲା। ଏପରି କି ବୁଧବାର ବନ ବିଭାଗ ସହାୟତାରେ ଡ୍ରୋନ୍ କ୍ୟାମେରାରେ ବିଭିନ୍ନ ସ୍ଥାନ ଖୋଜିବା ପରେ ମଧ୍ୟ କୌଣସି ପତ୍ତା ମିଳି ନ ଥିଲା। ଗୁରୁବାର ସକାଳୁ ଯାଜପୁର ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ପୋଲିସ ୩ଟି ଟିମ୍ ଗଠନ କରି ଖୋଜାଖୋଜି ଆରମ୍ଭ କରିଥିଲା। ମୃତଦେହ ମିଳିବା ପରେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ତାହାକୁ ଜବତ କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲା। ପରିବାର ଲୋକେ ପହଞ୍ଚିବା ପରେ ପୋଲିସ ସେମାନଙ୍କୁ ମୃତଦେହ ହସ୍ତାନ୍ତର କରିଥିଲା।



ଯବାନ ସୂର୍ଯ୍ୟକାନ୍ତ କହଁର।

ଗତ ୧୭ ତାରିଖରେ ସୂର୍ଯ୍ୟକାନ୍ତ ନିଖୋଜ ହେବା ନେଇ ତାଙ୍କ ସ୍ତ୍ରୀ ଏରସମା ଥାନାରେ ଏତଲା ଦେଇଥିଲେ। ଏହାପରେ ୧୮ତାରିଖ ସକାଳୁ ଧାନମଣ୍ଡଳ ରାସ୍ତାରୁ ତାଙ୍କ ବାଇକ୍ ମିଳିଥିଲା। ବାଇକ୍ ମିଳିବା ପରେ ପୋଲିସ ତଦନ୍ତ କରି ଜାଣିବାକୁ ପାଇଥିଲା ଯେ, ଏହା ସୂର୍ଯ୍ୟକାନ୍ତଙ୍କର ବାଇକ୍ ଓ ସେ ୧୭ତାରିଖରୁ ନିଖୋଜ ଅଛନ୍ତି। ସେଥିପାଇଁ ପୋଲିସ ୧୯ ତାରିଖରେ ପାହାଡ଼ର ବିଭିନ୍ନ ସ୍ଥାନ ଖୋଜାଖୋଜି କରିଥିବା ବେଳେ କୌଣସି ସନ୍ଧାନ ପାଇ ନ ଥିଲା। ଯବାନଙ୍କ ଗଳିତ ମୃତଦେହ ଦୁର୍ଗନ୍ଧ ହେବାରୁ ଜଙ୍ଗଲ ବିଭାଗ କର୍ମଚାରୀ ଓ ପୋଲିସ ମିଳିତ ଭାବେ ଖୋଜାଖୋଜି କରିଥିଲେ। ଖବର ପାଇ ମୃତ ଯବାନଙ୍କ ସ୍ତ୍ରୀ ବିଜାତା ମହାନ୍ତି ଓ ସୂର୍ଯ୍ୟକାନ୍ତଙ୍କ ଭାଇ କମଳାକାନ୍ତ କହଁର ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। କମଳାକାନ୍ତ ଅଭିଯୋଗ କରିଛନ୍ତି ଯେ, ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ। ଏହାର ଠିକ୍ ତଦନ୍ତ ହେଲେ ବହୁତ କଥା ଲୋକଲୋଚନକୁ ଆସିପାରିବ। ସୂର୍ଯ୍ୟକାନ୍ତ ଆତ୍ମହତ୍ୟା କରିବା ଭଳି ପିଲା ନୁହେଁ ସେ ବହୁତ ଦୃଢ଼ ଓ ସାହସୀ। ତେଣୁ ସେ କେବେବି ଆତ୍ମହତ୍ୟା କରି ନ ଥିବେ ବୋଲି ତାଙ୍କ ଭାଇ କହିଛନ୍ତି। ଏ ସମ୍ପର୍କରେ ଏସ୍‌ଡିପିଓ ପଟ୍ଟନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ଆମେ ବିଭିନ୍ନ ଦିଗରୁ ତଦନ୍ତ କରୁଛୁ। ତଦନ୍ତ ପରେ ଏହା ହତ୍ୟା କି ଆତ୍ମହତ୍ୟା ତାହା ସ୍ପଷ୍ଟ ହେବ।

# ଠାକୁରାଣୀଙ୍କ ଦ୍ୱାରା ୭ ରଥ ଉନ୍ମୋଚିତ

**୧୭ଦିନରେ ମା' ବୁଢ଼ୀ ଠାକୁରାଣୀ ଦ୍ୱିବାର୍ଷିକ ଯାତ୍ରା**

ବ୍ରହ୍ମପୁର ଅଫିସ,୨୦।୪

ବ୍ରହ୍ମପୁର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ଗୁରୁବାର ୧୭ ଦିନରେ ପହଞ୍ଚିଛି। ଯାତ୍ରାର ଅବଧି ସରି ସରି ଆସୁଥିବା ବେଳେ ଭକ୍ତଙ୍କ ଗହଳି ମଧ ବୃଦ୍ଧି ପାଉଛି। ଯାତ୍ରା ସମୟରେ ପ୍ରତ୍ୟେକ ସାହିରେ ରଥ ଓ କଳାକୁଞ୍ଜ ନିର୍ମାଣର ପରମ୍ପରା ଥିବାରୁ ଘଟ ପରିକ୍ରମା ସମୟରେ ପ୍ରତ୍ୟେକ ସାହିରେ ରଥ ଓ କଳାକୁଞ୍ଜକୁ ଠାକୁରାଣୀ ନିମନ୍ତ୍ରଣ ଓ ଉନ୍ମୋଚନ କରୁଛନ୍ତି। ଯାତ୍ରାର ୧୬ ଦିନ ମଧ୍ୟରେ ଠାକୁରାଣୀ ୭ ରଥ ଉନ୍ମୋଚନ କରିଛନ୍ତି। ଏଥିମଧ୍ୟରୁ ବାଟୁବାରୀ ସାହି ବିଞ୍ଝଣା ରଥ, କାଲୁପାତ୍ର ସାହି ମା'ଜ୍ୱାଳାମୁଖୀ ରଥ, ଚନ୍ଦ୍ରମା ସାହି ବୋଇତ ରଥ, ଷଣ୍ଢ ମହାନ୍ତି ସାହି ଶିବା ରୁଦ୍ର କାଳୀ ରଥ, ଦେଶୀ ବେହେରା ସାହି ଜ୍ୱାଳା ରଥ, ସାନ୍ତାଣୀ ସାହି ଦୋଳି ରଥ ଓ ଆଗା ସାହିରେ କନକ ଦୁର୍ଗା ରଥକୁ ମା' ଉନ୍ମୋଚନ କରିଛନ୍ତି। ତେବେ ଗୁରୁବାର ମା'ଙ୍କ ନିକଟରେ ଦହି ଅନ୍ନ, ବାଳ ଭୋଗ ଓ ରାଜଭୋଗ କରାଯାଇଥିଲା। ଖରା ସତ୍ତ୍ୱେ ବି ବହୁ ଶିଶୁ ମାନସିକ ବେଶଧାରୀ ଅସ୍ଥାୟୀ ମଣ୍ଡପରେ ନିଜ ମାତା ପିତା ଓ ବନ୍ଧୁବର୍ଗଙ୍କ ସହ ଠାକୁରାଣୀଙ୍କୁ ଦର୍ଶନ ନିମନ୍ତେ ଆସିଥିବା ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ମା'ଙ୍କ ଦର୍ଶନ ନିମନ୍ତେ ଉଭୟ ପୁରୁଷ ଓ ମହିଳା ଶ୍ରଦ୍ଧାଳୁଙ୍କ ଲମ୍ବାଧାଡି ଦେଖିବାକୁ ମିଳିଥିଲା। ରାତି ୮ଟା ପରେ ଅସ୍ଥାୟୀ ମଣ୍ଡପରୁ ମୁଖ୍ୟ ଘଟ ସମେତ ୮ ପାର୍ଶ୍ୱ ଘଟ ସାହି ପରିକ୍ରମା ନିମନ୍ତେ ବାହାରିଥିଲା। ପରମ୍ପରା ଅନୁଯାୟୀ ମା'ଙ୍କ ଘଟ ପ୍ରଥମେ ମହୁରୀ ରାଜବାଟୀରେ ପହଞ୍ଚିଥିଲା। ସେଠାରେ ରାଜା ମା'ଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏହାପରେ ଘଟ ବଡ ବଜାର, ପାଟରା ସାହି, ଜେମି ସାହି, ମଙ୍ଗଳବାରମ୍ ପେଟା ସାହି, ଇଲୁବାରୀ ସାହି ପରିକ୍ରମା କରିଥିଲେ। ଶେଷରେ ପୁଣି ବଡ ବଜାର ଓ ନଡିଆ ବଜାର ହୋଇ ଦେଶୀ ବେହେରା ସାହି ସ୍ଥିତ ଅସ୍ଥାୟୀ ମଣ୍ଡପରେ ମା'ଙ୍କ ଘଟ ପହଞ୍ଚିଥିଲା। ମା'ଙ୍କ ଆଳତି ପରେ ରାଜଭୋଗ କରାଯାଇଥିଲା। ଏହାପରେ ଭକ୍ତମାନେ ମା'ଙ୍କୁ ଦର୍ଶନ କରିଥିଲେ।



ଜ୍ୱାଳା ରଥ

# ମହନ୍ତଙ୍କଠୁ ୭୫୦୦ଲୁଟ୍, ଏଏସ୍‌ଆଇ ଗିରଫ

**ଚାକିରିରୁ ନିଲମ୍ବିତ କଲେ ଏସ୍‌ପି**

ପୁରୀ ଅଫିସ,୨୦।୪

ସ୍ୱର୍ଗଦ୍ୱାର ନିକଟ ଭାରତ ସେବା ଆଶ୍ରମର ମହନ୍ତଙ୍କୁ ଧମକାଇ ୭୫୦୦ଟଙ୍କା ଛଡାଇ ନେବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ପିସିଆର୍ ଭ୍ୟାନ୍-୫ରେ କାର୍ଯ୍ୟ କରୁଥିବା ଜଣେ ଏଏସ୍‌ଆଇଙ୍କୁ ଗିରଫ କରିଛି। ସେ ହେଲେ ଏଏସ୍‌ଆଇ ଅକ୍ଷୟ ମଲ୍ଲିକ। ଏ ନେଇ ପୋଲିସ ଆଇପିସିର ଧାରା ୩୯୨ରେ ନଂ.୧୦୬/୨୩ ରେ ଏକ ମାମଲା ରୁଜୁ କରିଛି। ଏଏସ୍‌ଆଇଙ୍କ ଏଭଳି କାର୍ଯ୍ୟକଳାପ ଯୋଗୁ ପୁରୀ ଏସ୍‌ପି ଡା. କନୱର ବିଶାଲ ସିଂ ତାଙ୍କୁ ଚାକିରିରୁ ନିଲମ୍ବନ କରିଛନ୍ତି। ସୂଚନା ଅନୁଯାୟୀ, ଗତ ୧୩ତାରିଖ ରାତି ସାଢ଼େ ୧୧ଟାରେ ଭାରତ ସେବା ଆଶ୍ରମରେ ମହନ୍ତ ଓ ଯାତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏସମ୍ପର୍କରେ ସ୍ଥାନୀୟ ଲୋକେ ପୋଲିସ ସହାୟତା ନମ୍ବରକୁ ଫୋନ୍ କରି ଜଣାଇଥିଲେ। ଘଟଣାସ୍ଥଳେ ପିସିଆର ଭ୍ୟାନ-୫ରେ ଡ୍ୟୁଟି କରୁଥିବା ଏଏସ୍‌ଆଇ ଅକ୍ଷୟ ମଲ୍ଲିକ ପହଞ୍ଚିଥିଲେ। ସେ ଘଟଣା ସମ୍ପର୍କରେ ବୁଝିବା ପରେ ଆଶ୍ରମର ମହନ୍ତ ଓ କର୍ମଚାରୀଙ୍କୁ ଧମକାଇଥିଲେ। ଏପରିକି ଟଙ୍କା ନ ଦେଲେ ଗିରଫ କରିବାକୁ ଧମକ ଦେଇଥିଲେ। ଶେଷରେ ମହନ୍ତଙ୍କ ଠାରୁ ଜୋରଜବରଦସ୍ତ ୭୫୦୦ଟଙ୍କା ନେଇଯାଇଥିଲେ। ଏ ନେଇ ମହନ୍ତ ଜଣକ ସମୁଦ୍ରକୂଳ ଥାନାରେ ଅଭିଯୋଗ କରିଥିଲେ। ଏସମ୍ପର୍କରେ ଏସ୍‌ପି ଜାଣିବା ପରେ ଅତିରିକ୍ତ ଏସ୍‌ପିଙ୍କ ତଦାରଖରେ ସିଟି ଡିଏସ୍‌ପିଙ୍କୁ ଅଭିଯୋଗର ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ସିଟି ଡିଏସ୍‌ପି କେ.କେ ହରିପ୍ରସାଦ ତଦନ୍ତ କରି ଏସ୍‌ପିଙ୍କୁ ରିପୋର୍ଟ ଦେଇଥିଲେ। ଏହାପରେ ସମୁଦ୍ରକୂଳ ଥାନା ପୋଲିସ ଏଏସ୍‌ଆଇ ମଲ୍ଲିକଙ୍କ ବିରୋଧରେ ମାମଲା ରୁଜୁ କରି ଗିରଫ କରିଛି। କୌଣସି ପୋଲିସ କର୍ମଚାରୀ ଯଦି ଅପରାଧିକ କାର୍ଯ୍ୟକଳାପ କିମ୍ବା ନିଜ କର୍ତ୍ତବ୍ୟରୁ ନିବୃତ୍ତ ରହି ବେଆଇନ କାର୍ଯ୍ୟକଳାପ କରନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଭଳି କାର୍ଯ୍ୟକଳାକୁ କଦାପି ସହ୍ୟ କରାଯିବ ନାହିଁ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ।

# ଜାନକୀବଲ୍ଲଭଙ୍କ ଶ୍ରାଦ୍ଧଦିବସ

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପ୍ରାକ୍ତନ ରାଜ୍ୟପାଳ ଜାନକୀବଲ୍ଲଭ ପଟ୍ଟନାୟକ ୧୯୨୭ ଜାନୁୟାରୀ ୩ ତାରିଖରେ ରାମେଶ୍ୱରଠାରେ ଜନ୍ମଗ୍ରହଣ କରିଥିଲେ। ସେ ଖୋର୍ଦ୍ଧା ହାଇସ୍କୁଲରୁ ଶିକ୍ଷା ସମାପ୍ତ କରିବା ପରେ ୧୯୪୭ରେ ସଂସ୍କୃତରେ ସ୍ନାତକ ଓ ୧୯୪୯ରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଉପାଧି ଲାଭ କରିଥିଲେ। ୧୯୫୦ରେ ସେ ଓଡ଼ିଶା ଯୁବ କଂଗ୍ରେସରେ ଯୋଗଦେଇ ଏହାର ସଭାପତି ଆସନ ଅଳଙ୍କୃତ କରିଥିଲେ। ୧୯୮୦-୧୯୮୯ ଏବଂ ୧୯୯୫ରୁ ୧୯୯୯ ୩ଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ। ପରେ ସେ ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ଆସାମ ରାଜ୍ୟପାଳ ଭାବେ ଦାୟିତ୍ୱ ତୁଲାଇଥିଲେ। ୨୦୧୫, ଏପ୍ରିଲ ୨୧ରେ ତାଙ୍କ ପରଲୋକ ଘଟିଥିଲା।



ଜାନକୀବଲ୍ଲଭ ପଟ୍ଟନାୟକ

# ଆଖି ବୁଜିଲେ ଅପପୁଷ୍ଟି ପୀଡ଼ିତ ଦିବ୍ୟାଙ୍ଗ ନାବାଳିକା

କଳିଙ୍ଗନଗର,୨୦।୪(ଡି.ଏନ.ଏ.)

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ସଦର ମହକୁମା ଦାନଗଦି ବ୍ଲକରେ ଜଣେ ୮ବର୍ଷର ଦିବ୍ୟାଙ୍ଗ ନାବାଳିକା ଗୁରୁବାର ଖାଦ୍ୟ ଅଭାବରୁ ମୃତ୍ୟୁବରଣ କରିଛନ୍ତି। ସେ ହେଲେ ଉକ୍ତ ବ୍ଲକ୍ ତ୍ରିଜଙ୍ଗା ପଞ୍ଚାୟତ ସୋଲେଇ ଗାଁର ବାବୁଲି ତିରିଆଙ୍କ ଝିଅ ଶୁଭଲକ୍ଷ୍ମୀ। ପୂର୍ବରୁ ସେ ଅପପୁଷ୍ଟିରେ ପୀଡ଼ିତ ହୋଇ ଚିକିତ୍ସିତ ହୋଇଥିଲେ। ତେବେ ପରିବାର ଲୋକଙ୍କ ଅବହେଳାରୁ ସେ ବନ୍ଦ ଘରେ ପଡ଼ିପଡ଼ି ଖାଦ୍ୟ ଅଭାବରୁ ମୃତ୍ୟୁବରଣ କରିଥିବା ପ୍ରଶାସନ ପକ୍ଷରୁ ସଫେଇ ଦିଆଯାଇଛି। ଅନ୍ୟପକ୍ଷରେ ଅପପୁଷ୍ଟିରେ ତାଙ୍କର ମୃତ୍ୟୁ ହୋଇଥିବା ସାଧାରଣରେ ଅଭିଯୋଗ ହୋଇଛି। କିଛି ଦିନ ତଳେ ଦାନଗଦି ବ୍ଲକର ଘାଟିସାହିରେ ଅପପୁଷ୍ଟି ଆକ୍ରାନ୍ତରେ ଜଣେ ଶିଶୁଙ୍କ ମୃତ୍ୟୁ ହୋଇଥିଲା। ପରେ ସୁକିନ୍ଦା ଓ ଦାନଗଦି ବ୍ଲକ୍‌କୁ ସରକାର 'ଶିଶୁ ପୁଷ୍ଟି ଯୋଜନା'ରେ ସାମିଲ କରିଥିଲେ। ମାତ୍ର ଏହି ଯୋଜନାକୁ ଏଠାରେ କାର୍ଯ୍ୟକାରୀ କରିବା ଦାୟିତ୍ୱରେ ଥିବା ସମନ୍ୱିତ ଶିଶୁ ବିକାଶ ବିଭାଗ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଅଭିଯୋଗ ହୋଇଛି।


**Govt. of Odisha** No.B-102:

**"e"- PROCUREMENT NOTICE**

**Bid Identification No. S.E. PKL(R&B)- 01 /2023-24**

E-mail address- eepwd.pkl@rediffmail.com

**TENDER CALL NOTICE**

| | | |
|---|---|---|
| 1. | Name of the work | : Building works |
| 2. | Numbers of work | : 26 (Twenty six) |
| 3. | Estimated cost | : Rs.12.59 lakh (Approx) |
| 4. | Period of completion | : 3 (Three) calendar months |
| 5. | Date & Time of availability of bid document in the portal | : From 11.00 A.M of dt.24.04.2023 to 05.00P.M of dt.04.05.2023 |
| 6. | Last Date/ Time for receipt of bids in the portal | : 05.00 P.M of dt.04.05.2023 |
| 7. | Date of opening of Bid | : 11.30 A.M of dt.06.05.2023 |
| 8. | Name and address of the officer inviting Bid | : Superintending Engineer, Panikoili (R&B) Division, Panikoili. |

Further details can be seen from the e-procurement portal
https://tendersodisha.gov.in

Sd./- Superintending Engineer
Panikoili (R&B) Division
OIPR-34067/11/0001/2324



GOVERNMENT OF ODISHA, "e"-PROCUREMENT NOTICE

**OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA WORKS DEPARTMENT**

**Tender Call Notice**

E-mail: rbcirclekhurda@gmail.com

**Bid Identification No. CCE-Khordha (R&B) Circle-02/2023-24 Memo No - 726 Dt.19.04.2023**

No. B-95:- The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Electrical Work as detailed in the table below:

| | | |
|---|---|---|
| 1. | Nature of Work | : Electrical Work |
| 2. | No. of Work | : 1 No. |
| 3. | Tender Cost | : Rs.10000.00 (On-Line) |
| 4. | Class of Contractor | : MV/HT Class Contractor |
| 5. | Available of Bid document in the Website | : From 10.00 AM of Dt.27.04.2023 up to 05.00 PM of Dt.08.05.2023 |
| 6. | Date of opening of Bid | : Dt. 09.05.2023 at 11.30 AM |

7. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any Addendum / Corrigendum / Cancellation of tender can also be seen in the said website.

Sd./- Chief Construction Engineer,
Khordha (R&B) Circle, Khordha
OIPR-34127/11/0004/2324


# ଏସ୍‌ସିଏଏମ୍‌ଏସ୍‌ରେ ପଞ୍ଜୀକୃତ ହେବେ ବିଏସ୍‌ସି, ଏମ୍‌ଏସ୍‌ସି ଅଷ୍ଟିଓପାଥି ଛାତ୍ରୀଛାତ୍ର

ଭୁବନେଶ୍ୱର, ୨୦।୪(ବ୍ୟୁରୋ)

ବିଏସ୍‌ସି ଅଷ୍ଟିଓପାଥି ଏବଂ ଏମ୍‌ଏସ୍‌ସି ଅଷ୍ଟିଓପାଥି କୋର୍ସ କରିଥିବା ଛାତ୍ରୀଛାତ୍ରମାନେ ଏଣିକି ଡିଏମ୍‌ଇଟି ଅନ୍ତର୍ଗତ ଷ୍ଟେଟ୍ କାଉନସିଲ୍ ଅଫ୍ ଆଲାଏଡ୍ ମେଡିକାଲ ସାଇସେନ୍ସ (ଏସ୍‌ସିଏଏମ୍‌ଏସ୍)ରେ ନାମ ପଞ୍ଜୀକରଣ କରିବେ। ଏନେଇ ଗୁରୁବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ତେବେ ରେଜିଷ୍ଟ୍ରେଶନ କିମ୍ବା ନବୀକରଣ ପାଇଁ କେତେ ଫି' ରହିବ ତାହା କାଉନସିଲ୍ ସ୍ଥିର କରିବ ବୋଲି ସୂଚନା ଦିଆଯାଇଛି। ୨୦୧୮ରେ ଶ୍ରୀଶ୍ରୀ ୟୁନିଭର୍ସିଟି, କଟକ ବିଦ୍ୟାଧରପୁର ପକ୍ଷରୁ ବିଏସ୍‌ସି ଅଷ୍ଟିଓପାଥି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ଦୁଇଟି ପର୍ଯ୍ୟାୟ ଯଥା ବିଏସ୍‌ସି ଅଷ୍ଟିଓପାଥି (୪ ବର୍ଷିଆ ବ୍ୟାଚଲର ଡିଗ୍ରୀ ପ୍ରୋଗ୍ରାମ) ଏବଂ ଏମ୍‌ଏସ୍‌ସି ଅଷ୍ଟିଓପାଥି (ଦୁଇବର୍ଷିଆ ମାଷ୍ଟର ଡିଗ୍ରୀ ପ୍ରୋଗ୍ରାମ) ପଢାଯାଉଥିଲା। ଏମାନଙ୍କ ମଧ୍ୟରେ ଶତାଧିକ ଅଣ୍ଡର ଗ୍ରାଜୁଏଟ୍ ଏବଂ ପୋଷ୍ଟଗ୍ରାଜୁଏଟ୍ ରହିଛନ୍ତି। ଏମାନେ କିପରି ଏକ ଉପଯୁକ୍ତ ପରିଷଦ ଅଧୀନରେ ପଞ୍ଜୀକୃତ ହୋଇପାରିବେ ସେ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏହି ବିଷୟ ପାଠ କରିଥିବା ପିଲାମାନେ ଷ୍ଟେଟ୍ କାଉନସିଲ୍ ଅଫ୍ ଆଲାଏଡ୍ ମେଡିକାଲ ସାଇସେନ୍ସରେ ପଞ୍ଜୀକୃତ ହେବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।


**ଓଡ଼ିଶା ଉଠା ଜଳସେଚନ ନିଗମ**
(ଓଡ଼ିଶା ସରକାରଙ୍କ ଏକ ସଂସ୍ଥା)
ଏନ୍-୧୭/୨, ନୂଆପଲ୍ଲୀ, ଭୁବନେଶ୍ୱର-୧୨
Website: www.odishalift.com

**ବିଜୁ କୃଷକ ବିକାଶ ଯୋଜନା ଅନ୍ତର୍ଗତ ୨୦୨୩-୨୦୨୪ ଆର୍ଥିକ ବର୍ଷ ପାଇଁ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ ସ୍ଥାପନ ନିମନ୍ତେ Online ଦରଖାସ୍ତ ଆହ୍ୱାନ**

No.CAD-257:- ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗ, ଉଠା ଜଳସେଚନ ନିଗମ ଜରିଆରେ ରାଜ୍ୟର ସମସ୍ତ ଜିଲ୍ଲାମାନଙ୍କରେ ଯେଉଁଠି କେନାଲ ଜଳସେଚନର ସୁବିଧା ପହଞ୍ଚି ପାରୁନାହିଁ ସେଠାରେ ଭୂତଳ ଓ ଭୂପୃଷ୍ଠ ଜଳକୁ ଚାଷ କାର୍ଯ୍ୟରେ ସୁବିନିଯୋଗ କରିବା ନିମନ୍ତେ ବିଜୁ କୃଷକ ବିକାଶ ଯୋଜନା (BKVY) ମାଧ୍ୟମରେ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ (Community Lift Irrigation Project) ସ୍ଥାପନ ଦ୍ୱାରା ଜଳସଚେନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଉଅଛି । ଏହି ପ୍ରକଳ୍ପଗୁଡ଼ିକର ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ପ୍ରକଳ୍ପର ହିତାଧିକାରୀମାନଙ୍କ ଦ୍ୱାରା ଗଠିତ ହୋଇଥିବା ପାଣି ପଞ୍ଚାୟତମାନଙ୍କୁ ନ୍ୟସ୍ତ କରାଯାଇଥାଏ ।

- ଭୂପୃଷ୍ଠ ଜଳ ଯଥା ନଦୀ, ନାଳ ଇତ୍ୟାଦିର ପ୍ରବାହ ଯେଉଁ ଅଞ୍ଚଳରେ ରହିଛି ସେଠାରେ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ (River Lift) ସ୍ଥାପନ କରାଯାଇ ପ୍ରତ୍ୟେକ ପ୍ରକଳ୍ପ ଦ୍ୱାରା ଅନ୍ୟୁନ ୨୦ ହେକ୍ଟରରୁ ଅଧିକ ଅଣ ଜଳସେଚିତ ଚାଷ ଜମିକୁ ଜଳସେଚନର ବ୍ୟବସ୍ଥା କରାଯାଉଅଛି ।
- ଭୂତଳ ଜଳସ୍ତର (Ground Water) ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ଥିବା ଅଞ୍ଚଳରେ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ (Medium Deep Tube Well) ସ୍ଥାପନ କରାଯାଇ ପ୍ରତ୍ୟେକ ପ୍ରକଳ୍ପ ଦ୍ୱାରା ଅନ୍ୟୁନ ୧୨ରୁ ୨୦ ହେକ୍ଟର ଅଣ ଜଳସେଚିତ ଚାଷ ଜମିକୁ ଜଳସେଚନର ବ୍ୟବସ୍ଥା କରାଯାଇପାରୁଛି ।
- ଏହି ପ୍ରକଳ୍ପ ସ୍ଥାପନ ନିମନ୍ତେ ୭ ଜଣରୁ ଅଧିକ ହିତାଧିକାରୀ ରହିବା ଆବଶ୍ୟକ ଓ ସରକାରଙ୍କ ନିୟମ ଅନୁସାରେ ପାଣି ପଞ୍ଚାୟତ ପଞ୍ଜୀକୃତ କରି ହିତାଧିକାରୀମାନଙ୍କ ସହଭାଗିତା ମାଧ୍ୟମରେ ଜଳସେଚନ ପରିଚାଳନା ଓ ପ୍ରକଳ୍ପର ରକ୍ଷଣାବେକ୍ଷଣ ଦାୟିତ୍ୱ ନେବା ପାଇଁ ସହମତି ପ୍ରକାଶ କରିବା ଜରୁରୀ ଅଟେ ।

୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ ସ୍ଥାପନ ନିମନ୍ତେ ରାଜ୍ୟର ୨୯ ଗୋଟି ଜିଲ୍ଲାର (ଝାରସୁଗୁଡ଼ା ଜିଲ୍ଲା ବ୍ୟତୀତ) ଚାଷୀ ଭାଇ ଓ ଭଉଣୀମାନଙ୍କଠାରୁ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ online ମାଧ୍ୟମରେ ପଞ୍ଜୀକୃତ କରିବା ପାଇଁ ଆସନ୍ତା ତା୨୪।୦୪।୨୦୨୩ରିଖଠାରୁ ତା୦୮।୦୫।୨୦୨୩ରିଖ ପର୍ଯ୍ୟନ୍ତ ଖୋଲା ରହିବ ।

ଚାଷୀ ଭାଇ ଓ ଭଉଣୀମାନେ ଏକତ୍ରିତ ହୋଇ ନିଜ ଘରେ ବସି mobile phone ଦ୍ୱାରା/ଗ୍ରାମରେ ଥିବା ଜନ ସହାୟତା କେନ୍ଦ୍ର / ଗ୍ରାମ ପଞ୍ଚାୟତ ଅଫିସକୁ ଯାଇ ଉଠା ଜଳସେଚନ ନିଗମର website: www.odishalift.comରେ ଉପରୋକ୍ତ ସମୟସୀମା ମଧ୍ୟରେ online ଦରଖାସ୍ତ ପୂରଣ କରି ଏହି ଯୋଜନାର ପର୍ଯ୍ୟାପ୍ତ ସୁଯୋଗ ନେବାକୁ ଅନୁରୋଧ କରାଯାଉଅଛି ।

OIPR-32432/11/0031/2324 ସ୍ୱା./- ପରିଚାଳନା ନିର୍ଦ୍ଦେଶକ



**OFFICE OF THE MUNICIPAL COUNCIL, KHORDHA**
H&UD Department, Govt. of Odisha, Khordha - 752055
e-Mail: khurda_municipality@yahoo.co.in, Phone No.: 06755-220674

**"e" PROCUREMENT NOTICE**

No. 1250 Date: 18.04.2023

No. C-131: Bid Documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. **https://tendersodisha.gov.in/nicgep/app**.

| | | |
|---|---|---|
| 1. | Tender Reference No. | : KMPLTY/02/2023-24 |
| 2. | Name of the Work | : Civil Construction works as mentioned in website |
| 3. | No. of Works | : 40 Nos. |
| 4. | Estimated Cost | : As per DTCN |
| 5. | Earnest Money Deposit (EMD) | : As per DTCN |
| 6. | Period of Completion | : As per DTCN |
| 7. | Date & Time of Bidding | : From Date: 21.04.2023 at 11.00 A.M. |
| 8. | Last date & time for receipt of bids in the portal | : Date: 04.05.2023 upto 5.00 P.M. |
| 9. | Bids received online shall be opened on | : Date: 06.05.2023 from 09.00 A.M. |
| 10. | Name and address of the Officer Inviting Bid | : O/o. Executive Officer, Khordha Municipality |

Further amendments, corrigendum or other communication regarding this notice will be available only on **https://tendersodisha.gov.in/nicgep/app** and will not be published in print media.

Sd./- Executive Officer
Khordha Municipality
OIPR-13082/11/0003/2324



**OFFICE OF THE MUNICIPALITY, NABARANGPUR**
NABARANGPUR (ODISHA), PIN- 764059
Tel/Fax No.06858-222031, E-mail-muncipalityngpr@gmail.com

**"e" PROCUREMENT NOTICE**

**Bid Identification No: 01/NAB-MUN/2023-24**
Letter No.1563, Date:18.04.2023

**No.C-130:**Name of the work for which e-Tender invited Supply of labour, Vehicles, machineries & equipments for Sanitation Works including collection of solid waste from Door to Door, Road sweeping, Drain Cleaning, Bush Cutting, Bead level de-salting from Ward No. 1,2,3,4,5,9,10,11 & 17 of Nabarangpur Municipality area for the F.Y. 2023-24.

1. Estimated cost of work (Annually) - **Rs. 1,14,32,000/-**
2. Eligible Intending Registered & Financially Sound Manpower Service Provider Agency/Firms/ Trust/ N.G.O shaving similar nature of work experience of at least Five years and fulfilling the other criteria as given in the D.T.C.N.
3. The Bid documents will be available in the web-site i.e http://www.tendersodisha.gov.in from **11.00 A.M of 20.04.2023 to 5.00 P.M of 26.04.2023** for online bidding.
4. Bid identification No.**01/NAB-MUN/2023-24.**
5. Last date & time of receipt of Bid through online: **26.04.2023 of 5.00 P.M**
6. Deposit original financial documents offline: **7.00 A.M of 20.04.2023 up to 26.04.2023 of 1.00 P.M**
7. Opening of Bid on **27.04.2023 at 11:00 Hrs** at Nabarangpur Municipality.
8. The bidder has to participate in online bidding only.
9. For further detail information any one can visit the procurement portal of the Govt. of Odisha i.e. http://www.tendersodisha.gov.in.

Sd./- Executive Officer
Nabarangpur Municipality
OIPR-13230/11/0004/2324

**କର୍ମଚାରୀ ଛଟେଇ କରିବ 'କୁ'**

ନୂଆଦିଲ୍ଲୀ: ଦେଶର ପ୍ରମୁଖ ମାଇକ୍ରୋବ୍ଲଗିଂ ପ୍ଲାଟ୍‌ଫର୍ମ 'କୁ' ରୁ କର୍ମଚାରୀ ଛଟେଇ ଆରମ୍ଭ ହୋଇଛି। ଏପରିକି ପ୍ରାଥମିକ ପର୍ଯ୍ୟାୟରେ କମ୍ପାନୀର ପ୍ରାୟ ଏକତୃତୀୟାଂଶ କର୍ମଚାରୀଙ୍କୁ ଚାକିରିରୁ ଛଟେଇ କରାଯିବ ବୋଲି ଜଣାପଡ଼ିଛି। ଅପରପକ୍ଷରେ କମ୍ପାନୀ ତା'ର ୩୦% କର୍ମଚାରୀଙ୍କୁ ଛଟେଇ ନେଇ ଘୋଷଣା କରିଛି। ଫଳରେ କମ୍ପାନୀର ପ୍ରାୟ ୨୬୦ କର୍ମଚାରୀ ଛଟେଇରେ ସାମିଲ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ୩ ବର୍ଷ ପୂର୍ବେ ଏହାର ଅଭ୍ୟୁଦୟ ହୋଇଥିଲା ଏବଂ ଏହା ଭାରତ ବଜାରରେ ଟୁଇଟରର ବିକଳ୍ପ ଭାବେ ବେଶ୍ ଲୋକପ୍ରିୟତା ହାସଲ କରିଥିଲା।

# ଗ୍ରାହକଙ୍କୁ ଆକୃଷ୍ଟ କରୁଛି ଆକର୍ଷଣୀୟ ଅଫର

■ଖସୁଛି ସୁନା ଦର
■ଅକ୍ଷୟ ତୃତୀୟା କଲେକ୍ସନ



ନୂଆଦିଲ୍ଲୀ,୨୦।୪

ଗତ କିଛିଦିନ ହେବ ସୁନା ଦରରେ ହ୍ରାସ ପରିଲକ୍ଷିତ ହୋଇଛି। କାରଣ ଅନ୍ତଃରାଷ୍ଟ୍ରୀୟ ବଜାରରେ ସୁନା ଉତ୍ପାଦନ ବ୍ୟାପକ ପରିମାଣରେ ବୃଦ୍ଧି ପାଇଛି। ଏପରିକି ଉତ୍ପାଦନ ବୃଦ୍ଧି ଓ ସ୍ଥାନୀୟ ବଜାରରେ ମାନ୍ଦାବସ୍ଥା ଜାରି ଯୋଗୁ ଦର ମଧ୍ୟ ହ୍ରାସ ଘଟିଛି। ଏହାର ପ୍ରଭାବ ଭାରତୀୟ ସୁନା ବଜାର ଉପରେ ପଡ଼ିଛି। ଫଳରେ ଗତ ସପ୍ତାହ ମଧ୍ୟରେ ପ୍ରାୟ ୨୦୦୦ ଟଙ୍କା ହ୍ରାସ ଘଟିଛି ବୋଲି ଇଣ୍ଡିଆ ବୁଲିଅନ ଆଣ୍ଡ ଜୁଏଲର୍ସ ଆସୋସିଏସନ(ଆଇବିଜେଏ) ପକ୍ଷରୁ କୁହାଯାଇଛି। ସେହିଭଳି ଭାରତୀୟ ବଜାରରେ ଆଗକୁ ଅକ୍ଷୟ ତୃତୀୟା ଓ ବିବାହ ଋତୁ ଥିବାରୁ ସୁନା ଦର ହ୍ରାସ ସବୁ ବର୍ଗଙ୍କ ପାଇଁ ଆଶ୍ୱସ୍ତିକର ବୋଲି ବଜାର ବିଶେଷଜ୍ଞମାନେ ଆଶାବ୍ୟକ୍ତ କରିଛନ୍ତି। ବିଶେଷକରି ଆମେରିକା ଫେଡେରାଲ ବ୍ୟାଙ୍କର ମୂଲ୍ୟ ବୃଦ୍ଧି ଓ ମୁଦ୍ରାସ୍ଫିତ ହାରରେ ପରିବର୍ତ୍ତନ ଯୋଗୁ ଅନ୍ତଃରାଷ୍ଟ୍ରୀୟ ବଜାରରେ ମାନ୍ଦାବସ୍ଥା ସୃଷ୍ଟି ହୋଇଛି। ଏହାର ପ୍ରଭାବ ଉତ୍ପାଦନ ଉପରେ ପଡ଼ିଛି ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଅପରପକ୍ଷରେ ନୂଆଦିଲ୍ଲୀ ବଜାରରେ ମଧ୍ୟ କ୍ରମାଗତ ୨ୟ ସପ୍ତାହ ଲାଗି ସୁନା ଦରରେ ହ୍ରାସ ଘଟିଛି ବୋଲି ଅଲ ଇଣ୍ଡିଆ ଜେମ୍ସ ଆଣ୍ଡ ଜୁଏଲର୍ସ ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷକରି ୨୨ ଓ ୨୪ ଗ୍ରାମ୍ ସୁନା ଦରରେ ପ୍ରାୟ ୧୫୦୦ରୁ ୨୦୦୦ ଟଙ୍କାର ହ୍ରାସ ଘଟି ପ୍ରାୟ ୬୦,୦୦୦ ଟଙ୍କାରେ ରହିଛି। ଗତ ବର୍ଷ ଏହି ସମୟର ମୂଲ୍ୟ ତୁଳନାରେ ୨୦୨୩ ବର୍ଷର ଅକ୍ଷୟ ତୃତୀୟା ମୂଲ୍ୟ ପ୍ରାୟ ୫୦୦୦ ଟଙ୍କା ଅଧିକ ରହିଛି ବୋଲି ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷର ଅକ୍ଷୟ ତୃତୀୟା ଉପଲକ୍ଷେ ଓଡ଼ିଶା ସୁନାବଜାର ବିଶେଷକରି ଭୁବନେଶ୍ୱର ଭଳି ପ୍ରମୁଖ ସହରରେ ଜଣାଶୁଣା ତଥା ପ୍ରତିଷ୍ଠିତ ସୁନା ଅଳଙ୍କାରଗୁଡ଼ିକରେ ଆକର୍ଷଣୀୟ ଅକ୍ଷୟ ତୃତୀୟା ଅଫର ସାଙ୍ଗକୁ ଅନ୍ୟାନ୍ୟ ସୁବିଧା ସମ୍ପର୍କରେ ଘୋଷଣା କରାଯାଇଛି। ବିଗତ ୨ ବର୍ଷର କାରବାରଠାରୁ ଚଳିତ ବର୍ଷ ୧୫ରୁ ୨୦% ଅଧିକ କାରବାର ପାଇଁ ସବୁ ବର୍ଗର ଜୁଏଲର୍ସ ପ୍ରତିଷ୍ଠାନ ପକ୍ଷରୁ ବ୍ୟାପକ ସମ୍ଭାର ଓ ନୂତନ କଲେକ୍ସନର ଶୁଭାରମ୍ଭ କରାଯାଇଛି। ବର୍ତ୍ତମାନ ସମୟରେ ଭୁବନେଶ୍ୱର ବଜାରରେ ୧୦ ଗ୍ରାମ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ପ୍ରାୟ ୫୧,୫୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ୍ ସୁନାର ମୂଲ୍ୟ ୫୯, ୪୦୦ ଟଙ୍କା ରହିଛି ବୋଲି ସହରର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

## 'ମିସ୍‌କଲ୍‌ପେ'ର ଶୁଭାରମ୍ଭ

ଭୁବନେଶ୍ୱର,୨୦।୪

ଓଡ଼ିଶା ସରକାର ରାଜ୍ୟରେ ଡିଜିଟାଲ ପେମେଣ୍ଟର ଗ୍ରହଣୀୟତାକୁ ବଢ଼ାଇବା ଏବଂ ଫିନ୍‌ଟେକ୍ ଶିଳ୍ପର ଅଭିବୃଦ୍ଧି ପାଇଁ ଏକ ଅଭିନବ ସେବା ଓ ସୁବିଧାର ପ୍ରଚଳନ କରିବା ସହ ଅତ୍ୟାଧୁନିକ ଜ୍ଞାନକୌଶଳରେ ବିକଶିତ ତଥା ମିସ୍‌କଲ୍-ଆଧାରିତ ପେମେଣ୍ଟ୍ ସିଷ୍ଟମ 'ମିସ୍‌କଲ୍‌ପେ'ର ପ୍ରଚଳନ କରାଇଛନ୍ତି। ଏପରିକି ଓଡ଼ିଶାର ପ୍ରଥମ ଫିନ୍‌ଟେକ୍ ଫେଷ୍ଟିଭାଲ ଅବସରରେ ଓଡ଼ିଶା ସରକାର ମଙ୍ଗଳବାର 'ମିସ୍‌କଲ୍‌ପେ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛନ୍ତି। ବିଶେଷକରି ଭୁବନେଶ୍ୱରକୁ ପୂର୍ବ ଭାରତର ଏକ ଫିନ୍‌ଟେକ୍ ହବ୍ ଭାବେ ପ୍ରୋତ୍ସାହିତ କରିବା ପାଇଁ ଏଭଳି ଏକ ଫେଷ୍ଟିଭାଲର ଆୟୋଜନ କରାଯାଇଛି। ଏ ସମ୍ପର୍କରେ ମିସ୍‌କଲ୍‌ପେର ପ୍ରତିଷ୍ଠାତା ଓ ସିଇଓ ମିତେଶ ଠାକର କହିଛନ୍ତି, 'ମିସ୍‌କଲ୍‌ପେ'ରେ ଆମେ ୟୁପିଆଇ ଡିଜିଟାଲ ପେମେଣ୍ଟଗୁଡ଼ିକୁ ସରଳ ଭାବେ ବିକଶିତ କରିଛୁ।

## ୟୁବିଆଇ ଭୁବନେଶ୍ୱର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ

ଭୁବନେଶ୍ୱର,୨୦।୪



ନିରଞ୍ଜନ ବାରିକ

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ), ଭୁବନେଶ୍ୱର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ନିରଞ୍ଜନ ବାରିକ ନିକଟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ବ୍ୟାଙ୍କର ବାଲେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ଉଲ୍ଲେଖଯୋଗ୍ୟ, ୨୦୦୩ରେ ବାରିକ ପ୍ରୋବେସନାରି ଅଫିସର ଭାବେ ବ୍ୟାଙ୍କରେ ଯୋଗଦେଇଥିଲେ। ସେହିଭଳି ବାରିକ ୟୁବିଆଇର ବିଭିନ୍ନ କାର୍ଯ୍ୟ କ୍ଷେତ୍ରରେ ଭିନ୍ନ ଭିନ୍ନ ପଦପଦବୀରେ ରହି ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି। ଏପରିକି ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ତାଙ୍କର ବହୁ ଅଭିଜ୍ଞତା ରହିଛି। ଅପରପକ୍ଷରେ ସେ ତାଙ୍କର କାର୍ଯ୍ୟକାଳ ମଧ୍ୟରେ ଚଳନ୍ତି ଜମା, ସଞ୍ଚୟ ଜମା, ଖୁଚୁରା ଋଣ, ଏନ୍‌ପିଏ ରିକଭରି ଆଦି କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେବେ ବୋଲି ମତପ୍ରକାଶ କରିଛନ୍ତି।

## ୟୁବିଆଇ ସମ୍ବଲପୁର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ



ଧର୍ମେନ୍ଦ୍ର ରାଜୋରିଆ

ଭୁବନେଶ୍ୱର,୨୦।୪

ୟୁନିୟନବ୍ୟାଙ୍କଅଫ୍‌ଇଣ୍ଡିଆ(ୟୁବିଆଇ)ର ସମ୍ବଲପୁର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ଧର୍ମେନ୍ଦ୍ର ରାଜୋରିଆ ନିକଟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଗାଜିପୁର କ୍ଷେତ୍ରୀୟ କାର୍ଯ୍ୟାଳୟରେ କ୍ଷେତ୍ରୀୟ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ଉଲ୍ଲେଖଯୋଗ୍ୟ, ୨୦୦୬ରେ ସେ ପ୍ରୋବେସନାରି ଅଫିସର ଭାବେ ବ୍ୟାଙ୍କରେ ଯୋଗଦେଇଥିଲେ। ପରବର୍ତ୍ତୀ ସମୟରେ ରାଜୋରିଆ ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ ଓ ମୁମ୍ବାଇ ଭଳି ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପଦପଦବୀରେ ରହି ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି। ବିଶେଷକରି ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ତାଙ୍କର ବ୍ୟାପକ ଅଭିଜ୍ଞତା ମଧ୍ୟ ରହିଛି। ଅପରପକ୍ଷରେ ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ସେ ଉତ୍ତମ ଗ୍ରାହକ ସେବା, ଅଗ୍ରିମ ଓ ଡିଜିଟାଲ ବ୍ୟାଙ୍କିଙ୍ଗ୍ ଉପରେ ଅଧିକ ଗୁରୁତ୍ୱ ଦେବେ ବୋଲି ମତପ୍ରକାଶ କରିଛନ୍ତି।

# ପଟିଆ ଛକରେ କଲ୍ୟାଣ ଜୁଏଲର୍ସ

■ଆଜି ଉଦ୍‌ଘାଟନ କରିବେ ଶିଳ୍ପା ସେଟ୍ଟୀ
■ଓଡ଼ିଶା ବଜାରରେ ୪ର୍ଥ ଆଉଟ୍‌ଲେଟ୍

ଭୁବନେଶ୍ୱର,୨୦।୪

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ କଲ୍ୟାଣ ଜୁଏଲର୍ସର ଓଡ଼ିଶା ୟୁନିଟ୍ ପକ୍ଷରୁ ଶୁକ୍ରବାର ଆଉ ଏକ ଏକ୍ସକ୍ଲୁସିଭ ଷ୍ଟୋରର ଶୁଭାରମ୍ଭ ହେବାକୁ ଯାଉଛି। ବିଶେଷକରି ଭୁବନେଶ୍ୱରର ପଟିଆ ଛକରେ ଉକ୍ତ ଷ୍ଟୋର ଖୋଲିବାକୁ ଯାଉଛି। ଭୁବନେଶ୍ୱରରେ ଏହା ୨ୟ ଆଉଟ୍‌ଲେଟ୍ ହୋଇଥିବା ବେଳେ ଓଡ଼ିଶା ବଜାରରେ ପ୍ରତିଷ୍ଠାନର ୪ର୍ଥ ଆଉଟ୍‌ଲେଟ୍ ବୋଲି କଲ୍ୟାଣ ଜୁଏଲର୍ସ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ଉକ୍ତ ଆଉଟ୍‌ଲେଟ୍ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ଏ ସମ୍ପର୍କରେ କଲ୍ୟାଣ ଜୁଏଲର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରମେଶ କଲ୍ୟାଣ ରମଣ କହିଛନ୍ତି, ଓଡ଼ିଶା ବଜାରରେ ଆମେ ୮ମ ବର୍ଷ ପାଳନ କରୁଥିବା ବେଳେ ଭୁବନେଶ୍ୱରରେ ବ୍ରାଣ୍ଡର ୨ୟ ଶୋ'ରୁମ୍‌ର ଶୁଭାରମ୍ଭ ସମ୍ପର୍କରେ ଘୋଷଣାକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ସ୍ମାର୍ଟସିଟି ଭୁବନେଶ୍ୱର ସହରର ଗ୍ରାହକମାନଙ୍କ ନିକଟତର ହେବାକୁ ସହରର ପ୍ରମୁଖ ଅଞ୍ଚଳ ପଟିଆରେ ବ୍ରାଣ୍ଡର ୨ୟ ଶୋ'ରୁମ୍ ଖୋଲିବାକୁ ଯାଉଛୁ। ଏପରିକି ଉକ୍ତ ଅଞ୍ଚଳ ଓ ସହରବାସୀଙ୍କ ପାଇଁ ଏହି ଶୋ'ରୁମ୍ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ଆମେ ଆଶାବ୍ୟକ୍ତ କରୁଛୁ। ଏହି ଅଞ୍ଚଳରେ ଆମର ରହିଥିବା ଦୃଢ଼ ମୂଳଦୁଆ ଅନୁସାରେ ଆମେ ଅଭିବୃଦ୍ଧି ଧାରା ବଜାୟ ରଖିବାକୁ ଆଶାବାଦୀ ଅଛୁ। ସେହିଭଳି ବିଶ୍ୱଶ୍ରେଣୀର ପରିବେଶରେ ଗଢି ଉଠିଥିବା ଉକ୍ତ ଷ୍ଟୋରରେ ବ୍ରାଣ୍ଡର ବ୍ୟାପକ ଶ୍ରେଣୀର ଡିଜାଇନ୍ ଉପଲବ୍ଧ। ଏପରିକି ବଜାରରେ ସର୍ବନିମ୍ନ ଓ କମ୍ପାନୀର ସବୁ ଶୋ'ରୁମ୍‌ରେ ସମାନ ଥିବା 'କଲ୍ୟାଣ ସ୍ପେସିଆଲ୍ ଗୋଲ୍ଡ ବୋର୍ଡ ରେଟ୍' ପ୍ରଯୁଜ୍ୟ ହେବ। ଯାହା ନିରବଚ୍ଛିନ୍ନ ଓ ସେବା ଭିତ୍ତିକ ଶପିଙ୍ଗ୍ ଅନୁଭୂତିକୁ ନିଶ୍ଚିତ କରିବ। ଶୋ'ରୁମର ଶୁଭାରମ୍ଭ ଉତ୍ସବକୁ ପାଳନ କରିବା ଲାଗି କଲ୍ୟାଣ ଜୁଏଲର୍ସ ପକ୍ଷରୁ ସର୍ବନିମ୍ନ ୧ ଲକ୍ଷ ଟଙ୍କାର ଶପିଙ୍ଗ୍ ଉପରେ ଅଧା କିଣା ମୂଲ୍ୟ ଉପରେ ଶୂନ ଗଢ଼ା ମୂଲ୍ୟ ଭଳି ସ୍ୱତନ୍ତ୍ର ସୁବିଧା ଗ୍ରାହକଙ୍କୁ ପ୍ରଦାନ କରାଯାଉଛି। ଏହି ଅଫର ସୀମିତ ସମୟ ପାଇଁ ଉପଲବ୍ଧ। କଲ୍ୟାଣ ଜୁଏଲର୍ସରେ ବିକ୍ରି କରାଯାଉଥିବା ଗହଣାଗୁଡ଼ିକ ବିଆଇଏସ୍ ହଲ୍‌ମାର୍କର ଏବଂ ଏକାଧିକ ଶୁଦ୍ଧତା ପରୀକ୍ଷା ଦେଇ ଗତି କରିଥାଏ। ବିଶେଷ କରି ଗ୍ରାହକମାନେ କଲ୍ୟାଣ ଜୁଏଲର୍ସର ୪-ସ୍ତରୀୟ ଆସ୍ୟୁରାନ୍ସ ସାର୍ଟିଫିକେଟ୍ ମଧ୍ୟ ପାଇବେ। ଯାହା ଶୁଦ୍ଧତା, ଗହଣାର ଜୀବନବ୍ୟାପୀ ମରାମତି, ସମ୍ପୂର୍ଣ୍ଣ ଉତ୍ପାଦ ବିବରଣୀ ଏବଂ ଏକ୍ସଚେଞ୍ଜ ଓ ବାଏ ବ୍ୟାକ୍ ନୀତିରେ ସ୍ୱଚ୍ଛତା ଆଦିର ଗ୍ୟାରେଣ୍ଟି ପ୍ରଦାନ କରୁଛି। ଏପରିକି ବିଶ୍ୱାସନୀୟ ଗ୍ରାହକମାନଙ୍କୁ ଶ୍ରେଷ୍ଠତା ପ୍ରଦାନ କରିବା ଲାଗି ଏହି ସାର୍ଟିଫିକେଟ୍ ହେଉଛି ବ୍ରାଣ୍ଡର ରହିଥିବା ପ୍ରତିବଦ୍ଧତାର ଏକ ଅଂଶ ବୋଲି କୁହାଯାଉଛି। ଏଠାରେ କଲ୍ୟାଣ ଜୁଏଲର୍ସର ଲୋକପ୍ରିୟ ବ୍ରାଣ୍ଡ ଲିଲା-ହୀରା ଓ ସେମି-ପ୍ରିସିଅସ୍ ଷ୍ଟୋନ ଗହଣା, ତେଜସ୍ୱୀ-ପୋଲକି ଗହଣା, ମୁଦ୍ରା-ହାତ ତିଆରି ଆଣ୍ଟିକ୍ ଗହଣା, ନିମାହ-ମନ୍ଦିର ଗହଣା, ଗ୍ଲୋ-ଡ୍ୟାନ୍‌ସିଂ ହୀରା, ଜିଆ-ସୋଲିଟାୟାର ଭଳି ହୀରା ଗହଣା, ଅନୋଖି-ଅନକଟ ହୀରା, ଅପୂର୍ବା-ସ୍ୱତନ୍ତ୍ର ଅବସର ପାଇଁ ହୀରା, ମୁହୂରତ-ବିବାହ ଗହଣା, ରଙ୍ଗ-ପ୍ରିସିଅସ୍ ଷ୍ଟୋନ୍ ଗହଣା ଆଦି ଉପଲବ୍ଧ।

## ଦିଲ୍ଲୀରେ ଆପଲ୍ ସାକେତ ରିଟେଲ ଷ୍ଟୋର



ନୂଆଦିଲ୍ଲୀ,୨୦।୪

ପ୍ରିମିୟମ ସ୍ମାର୍ଟଫୋନ ତଥା ଆଇଫୋନ ନିର୍ମାତା ଆପଲ୍‌ର ୨ୟ ରିଟେଲ ଷ୍ଟୋର ଗୁରୁବାର ନୂଆଦିଲ୍ଲୀର ସାକେତସ୍ଥିତ ସିଟି ୱାକ୍ ମଲ୍‌ରେ 'ଆପଲ୍ ସାକେତ' ରିଟେଲ ଷ୍ଟୋର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଆପଲ୍‌ର ସିଇଓ ଟିମ୍ କୁକ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆପଲ୍ ବହୁ ବରିଷ୍ଠ ଅଧିକାରୀଙ୍କ ସମେତ ଷ୍ଟୋର କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ପ୍ରାୟ ୮୪୧୮ ( ୮୪୧୭.୮୩) ବର୍ଗଫୁଟ ପରିବ୍ୟାପ୍ତ ସ୍ଥାନରେ ଉକ୍ତ ଷ୍ଟୋର ଗଢି ଉଠିଛି। ବିଶେଷକରି ଅନ୍ତଃରାଷ୍ଟ୍ରୀୟ ସ୍ତରର ଡିଜାଇନ ଓ ଆକର୍ଷଣୀୟ ପରିବେଶ ମଧ୍ୟରେ ବ୍ରାଣ୍ଡର ସମସ୍ତ ଫୋନ ଓ ଅନ୍ୟାନ୍ୟ ଉତ୍ପାଦକୁ ଭାରତୀୟ ଗ୍ରାହକମାନେ ଅତି ସହଜରେ ପାଇପାରିବେ। ଏ ସମ୍ପର୍କରେ ଟିମ୍ କୁକ୍ କହିଛନ୍ତି, ଦୀର୍ଘ ୨୫ ବର୍ଷ ପରେ ଆମେ ପ୍ରତ୍ୟକ୍ଷ ଭାବେ ଭାରତୀୟ ବଜାରରେ ପାଦ ଦେଇଛୁ। ଏପରିକି ଆଗାମୀ ଦିନରେ ମଧ୍ୟ ଦେଶର ପ୍ରମୁଖ ସହରଗୁଡିକରେ ବ୍ୟବସାୟିକ କାରବାର ବୃଦ୍ଧି ସମ୍ପର୍କରେ ବ୍ୟାପକ ଯୋଜନା କରୁଥିବା ସେ ମତପ୍ରକାଶ କରିଛନ୍ତି। ସେହିଭଳି ଉକ୍ତ ଷ୍ଟୋରରେ ୧୮ଟି ରାଜ୍ୟର ୭୦ ଜଣ ଅଭିଜ୍ଞ ଓ ଦକ୍ଷ କର୍ମଚାରୀଙ୍କ ସହିତ ୧୫ଟି ଭାଷାରେ ସେବା ଯୋଗାଇଦେବାକୁ ଷ୍ଟୋର ପ୍ରତିଶ୍ରୁତିବଦ୍ଧ ରହିଛି। ଉଲ୍ଲେଖଯୋଗ୍ୟ, ମୁମ୍ବାଇର ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ (ବିକେସି) ସ୍ଥିତ ଜିଓ ୱାର୍ଲଡ ଡ୍ରାଇଭ ମଲ୍‌ଠାରେ ଆପଲ୍‌ର ୧ମ ରିଟେଲ ଷ୍ଟୋର ଶୁଭାରମ୍ଭ ହୋଇଯାଇଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

## ସିମ୍ଫୋନିର ବିଏଲ୍‌ଡିସି ମଡେଲ ଉନ୍ମୋଚିତ



ଭୁବନେଶ୍ୱର,୨୦।୪

ଦେଶର ପ୍ରମୁଖ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦକ ସିମ୍ଫୋନି ଲିମିଟେଡ୍ ପକ୍ଷରୁ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ବ୍ରସ୍‌ଲେସ୍ ଡିସି ଇଲେକ୍ଟ୍ରିକ୍ ମୋଟର(ବିଏଲ୍‌ଡିସି) ପ୍ରଯୁକ୍ତି ମଡେଲ ରେଞ୍ଜକୁ ସର୍ବଭାରତୀୟ ସ୍ତରରେ ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ବିଏଲ୍‌ଡିସି ପ୍ରଯୁକ୍ତି ଦ୍ୱାରା ପରିଚାଳିତ ବିଶ୍ୱର ସର୍ବପ୍ରଥମ ଏୟାର କୁଲର ବର୍ଗମାଳାକୁ ନିକଟରେ ଉନ୍ମୋଚନ କରିଛି। ଅତ୍ୟଧିକ ଶକ୍ତି ମିତବ୍ୟୟୀ ବିଏଲ୍‌ଡିସି ଏୟାର କୁଲର ଅନ୍ୟ କୁଲର ତୁଳନାରେ ୬୦% ପର୍ଯ୍ୟନ୍ତ କମ୍ ବିଦ୍ୟୁତ୍ ବ୍ୟବହାର କରିଥାଏ। ପରିଣାମ ସ୍ୱରୂପ ପ୍ରତିବର୍ଷ ବିଦ୍ୟୁତ୍ ବିଲ୍‌ରେ ମଧ୍ୟ ପ୍ରାୟ ୨୦୦୦ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସେହିଭଳି କମ୍ପାନୀ ପକ୍ଷରୁ ବିଏଲ୍‌ଡିସି ବର୍ଗମାଳାରେ ୮୦ଲିଟର, ୫୫ ଲିଟର ଓ ୩୦ ଲିଟର କ୍ଷମତାର ୩ଟି ମଡେଲକୁ ବଜାର ପ୍ରବେଶ କରାଇଛି। ବିଶେଷକରି ଏହା ଅତ୍ୟଧିକ ଶକ୍ତି ମିତବ୍ୟୟୀ ହେବା ସହିତ ୭-ବେଗ ବିକଳ୍ପ ଏବଂ ୮ଘଣ୍ଟା ପର୍ଯ୍ୟନ୍ତର ନାଇଟ୍ ସ୍ଲିପ୍ ମୋଡ୍ ଟଚ୍‌ସ୍କ୍ରିନ୍ କଣ୍ଟ୍ରୋଲ ପ୍ୟାନେଲ ଭଳି ଅତିରିକ୍ତ ସୁବିଧା ରହିଛି। ସିମ୍ଫୋନି କୁଲରକୁ ଏଭଳି ପ୍ରସ୍ତୁତ କରାଯାଇଛି ଯାହା ପ୍ରତିବର୍ଷ ୧୮ଟି ଗଛ ବଞ୍ଚାଇବା ଭଳି କାର୍ବନ ଫୁଟ୍‌ପ୍ରିଣ୍ଟ କମ୍ କରିବ ଏବଂ ଏୟାର କଣ୍ଡିସନର ତୁଳନାରେ କେବଳ ୧୦% ବିଦ୍ୟୁତ୍ ବ୍ୟବହାର କରିବ।

ଏ ସମ୍ପର୍କରେ ସିମ୍ଫୋନି ଲିମଟେଡ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଅଚଲ ବକେରି କହିଛନ୍ତି, ଆମେ ଆସନ୍ତାକାଲି ବିଷୟରେ ଆଜି ଭାବୁଛୁ। ଗ୍ରହ ଓ ସେଥିରେ ବାସ କରୁଥିବା ଲୋକମାନଙ୍କ ପାଇଁ ଭବିଷ୍ୟତ ଗଠନ କରିବା ଲାଗି ଆମେ ସର୍ବଦା ପ୍ରୟାସ କରୁଛୁ, ଯାହା ଆମର ବ୍ରାଣ୍ଡ୍ ଟ୍ୟାଗ୍‌ଲାଇନ୍ 'ଥିଙ୍କିଙ୍ଗ୍ ଅଫ୍ ଟୁମରୋ' ମାଧ୍ୟମରେ ପରିଚାଳିତ ହେଉଛି। ଏପରିକି ଆମର ବିଶ୍ୱାସ ରହିଛି ଯେ ଏହି ନୂଆ ଏୟାର କୁଲିଂ ବର୍ଗମାଳା ସହିତ ସିମ୍ଫୋନି ଏୟାର କୁଲିଂ ଭବିଷ୍ୟତରେ ବିପ୍ଳବ ଆଣିବ ଏବଂ ଗ୍ରାହକମାନଙ୍କୁ ଶୀତଳତା ପ୍ରଦାନକାରୀ ସମାଧାନର ବିଶ୍ୱସ୍ତରୀୟ ବ୍ରାଣ୍ଡ୍ ଭାବେ ନିଜ ସ୍ଥିତିକୁ ଆହୁରି ମଜଭୁତ କରିବ।



– ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ସ୍କିଲ୍ ଇନ୍ ଓଡ଼ିଶା ପକ୍ଷରୁ ଗୁରୁବାରଠାରୁ ୩ ଦିନିଆ ଓଡ଼ିଶା ସ୍କିଲ୍ କନ୍‌କ୍ଲେଭ-୨୦୨୩ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଦକ୍ଷତା ବିକାଶ କ୍ଷେତ୍ରରେ ବିଶେଷ ଅବଦାନ ଓ ସହଯୋଗୀ ଶିକ୍ଷାନୁଷ୍ଠାନ ଭାବେ ସି. ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟିକୁ ସମ୍ମାନିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ୟୁନିଭର୍ସିଟିର ସଭାପତି ସଞ୍ଜୀବ ରାଉତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ଉକ୍ତ ସମ୍ମାନ ସ୍ୱରୂପ ଟ୍ରଫି ଗ୍ରହଣ କରୁଛନ୍ତି।

## ଗୁଣାତ୍ମକ ଉତ୍ପାଦକୁ ଗୁରୁତ୍ୱାରୋପ

ନୂଆଦିଲ୍ଲୀ,୨୦।୪

ଗ୍ଲେନ୍‌ମାର୍କ ଫାର୍ମାସ୍ୟୁଟିକାଲ୍ସ ଲିମିଟେଡ୍ (ଗ୍ଲେନ୍‌ମାର୍କ)ର ଶ୍ୱାସକ୍ରିୟାଜନିତ ରୋଗ ବିଭାଗ ଭାରତୀୟ ଫାର୍ମା ବଜାରରେ ୨ୟ ସ୍ଥାନ ଅଧିକାର କରିବାରେ ସକ୍ଷମ ହୋଇଛି। ଏକ ବିଶ୍ୱସ୍ତରୀୟ ଫାର୍ମାସ୍ୟୁଟକାଲ୍ସ କମ୍ପାନୀ ଭାବେ ଶ୍ୱାସକ୍ରିୟାଜନିତ ରୋଗ ବିଭାଗରେ ଗବେଷଣାତ୍ମକ ସ୍ଥିତିକୁ କମ୍ପାନୀ ଅଧିକ ମଜଭୁତ କରିପାରିଛି। ବିଶେଷକରି କମ୍ପାନୀର ଆସ୍କୋରିଲ୍, ଆସ୍କୋରିଲ୍ ଏଲ୍‌ଏସ୍, ଆସ୍କୋରିଲ୍ ଡି ଏବଂ ଆଲେକ୍ସ ଭଳି ବ୍ରାଣ୍ଡ୍ ସହ ଶ୍ୱାସରୋଗର ଔଷଧ ପାଇଁ ଗ୍ଲେନ୍‌ମାର୍କ ଏକ ବିଶ୍ୱସ୍ତ ବ୍ରାଣ୍ଡ୍‌ରେ ପରିଣତ ହୋଇଛି। କମ୍ପାନୀର ଆଧୁନିକ ତଥା ଅଭିନବ ସମାଧାନ ବିଲାଜାପ୍ ଏମ୍ ଏବଂ ରାଆିଲଟ୍ରିସ୍ ଏଜେଡ-ମୋନୋ ମଧ୍ୟ ରୋଗୀ ଏବଂ ସ୍ୱାସ୍ଥ୍ୟ ସେବା ପ୍ରଫେସନାଲମାନଙ୍କ ମଧ୍ୟରେ ଅଧିକ ଲୋକପ୍ରିୟତା ହାସଲ କରିଛି। ଗତ ୧ ବର୍ଷ ମଧ୍ୟରେ ଶ୍ୱାସକ୍ରିୟାଜନିତ ରୋଗର ଚିକିତ୍ସା ପାଇଁ ଏହି ବ୍ରାଣ୍ଡର ଔଷଧକୁ ୧ ଲକ୍ଷରୁ ଅଧିକ ପ୍ରଫେସନାଲଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଛି ଏବଂ ଦେଶର ସମସ୍ତ ବୟସ ବର୍ଗର ୪ ଲକ୍ଷରୁ ଅଧିକ ରୋଗୀଙ୍କୁ ସାହାଯ୍ୟ କରିବାରେ ଏହା ସକ୍ଷମ ହୋଇପାରିଛି।

ଏ ସମ୍ପର୍କରେ ଗ୍ଲେନ୍‌ମାର୍କ ଫାର୍ମାସ୍ୟୁଟିକାଲ୍ସ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ତଥା ଇଣ୍ଡିଆ ବ୍ୟବସାୟ ମୁଖ୍ୟ ଆଲୋକ ମଲିକ୍ କହିଛନ୍ତି, ଆମର ଅଭିନବ ଏବଂ ରୋଗୀକେନ୍ଦ୍ରିକ ଆଭିମୁଖ୍ୟ ଅନ୍ୟମାନଙ୍କଠାରୁ ଭିନ୍ନ । ବିଶେଷକରି ଗୁଣାତ୍ମକ ଉତ୍ପାଦକୁ ବେଶ୍ ଗୁରୁତ୍ୱ ଦିଆଯାଉଛି। ଏପରିକି ଭାରତୀୟ ଫାର୍ମାସ୍ୟୁଟିକାଲ୍ ଇଣ୍ଡଷ୍ଟ୍ରିରେ ଶ୍ୱାସକ୍ରିୟା ବିଭାଗରେ ଆମର ସ୍ଥିତିକୁ ଦୃଢ଼ୀଭୂତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଫଳରେ ରୋଗୀମାନଙ୍କ ପାଇଁ ଆବଶ୍ୟକ ଔଷଧ ବଜାରରେ ପ୍ରଥମେ ଯୋଗାଇବା ଆମର ମୂଳ ଲକ୍ଷ୍ୟ ରହିଛି। ଆମେ ନିରାପଦ ଏବଂ ପ୍ରଭାବଶାଳୀ ଔଷଧ ଆଣିବାର କାର୍ଯ୍ୟକ୍ରମ ମଧ୍ୟ ଜାରି ରଖିବୁ ବୋଲି ସେ ମତପ୍ରକାଶ କରିଛନ୍ତି।

## ୧୫ ବର୍ଷ ପରେ ଜେଏସ୍‌ଏଲ୍‌ର ପ୍ରଥମ ଡିଭିଡେଣ୍ଡ

ଭୁବନେଶ୍ୱର,୨୦।୪

ଜିନ୍ଦଲ ଷ୍ଟେନ୍‌ଲେସ ଲିମିଟେଡ୍ (ଜେଏସ୍‌ଏଲ୍)ର ବୋର୍ଡ ଅଫ୍ ଡାଇରେକ୍ଟର୍ସ ପକ୍ଷରୁ ନିକଟରେ ଏକ ସ୍ୱତନ୍ତ୍ର ମଧ୍ୟବର୍ତ୍ତୀ ଡିଭିଡେଣ୍ଡ ପେମେଣ୍ଟ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଦୀର୍ଘ ୧୫ ବର୍ଷର ବ୍ୟବଧାନ ପରେ ଜିନ୍ଦଲ ଷ୍ଟେନ୍‌ଲେସ ହିସାର ଲିମିଟେଡ୍ (ଜେଏସ୍‌ଏଚ୍‌ଏଲ୍)ର ସଫଳ ମିଶ୍ରଣ ପରେ ଏହା ହେଉଛି କମ୍ପାନୀ (ଜେଏସ୍‌ଏଲ୍)ର ପ୍ରଥମ ଡିଭିଡେଣ୍ଡ ବୋଲି ଜେଏସ୍‌ଏଲ୍ ପକ୍ଷରୁ କୁହାଯାଉଛି। ଏପରିକି ଆର୍ଥିକ ବର୍ଷ ୨୦୨୩-୨୪ ବର୍ଷ ପାଇଁ କମ୍ପାନୀର ପ୍ରତି ଶେୟାର ମୂଲ୍ୟ ୨ ଟଙ୍କା ସହିତ ଇକ୍ୱିଟି ଶେୟାର ପ୍ରତି ୧ ଟଙ୍କା ରହିଛି। ଏହାର ଦେୟ ପାଇଁ ସଦସ୍ୟଙ୍କ ଅଧିକାର ନିର୍ଣ୍ଣୟ କରିବାର ରେକର୍ଡ ୨୦୨୩ ଏପ୍ରିଲ ୨୮ ଭାବେ ସ୍ଥିର କରାଯାଇଛି। ବିଶେଷକରି ଡିଭିଡେଣ୍ଡ ୨୦୨୩ ମେ ୧୭ ପୂର୍ବରୁ ପ୍ରଦାନ କରାଯିବ। ନଚେତ୍ ଏହାର ଅନୁମୋଦନ ହେବାର ୩୦ ଦିନ ମଧ୍ୟରେ ସ୍ୱୀକୃତି ପ୍ରଦାନ କରାଯିବ। ଉଲ୍ଲେଖଯୋଗ୍ୟ, ଏହାର ସମୁଦାୟ ଦେୟ ୮୨.୩୪ କୋଟି ଟଙ୍କା ରହିଛି, ଯାହା କମ୍ପାନୀର ମୋଟ ଇକ୍ୱିଟି ଶେୟାର ସହିତ ସମାନ ବୋଲି ଆକଳନ କରାଯାଉଛି।

ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଏହି ସ୍ୱତନ୍ତ୍ର ମଧ୍ୟବର୍ତ୍ତୀ ଡିଭିଡେଣ୍ଡ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ କୃତଜ୍ଞତାର ଏକ ପରିଚୟ। ଯେଉଁମାନେ ଜିନ୍ଦଲ ଷ୍ଟେନ୍‌ଲେସ୍ ଅଭିବୃଦ୍ଧିର ଏକ ଅଂଶ ହୋଇସାରିଛନ୍ତି। ଆମେ ସଫଳତାର ସହ ବାହାରକୁ ଆସିଛୁ। ସେହିଭଳି ସିଡିଆର୍ ଏବଂ ଦୁନିଆର ସବୁଠୁ ବଡ଼ ଷ୍ଟେନ୍‌ଲେସ୍ ଷ୍ଟିଲ୍ କମ୍ପାନୀଗୁଡିକର ଲିଗ୍‌ରେ ମଧ୍ୟ ସ୍ଥାନିତ ହୋଇଛୁ। ଏପରିକି ମିଶ୍ରଣ ପ୍ରକ୍ରିୟାର ସଫଳ ସମାପ୍ତି ଏବଂ ମିଶ୍ରିତ ସଂସ୍ଥାର ନୂତନ ଅଂଶଧନ ତାଲିକାରେ ମଧ୍ୟ ଏହି ଘୋଷଣା ରହିଛି।

## 'ପ୍ରାକୃତିକ ବନାମ କୃତ୍ରିମ କୋମା'

ଭୁବନେଶ୍ୱର,୨୦।୪



ଜି-୨୦ ପରିପ୍ରେକ୍ଷୀରେ ଆଇସିଏମ୍‌ଆର୍ ଆଞ୍ଚଳିକ ଭେଷଜ ଅନୁସନ୍ଧାନ କେନ୍ଦ୍ର ଭୁବନେଶ୍ୱର ପକ୍ଷରୁ ହାଇଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଭୁବନେଶ୍ୱରଠାରେ ଏକ ଦିନିକିଆ କର୍ମଶାଳାର ଆୟୋଜନ କରାଯାଇଥିଲା। 'ପ୍ରାକୃତିକ ବନାମ କୃତ୍ରିମ କୋମା' ଶୀର୍ଷକ ବିଷୟବସ୍ତୁ ଉପରେ ଏକ ଆଲୋଚନଚକ୍ର ଆୟୋଜିତ ହୋଇଥିଲା। ବିଶେଷକରି ଜି-୨୦ ଜନ ଭାଗୀଦାରି କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଏଭଳି ଏକ କାର୍ଯ୍ୟକ୍ରମ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଶିକ୍ଷା କ୍ଷେତ୍ରର ଆଲୋଚନା ପାଇଁ ସ୍ୱତନ୍ତ୍ର ଅନୁଷ୍ଠାନ ଦ୍ୱାରା ପରିଚାଳିତ ଉକ୍ତ କାର୍ଯ୍ୟକ୍ରମକୁ ଆଇସିଏମ୍‌ଆର୍-ଆର୍‌ଏମ୍‌ଆର୍‌ସିର ଗବେଷକ ଡ. ମହେଶ ଚନ୍ଦ୍ର ସାହୁ ଏବଂ ଡ. ତନ୍‌ବୀର ରେହମାନ ଆୟୋଜନ କରିଥିଲେ। ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନର କମ୍ୟୁନିଟି ମେଡିସିନ ବିଭାଗର ପ୍ରଫେସର ଡା. ଲିସା ଷଡ଼ଙ୍ଗୀ ଅତିଥି ତଥା ବକ୍ତାମାନଙ୍କୁ ପରିଚିତ କରାଇଥିଲେ। କ୍ରମେ ଆର୍‌ଏମ୍‌ଆର୍‌ସି ଭୁବନେଶ୍ୱରର ନିର୍ଦ୍ଦେଶିକା ଡ. ସଂଘମିତ୍ରା ପତି ଭାରତର ଜି-୨୦ ଜନଭାଗୀଦରି ବିଷୟବସ୍ତୁ ଏବଂ ସେମିନାରର ଗୁରୁତ୍ୱ ଉପରେ ଉଦ୍‌ବୋଧନ ଦେଇଥିଲେ। ଏହାପରେ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଡା. ଅକ୍ଷୟ କୁମାର ସାମଲ ସମସ୍ତ ଅତିଥିଙ୍କୁ ସ୍ୱାଗତ ଜଣାଇ ବସୁଧୈବ କୁଟୁମ୍ବକମ୍ ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ଆଇଏମ୍‌ଏସ୍ ଓ ସମ୍ ହସ୍ପିଟାଲର ଡିନ୍ ଡା.ସଂଘମିତ୍ରା ମିଶ୍ର ଉକ୍ତ ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରିଥିଲେ। ଅପରପକ୍ଷରେ କର୍ମଶାଳାର ପ୍ରଥମ ଅଧିବେଶନରେ ଆଇଏମ୍‌ଏସ୍ ଓ ସମ୍ ହସ୍ପିଟାଲର ନ୍ୟୁରୋ ମେଡିସିନ ବିଭାଗର ପ୍ରଫେସର ଓ ବିଭାଗୀୟ ମୁଖ୍ୟ ଡା. ଶ୍ରୀକାନ୍ତ ସାହୁ କୋମାର ପ୍ରତ୍ୟାବର୍ତ୍ତନୀୟ କାରଣ ଗୁଡିକ ଯାଞ୍ଚ କରିବା ଜରୁରୀ ଏବଂ କୋମାରେ ଥିବା ରୋଗୀଙ୍କର କ୍ଲିନିକାଲ ହିଷ୍ଟ୍ରିର ଗୁରୁତ୍ୱ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ସେହିଭଳି କର୍ମଶାଳାର୨ୟ ଅଧିବେଶନରେ ଅନୁଷ୍ଠାନର ଶ୍ୱାସରୋଗ ବିଭାଗର ପ୍ରଫେସର ତଥା ବିଭାଗୀୟ ମୁଖ୍ୟ ଡା. ଶରତ କୁମାର ବେହେରା କୋମା ବିଷୟ ଅନ୍ତର୍ଗତ ବିଭିନ୍ନ ଶବ୍ଦ ଓ ସଂଜ୍ଞା ଏବଂ କୋମା ରୋଗୀର ଚିକିତ୍ସା କରିବା ପାଇଁ ଭିନ୍ନ ଭିନ୍ନ କ୍ଲିନିକାଲ ଆଭିମୁଖ୍ୟ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ।

# ମହିଳା କ୍ରୀଡ଼ାବିତ୍‌ଙ୍କ ଆଦର ବଢୁଛି


ରମେଶ ସାହୁ

**ଶିକ୍ଷା ଓ ସଚେତନତା ପ୍ରସାର ଫଳରେ ଭାରତୀୟ ମହିଳା ନୂଆ ନୂଆ କ୍ଷେତ୍ରରେ ପ୍ରବେଶ କରି କୃତିତ୍ୱ ହାସଲ କରୁଛନ୍ତି। କ୍ରୀଡ଼ା କ୍ଷେତ୍ରରେ ମଧ୍ୟ ଭାରତୀୟ ମହିଳା ପଛରେ ନାହାନ୍ତି। ବକ୍ସିଂ ହେଉ କି ବ୍ୟାଡ୍‌ମିଣ୍ଟନ, କ୍ରିକେଟ ଅବା ହକିରେ ଭାରତୀୟ ମହିଳା ଖେଳାଳିମାନେ ପାରଦର୍ଶିତା ଦେଖାଇ ଦେଶକୁ ଗର୍ବିତ କରିବା ସହ ଅନ୍ତର୍ଜାତୀୟ ସ୍ତରରେ ନୂଆ ପରିଚୟ ସୃଷ୍ଟି କରିପାରିଛନ୍ତି।**

ବିଶ୍ୱରେ ନାରୀ ମୁକ୍ତି ଆନ୍ଦୋଳନର ଲମ୍ବା ଇତିହାସ ରହିଛି। ଏହି ସାମାଜିକ ଆନ୍ଦୋଳନକୁ ସଫଳ କରିବା ଲାଗି ଅନେକ ପ୍ରୟାସ ହୋଇଛି ଏବଂ ମହିଳାମାନଙ୍କ ପାଇଁ ବହୁ ରୁଦ୍ଧଦ୍ୱାର ଉନ୍ମୁକ୍ତ ହୋଇଯାଇଛି। ତଥାପି ବହୁ ଦେଶରେ ମହିଳା ଅବଳା ରୂପେ ଜୀବନ ବିତାଉଛି। ଆରବ ଜଗତରେ ବୁର୍ଖା ପିନ୍ଧି ମହିଳାମାନେ ଘରର ଚାରିକାନ୍ଥ ଭିତରେ ଆବଦ୍ଧ ରହିବାକୁ ବାଧ୍ୟ ହେଉଛନ୍ତି। ପୁରୁଷଙ୍କ ପରି ମୁକ୍ତ ଜୀବନଯାପନ କରିବା ସେମାନଙ୍କ ପାଇଁ ଅସମ୍ଭବ ହୋଇପଡ଼ିଛି। ଇରାନ୍‌ରେ ଘଟିଥିବା ଏକ ଘଟଣା ମଧ୍ୟପ୍ରାଚ୍ୟରେ ମହିଳାଙ୍କ ସାମାଜିକ ସ୍ଥିତିର ଏକ କରୁଣ ଚିତ୍ର ପ୍ରଦାନ କରେ। କେତେଜଣ ଶିକ୍ଷିତ ଇରାନୀୟ ତରୁଣୀ ରାଜଧାନୀ ତେହେରାନ୍‌ର ଏକ ଷ୍ଟାଡିୟମରେ ଏକ ଆନ୍ତର୍ଜାତିକ ଫୁଟବଲ ମ୍ୟାଚ ଦେଖିବାକୁ ଯାଇଥିଲେ। ମାତ୍ର ଷ୍ଟାଡିୟମ ନିକଟରେ ସେମାନଙ୍କ ଉପରେ 'ପିମ୍ପରମେଣ୍ଟ' ଗ୍ୟାସ୍ ସ୍ପ୍ରେ କରାଯାଇଥିଲା। ଯାହାଦ୍ୱାରା ସେମାନେ ଷ୍ଟାଡିୟମ ନିକଟରୁ ପଛକୁ ଫେରିଯିବାକୁ ବାଧ୍ୟ ହୋଇଥିଲେ। ମୌଳବାଦୀ ଦେଶଗୁଡ଼ିକରେ ପୁରୁଷ ପ୍ରଧାନ ଆଭିମୁଖ୍ୟ ନାରୀ ଜାତିର ଉତ୍‌ଥାନ ପଥରେ ଅନ୍ତରାୟ ହୋଇରହିଛି। ଏହି ସାମାଜିକ ବ୍ୟବସ୍ଥା ସହସ୍ର ବର୍ଷର ପୁରୁଣା। ଅସହାୟ ମହିଳା ସମାଜ ଏହି ଏକତରଫା ବ୍ୟବସ୍ଥାକୁ ମୁଣ୍ଡପାତି ମାନିନେଇଛି। ମୁସଲମାନ ମହିଳାଙ୍କ ପାଇଁ ହିଜାବ୍ ପରିଧାନ ଏକ କଣ୍ଟା ହୋଇରହିଛି। ଇରାନ୍‌ରେ ହିଜାବ୍ ବିରୋଧରେ ମହିଳାଙ୍କ ସ୍ୱର ଶାଣିତ ହେବାରେ ଲାଗିଛି। ସେଠାରେ ନୀତିରକ୍ଷକ ପୋଲିସ ବ୍ୟବସ୍ଥାକୁ ଘୋର ବିରୋଧ କରାଯାଉଛି। ମହିଳାଙ୍କର ଆଧୁନିକ ବେଶପୋଷାକକୁ ଏହି ପୋଲିସମାନେ ଦମନ କରୁଛନ୍ତି। ଆଫଗାନିସ୍ତାନରେ ତାଲିବାନ୍ ସାମରିକ ସରକାର ମହିଳାମାନଙ୍କୁ ସବୁଦିନ ପାଇଁ ଘର ଭିତରେ ରଖିବାକୁ ଯୋଜନା କାର୍ଯ୍ୟକାରୀ କରୁଛି।

ଭାରତ କିନ୍ତୁ ବିକାଶଶୀଳ ଦେଶମାନଙ୍କ ପାଇଁ ପଥପ୍ରଦର୍ଶକ ହୋଇଛି। ଭାରତରେ ମହିଳାମାନେ ଆଉ ଅବଳା ହୋଇ ରହିନାହାନ୍ତି। ଶିକ୍ଷା ଓ ସଚେତନତା ପ୍ରସାର ଫଳରେ ଭାରତୀୟ ମହିଳା ନୂଆ ନୂଆ କ୍ଷେତ୍ରରେ ପ୍ରବେଶ କରି କୃତିତ୍ୱ ହାସଲ କରୁଛି। ଭାରତରେ ନାରୀ ପ୍ରତି ଆଦର ଏବଂ ଉଦାରତା ବଢ଼ିଚାଲିଛି। ମହିଳାଙ୍କ ପାଇଁ ସବୁପ୍ରକାର ସମର୍ଥନ, ସହଯୋଗର ଦ୍ୱାର ଖୋଲିଗଲାଣି। କ୍ରୀଡ଼ା ଏଭଳି ଏକ ମାଧ୍ୟମ ଯାହାକୁ ସାହାରା କରି ମହିଳାମାନେ ପୁରୁଷଙ୍କର ସମକକ୍ଷ ହୋଇ ପାରୁଛନ୍ତି। ଭାରତରେ କ୍ରୀଡ଼ା ପୁରସ୍କାର ରାଶିକୁ ମହିଳା, ପୁରୁଷଙ୍କ ପାଇଁ ସମାନ କରି ଦିଆଗଲାଣି। ୟୁରୋପୀୟ ମହିଳାମାନେ ପୁରୁଷଙ୍କ ସହିତ କାନ୍ଧକୁ କାନ୍ଧ ମିଳାଇ ଚାଲିଛନ୍ତ। ସେଠାକାର ସାମାଜିକ ବିଧିବ୍ୟବସ୍ଥା ସମଗ୍ର ବିଶ୍ୱ ପାଇଁ ଉଦାହରଣ। ଭାରତୀୟ ମହିଳା କ୍ରୀଡ଼ାବିତ୍‌ମାନଙ୍କର ଅନ୍ତର୍ଜାତୀୟ ସଫଳତା ବଢିବାରେ ଲାଗିଛି। ବିଗତ ଦୁଇ ଦଶନ୍ଧିର ସଫଳତା ପରିସଂଖ୍ୟାନକୁ ଦେଖିଲେ ଏହା ବାରି ହୁଏ। କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କର ନିଷ୍ଠାପର ଉଦ୍ୟମ ଜାରି ରହିଛି। ଏକ ଉଦୀୟମାନ କ୍ରୀଡ଼ା ଦେଶ ରୂପେ ଭାରତ ଅନ୍ତର୍ଜାତୀୟ ପରିଚୟ ହାସଲ କରିଛି।

ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ରୀଡ଼ା ପ୍ରସାରର ନେତୃତ୍ୱ ନେଉଛନ୍ତି। ରାଜ୍ୟରେ କଳା ଓ କ୍ରୀଡ଼ା ପ୍ରତି ଗଣଆଗ୍ରହ ସୃଷ୍ଟି କରିବାଲାଗି ନବୀନ ସରକାର ଆନ୍ତରିକତା ଦେଖାଇଆସୁଛନ୍ତି। ଅନେକ ଭାରତୀୟ ମହିଳା କ୍ରୀଡ଼ାବିତ୍‌ଙ୍କ କୃତିତ୍ୱ ଦୃଷ୍ଟି ଆଢୁଆଳରେ ରହିଯାଉଛି। ସେମାନେ ପ୍ରଶଂସା ପ୍ରାପ୍ତିକୁ ଗୁରୁତ୍ୱ ନ ଦେଇ ନିଜ ଲକ୍ଷ୍ୟ ପଥରେ ରହିଛନ୍ତି। ଭାରତୀୟ ମହିଳା ବକ୍ସରମାନଙ୍କର ସଫଳତା ଏସିଆ ମହାଦେଶର ଆଖି ଖୋଲିଦେଇଛି। ଏମ୍.ସି. ମେରିକମ୍, ନିଖତ୍ ଜରିନ୍, ଲଭ୍‌ଲିନା ବୋରଗୋହେନ, ଏଲ. ସରିତା ଦେବୀଙ୍କ ପରି ବକ୍ସରମାନେ ଭାରତର ଗୌରବ ବୃଦ୍ଧିରେ ସହାୟକ ହୋଇଛନ୍ତି। ଦେଶରେ ଏଯାଏ ତିନିଥର ମହିଳା ବକ୍ସିଂ ବିଶ୍ୱ ଚମ୍ପିୟନଶିପ୍ ଆୟୋଜିତ ହୋଇଛି। ଚଳିତ ବର୍ଷର ନୂଆଦିଲ୍ଲୀ ବିଶ୍ୱ ଚାମ୍ପିୟନଶିପ୍‌ରେ ଦେଶର ୪ଜଣ ମହିଳା ବିଶ୍ୱ ଚାମ୍ପିୟନ୍ ହୋଇଛନ୍ତି। ମେରିକମ୍‌ଙ୍କର ସ୍ୱର୍ଣ୍ଣ ପଦକଗୁଡ଼ିକୁ ମିଶାଇଲେ ଭାରତ ୧୦ରୁ ଅଧିକ ବିଶ୍ୱ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇ ସାରିଲାଣି। ଏବର ଭାରତୀୟ ମହିଳା ବକ୍ସିଂରେ ନିଖତ୍ ଜରିନ୍ ଜଣେ ପ୍ରତିଶ୍ରୁତିବଦ୍ଧ ଖେଳାଳି। ମେରିକମ୍‌ଙ୍କର ଉତ୍ତରାଧିକାରୀ ରୂପେ ନିଖତ୍ ଜରିନ୍ ଆବିର୍ଭାବ ହୋଇଛନ୍ତି। ଏହି ବକ୍ସରମାନେ ବିଶ୍ୱରେ କେଉଁଠି ନା କେଉଁଠି ପ୍ରଶିକ୍ଷଣରତ ଖେଳାଳିମାନଙ୍କର ରୋଲ ମଡେଲ ପାଲଟି ଗଲେଣି।

ଭାରତରେ ସର୍ବପ୍ରଥମ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ) ଶେଷ ହୋଇଛି। ଅଷ୍ଟ୍ରେଲିଆ, ଇଂଲଣ୍ଡ, ଦ. ଆଫ୍ରିକା ପରି କ୍ରିକେଟ୍ ପ୍ରିୟ ଦେଶରୁ ମହିଳା କ୍ରିକେଟରମାନେ ଭାରତକୁ ଆସିଥିଲେ। ସେମାନେ ବିଭିନ୍ନ ଦଳରୁ ଅଂଶଗ୍ରହଣ କରି ପେସାଦାର ଲିଗ୍‌କୁ ସଫଳ କରିଥିଲେ। ହରମନପ୍ରୀତ କୌର, ଶିଖା ପାଣ୍ଡେ, ରାଧା ଯାଦବ, ଶେଫାଳୀ ବର୍ମା ପ୍ରମୁଖ 'ଡବ୍ଲ୍ୟୁପିଏଲ୍'ରେ ନିଜ ନିଜ ଦକ୍ଷତା ପ୍ରଦର୍ଶନ କରିଛନ୍ତି। ୬ ଥର ବିଶ୍ୱ ଚାମ୍ପିୟନ୍ ବକ୍ସର ମେରିକମ୍‌ଙ୍କୁ ଭାରତରେ ନାରୀ ଉତ୍‌ଥାନର ପ୍ରତିନିଧି କୁହାଯାଇପାରେ। ସେ କ୍ୟୁବାର ବିଶ୍ୱ ପ୍ରସିଦ୍ଧ ବକ୍ସର ଫେଲିକ୍ସ ସାଭୋନ୍‌ଙ୍କ ସମକକ୍ଷ ହୋଇପାରିଛନ୍ତି। ଟୋକିଓ ଅଲିମ୍ପିକ୍ ବକ୍ସିଂ କ୍ୱାର୍ଟରଫାଇନାଲ ଜିତିଥିଲେ ହୁଏତ ମେରିକମ୍ ଭାରତରତ୍ନ ଉପାଧି ପାଇଁ ଦାବିଦାର ହୋଇପାରିଥାନ୍ତେ। ମାତ୍ର କଲମ୍ବିଆ ବକ୍ସର ତାଙ୍କ ବାଟ ଓଗାଳିଥିଲେ। ସେ ଦ୍ୱିତୀୟ ଅଲିମ୍ପିକ୍ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ବ୍ୟାଡମିଣ୍ଟନ ଖେଳାଳି ସାଇନା ନେହ୍ୱାଲ ମଧ୍ୟ ଜଣେ ଦୀପ୍ତିମୟ ପ୍ରତିଭା। ଅଲିମ୍ପିକ୍, ଏସିଆଡ, କମନୱେଲ୍‌ଥ ଗେମ୍ସରେ ସେ ପଦକ ବିଜୟିନୀ। ନେହ୍ୱାଲଙ୍କ ଅଭିଯାନ ଜାରି ରହିବା ବାସ୍ତବିକ ପ୍ରେରଣାଦାୟୀ। ସେ ହିଁ ଭାରତର ପ୍ରଥମ ମହିଳା ବ୍ୟାଡମିଣ୍ଟନ ଖେଳାଳି ଯିଏ ବିଶ୍ୱ ମାନ୍ୟତାର ୧ନଂ ବିବେଚିତ ହୋଇଥିଲେ।


ସାଇନା ନେହ୍ୱାଲ
ଏମ୍.ସି. ମେରିକମ୍
ନିଖତ ଜରିନ

# ମହିଳା ହକିର ନୂଆ ଜ୍ୟୋତି

**ଓଡ଼ିଶାର ଜ୍ୟୋତି ସୁନୀତା କୁଲୁ ନିଜ ଦକ୍ଷତା ବଳରେ ଭାରତୀୟ ଦଳର ଅଧିନାୟିକା ହେବାର ଗୌରବ ଅର୍ଜନ କରିଥିଲେ। ଏବେ ଜାତୀୟ ସିନିୟର ମହିଳା ହକିରେ ପଦାର୍ପଣ କରିଛନ୍ତି ଆଉ ଜଣେ ଜ୍ୟୋତି। ସେ ହେଉଛନ୍ତି ଜ୍ୟୋତି ଛତ୍ରୀ। ଜୁନିୟର ସ୍ତରରେ ପ୍ରଭାବୀ ପ୍ରଦର୍ଶନ ପାଇଁ ତାଙ୍କୁ ପ୍ରଥମଥର ଲାଗି ୩୩ ଜଣିଆ ସିନିୟର କୋର୍ ଦଳରେ ସାମିଲ କରାଯାଇଛି...**

ଓଡ଼ିଶାର ଜ୍ୟୋତି ସୁନୀତା କୁଲୁ ନିଜ ଦକ୍ଷତା ବଳରେ ଭାରତୀୟ ଦଳର ଅଧିନାୟିକା ହେବାର ଗୌରବ ଅର୍ଜନ କରିଥିଲେ। ଏବେ ଜାତୀୟ ସିନିୟର ମହିଳା ହକିରେ ପଦାର୍ପଣ କରିଛନ୍ତି ଆଉ ଜଣେ ଜ୍ୟୋତି। ସେ ହେଉଛନ୍ତି ଜ୍ୟୋତି ଛତ୍ରୀ। ଜ୍ୟୋତିଙ୍କ ପାଇଁ ଆଗକୁ ବଢ଼ିବାର ଭଲ ସୁଯୋଗ ଆସିଛି। ସେ ଭାରତୀୟ ସିନିୟର ୩୩ ଜଣିଆ କୋର୍ ଦଳରେ ସାମିଲ ହୋଇ ବେଙ୍ଗାଲୁରୁସ୍ଥିତ ସାଇ (ଭାରତୀୟ କ୍ରୀଡ଼ା ପ୍ରାଧିକରଣ) କ୍ୟାମ୍ପରେ ଟ୍ରେନିଂ ନେଉଛନ୍ତି। ଏପ୍ରିଲ ୯ରେ ଆରମ୍ଭ ହୋଇଥିବା ଏହି କ୍ୟାମ୍ପ ମେ' ୧୩ ପର୍ଯ୍ୟନ୍ତ ଚାଲିବ। ଆଗାମୀ ଅଷ୍ଟ୍ରେଲିଆ ଗସ୍ତ, ଚାଇନାରେ ହେବାକୁଥିବା ଏସିଆନ ଗେମ୍ସ ଆଦି ଟୁର୍ନାମେଣ୍ଟକୁ ଦୃଷ୍ଟିରେ ରଖି ଭାରତୀୟ କୋର୍ ଦଳ ଏହି କ୍ୟାମ୍ପରେ ନିଜକୁ ପ୍ରସ୍ତୁତ କରୁଛି। ୨୦ ବର୍ଷୀୟା ଛତ୍ରୀ ପ୍ରଥମଥରପାଇଁ ସିନିୟର କ୍ୟାମ୍ପରେ ସୁଯୋଗ ପାଇଛନ୍ତି। ସୁନ୍ଦରଗଡ଼ କ୍ରୀଡ଼ା ଛାତ୍ରାବାସର ଜାତୀୟ ହକି କ୍ୟାଡେଟ୍ ହେଉଛନ୍ତି ଛତ୍ରୀ। ପ୍ରତିଭାକୁ ଦୃଷ୍ଟିରେ ରଖି ଛତ୍ରୀଙ୍କୁ ୨୦୨୧ରୁ ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସିରେ ଟ୍ରେନିଂ ଦିଆଯାଉଛି। ସୁନ୍ଦରଗଡ଼ ଜିଲା ରାଉରକେଲାରେ ଜନ୍ମିତ ଜ୍ୟୋତି ୩ ସନ୍ତାନଙ୍କ ମଧ୍ୟରୁ ସର୍ବକନିଷ୍ଠ। ସୁନ୍ଦରଗଡ଼ ଜିଲାର ଅଧିକାଂଶ ଖେଳାଳି ହକି ପ୍ରେମରେ ପଡ଼ିଥାନ୍ତି। ଏଥିରୁ ଜ୍ୟୋତି ମଧ୍ୟ ବାଦ୍ ପଡ଼ିନାହାନ୍ତି। ପରିବାରରେ ହକିପ୍ରତି ପ୍ରବଳ ଆଗ୍ରହ ଥିବାରୁ ସେ ୨୦୧୪ରେ ହକିକୁ ଆପଣେଇ ନିଅନ୍ତି। ଜ୍ୟୋତିଙ୍କ ଭାଇ ମଧ୍ୟ ଜଣେ ହକି ଗୋଲକିପର। ସେ ତାଙ୍କୁ ହକିକୁ କ୍ୟାରିୟର କରିବାକୁ ଉତ୍ସାହିତ କରିଥିଲେ।

୩୩ ଜଣିଆ କୋର୍ ଦଳରେ ସାମିଲ ହୋଇଥିବାରୁ ଜ୍ୟୋତିଙ୍କ ଖୁସି କହିଲେ ନ ସରେ। ''ଏହି କ୍ୟାମ୍ପରେ ଭାରତର ଶ୍ରେଷ୍ଠ ହକି ଖେଳାଳିଙ୍କ ସଂସ୍ପର୍ଶରେ ଆସି ଅନେକ କିଛି ଶିଖିବାକୁ ମିଳୁଛି। ଉଚ୍ଚସ୍ତରରେ ଖେଳିବା ଏବଂ ଭାରତକୁ ପ୍ରତିନିଧିତ୍ୱ କରିବା ଆମ ସମସ୍ତଙ୍କର ସ୍ୱପ୍ନ। ତେଣୁ ଏହା ମୋ ପାଇଁ ଏକ ବଡ଼ ସୁଯୋଗ। ମୁଁ ଯେଉଁଠାରେ ବଢ଼ିଛି ସେଠାରେ ହକି ଅତ୍ୟନ୍ତ ଲୋକପ୍ରିୟ। ମୋ ଭାଇ ହକି ଖେଳନ୍ତି ଏବଂ ସେ ମୋତେ ଏହି କ୍ରୀଡ଼ାକୁ କ୍ୟାରିୟର କରିବାକୁ ଉତ୍ସାହିତ କରିଛନ୍ତି। ପାନପୋଷ ଷ୍ଟାଡିୟମ ମୋ ଘରଠାରୁ ଅଳ୍ପ ଦୂରରେ। ମୁଁ ଭାଗ୍ୟବାନ ଯେ ଏହି ରାଜ୍ୟ କ୍ରୀଡ଼ା ଛାତ୍ରାବାସରେ ଭର୍ତ୍ତି ହେବାର ସୁଯୋଗ ପାଇଥିଲି। ସେଠାରୁ ମୁଁ ହକିକୁ ଗୁରୁତ୍ୱର ସହ ନେଇଥିଲି'' ବୋଲି ପ୍ରତିଭାସମ୍ପନ୍ନ ଡିଫେଣ୍ଡର ଜ୍ୟୋତି ପ୍ରକାଶ କରିଛନ୍ତି।

୨୦୨୧ରେ ଜ୍ୟୋତି ଭୁବନେଶ୍ୱରସ୍ଥିତ ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫର୍ମାନ୍ସ ସେଣ୍ଟର କାର୍ଯ୍ୟକ୍ରମରେ ଯୋଗଦେବାପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଘରଠାରୁ ଦୂରରେ ରହିବା ତାଙ୍କପାଇଁ ଚ୍ୟାଲେଞ୍ଜ ଥିଲା। ମାତ୍ର ପରିବାର ଏବଂ ଓଡ଼ିଶା ନାଭାଲ ଟାଟା ଏଚ୍‌ପିସି କୋଚ୍‌ଙ୍କ ସମର୍ଥନ ଯୋଗୁ ତାହା ସମ୍ଭବ ହୋଇପାରିଥିଲା। ଏଚ୍‌ପିସିରେ ଯୋଗଦେବା ପରଠାରୁ ସେ ଅନେକ କିଛି ଶିଖିବାକୁ ପାଇଛନ୍ତି ବୋଲି କହିଛନ୍ତି।


ଜ୍ୟୋତି ଛତ୍ରୀ

# ଆଇପିଏଲ୍‌ର ଶ୍ରେଷ୍ଠ ଅଲ୍‌ରାଉଣ୍ଡର

**କ୍ରିକେଟର ତିନୋଟି ଫର୍ମାଟ୍‌ରେ ଅଲ୍‌ରାଉଣ୍ଡରଙ୍କ ସ୍ଥାନ ସର୍ବଦା ସ୍ୱତନ୍ତ୍ର। ଉଭୟ ବ୍ୟାଟ୍ ଓ ବଲ୍ ଜରିଆରେ ଅଲ୍‌ରାଉଣ୍ଡରମାନେ ଖେଳକୁ ପରିବର୍ତ୍ତନ କରିବାର ଦକ୍ଷତା ରଖିଥା'ନ୍ତି। ଆଇପିଏଲ୍-୧୬ ଆରମ୍ଭ ହୋଇସାରିଛି। ଆସନ୍ତୁ ନଜର ପକାଇବା ଆଇପିଏଲ୍‌ରେ ୨୦୦୦ ରନ୍ ଓ ୫୦ ଉଇକେଟ ପୂରଣ କରିଥିବା କେତେଜଣ ଶ୍ରେଷ୍ଠ ଅଲ୍‌ରାଉଣ୍ଡରଙ୍କ ଉପରେ...**

**ସେନ୍ ୱାଟ୍‌ସନ୍:** (ରାଜସ୍ଥାନ, ଚେନ୍ନାଇ ଓ ବାଙ୍ଗାଲୋର)
**୩୮୭୪ ରନ୍ ଓ ୯୨ ଉଇକେଟ**
ଅଷ୍ଟ୍ରେଲିଆର ଏହି ପୂର୍ବତନ ଖେଳାଳି ଆଇପିଏଲ୍‌ର ପ୍ରଥମ ସଂସ୍କରଣରେ ସବୁଠୁ ମୂଲ୍ୟବାନ୍ ଖେଳାଳିଥିଲେ। ପ୍ରଥମ ସିଜନରେ ରାଜସ୍ଥାନକୁ ଚାମ୍ପିୟନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେ ରାଜସ୍ଥାନ ରୟାଲ୍ସ, ଚେନ୍ନାଇ ସୁପର କିଙ୍ଗ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପକ୍ଷରୁ ଖେଳିଥିଲେ। ୧୪୫ ମ୍ୟାଚ୍‌ରୁ ୧୩୭.୯୧ ଷ୍ଟ୍ରାଇକ୍‌ରେଟ୍‌ରେ ସେ ୩୮୭୪ ରନ୍ କରିଥିଲେ। ଏହା ମଧ୍ୟରେ ୨୧ ଅର୍ଦ୍ଧଶତକ ଓ ୪ ଶତକ ସାମିଲ। ଏହା ସହିତ ୭.୯୩ର ଇକୋନୋମିରେ ସେ ୯୨ ଉଇକେଟ ନେଇଛନ୍ତି।

**କିରନ ପୋଲାର୍ଡ:** (ମୁମ୍ବାଇ ଇଣ୍ଡିଆନ୍ସ)
**୩୪୧୨ ରନ୍ ଓ ୬୯ ଉଇକେଟ**
ଆଇପିଏଲ୍ କ୍ୟାରିୟରରେ କେବଳ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳିଥିବା ପୋଲାର୍ଡ ଏକଦା ଦଳର ବ୍ୟାଟିଂ ମେରୁଦଣ୍ଡ ଥିଲେ। ବିଶ୍ୱର ଯେ କୌଣସି ଗ୍ରାଉଣ୍ଡକୁ ଅନାୟସରେ ଶଟ୍ ମାରିବାର କ୍ଷମତା ରଖୁଥିବା ପୋଲାର୍ଡ ଜଣେ ଉପଯୋଗୀ ବୋଲର ମଧ୍ୟ। ୧୮୯ ଆଇପିଏଲ୍ ମ୍ୟାଚ୍‌ରୁ ୧୪୭.୩୨ର ଷ୍ଟ୍ରାଇକ୍ ହାରରେ ୩୪୧୨ ରନ୍ କରିଛନ୍ତି। ଏହା ମଧ୍ୟରେ ୧୬ ଅର୍ଦ୍ଧଶତକ ସାମିଲ। ୮.୭୯ର ଇକୋନୋମି ରେଟ୍ ସହିତ ସେ ୬୯ ଉଇକେଟ ମଧ୍ୟ ନେଇଛନ୍ତି।

**ରବୀନ୍ଦ୍ର ଜାଡେଜା:** (ରାଜସ୍ଥାନ, କେରଳ, ଗୁଜରାଟ ଲାୟନ୍ସ, ଚେନ୍ନାଇ)
**୨୫୩୧ ରନ୍ ଓ ୧୨୫ ଉଇକେଟ**
ଜାଡେଜା ରାଜସ୍ଥାନ ରୟାଲ୍ସ ପକ୍ଷରୁ ଆଇପିଏଲ୍ କ୍ୟାରିୟର ଆରମ୍ଭ କରିଥିଲେ। କିମ୍ବଦନ୍ତୀ ଲେଗ୍ ସ୍ପିନର ସେନ୍ ୱାର୍ନ ତାଙ୍କୁ ରକ୍‌ଷ୍ଟାର ବୋଲି ଡାକନ୍ତି। ୨୧୫ ଆଇପିଏଲ୍ ମ୍ୟାଚ୍ ଖେଳିଥିବା ଜାଡେଜା ୨ ଅର୍ଦ୍ଧଶତକ ଓ ୧୨୭.୫୬ ଷ୍ଟ୍ରାଇକ୍‌ରେଟ୍ ସହିତ ୨୫୩୧ ରନ୍ କରିଛନ୍ତି। ୭.୫୯ର ଇକୋନୋମି ସହିତ ସେ ୧୨୫ ଉଇକେଟ ମଧ୍ୟ ନେଇଛନ୍ତି।

**ଜ୍ୟାକ୍ କାଲିସ୍ :**(କୋଲକାତା, ବାଙ୍ଗାଲୋର)
**୨୪୨୭ ରନ୍ ଓ ୬୫ ଉଇକେଟ**
କୋଲକାତା ଓ ବାଙ୍ଗାଲୋର ପକ୍ଷରୁ ଖେଳିଥିବା ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଅଲ୍‌ରାଉଣ୍ଡର କାଲିସ୍ ୨୪୨୭ ରନ୍ କରିବା ସହିତ ୬୫ ଉଇକେଟ ନେଇଛନ୍ତି। ୨୦୧୨ ଓ ୨୦୧୪ରେ କୋଲକାତାକୁ ଚାମ୍ପିୟନ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ୯୮ ମ୍ୟାଚ୍‌ରୁ ୧୭ ଅର୍ଦ୍ଧଶତକ ଓ ୧୦୯ ଷ୍ଟ୍ରାଇକରେଟ୍‌ରେ ସେ ୨୪୨୭ ରନ୍ କରିଛନ୍ତି। ୭.୯ ଇକୋନୋମି ହାରରେ ସେ ୬୫ ଉଇକେଟ ଅକ୍ତିଆର କରିଛନ୍ତି।

**ଆନ୍ଦ୍ରେ ରସେଲ୍** (ଦିଲ୍ଲୀ, କୋଲକାତା)
**୨୦୯୫ ରନ୍ ଓ ୯୨ ଉଇକେଟ**
କାଲିସଙ୍କ ପରେ କୋଲକାତା ନାଇଟ୍ ରାଇଡର୍ସର ପ୍ରମୁଖ ସଦସ୍ୟ ପାଲଟି ଯାଇଛନ୍ତି ଆନ୍ଦ୍ରେ ରସେଲ୍। ଫ୍ୟାନଙ୍କ ମଧ୍ୟରେ 'ମସଲ୍ ରସଲ୍' ଓ 'ଡ୍ରେ ରସ୍' ପରି ନାମରେ ସେ ବେଶ୍ ପରିଚିତ। ୧୦୩ ମ୍ୟାଚ୍‌ରୁ ସେ ୧୦ ଅର୍ଦ୍ଧଶତକ ସହିତ ୨୦୯୫ ରନ୍ ସଂଗ୍ରହ କରିଛନ୍ତି। ତାଙ୍କର ଷ୍ଟ୍ରାଇକ୍‌ରେଟ୍ ୧୭୭ ରହିଛି। ଏହା ସହିତ ୯.୧୮ ଇକୋନୋମି ହାରରେ ସେ ୯୨ ଉଇକେଟ ଅକ୍ତିଆର କରିଛନ୍ତି।

**ହାର୍ଦ୍ଦିକ ପାଣ୍ଡ୍ୟା** (ମୁମ୍ବାଇ, ଗୁଜରାଟ ଟାଇଟନ୍ସ)
**୨୦୧୨ ରନ୍ , ୫୧ ଉଇକେଟ**
ଏହି ତାଲିକାରେ ନୂତନ ଭାବରେ ପ୍ରବେଶ କରିଛନ୍ତି ଡିଫେଣ୍ଡିଂ ଚାମ୍ପିୟନ ଗୁଜରାଟ ଟାଇଟନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା। ମୁମ୍ବାଇର ଗୁରୁତ୍ୱପୂର୍ଣ୍ଣ ଖେଳାଳି ରହିଥିବା ପାଣ୍ଡ୍ୟା ୨୦୨୨ରେ ଗୁଜରାଟ ପାଇଁ ଖେଳିଥିଲେ। ୧୧୧ ମ୍ୟାଚ୍‌ରୁ ସେ ୧୪୬.୩୩ର ଷ୍ଟ୍ରାଇକରେଟ୍‌ରେ ୨୦୧୨ ରନ୍ କରିଛନ୍ତି। ଏହା ମଧ୍ୟରେ ୮ ଅର୍ଦ୍ଧଶତକ ସାମିଲ ଥିବା ବେଳେ ୮.୬୬ ଇକୋନୋମି ହାରରେ ସେ ୫୧ ଉଇକେଟ ନେଇଛନ୍ତି।


ରବୀନ୍ଦ୍ର ଜାଡେଜା
ଆନ୍ଦ୍ରେ ରସେଲ

## ପ୍ରମାଣ

ସତୁରି ମିଟର ଗଭୀର ଗୁମ୍ଫାରେ
ରହି ପାଞ୍ଚ ଶହ ଦିନ
ଲାଇଟ୍‌ରେ ଜନ୍ମଦିନ ପାଳିଥିଲେ
ନାହିଁ ସୂର୍ଯ୍ୟ ନାହିଁ ଜହ୍ନ
ନାରୀ ଶକ୍ତି ନିଦର୍ଶନ
ସ୍ପେନ୍ ଆଥଲେଟ୍ ବ୍ରିଟିଜ୍ ଫ୍ଲାମିନି
କଙ୍ଗ୍ରାଚୁଲେଶନ ଘେନ।

ଓଡ଼ିଶା କ୍ରିକେଟ ପ୍ରଶିକ୍ଷକ ହେଲେ
ମୋଙ୍ଗିଆ, ରୁମେଲି ଧର
ଲେଡି ଟିମ୍ ମଙ୍ଗ ଧର ସମ୍ଭାଳିବେ
ଓସିଏ କରିଛି ସ୍ଥିର
ହରମନପ୍ରୀତ କୌର
ବେଷ୍ଟ କ୍ରିକେଟର ଭାବେ ପାଇଅଛି
ୱିଜଡେନ ପୁରସ୍କାର।

ଇଣ୍ଡିଆନ ଗ୍ରାଁ ପ୍ରି ଚାରିରେ
ସୁସ୍ମିତା ଓ ବାରାଣିକା
ଷ୍ଟିପଲଚେଜ୍ ପୋଲଭଲ୍ଟରେ
ଗୋଲ୍ଡେନ
ଜିତିବା ପଦକ ଦେଖା
କ୍ରୀଡ଼ା ଶିକ୍ଷା କଥା ପକା
ପୁଅଠାରୁ ଝିଅ ଜ୍ୟାଦା ଆଡଭାନ୍ସ
ପ୍ରମାଣ ରହିଛି କକା।

–ସୁବାସ ଚନ୍ଦ୍ର ପ୍ରଧାନ

# କଳିଙ୍ଗରେ ଏକାଧିକ କ୍ରୀଡ଼ାର ସମର କ୍ୟାମ୍ପ

## ମେ’ ୧ରୁ ୨୨ ଆଥଲେଟିକ୍ସ, ଭାରୋତ୍ତୋଳନ, ଫୁଟବଲ, ବାସ୍କେଟବଲ, କବାଡି, ଜୁଡୋ, ଜିମ୍ନାଷ୍ଟିକ୍ସ ଓ ଭଲିବଲ କ୍ୟାମ୍ପ

**ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ପକ୍ଷରୁ କଳିଙ୍ଗ ଷ୍ଟାଡିୟମରେ ବିଭିନ୍ନ କ୍ରୀଡ଼ାପାଇଁ ସମର କ୍ୟାମ୍ପ ଆୟୋଜନ କରାଯାଉଛି। ଫଳରେ ଖେଳରେ ରୁଚି ରଖୁଥିବା ପିଲାମାନଙ୍କ ପାଇଁ ଗ୍ରୀଷ୍ମାବକାଶ ସମୟରେ ସେମାନଙ୍କ ପସନ୍ଦର ଗେମ୍ ସମ୍ପର୍କରେ ବିସ୍ତୃତ ଜ୍ଞାନ ଆହରଣର ସୁଯୋଗ ସୃଷ୍ଟି କରାଯାଇଛି। ମେ’ ୧ରୁ କଳିଙ୍ଗରେ ଏକାଧିକ କ୍ରୀଡ଼ାର ସମର କ୍ୟାମ୍ପ ଆୟୋଜନ ହେବାକୁ ଯାଉଛି। ଏଥିରେ ଆଥଲେଟିକ୍ସ, ଭାରୋତ୍ତୋଳନ, ଫୁଟବଲ, ବାସ୍କେଟବଲ, କବାଡି, ଜୁଡୋ, ଜିମ୍ନାଷ୍ଟିକ୍ସ ଓ ଭଲିବଲ ଆଦି ଖେଳର କ୍ୟାମ୍ପ ହେବ।**

ଭୁବନେଶ୍ୱର, ୨୦।୪
(କ୍ରୀଡ଼ା ପ୍ରତିନିଧି)

ଏବେ ଚାଲିଛି ସମର କ୍ୟାମ୍ପର ସମୟ। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ପକ୍ଷରୁ କଳିଙ୍ଗ ଷ୍ଟାଡିୟମରେ ବିଭିନ୍ନ କ୍ରୀଡ଼ାପାଇଁ ସମର କ୍ୟାମ୍ପ ଆୟୋଜନ କରାଯାଉଛି। ଫଳରେ ଖେଳରେ ରୁଚି ରଖୁଥିବା ପିଲାମାନଙ୍କ ପାଇଁ ଗ୍ରୀଷ୍ମାବକାଶ ସମୟରେ ସେମାନଙ୍କ ପସନ୍ଦର ଗେମ୍ ସମ୍ପର୍କରେ ବିସ୍ତୃତ ଜ୍ଞାନ ଆହରଣର ସୁଯୋଗ ସୃଷ୍ଟି କରାଯାଇଛି। ଇତିମଧ୍ୟରେ କଳିଙ୍ଗ ଓ ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ହକି କ୍ୟାମ୍ପ ଆରମ୍ଭ ହୋଇ ଯାଇଛି। କଳିଙ୍ଗରେ ଏହି କ୍ୟାମ୍ପ ଏପ୍ରିଲ ୩ରୁ ଆରମ୍ଭ ହୋଇଥିଲା ଏବଂ ୨୨ରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ସେହିପରି ବିର୍ସାମୁଣ୍ଡା ଷ୍ଟାଡିୟମରେ ଏହା ଏପ୍ରିଲ ୧୦ରୁ ୨୨ ପର୍ଯ୍ୟନ୍ତ ଆୟୋଜନ ହେଉଛି। ଶୁଟିଂ ସମରକ୍ୟାମ୍ପ ମାର୍ଚ୍ଚ ୨୩ରୁ ୩୧ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଛି। ଏଥିରେ ୧୦ ମିଟର ଏୟାର ରାଇଫଲ, ୧୦ ମିଟର ଏୟାର ପିସ୍ତଲ, ଓପନ ସାଇଟ୍ ରାଇଫଲ ଆଦିରେ ହାଇପରଫର୍ମାନ୍ସ ଟ୍ରେନିଂ ଦିଆ ଯାଇଥିଲା। ସେହିପରି ସୁଇମିଂ ସମର କ୍ୟାମ୍ପ ମେ ୨ରୁ ୨୬ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ରହିଛି।


କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହକି ସମର କ୍ୟାମ୍ପରେ ଭାଗ ନେଇଥିବା ପିଲାମାନେ।

ଏଥିରେ ୫ରୁ ୧୪ ବର୍ଷ ବର୍ଗର ବାଳିକା ବାଳକ ଭାଗନେବେ। ଖେଳାଳି ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ଏଣ୍ଟ୍ରି ଫି’ ୨୦୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ପ୍ରତି ବ୍ୟାଚ୍‌ରେ ୪୦ ଜଣ ପିଲାଙ୍କୁ ରଖାଯିବାକୁ ନିଷ୍ପତ୍ତି ହୋଇଛି। ପ୍ରତି ସପ୍ତାହରେ ୬ ସେସନ ଏହିପରି ମୋଟ ୨୦ ସେସନରେ ପିଲାମାନଙ୍କୁ ସନ୍ତରଣ ସମ୍ପର୍କରେ ଜ୍ଞାନ ଦିଆଯିବ।

ଏବେ ମଲ୍ଟି ସ୍ପୋର୍ଟ ସମର କ୍ୟାମ୍ପ ଆୟୋଜନ ହେବାକୁ ଯାଉଛି। ଏଥିରେ ଆଥଲେଟିକ୍ସ, ଭାରୋତ୍ତୋଳନ, ଫୁଟବଲ, ବାସ୍କେଟବଲ, କବାଡି, ଜୁଡୋ, ଜିମ୍ନାଷ୍ଟିକ୍ସ ଓ ଭଲିବଲ ଆଦି ଖେଳର କ୍ୟାମ୍ପ ହେବ। ଜଣେ ଖେଳାଳି କେବଳ ଗୋଟିଏ କ୍ରୀଡ଼ା ପାଇଁ ଉଦ୍ଦିଷ୍ଟ କ୍ୟାମ୍ପରେ ଯୋଗ ଦେଇପାରିବେ। ମେ’ ୧ରୁ ଏହା ଆରମ୍ଭ ହୋଇ ୨୨ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ଖେଳାଳି ପଞ୍ଜୀକରଣ ପ୍ରକ୍ରିୟା ଗତ ୧୨ରୁ ଆରମ୍ଭ ହୋଇଯାଇଛି ଏବଂ ଚଳିତମାସ ୨୭ ପର୍ଯ୍ୟନ୍ତ ଚାଲିବ। ସୋମବରଠାରୁ ଶନିବାର ପର୍ଯ୍ୟନ୍ତ ସକାଳ ୬ଟା ୩୦ରୁ ୮ଟା ୩୦ ଏବଂ ଅପରାହ୍ଣ ୪ଟା ୩୦ରୁ ୬ଟା ୩୦ ପର୍ଯ୍ୟନ୍ତ କ୍ୟାମ୍ପ ଅନୁଷ୍ଠିତ ହେବ।

### ମୌଳିକତା ଉପରେ ଗୁରୁତ୍ୱ ଦିଆଯିବ


ସଂହିତା ଦାସ


ରାଜେଶ ସିଂ

ଓଡ଼ିଶାର ବିଶେଷ ଜଣାଶୁଣା ଲୋକପ୍ରିୟ କବାଡ଼ି କୋଚ୍ ସଂହିତା ଦାସ ଆଗାମୀ କ୍ୟାମ୍ପରେ କବାଡ଼ି ଗେମ୍ ଦାୟିତ୍ୱରେ ରହିବେ। ତାଙ୍କ ମତରେ ୮ରୁ ୧୨ ବର୍ଷ ପିଲାଙ୍କ ପାଇଁ ଏହି କ୍ୟାମ୍ପ ଆୟୋଜନ କରାଯାଉଛି। ଅର୍ଥାତ୍ ଏଥିରେ ପ୍ରାୟତଃ ବିଗ୍‌ନରମାନେ ରହିବେ। ଅଳ୍ପକିଛି ପିଲା ସ୍କୁଲ ସ୍ତରରେ ହୁଏତ କବାଡ଼ି ଖେଳିଥିବେ ତେବେ ଆମେ ଏଠାରେ ସେମାନଙ୍କୁ କବାଡ଼ିର ବେସିକ୍ ଉପରେ ବିଶେଷ ଗୁରୁତ୍ୱ ଦେବୁ। ଏହା ବ୍ୟତୀତ ଫୁଟ୍‌ୱର୍କ, ମୁଭ୍‌ମେଣ୍ଟ, ଫିଜିକାଲ ଫିଟ୍‌ନେସ ରକ୍ଷାକରିବା ସମ୍ପର୍କରେ ମଧ୍ୟ ଶିକ୍ଷା ଦିଆଯିବ। କବାଡ଼ିକୁ ସେମାନେ କିପରି କ୍ୟାରିୟର କରିବେ, କ୍ୟାମ୍ପ ପରେ ସେମାନେ ଯେପରି ଖେଳ ସହ ସମ୍ପୃକ୍ତ ରହିବେ ସେଥିପାଇଁ ମୋଟିଭେଟ କରିବୁ। ଏବେ ପ୍ରାୟତଃ ମ୍ୟାଟ୍ ଉପରେ କବାଡ଼ି ଖେଳ ହେଉଛି। ଏହାକୁ ଦୃଷ୍ଟିରେ ରଖି ଆମେ ପୁରୀରୁ ମ୍ୟାଟ୍ ମଗାଇଛୁ। କ୍ୟାମ୍ପ ସମୟରେ ପିଲାମାନଙ୍କୁ ମ୍ୟାଟ ସହିତ ମଧ୍ୟ ଅଭ୍ୟସ୍ତ କରାଇବୁ ବୋଲି ସଂହିତା ପ୍ରକାଶ କରିଛନ୍ତି। ପ୍ରତିଷ୍ଠିତ ବାସ୍କେଟବଲ କୋଚ୍ ରାଜେଶ ସିଂ ମଧ୍ୟ ସମାନ ମତ ପୋଷଣ କରିଛନ୍ତି। ବାସ୍କେଟବଲ ପାଇଁ ନାମ ପଞ୍ଜୀକରଣ କରିଥିବା ପିଲାମାନଙ୍କୁ ଏହି ଖେଳର ମୌଳିକତା ସମ୍ପର୍କରେ ଶିକ୍ଷା ଦିଆଯିବ। ଏହା ବ୍ୟତୀତ ଏହି ଗେମ୍‌କୁ କ୍ୟାରିୟର କରିବାପାଇଁ ଯାହାକିଛି ଆବଶ୍ୟକ ସେ ସମ୍ପର୍କରେ ମଧ୍ୟ ଜ୍ଞାନ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ସେମିରେ ପାରାମାଉଣ୍ଟ ସ୍ପୋର୍ଟିଂ

ଭୁବନେଶ୍ୱର,୨୦।୪ (ସ୍ପୋର୍ଟ୍ସ ବ୍ୟୁରୋ)

ଟାଉନ୍ କ୍ଲବ ପଡ଼ିଆରେ ଚାଲିଥିବା ୧୫ ବର୍ଷରୁ କମ୍ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟରେ ଗୁରୁବାର ଅନୁଷ୍ଠିତ ଦୁଇଟି ମ୍ୟାଚରେ ପାରାମାଉଣ୍ଟ ସ୍ପୋର୍ଟିଂ ଓ ଓସ୍କାର ସ୍ପୋର୍ଟିଂ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚରେ ଜାଗୃତି କ୍ରିକେଟ କ୍ଲବକୁ ପରାସ୍ତ କରି ପାରାମାଉଣ୍ଟ ସେମିରେ ପ୍ରବେଶ କରିଛି। ଜାଗୃତି କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ୧୨.୨ ଓଭରରେ ୨୬ ରନରେ ଅଲଆଉଟ ହୋଇଥିଲା। ପାରାମାଉଣ୍ଟ ପକ୍ଷରୁ ସ୍ୱସ୍ତିକ ଚୌଧୁରୀ ୪, ଏସ୍ କେ ନକିବ୍ ଓ ତନୁସ୍ ଦେ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ପାରାମାଉଣ୍ଟ ସ୍ୱାଗତ ମିଶ୍ରଙ୍କ ୨୬ ରନ୍ ବଳରେ ବିନା କ୍ଷତିରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ସ୍ୱସ୍ତିକ ଚୌଧୁରୀଙ୍କୁ ଟାଉନ୍ କ୍ଲବ ସଦସ୍ୟ ଶଶୀ ଶେଖର ଗରାବଡୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।

### ୧୫ ବର୍ଷରୁ କମ୍ କ୍ରିକେଟ

ଦ୍ୱିତୀୟ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମୁକ୍ତେଶ୍ୱର ୨୧ ଓଭରରେ ୮୨ ରନ୍‌ରେ ଅଲଆଉଟ ହୋଇଥିଲା। ଓସ୍କାର ପକ୍ଷରୁ ଅଭିନବ ରୋନକ ପାଣି ୩, ପ୍ରୟାନ୍ ସାମଲ ଓ ଆର୍ଯ୍ୟବୀର ଲେଙ୍କା ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ପ୍ରୟାନ୍ ସାମଲଙ୍କ ୪୨ ରନ୍ ବଳରେ ଓସ୍କାର କ୍ଲବ ୪ ଉଇକେଟ ହରାଇ ମ୍ୟାଚ୍ ଜିତି ନେଇଥିଲା। ସମାଜସେବୀ ଗଣେଶ ପାଲ ପ୍ରୟାନଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଏହା ସହିତ ଟୁର୍ନାମେଣ୍ଟର ସେମିଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଛି। ପ୍ରଥମ ସେମିଫାଇନାଲ ଶେଖର ସ୍ପୋର୍ଟିଂ-ଟାଉନ୍ କ୍ଲବ୍ ‘ଏ’ ଓ ଦ୍ୱିତୀୟ ସେମିଫାଇନାଲ ପାରାମାଉଣ୍ଟ-ରାମେଶ୍ୱର ସ୍ପୋର୍ଟିଂ ମଧ୍ୟରେ ଖେଳାଯିବ।

# ଓଡ଼ିଶାରେ ହୋଇପାରେ ଅଶ୍ୱାରୋହଣ ଉତ୍କୃଷ୍ଟତା କେନ୍ଦ୍ର

ଭୁବନେଶ୍ୱର, ୨୦।୪
(ସ୍ପୋର୍ଟ୍ସ ବ୍ୟୁରୋ)

ଯୋଜନା ଯଦି ଠିକଣା ଦିଗରେ ଯାଏ ତେବେ ଖେଳକୁ ପ୍ରୋତ୍ସାହନ ଦେବାରେ ଅଗ୍ରଣୀ ରାଜ୍ୟ ରୂପେ ପରିଗଣିତ ହେଉଥିବା ଓଡ଼ିଶାରେ ଆଗକୁ ହୋଇପାରେ ଅଶ୍ୱାରୋହଣ ଉତ୍କୃଷ୍ଟତା କେନ୍ଦ୍ର (ସେଣ୍ଟର ଅଫ୍ ଏକ୍ସଲେନ୍ସ)। ଏହି କେନ୍ଦ୍ରରେ ସକ୍ରିୟ ଅଶ୍ୱାରୋହୀ ଏବଂ ଏହି ଖେଳ ପ୍ରତି ଆଗ୍ରହ ରଖୁଥିବା ବ୍ୟକ୍ତିଙ୍କୁ କେବଳ ଟ୍ରେନିଂ ଓ କୋଚିଂ ପ୍ରଦାନରେ ସହାୟକ ହେବ ନାହିଁ ବରଂ ଅଶ୍ୱାରୋହଣ ଓ ପୋଲୋରେ ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିଦେବାରେ ସହାୟକ ହେବ। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ସଚିବ ତଥା କମିଶନର ଆର୍. ଭିନିଲ କ୍ରିଷ୍ଣା, ପ୍ରତିଭାବାନ ଅଶ୍ୱାରୋହୀ ରିଷିତା ସାମନ୍ତରାୟ ଓ ତାଙ୍କ ମାତାପିତା କଲୋନେଲ ଆଶିଷ ସାମନ୍ତରାୟ ଓ ରୋହିଣୀ ସିଂଦେଓଙ୍କ ମଧ୍ୟରେ ଏକ ଆଲୋଚନା ବେଳେ ରାଜ୍ୟରେ ଏଭଳି କେନ୍ଦ୍ରର ଆବଶ୍ୟତା ରହିଥିବା ଅନୁଭବ କରାଯାଇଥିଲା। ଏହି ଅବସରରେ କ୍ରୀଡ଼ା ସଚିବ ଗତ ମାସରେ ଦିଲ୍ଲୀ ହର୍ସ ଶୋ’ରେ ଏକ ବ୍ରୋଞ୍ଜ ପଦକ ହାସଲ କରିଥିବା ରିଷିତାଙ୍କୁ ଅଭିନନ୍ଦନ ଜଣାଇବା ସହ ରାଜ୍ୟ ପାଇଁ ଗୌରବ ଆଣୁଥିବା ଅଶ୍ୱାରୋହୀଙ୍କୁ ସାହାଯ୍ୟ ଓ ସହଯୋଗ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କଲୋନେଲ ସାମନ୍ତରାୟ ହେଉଛନ୍ତି ଜଣେ ଅଭିଜ୍ଞ ଅଶ୍ୱାରୋହୀ ଓ ପୋଲୋ ଖେଳାଳି। ବର୍ତ୍ତମାନ ସେ କୋଚିଂ ଦେଉଛନ୍ତି। ସେ କହିଛନ୍ତି, ଅଶ୍ୱାରୋହଣ ପ୍ରତି ଆଗ୍ରହ ପ୍ରକାଶ କରିଥିଲେ ଏବଂ ରାଜ୍ୟରେ ଏହି ଖେଳକୁ କିପରି ପ୍ରୋତ୍ସାହିତ କରାଯାଇପାରିବ ସେ ନେଇ ପଚାରି ବୁଝିଥିଲେ।


ରାଜ୍ୟ କ୍ରୀଡ଼ା ଓ ଯୁବସେବା ସଚିବ ତଥା କମିଶନର ଆର୍. ଭିନିଲ କ୍ରିଷ୍ଣା, ଅଶ୍ୱାରୋହୀ ରିଷିତା ସାମନ୍ତରାୟ ଓ ତାଙ୍କ ମାତାପିତା।

# ପଞ୍ଜାବକୁ ହରାଇଲା ଆର୍‌ସିବି

### ସିରାଜଙ୍କ ଘାତକ ବୋଲିଂ

ମୋହାଲି,୨୦।୪

ମହମ୍ମଦ ସିରାଜଙ୍କ ଘାତକ ବୋଲିଂ ବଳରେ ପଞ୍ଜାବ କିଙ୍ଗ୍ସକୁ ୨୪ ରନ୍‌ରେ ପରାସ୍ତ କରିଛି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି)। ଆଇ.ଏସ୍. ବିନ୍ଦ୍ରା ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଆରସିବି ୪ ଉଇକେଟରେ ୧୭୪ ରନ୍ କରିଥିଲା। ଜବାବରେ ମହମ୍ମଦ ସିରାଜଙ୍କ କ୍ୟାରିୟର ଶ୍ରେଷ୍ଠ ବୋଲିଂ ବଳରେ ପଞ୍ଜାବ ୧୮.୨ ଓଭରରେ ୧୫୦ ରନ୍‌ରେ ଅଲଆଉଟ ହୋଇଥିଲା। ରାହୁଲ ଚହରଙ୍କ ସ୍ଥାନରେ ପ୍ରଭସିମ୍‌ରନ୍ ସିଂ ଓ ଫାଫ୍ ଡୁ ପ୍ଲେସିଙ୍କ ସ୍ଥାନରେ ବିଜୟ କୁମାର ବୈଶାକ ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ୍ ଭାବରେ ସାମିଲ ହୋଇଥିଲେ। ଡୁ ପ୍ଲେସି ଆହତ ଥିବାରୁ ବିରାଟ କୋହଲି ଷ୍ଟାଣ୍ଡ ଇନ୍ କ୍ୟାପଟେନ୍ ଭୂମିକାରେ ନଜର ଆସିଥିଲେ। ଦୀର୍ଘ ୫୫୫ ଦିନ ପରେ କୋହଲି କ୍ୟାପଟେନ୍ସିକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଆର୍‌ସିବି ପକ୍ଷରୁ ଓପନିଂ ଯୋଡିରେ ୧୩୭ ରନ୍ କରିଥିଲେ ଫାଫ୍ ଡୁ ପ୍ଲେସି ଓ ବିରାଟ କୋହଲି। ଡୁ ପ୍ଲେସି ଓ କୋହଲି ଚଳିତ ସିଜନରେ ଷଷ୍ଠ ମ୍ୟାଚ୍‌ରେ ୪ର୍ଥ ଅର୍ଦ୍ଧଶତକ ହାସଲ କରିଥିଲେ। ଟପ୍ ସ୍କୋରର ରହିଥିବା ଡୁ ପ୍ଲେସି ୫୬ ବଲ୍ ଖେଳି ୮୪ ରନ୍ କରିଥିଲେ। ତାଙ୍କ ଇନିଂସରେ ୫ଟି ଲେଖାଏ ଛକା ଓ ଚୌକା ସାମିଲ ଥିଲା। ଅନ୍ୟ ପକ୍ଷରେ କୋହଲି ୪୭ ବଲ୍ ଖେଳି ୫ ଚୌକା ଓ ୧ ଛକା ସହିତ ୫୯ ରନ୍ କରିଥିଲେ। ଉଭୟ ୧୬.୧ ଓଭର ବ୍ୟାଟିଂ କରି ୧୩୭ ରନ୍ ଯୋଡିଥିଲେ। ପ୍ରଥମ ୧୧ ଓଭରରେ ସ୍କୋର ୧୦୦ ରନ୍‌ରେ ପହଞ୍ଚିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ପିଚ୍‌ର ବ୍ୟବହାର ପରିବର୍ତ୍ତନ ହେବା ସହିତ ରନ୍‌ହାର ଧିମେଇ ଯାଇଥିଲା। ପରବର୍ତ୍ତୀ ୪ ବ୍ୟାଟର ଦୁଇଅଙ୍କରେ ପହଞ୍ଚିବାରେ ବିଫଳ ହୋଇଥିବା ବେଳେ ଆରସିବି ନିର୍ଦ୍ଧାରିତ ଓଭରରେ ୪ ଉଇକେଟ ହରାଇ ୧୭୪ ରନ୍ କରିବାରେ ସମର୍ଥ ହୋଇଥିଲା। ପଞ୍ଜାବ ପକ୍ଷରୁ ହରପ୍ରୀତ ବ୍ରାର ୨ ଉଇକେଟ ନେଇଥିବା ବେଳେ ଅର୍ଶଦୀପ ସିଂ ଓ ନାଥାନ ଏଲିସ୍ ଗୋଟିଏ ଲେଖାଏ ଉଇକେଟ ପାଇଥିଲେ। ୧୭୫ ରନ୍ ଲକ୍ଷ୍ୟରେ ଇନିଂସ ଆରମ୍ଭ କରିଥିବା ପଞ୍ଜାବ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ପାୱାର ପ୍ଲେରେ ସିରାଜ ପୁଣି ଥରେ ଅଗ୍ନିବର୍ଷୀ ବୋଲିଂ କରିଥିଲେ। ୬ ଓଭର ମଧ୍ୟରେ ଦଳ ୪୩ ରନ୍‌ରେ ୪ ଉଇକେଟ ହରାଇ ସଙ୍କଟରେ ପଡିଥିଲା। ଟପ୍ ସ୍କୋରର ରହିଥିବା ପ୍ରଭସିମରନ୍ ସିଂ ୪୬ ରନ୍ କରି ଇନିଂସ ସଜାଡିବାକୁ ପ୍ରୟାସ କରିଥିଲେ। ଦଳୀୟ ସ୍କୋର ୯୭ରେ ପ୍ରଭସିମରନ୍ ଆଉଟ ହେବା ପରେ ମ୍ୟାଚ୍ ଆରସିବି ଆଡକୁ ଢଳିଥିଲା। ତେବେ ଜିତେଶ ଶର୍ମା ଦ୍ରୁତ ୪୧ ରନ୍ କରିବା ସହିତ ମ୍ୟାଚରେ ରୋମାଞ୍ଚ ଭରି ଦେଇଥିଲେ। ୧୦୬ ରନ୍‌ରେ ସପ୍ତମ ଉଇକେଟର ପତନ ଘଟିବା ପରେ ହରପ୍ରୀତ ବ୍ରାର(୧୩ ରନ୍)ଙ୍କୁ ସାଥୀ କରି ସେ ୪୧ ରନ୍ ଯୋଡିଥିଲେ। ପଞ୍ଜାବ ବିଜୟର ନିକଟତର ହୋଇଥିବା ବେଳେ ପୁଣି ଥରେ ସିରାଜଙ୍କ ଯାଦୁ ଦେଖିବାକୁ ମିଳିଥିଲା। ୧୮ ତମ ଓଭର ବୋଲିଂ କରିବାକୁ ଆସି ମାତ୍ର ୩ ରନ୍ ଦେଇ ସେ ଦୁଇଟି ଉଇକେଟ ଅକ୍ତିଆର କରିଥିଲେ। ୧୯ ତମ ଓଭରରେ ବଡ ଶଟ୍ ଖେଳିବାକୁ ଯାଇ ଜିତେଶ ଶେଷ ଖେଳାଳି ଭାବେ ଆଉଟ ହେବାରୁ ଆରସିବି ୨୪ ରନ୍‌ରେ ମ୍ୟାଚ୍ ଜିତି ନେଇଥିଲା। ଷଷ୍ଠ ମ୍ୟାଚରେ ତୃତୀୟ ବିଜୟ ସହିତ ଆରସିବି ପଏଣ୍ଟ ଟେବୁଲର ପଞ୍ଚମ ସ୍ଥାନକୁ ଉନ୍ନୀତ ହୋଇଛି। ଆରସିବି ପକ୍ଷରୁ ମହମ୍ମଦ ସିରାଜ ୪ ଉଇକେଟ ନେଇଥିବା ବେଳେ ୱାନିନ୍ଦୁ ହସରଙ୍ଗା ୨, ୱେନ୍ ପାର୍ନେଲ ଓ ହର୍ଷଲ ପଟେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ମହମ୍ମଦ ସିରାଜଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ମହାମ୍ମଦ ସିରାଜ।

**ସଂକ୍ଷିପ୍ତ ସ୍କୋର**

ବାଙ୍ଗାଲୋର ୨୦ ଓଭରରେ ୧୭୪/୪ (ଫାଫ୍ ଡୁ ପ୍ଲେସି-୮୪, ବିରାଟ କୋହଲି-୫୯, ହରପ୍ରୀତ ବ୍ରାର-୨/୩୧, ଅର୍ଶଦୀପ ସିଂ-୧/୩୪।

ପଞ୍ଜାବ କିଙ୍ଗ୍ସ ୧୮.୨ ଓଭରରେ ୧୫୦/୧୦ (ପ୍ରଭସିମ୍‌ରନ୍ ସିଂ-୪୬, ଜିତେଶ ଶର୍ମା-୪୧, ମହମ୍ମଦ ସିରାଜ-୪/୨୧, ୱାନିନ୍ଦୁ ହସରଙ୍ଗା-୨/୩୯)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ଚେନ୍ନାଇ ବନାମ ହାଇଦ୍ରାବାଦ**

ସ୍ଥାନ:ଚେନ୍ନାଇ,
ସମୟ: ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୬ | ୪ | ୨ | ୮ | +୧.୦୪୩ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୬ | ୪ | ୨ | ୮ | +୦.୭୦୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୫ | ୩ | ୨ | ୬ | +୦.୨୬୫ |
| ଗୁଜରାଟ ଟାଇଟନ୍ସ | ୫ | ୩ | ୨ | ୬ | +୦.୧୯୨ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୬ | ୩ | ୩ | ୬ | -୦.୦୬୮ |
| ମୁମ୍ବାଇ ଇଣ୍ଡିଆନ୍ସ | ୫ | ୩ | ୨ | ୬ | -୦.୧୬୪ |
| ପଞ୍ଜାବ କିଙ୍ଗ୍ସ | ୬ | ୩ | ୩ | ୬ | -୦.୨୯୮ |
| କୋଲକାତା ନାଇଟ ରାଇଡର୍ସ | ୬ | ୨ | ୪ | ୪ | +୦.୨୧୪ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୫ | ୨ | ୩ | ୪ | -୦.୭୯୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୬ | ୧ | ୫ | ୨ | -୧.୧୮୩ |




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ଶତପଥୀ


ବିଶାଳ ଶୁଭାରମ୍ଭ
ପଟିଆ, ଭୁବନେଶ୍ୱର ଠାରେ
ଆଜି !
ଉଦ୍‌ଘାଟନ କରିବେ
ଶ୍ରୀମତୀ ଶିଳ୍ପା ସେଟ୍ଟୀ କୁନ୍ଦ୍ରା
ଅପରାହ୍ନ 04:00 ଟା ସମୟରେ
କଲ୍ୟାଣ ଜ୍ୱେଲର୍ସ
KALYAN JEWELLERS
0%
ON ALL ITEMS*
*SHOP FOR A MINIMUM OF ₹1 LAKH TO AVAIL 0% MAKING CHARGE ON HALF THE PURCHASE VALUE.
LARGEST COLLECTION IN GOLD & DIAMOND JEWELLERY
SPACIOUS SHOWROOM
AMPLE CAR PARKING FACILITY
PATIA - CHANDRASHEKARPUR, PATIA CHOWK. PH: 9040343353
187 BRANCHES SPREAD ACROSS INDIA AND MIDDLE EAST | FOR MORE DETAILS CONTACT US ON TOLL FREE NUMBER: 1800 425 7333
WWW.KALYANJEWELLERS.NET | FOLLOW US ON | BUY ONLINE @ WWW.CANDERE.COM | FOR FRANCHISE ENQUIRIES WRITE TO FRANCHISEE.ENQUIRY@KALYANJEWELLERS.NET
T&C apply.

(ପୃଷ୍ଠା-୧୨+୮)

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୨୧/୨୦୨୩ (୧୨+୮=୨୦ ପୃଷ୍ଠା) Bhubaneswar, Friday, April 21/2023 Page 20 ₹ 7.00 | ପୃଷ୍ଠା-୧



**ମାଡ୍ରିଡ୍ ଓପନରୁ ଓହରିଲେ ନାଡାଲ**
ସୁସ୍ଥ ହୋଇ ନ ଥିବାରୁ ରାଫେଲ ନାଡାଲ ମାଡ୍ରିଡ୍ ଓପନ ଟେନିସ ପ୍ରତିଯୋଗିତାରୁ ଓହରିଯାଇଛନ୍ତି। ୦୮

୦୪ **ଅକ୍ଟୋବରରେ ପରିଣୀତି-ରାଘବଙ୍କ ବିବାହ**
ଆସନ୍ତା ଅକ୍ଟୋବରରେ ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ଏବଂ ଆପ୍ ଏମ୍‌ପି ରାଘବ ଚଡ୍ଢାଙ୍କ ବିବାହ ହେବାକୁ ଯାଉଥିବା ଅଭିନେତ୍ରୀ କହିଛନ୍ତି।





ନୂଆଦିଲ୍ଲୀସ୍ଥିତ ଏକ ପ୍ରାଣୀ ଉଦ୍ୟାନରେ ଗୁରୁବାର କେନ୍ଦ୍ର ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ମନ୍ତ୍ରୀ ଭୂପିନ୍ଦର ଯାଦବ ଦର୍ଶକଙ୍କ ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ଏନ୍‌କ୍ଲୋଜରରେ ୨ଧଳା ବାଘ ଛୁଆଙ୍କୁ ଛାଡ଼ିବାପରେ ମା' ବାଘ ସହ ଖେଳୁଛନ୍ତି। **(ଫଟୋ-ଚମନ ଗୌତମ)**

# ୨ ନାବାଳିକାଙ୍କୁ ଗଣବଳାତ୍କାର

**କଳାହାଣ୍ଡିରେ ଚାଞ୍ଚଲ୍ୟ**

## ୫ ଅଭିଯୁକ୍ତ ଫେରାର

**ଗାଁ ପାଖରେ ଯାତ୍ରା ହେଉଥିବାରୁ ଖୁସିମନରେ ଘରୁ ବାହାରିଯାଇଥିଲେ। ହେଲେ ଫେରିବା ବେଳକୁ ସବୁ କିଛି ଓଲଟପାଲଟ ହୋଇଗଲା। ୫ ଯୌନପିପାସୁଙ୍କ ଜାଲରେ ଫସିଗଲେ ୨ ନାବାଳିକା। କଳାହାଣ୍ଡି ଜିଲାରେ ଘଟିଥିବା ନାବାଳିକା ଗଣବଳାତ୍କାର ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବାବେଳେ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିପାରିନାହିଁ ପୋଲିସ।**

ଭବାନୀପାଟଣା/ଲାଞ୍ଜିଗଡ଼, ୨୦।୪(ସ୍ୱ.ପ୍ର./ଡି.ଏନ୍.ଏ.)

ଯାତ୍ରା ଦେଖି ଫେରୁଥିବା ବେଳେ ଗଣବଳାତ୍କାରର ଶିକାର ହୋଇଛନ୍ତି ୨ ନାବାଳିକା। ମାନବିକତାକୁ ଦୋହଲାଇଦେବା ଭଳି ଏଭଳି ଲଜ୍ଜାଜନକ ଘଟଣା କଳାହାଣ୍ଡି ଜିଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଗତ ରବିବାର ଭୋର୍ ସମୟରେ ଏହି କାଣ୍ଡ ଘଟିଥିବା ବେଳେ ବୁଧବାର ସନ୍ଧ୍ୟାରେ ବିଜେପୁର ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ୫ ଅଭିଯୁକ୍ତ ଫେରାର ଅଛନ୍ତି।

ଅଭିଯୋଗ ଅନୁଯାୟୀ, ବିଜେପୁର ଥାନା ଅଞ୍ଚଳର ସମ୍ପୃକ୍ତା ୨ ନାବାଳିକା ଏବଂ ଜଣେ ଯୁବତୀ ନିକଟସ୍ଥ ଏକ ଗ୍ରାମକୁ ଶନିବାର ମା' ତାରିଣୀ ଯାତ୍ରା ଦେଖିବାକୁ ଯାଇଥିଲେ। ନାଟକ ଦେଖି ରବିବାର ଭୋର୍ ସମୟରେ ଘରକୁ ଫେରୁଥିବା ବେଳେ ବାଟରେ ପଡୁଥିବା ଏକ ପୋଲ ନିକଟରେ ଉକ୍ତ



ଅଞ୍ଚଳର ୫ଜଣ ଯୁବକ ସେମାନଙ୍କୁ ଅଟକାଇଥିଲେ। ୨ ନାବାଳିକା ଓ ଯୁବତୀଙ୍କୁ ସେମାନେ ପାଖ ଜଙ୍ଗଲକୁ ଟେକିନେବାକୁ ଉଦ୍ୟମ କରିଥିଲେ। ତେବେ ଯୁବତୀ ଜଣକ କୌଶଳକ୍ରମେ ସେମାନଙ୍କ କବଳରୁ ଖସି ଆସିଥିଲେ। ଅଭିଯୁକ୍ତମାନେ ୨ ନାବାଳିକାଙ୍କୁ ଜଙ୍ଗଲକୁ ନେଇଯାଇ ଗଣବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ କାହାକୁ କହିଲେ ପରିବାର ଲୋକଙ୍କୁ ମାରି ଦେବେ ବୋଲି ଧମକ ଦେଇଥିଲେ। ଅନ୍ୟପଟେ ଖସି ଆସିଥିବା ଯୁବତୀ ଜଣକ ଯାତ୍ରା ପଡ଼ିଆକୁ ଯାଇ ଗାଁ ଲୋକ, ପରିବାରବର୍ଗ ଓ ସମ୍ପର୍କୀୟଙ୍କୁ ସବୁ ଘଟଣା କହିଥିଲେ। ପରିବାର ଲୋକେ ଘଟଣାସ୍ଥଳକୁ ଯାଇ ୨ ପୀଡ଼ିତାଙ୍କୁ ଉଦ୍ଧାର କରିଥିଲେ। ବୁଧବାର ଥାନାରେ ଲିଖିତ ଅଭିଯୋଗ କରିବା ପରେ ଘଟଣା ଲୋକଲୋଚନକୁ ଆସିଥିଲା।

ଏଭଳି ସ୍ପର୍ଶକାତର ଘଟଣାରେ ପୋଲିସ ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ଗୁରୁବାର ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇଛି। କଳାହାଣ୍ଡି ଏସ୍‌ପି ଅଭିଳାଷ ଜୀ. ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ନଂ. ୮/୨୩ ଓ ୯/୨୩ରେ ପୃଥକ୍ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସ ସକ୍ଷମ ହୋଇନାହିଁ।

# ରାହୁଲଙ୍କ ଆବେଦନ ଖାରଜ

**'ସବୁ ମୋଦି ଚୋର' ମନ୍ତବ୍ୟକୁ ନେଇ ଆପରାଧିକ ମାନହାନି ମାମଲା**

■ **ଦଣ୍ଡାଦେଶ ସ୍ଥଗିତ ରଖିଲେନି ସୁରଟ କୋର୍ଟ, ହାଇକୋର୍ଟ ଯିବେ ରାହୁଲ**

ସୁରଟ,୨୦।୪

'ସବୁ ମୋଦି ଚୋର' ମନ୍ତବ୍ୟ ସମ୍ପର୍କିତ ଆପରାଧିକ ମାନହାନି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ୨ ବର୍ଷ ଜେଲ ଦଣ୍ଡାଦେଶ ପାଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଲାଗିଛି ଆଉ ଏକ ଝଟ୍‌କା। ଉକ୍ତ ଦଣ୍ଡାଦେଶ ଉପରେ ସ୍ଥଗିତାଦେଶ ଜାରି ପାଇଁ ରାହୁଲ ଗୁଜରାଟର ସୁରଟସ୍ଥିତ ଅତିରିକ୍ତ ସେସନ୍ସ କୋର୍ଟରେ କରିଥିବା ଅପିଲ ଗୁରୁବାର ଖାରଜ ହୋଇଯାଇଛି। ଅପିଲକର୍ତ୍ତା ଦେଶର ଦ୍ୱିତୀୟ ବଡ଼ ଦଳର ଅଧ୍ୟକ୍ଷ ଓ ଲୋକ ସଭା ସଦସ୍ୟ ଥିବାବେଳେ ଏଭଳି ମନ୍ତବ୍ୟ ଦେବା ପୂର୍ବରୁ ନିଜ ଭାଷାକୁ ନେଇ ଅଧିକ ସତର୍କତା ଅବଲମ୍ବନ କରିବା ଉଚିତ ଥିଲା ବୋଲି ଅଦାଲତ କହିଛନ୍ତି। ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ସଦ୍ୟ ରାୟକୁ ନ୍ୟାୟପାଳିକା ଓ ଦେଶବାସୀଙ୍କ ବିଜୟ ଭାବେ ଅଭିହିତ କରିଥିବାବେଳେ ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି, ଆଇନାନୁସାରେ ଉପଲବ୍ଧ ସମସ୍ତ ବିକଳ୍ପକୁ ନେଇ ଲଢ଼େଇ ଜାରି ରହିବ। ରାହୁଲଙ୍କ ଓକିଲ କିରିଟ୍ ପାନ୍‌ୱାଲା ମଧ୍ୟ ଅତିରିକ୍ତ ସେସନ୍ସ କୋର୍ଟଙ୍କ ରାୟକୁ ଗୁଜରାଟ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯିବ ବୋଲି ସୂଚନା ଦେଇଛନ୍ତି।

୨୦୧୯ ଲୋକ ସଭା ନିର୍ବାଚନ ପୂର୍ବରୁ ଏପ୍ରିଲ ୧୩ରେ କର୍ଣ୍ଣାଟକର କୋଲାରରେ ରାହୁଲ ଏକ ସଭାକୁ ସମ୍ବୋଧିତ କରି କହିଥିଲେ, ନୀରବ ମୋଦି, ଲଳିତ ମୋଦି, ନରେନ୍ଦ୍ର ମୋଦି.... ସେମାନଙ୍କ ସମସ୍ତଙ୍କ ଉପନାମ ମୋଦି କେମିତି ହେଲା? ସବୁ ଚୋରଙ୍କ ସମାନ ସାଙ୍ଗିଆ କିପରି ହେଲା? ଏହାର ୩ ଦିନ ପରେ ସୁରଟ୍ ୱେଷ୍ଟ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପୂର୍ଣ୍ଣେଶ ମୋଦି ରାହୁଲଙ୍କ ମନ୍ତବ୍ୟକୁ ନେଇ ତାଙ୍କ ବିରୋଧରେ ଏକ ଆପରାଧିକ ମାନହାନି ମାମଲା ଦାଏର ପାଇଁ



ରାହୁଲ ଗାନ୍ଧୀ

ଆବେଦନ କରିଥିଲେ। ଗତ ମାର୍ଚ୍ଚ ୨୩ରେ ସୁରଟର ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ଏହି ମାମଲାରେ ରାହୁଲଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଥିଲେ। ଏଥିସହ ଉକ୍ତ ରାୟ ବିରୋଧରେ ଉଚ୍ଚତର ଅଦାଲତରେ ଅପିଲ ପାଇଁ ୩୦ ଦିନ ସମୟ ଦେଇଥିଲେ। କେରଳର ୱାୟନାଡ୍ ଆସନରୁ ପ୍ରତିନିଧିତ୍ୱ କରୁଥିବା ୫୨ ବର୍ଷୀୟ ରାହୁଲ ଏହାର ଦିନକ ପରେ ଲୋକ ସଭା ସଦସ୍ୟତା ହରାଇଥିଲେ। ତଳ କୋର୍ଟ ରାୟକୁ ସେ ଅତିରିକ୍ତ ସେସନ୍ସ କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। କୋର୍ଟ ଗତ ୧୩ ତାରିଖରେ ତାଙ୍କ ଆବେଦନର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ବିଚାରପତି ଆର୍.ପି. ମୋଗେରା ଗୁରୁବାର ଏହାର ରାୟ ଶୁଣାଇ କହିଛନ୍ତି, ଯଦି ରାହୁଲଙ୍କ ଆବେଦନକୁ ଗ୍ରହଣ କରାଯାଇଥାଆନ୍ତା ତେବେ ଏନେଇ ଲୋକ ସଭା ସେକ୍ରେଟାରିଏଟ୍ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥାଆନ୍ତା ଏବଂ ତାଙ୍କ ସଦସ୍ୟତା ପୁନଃ ଅବସ୍ଥାପିତ ହୋଇଥାଆନ୍ତା। ତେବେ ଲୋକ ପ୍ରତିନିଧି ଆଇନ, ୧୯୫୧ର ଧାରା ୮(୩) ଅଧୀନରେ ରାହୁଲଙ୍କ ସଦସ୍ୟତା ରଦ୍ଦକୁ ଅପରିବର୍ତ୍ତନୀୟ କିମ୍ବା ଅପୂରଣୀୟ କ୍ଷତି ଭାବେ ଅଭିହିତ କରାଯାଇପାରିବ ନାହିଁ। ଅପିଲକର୍ତ୍ତାଙ୍କ ମୁହଁରୁ ବାହାରିଥିବା କୌଣସି ଅପମାନଜନକ ଶବ୍ଦ ପୀଡ଼ିତ ବ୍ୟକ୍ତିଙ୍କୁ ମାନସିକ ଯନ୍ତ୍ରଣା ଦେବା ପାଇଁ ପର୍ଯ୍ୟାପ୍ତ। ମୋଦି ଉପନାମଧାରୀଙ୍କୁ ଚୋରଙ୍କ ସହ ତୁଳନା ନିଶ୍ଚିତ ରୂପେ ସାମାଜିକ ଭାବେ ସକ୍ରିୟ ଥିବା ଅଭିଯୋଗକର୍ତ୍ତା ପୂର୍ଣ୍ଣେଶ ମୋଦିଙ୍କ ସମ୍ମାନହାନି କରିଛି। ରାହୁଲ ପୂର୍ବରୁ ଲୋକ ସଭା ସଦସ୍ୟ ଏବଂ ଦେଶର ଦ୍ୱିତୀୟ ବୃହତ୍ ଦଳର ଅଧ୍ୟକ୍ଷ ଥିଲେ। ଏଭଳି ପଦରେ ଥିବାବେଳେ ସେ ବ୍ୟବହାର କରିଥିବା ଭାଷାକୁ ନେଇ ସତର୍କ ହେବା ଆବଶ୍ୟକ ଥିଲା, ଯାହାକି ଲୋକଙ୍କ ମନକୁ ଗଭୀର ଭାବେ ପ୍ରଭାବିତ କରିଛି ବୋଲି କୋର୍ଟ କହିଛନ୍ତି। ଏଥିସହ ଦଣ୍ଡାଦେଶ ଉପରେ ସ୍ଥଗିତାଦେଶ ଜାରି କରା ନ ଯିବା ଦ୍ୱାରା ନିର୍ବାଚନ ଲଢ଼ିବା ପାଇଁ ସୁଯୋଗ ନ ମିଳିଲେ ରାହୁଲଙ୍କ ଅପୂରଣୀୟ କ୍ଷତି ହେବ ବୋଲି ତାଙ୍କ ଓକିଲ ପ୍ରମାଣିତ କରିବାରେ ବିଫଳ ହୋଇଛନ୍ତି। ସେହିପରି ରାହୁଲଙ୍କ ମନ୍ତବ୍ୟ ମୋଦି ଉପନାମଧାରୀ ସମ୍ପ୍ରଦାୟ ବିରୋଧରେ ଉଦ୍ଦିଷ୍ଟ ନ ଥିଲା ବୋଲି ତାଙ୍କ ଓକିଲ ବାଢ଼ିଥିବା ଯୁକ୍ତିକୁ ମଧ୍ୟ କୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି। ରାହୁଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ସର୍ବସାଧାରଣରେ ଅପମାନଜନକ ମନ୍ତବ୍ୟ ଦେଇଥିଲେ ଏବଂ ମୋଦି ସାଙ୍ଗିଆର ବ୍ୟକ୍ତିମାନଙ୍କୁ ଚୋରଙ୍କ ସହ ତୁଳନା କରିଥିଲେ ବୋଲି ବିଚାରପତି କହିବା ସହ ତଳ କୋର୍ଟ ରାୟ ଉପରେ ସ୍ଥଗିତାଦେଶ ଜାରି କରିବାକୁ ମନା କରିଛନ୍ତି।

# ଦିନକରେ ରାଜ୍ୟରେ ୩୮୭ ପଜିଟିଭ୍

**୨୧୭୭ ଛୁଇଁଲା ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା**

ଭୁବନେଶ୍ୱର, ୨୦।୪ (ବ୍ୟୁରୋ)



ରାଜ୍ୟରେ କରୋନା ସଂକ୍ରମଣ ଲଗାତର ଭାବେ ବଢ଼ିଚାଲିଛି। ଯଦିଓ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ସ୍ଥିତି ଭଲ ଅଛି, ତଥାପି ଦୈନିକ ସଂକ୍ରମଣରେ କ୍ରମଶଃ ବୃଦ୍ଧି ଘଟିବା ଚିନ୍ତାଜନକ ବିଷୟ ପାଲଟିଛି। ଏବେ ସଂକ୍ରମଣ ୪ଶହ ମୁହାଁ ହୋଇଛି। ଗତ ୨୪ ଘଣ୍ଟାରେ ମୋଟ୍ ୬ ହଜାର ୩୦୮ ଟେଷ୍ଟିଂ କରାଯାଇଥିବାବେଳେ ସେଥିରୁ ୩୮୭ଜଣ ନୂତନ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ୍ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୨୧୭୭କୁ ବୃଦ୍ଧି ପାଇଛି। ଅପରପକ୍ଷେ ରାଜ୍ୟରୁ ଆଉ ୧୮୫ଜଣ ସଂକ୍ରମିତ ସୁସ୍ଥ ହୋଇ ଘରକୁ ଫେରିଥିବା ସୂଚନା ଦିଆଯାଇଛି। ବର୍ଦ୍ଧିତ ସଂକ୍ରମଣକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜନସାଧାରଣଙ୍କ ପାଇଁ ପରାମର୍ଶ ଜାରି କରାଯାଇଛି। ଥଣ୍ଡା, କାଶ, ଜ୍ୱର, ଗଳା ଦରଜ ଭଳି ଲକ୍ଷଣ ଦେଖାଦେଲେ ନିଜକୁ ଆଇସୋଲେଟ କରି ରଖିବା ସହ ତୁରନ୍ତ କରୋନା ଟେଷ୍ଟ କରାଇବା ଆବଶ୍ୟକ। ସେହିପରି ଠିକ୍ ଭାବେ ମାସ୍କ ପରିଧାନ କରିବା, ଗହଳିପୂର୍ଣ୍ଣ ସ୍ଥାନକୁ ନ ଯିବା, ହାତକୁ ବାରମ୍ବାର ସାବୁନ କିମ୍ବା ହାଣ୍ଡୱାସ୍‌ରେ ଧୋଇବା, ସାନିଟାଇଜର ବ୍ୟବହାର କରିବା ଆଦି ନିୟମକୁ ପାଳନ କରିବାକୁ ପରାମର୍ଶ ଦିଆଯାଇଛି। ସେହିପରି ଛୋଟପିଲା, ଗର୍ଭବତୀ ମହିଳା ଏବଂ ବୟସ୍କ ବ୍ୟକ୍ତିମାନେ ଅଧିକ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି।

## ଦେଶରେ ୧୨,୫୯୧ ନୂଆ ମାମଲା

ନୂଆଦିଲ୍ଲୀ,୨୦।୪

ଭାରତରେ ଗତ ୨୪ ଘଣ୍ଟାରେ ୧୨,୫୯୧ ନୂଆ କୋଭିଡ୍-୧୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଗତ ୮ ମାସ ମଧ୍ୟରେ ଏହା ହେଉଛି ସର୍ବାଧିକ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ୱେବ୍‌ସାଇଟ୍‌ରେ ଗୁରୁବାର ପୂର୍ବାହ୍ନ ୮ଟାରେ ପ୍ରଦତ୍ତ ତଥ୍ୟାନୁସାରେ ଦିନକରେ ୧୨,୫୯୧ ସଂକ୍ରମିତ ଚିହ୍ନଟ ହେବା ସହ ମୋଟ ସକ୍ରିୟ ମାମଲା ସଂଖ୍ୟା ୬୫,୨୮୬କୁ ବୃଦ୍ଧି ପାଇଛି। ସେହିପରି ଦିନକ ମଧ୍ୟରେ ୪୦ ସଂକ୍ରମିତଙ୍କ ଜୀବନ ନେଇଛି ମହାମାରୀ। ଏଥିସହ କୋଭିଡ୍‌ଜନିତ ମୋଟ ମୃତ୍ୟୁସଂଖ୍ୟା ୫,୩୧,୨୩୦କୁ ବଢ଼ିଥିବା ସରକାରୀ ଭାବେ କୁହାଯାଇଛି।



# ଧାନବାଦ୍ ଏକ୍ସପ୍ରେସ୍‌ରୁ ମିଳିଲା ଅଚିହ୍ନା ମହିଳାଙ୍କ ମୃତଦେହ

ଭୁବନେଶ୍ୱର,୨୦।୪(ବ୍ୟୁରୋ)

## ହତ୍ୟା ସନ୍ଦେହ, ରହସ୍ୟ ଖୋଜୁଛି ଜିଆର୍‌ପି

- ମୃତ୍ୟୁର କାରଣ ଅସ୍ପଷ୍ଟ, ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା
- ଟଏଲେଟ୍‌ରେ ମୃତଦେହ ପଡ଼ିଥିବା ସଫେଇ କର୍ମଚାରୀ ଦେଖିଥିଲେ

ଭୁବନେଶ୍ୱର ରେଲଷ୍ଟେଶନରେ ଗୁରୁବାର ଅଟକିଥିବା ଧାନବାଦ୍ ଏକ୍ସପ୍ରେସ୍‌ରୁ ଜଣେ ଅଚିହ୍ନା ମହିଳାଙ୍କ ମୃତଦେହ ଠାବ ହୋଇଛି। ଟ୍ରେନ୍‌ର ଏସ୍-୫ ବଗିର ଟଏଲଟ୍‌ରେ ଏହି ମୃତଦେହ ପଡ଼ିଥିବା ଦେଖି ସଫେଇ କର୍ମଚାରୀମାନେ ରେଲୱେ କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ। ଏହାପରେ ଭୁବନେଶ୍ୱର ସରକାରୀ ରେଲୱେ ଥାନା ପୋଲିସ (ଜିଆର୍‌ପି) ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲା। ପୋଲିସ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲ ପଠାଇବାବେଳେ ସେଠାରେ ବ୍ୟବଚ୍ଛେଦ କରାଯାଇଛି। ମୃତା ମହିଳାଙ୍କ ବୟସ ପ୍ରାୟ ୩୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ତାଙ୍କର ଉଭୟ ହାତରେ ଚୁଡ଼ି ଓ ବେକରେ ମଙ୍ଗଳସୂତ୍ର ଥିବାବେଳେ ସେ ଏକ ଚୁଡ଼ିଦାର ପଞ୍ଜାବି ପୋଷାକ ପିନ୍ଧିଛନ୍ତି। ଏ ନେଇ ଜିଆର୍‌ପି ଏକ ଅପମୃତ୍ୟୁ ମାମଲା (ନଂ. ୨୮/୨୦୨୩) ରୁଜୁ କରି



ଘଟଣାସ୍ଥଳରେ ଜିଆର୍‌ପି ପକ୍ଷରୁ ତଦନ୍ତ କରାଯାଉଛି।

ତଦନ୍ତ ଜାରି ରଖିଛି। ସମ୍ପୃକ୍ତା ମହିଳାଙ୍କ ମୃତ୍ୟୁକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମହିଳାଙ୍କୁ ହତ୍ୟା କରାଯାଇଛି ନା ତାଙ୍କର ସ୍ୱାଭାବିକ ଭାବେ ମୃତ୍ୟୁ ଘଟିଛି ସେନେଇ ରହସ୍ୟ ଲାଗିରହିଛି।

ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନ ୪ଟାରେ ଟ୍ରେନ୍‌ଟି ଧାନବାଦ୍‌ରୁ ଆସିଥିଲା। ପୂର୍ବାହ୍ନ ୮ଟା ୬ରେ ଭୁବନେଶ୍ୱର ରେଲଷ୍ଟେଶନରେ ପହଞ୍ଚିଥିଲା। ଏହାପରେ ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ ଟ୍ରେନ୍‌ଟିକୁ କୋଚିଂ ୟାର୍ଡକୁ ନିଆଯାଇ ସଫା କରାଯାଇଥିଲା। ସଫେଇ କର୍ମଚାରୀମାନେ ଟ୍ରେନ୍ ବଗି ସଫା କରୁଥିବାବେଳେ ଟ୍ରେନ୍ ମେଣ୍ଟେନାନ୍ସ ଚେକ୍ କରାଯାଉଥିଲା। ଏହି ସମୟରେ ଏସ୍-୫ ବଗିର ଟଏଲେଟ୍ ଖୋଲାଥିଲା। ସଫେଇ କର୍ମଚାରୀମାନେ ସେଠାକୁ ଯିବା ପରେ ଟଏଲେଟ୍‌ରେ ଉକ୍ତ ମହିଳାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ସେମାନେ ରେଳ କର୍ତ୍ତୃପକ୍ଷଙ୍କୁ ଘଟଣା ବିଷୟରେ ଜଣାଇଥିଲେ।

### ପରିଚୟ ପାଇଁ ସମସ୍ତ ଯାତ୍ରୀଙ୍କୁ ଯୋଗାଯୋଗ

ଜିଆର୍‌ପି ପାଇଁ ସମ୍ପୃକ୍ତା ମହିଳାଙ୍କ ପରିଚୟ ପାଇବା କଷ୍ଟସାଧ ହୋଇପଡ଼ିଛି। ପରିଚୟ ମିଳିଲେ ତଦନ୍ତର ଦିଗ ସମ୍ପ୍ରସାରଣ ହେବ। ତେଣୁ ତାଙ୍କ ପରିଚୟ ପାଇବା ପାଇଁ ଜିଆର୍‌ପି ଲାଗିପଡ଼ିଛି। ଜିଆର୍‌ପି ଅଧିକାରୀ ଜୟଦେବ ବିଶ୍ୱଜିତ କହିଛନ୍ତି, ମହିଳାଙ୍କ ମୃତ୍ୟୁ କିପରି ହୋଇଛି ତାହା ରହସ୍ୟ ଘେରରେ। ମୃତା ମହିଳାଙ୍କ ପାଖରେ କୌଣସି ପରିଚୟପତ୍ର ଓ ଭ୍ୟାନିଟି ବ୍ୟାଗ ନ ଥିବାରୁ ସନ୍ଦେହ ସୃଷ୍ଟି ହୋଇଛି। ତାଙ୍କୁ କେହି ହତ୍ୟା କରିଥିବା ଆଶଙ୍କା କରାଯାଉଛି। ମହିଳାଙ୍କ ପରିଚୟ ପାଇବା ପାଇଁ ଉକ୍ତ ବଗିରେ ବସିଥିବା ସମସ୍ତ ଯାତ୍ରୀଙ୍କ ତାଲିକା ମଗାଯାଇଛି। ଯାତ୍ରୀମାନଙ୍କୁ ଏନେଇ ପଚରାଉଚରା କରାଯିବ।



### ନାକରୁ ଝରିଛି ରକ୍ତ ଧାର, ବେକରେ ରହିଛି କଟା ଦାଗ

ମହିଳା ଜଣଙ୍କ ଯେଭଳି ଭାବେ ଟଏଲେଟ୍‌ରେ ପଡ଼ିଥିଲେ, ତାଙ୍କୁ କେହି ହତ୍ୟା କରିଥିବା ଜଣାପଡୁଥିଲା। ତାଙ୍କ ନାକ ଓ ପାଟି ଦେଇ ରକ୍ତର ଧାର ଝରିପଡ଼ିଥିଲା। ତେବେ ରକ୍ତ ଶୁଖିଯାଇଥିଲା। ଅନ୍ୟପକ୍ଷରେ ମହିଳା ଜଣଙ୍କ ଏକାକୀ ଯାତ୍ରା କରୁ ନ ଥିଲେ ବୋଲି ଆଶଙ୍କା କରାଯାଉଛି। ତାଙ୍କ ନିଜ ଲୋକ କିମ୍ବା ଅନ୍ୟ କେହି ହତ୍ୟା କରିଥିବା ସାଇଣ୍ଟିଫିକ୍ ଟିମ୍ ସନ୍ଦେହ କରୁଛି। ଏଭଳି ସ୍ଥିତିରେ ବ୍ୟବଚ୍ଛେଦ ରିପୋର୍ଟ ଓ ସାଇଣ୍ଟିଫିକ୍ ଟିମ୍‌ର ରିପୋର୍ଟକୁ ପୋଲିସ ଅପେକ୍ଷା କରିଛି।

## ସଂକ୍ଷେପରେ

### କଟକ ରେଳ ଷ୍ଟେଶନରୁ ନାବାଳିକା ଉଦ୍ଧାର

ନିଶ୍ଚିନ୍ତକୋଇଲି,୨୦।୪(ସ୍ୱ.ପ୍ର.)- କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଜଗତ୍‌ସିଂହପୁରର ଜଣେ ଯୁବକ ବିଭିନ୍ନ ପ୍ରଲୋଭନ ଦେଖାଇ ଅପହରଣ କରିନେଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ସମ୍ପୃକ୍ତା ନାବାଳିକାଙ୍କୁ ଗୁରୁବାର ପୋଲିସ କଟକ ରେଳ ଷ୍ଟେଶନରୁ ଉଦ୍ଧାର କରିଛି। ତାଙ୍କ ସାଙ୍ଗରେ ଥିବା ଜଣେ ଯୁବକଙ୍କୁ ଥାନାକୁ ଆଣି ପଚରାଉଚୁରା କରିଥିଲା। ମାତ୍ର ସେ ଏଥିରେ ସମ୍ପୃକ୍ତ ନ ଥିବାରୁ ତାଙ୍କୁ ଛାଡ଼ି ଦିଆଯାଇଛି। ସମ୍ପୃକ୍ତା ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଶୁକ୍ରବାର କୋର୍ଟରେ ସମ୍ପୃକ୍ତା ଛାତ୍ରୀଙ୍କ ବୟାନ ରେକର୍ଡ କରାଯିବ ବୋଲି ଆଇଆଇସି ଚିନ୍ମୟୀ ସାହୁ କହିଛନ୍ତି।

### ୧୨ ଲକ୍ଷରୁ ଉର୍ଦ୍ଧ୍ୱ ଠକେଇ, ଅଭିଯୁକ୍ତ ଗିରଫ

ଫୁଲନଖରା,୨୦।୪(ଡି.ଏନ୍.ଏ.)- ସ୍ମାର୍ଟ ମିଟର ଯୋଗାଇ ଦେବାକୁ କହି ୧୨ ଲକ୍ଷ ୯୪ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ କରିବା ଅଭିଯୋଗରେ କଟକ ସଦର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଝାଡଖଣ୍ଡରୁ ଗିରଫ କରିଛି। ସେ ହେଲେ ଉତ୍ତର ପ୍ରଦେଶ ଗାଜିଆବାଦ ନନ୍ଦିଗ୍ରାମ ଅଞ୍ଚଳର ବିଜୟ ରାଜ(୪୫)। ପୋଲିସ ସୂତ୍ରରୁ ପ୍ରକାଶ, କଟକ ସଦର ଥାନା ଅନ୍ତର୍ଗତ ନୂଆ କାଚରାମାଳଠାରେ ଏକ କମ୍ପାନୀ ପକ୍ଷରୁ କାର୍ଯ୍ୟାଳୟ ଖୋଲାଯାଇଥିଲା। ଏଥିରେ କମ୍ପାନୀ ପ୍ରୋପ୍ରାଇଟରଙ୍କ ସହ ଅନ୍ୟ ୨ ଜଣ କର୍ମଚାରୀ ଥିଲେ। ବିଜୟ ଓ ଅନ୍ୟ ଦୁହେଁ ଲୋକଙ୍କଠାରୁ ଅର୍ଥ ଆଦାୟ କରି ସ୍ମାର୍ଟ ଇଲେକ୍ଟ୍ରିକ ମିଟର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଉଥିଲେ। କେନ୍ଦ୍ରାପଡା ଜିଲା ଆଳି ଥାନା ଅନ୍ତର୍ଗତ ମଧୁବନ ଗ୍ରାମର ସରୋଜ ଦାସ ଏହି ୩ ଜଣଙ୍କୁ ବିଭିନ୍ନ ବ୍ୟାଙ୍କ ମାଧ୍ୟମରେ ୧୨ ଲକ୍ଷ ୯୪ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଦେଇଥିଲେ। କିନ୍ତୁ ସରୋଜଙ୍କୁ ସେମାନେ ସ୍ମାର୍ଟ ମିଟର ଦେଇ ନ ଥିଲେ। ସେ ଏତଲା ଦେବା ପରେ ପୋଲିସ ଏକ ମାମଲା(ନଂ.୫୦୧/୨୩) ରୁଜୁ କରିଥିଲା। ଅଭିଯୁକ୍ତ ଝାଡଖଣ୍ଡ ଜିଲା ରାଞ୍ଚି ଅଞ୍ଚଳର ଏକ ହୋଟେଲରେ ଥିବା ଜଣାପଡିଥିଲା। ଗତ ୧୮ ତାରିଖରେ ପୋଲିସର ଏକ ଟିମ୍ ସେଠାରୁ ତାଙ୍କୁ ଗିରଫ କରିବା ପରେ ସ୍ଥାନୀୟ ଜେଏମ୍‌ଏଫ୍‌ସିରେ ହାଜର କରି ଟ୍ରାନ୍‌ଜିଟ୍ ରିମାଣ୍ଡରେ ଆଣି କଟକ ଆସିଛି।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁବାର ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ୧୨୬ତମ ଜୟନ୍ତୀ ପାଳନ ଅବସରରେ ଭୁବନେଶ୍ୱରସ୍ଥିତ ରାଜଭବନ ସମ୍ମୁଖରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

### ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ଜୟନ୍ତୀ

ଭୁବନେଶ୍ୱର,୨୦।୪(ବ୍ୟୁରୋ)

ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ୧୨୬ତମ ଜୟନ୍ତୀ ଏବଂ ଐତିହାସିକ କେଦାରନାଥ ମହାପାତ୍ରଙ୍କ ୪୨ତମ ଶ୍ରାଦ୍ଧୋତ୍ସବ ଅବସରରେ ଗୁରୁବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏହି ବରପୁତ୍ର ଦ୍ୱୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ବିଧାୟକ ପ୍ରଫୁଲ୍ଲ ସାମଲ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ପ୍ରବୀର ମହାନ୍ତି, ମିହିର ପଟ୍ଟନାୟକ, ଅଧ୍ୟାପକ ରଙ୍ଗାଧର ସାହୁ, ରମେଶ ଚନ୍ଦ୍ର ପାତାଳସିଂହ, ପ୍ରଗତି ରଥ, ଦୀପ୍ତିମୟୀ ରାୟ, ଉଇ ଫର ଭୁବନେଶ୍ୱର ପକ୍ଷରୁ ନରେନ ସାହୁ, ଗିରିଜା ଶଙ୍କର ମହାପାତ୍ର ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶିକ୍ଷାବିତ କାମଦେବ ମହାପାତ୍ର କବିତା ଆବୃତ୍ତି କରିଥିଲେ। ଉମେଶ ମହାପାତ୍ରଙ୍କୁ ସମ୍ମାନିତ କରଯାଇଥିଲା।

# ରଘୁବୀର ଦାସ କମିଶନଙ୍କ ତଦନ୍ତ ରିପୋର୍ଟ ସାର୍ବଜନୀନ ହେଉ

## ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

ପୁରୀ ଅଫିସ,୨୦।୪

ବହୁ ଚର୍ଚ୍ଚିତ ପୁରୀ ଶ୍ରୀମନ୍ଦିରର ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗରେ ରଘୁବୀର ଦାସ କମିଶନଙ୍କ ରିପୋର୍ଟକୁ ସାର୍ବଜନୀନ କରିବା ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ରତ୍ନଭଣ୍ଡାର ଚାବି ହଜିବା ପରେ ନାନା ବାଦବିବାଦ ଦେଖାଯାଇଥିଲା। ଏହାର ତଦନ୍ତ କରିବା ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ରାଜରାସ୍ତାକୁ ଓହ୍ଲାଇବା ପରେ ସରକାରଙ୍କ ପକ୍ଷରୁ ଅବସରପ୍ରାପ୍ତ ବିଚାରପତି ରଘୁବୀର ଦାସଙ୍କୁ ତଦନ୍ତ ଭାର ଦିଆଯାଇଥିଲା। ରଘୁବୀର ଦାସ ୨୦୧୮ ନଭେମ୍ବର ୨୯ରେ ୩୨୪ ପୃଷ୍ଠାର ଏକ ରିପୋର୍ଟ ପ୍ରସ୍ତୁତ କରି ରାଜ୍ୟ ଗୃହ ବିଭାଗକୁ ପ୍ରଦାନ କରିଥିଲେ। ତଦନ୍ତ ବାବଦକୁ ରାଜ୍ୟକୋଷରୁ ୨୨ ଲକ୍ଷ ୨୭ ହଜାର ୯୧୮ ଟଙ୍କା ଖର୍ଚ୍ଚ ହୋଇଥିଲା। ତେବେ ତଦନ୍ତ ରିପୋର୍ଟ ସରକାରଙ୍କ ନିକଟରେ ଦାଖଲ ହେବାର ୫ ବର୍ଷ ବିତିବାକୁ ବସିଛି। ମାତ୍ର ଏପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ବିଧାନସଭାରେ ତଦନ୍ତ ରିପୋର୍ଟ ଉପସ୍ଥାପନା କରାଗଲା ନାହିଁ କି ସାର୍ବଜନୀନ କରାଗଲା ନାହିଁ। ଫଳରେ ତଦନ୍ତ ରିପୋର୍ଟରେ କ'ଣ ଉଲ୍ଲେଖ ରହିଛି, ତାହା ଲୋକଲୋଚନକୁ ଆସିପାରିଲା ନାହିଁ। ଯାହା ଦୁର୍ଭାଗ୍ୟର ବିଷୟ। ତେବେ ମହାପ୍ରଭୁ ଶ୍ରୀଜଗନ୍ନାଥ ପ୍ରତ୍ୟେକ ଓଡ଼ିଆଙ୍କ ଆରାଧ୍ୟ ହୋଇଥିବା ବେଳେ ମହାପ୍ରଭୁଙ୍କ ସହ ଜଡିତ ପ୍ରତିଟି ଜିନିଷ ଲୋକଙ୍କ ଆବେଗ ସହ ଜଡିତ। ଅପରପକ୍ଷେ ତଦନ୍ତ ପାଇଁ ସରକାର ରାଜ୍ୟ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ତଦନ୍ତ ବାବଦକୁ ଖର୍ଚ୍ଚ କଲେ। ମାତ୍ର ରିପୋର୍ଟରେ କଣ ଉଲେଖ କରାଗଲା ତାହା ରାଜ୍ୟବାସୀଙ୍କୁ ସରକାର ଜଣାଇଲେନାହିଁ। ଯାହାକୁ ନେଇ ସୂଚନା ଅଧିକାରୀ କର୍ମୀ ଦିଲୀପ ବରାଳ ଗତ ୧୯ ତାରିଖରେ ରଘୁବୀର ଦାସ କମିଶନଙ୍କ ତଦନ୍ତ ରିପୋର୍ଟ ସାର୍ବଜନୀନ କରିବା ପାଇଁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି। ନଂ.୧୨୪୩୨/୨୩ରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି।

ସୂଚନା ଅଧିକାରୀ କର୍ମୀ ବରାଳ ତାଙ୍କ ଜନସ୍ୱାର୍ଥ ମାମଲାରେ ଜଣାଇଛନ୍ତି, ୨୦୧୮ ଅପ୍ରେଲ ୪ରେ ମହାପ୍ରଭୁଙ୍କ ରତ୍ନ ଭଣ୍ଡାର ଯାଞ୍ଚ ସମୟରେ ରତ୍ନ ଭଣ୍ଡାର ସ୍ଥିତି ଦୁର୍ବଳ ଥିବା ଜଣାପଡିଥିଲା। ରତ୍ନ ଭଣ୍ଡାର ତୁରନ୍ତ ମରାମତି ଓ ସଂରକ୍ଷଣ କରାଯିବା ନେଇ ଯାଞ୍ଚ ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା। ଚାବି ହଜିବା ନେଇ ତଦନ୍ତ କମିଶନ ବସିବା ପରଠାରୁ ରତ୍ନଭଣ୍ଡାର ପ୍ରସଙ୍ଗକୁ ସରକାର ଅଣଦେଖା କରୁଛନ୍ତି। ରତ୍ନ ଭଣ୍ଡାର ମରାମତି କରୁନାହାନ୍ତି। ରତ୍ନ ଅଳଙ୍କାର ଗଣତି କରୁନାହାନ୍ତି। ଯାହାକୁ ନେଇ ଭକ୍ତଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହେଉଛି। ତଦନ୍ତ ରିପୋର୍ଟ ସାର୍ବଜନୀନ, ରତ୍ନ ଭଣ୍ଡାର ମରାମତି ଓ ଗଣତି କରିବା ପାଇଁ ଶ୍ରୀ ବରାଳ ୨୦୨୧ ଅକ୍ଟୋବର ୨୨ ଏବଂ ଡିସେମ୍ବର ୪ରେ ସରକାରଙ୍କୁ ଚିଠି ଲେଖିଥିଲେ। ମାତ୍ର ସରକାର କୌଣସି ପଦକ୍ଷେପ ନ ନେବାର ବରାଳ ୨୦୨୩ ମସିହା ଅପ୍ରେଲ ୧୯ ତାରିଖରେ ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ଏହି ମାମଲାରେ ମୁଖ୍ୟ ଶାସନ ସଚିବ, ଆଇନ ବିଭାଗ ସଚିବ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନ, ପରିଚାଳନା କମିଟି, ଗୃହ ବିଭାଗ ସଚିବ, ଏଏସ୍‌ଆଇ, ଜିଲାପାଳ ଆଦି ପକ୍ଷ କରିଛନ୍ତି।

# 'ଗୋପୀନାଥଙ୍କ ରଚନାରେ ରହିଛି ସାଧାରଣ ମଣିଷର କଥା'

ଭୁବନେଶ୍ୱର,୨୦।୪(ବ୍ୟୁରୋ)




କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ ଏବଂ ଅନ୍ୟ ଅତିଥି।

ଜ୍ଞାନପୀଠ ପୁରସ୍କାର ବିଜେତା ଔପନ୍ୟାସିକ ପଦ୍ମଭୂଷଣ ଡ. ଗୋପୀନାଥ ମହାନ୍ତିଙ୍କ ୧୦୯ତମ ଜନ୍ମତିଥିରେ ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଗୋପୀନାଥ ମହାନ୍ତି ଫାଉଣ୍ଡେଶନ ଟ୍ରଷ୍ଟ ସହଯୋଗରେ ଗୁରୁବାର ସୂଚନା ଭବନରେ ୩୨ତମ ଡ. ଗୋପୀନାଥ ମହାନ୍ତି ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ବକ୍ତା ଭାବେ କୋଲକାତା ଯାଦବପୁର ବିଶ୍ୱବିଦ୍ୟାଳୟର ଏମିରେଟ୍‌ସର ପ୍ରଫେସର ସୁକାନ୍ତ ଚୌଧୁରୀ ଯୋଗଦେଇ କହିଥିଲେ, ଗୋପୀନାଥ ମହାନ୍ତି ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରମୁଖ ନିର୍ମାତା। ସାଧାରଣ ମଣିଷର ଆବଶ୍ୟକତା, କଷ୍ଟ, ଯନ୍ତ୍ରଣା, ସାମାଜିକ ବ୍ୟବସ୍ଥାକୁ ନିଜ ଲେଖା ମାଧ୍ୟମରେ ସେ ପ୍ରକାଶ କରିଥିଲେ। ଏହି ଅବସରରେ 'ଟାଗୋର ଆଣ୍ଡ୍ ଟଏଲର୍ସ' ଉପରେ ଡ. ଚୌଧୁରୀ ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଯୋଗଦେଇ ଗୋପୀନାଥଙ୍କ ଲେଖାଗୁଡ଼ିକ ସାଧାରଣ ମଣିଷ, ଆଦିବାସୀ ଓ ଅନ୍ୟ ଜନଜାତିର ଗାଉଁଲି, ସରଳ ଜୀବନଧାରଣ ଆଦିକୁ ନେଇ ସମୃଦ୍ଧ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଗୋପୀନାଥ ମହାନ୍ତି ଫାଉଣ୍ଡେଶନ ଟ୍ରଷ୍ଟର ଅଧ୍ୟକ୍ଷ ପ୍ରଫେସର ଓମ୍‌କାର ନାଥ ମହାନ୍ତି ଅଭିବ୍ୟକ୍ତି ଉପସ୍ଥାପନ କରିଥିଲେ। ଗୋପୀନାଥଙ୍କ ଜୀବନୀ ଓ ଭାରତୀୟ ସାହିତ୍ୟକୁ ତାଙ୍କ ଅବଦାନ ସମ୍ପର୍କରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ ଅଭିଭାଷଣ ରଖିଥିଲେ। ଏକାଡେମୀର ଉପସଭାପତି ଡ. ସଂଗ୍ରାମ ଜେନା ସମାପନୀ ବକ୍ତବ୍ୟରେ ଗୋପୀନାଥଙ୍କ ସାରସ୍ୱତ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଟ୍ରଷ୍ଟ ସମ୍ପାଦକ ଅମୃତନାଥ ମହାନ୍ତି ଅତିଥିମାନଙ୍କୁ ସଭାମଞ୍ଚକୁ ଆବାହନ ଏବଂ ଏକାଡେମୀର ସଚିବ ପ୍ରବୋଧ କୁମାର ରାଉତ ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।

### ୨ତମ ଗୋପୀନାଥ ମହାନ୍ତି ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଶାଶ୍ୱତି



@ ଚିତ୍ର



@ ନୀଳକଣ୍ଠ



@ ଅଶ୍ୱିନୀ



@ ଦେବାଶିଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ସୁବାସୀ ସଂରକ୍ଷିତ ଜଙ୍ଗଲରେ ନିଆଁ



ଖୁଣ୍ଟୁଣୀ,୨୦।୪(ଡି.ଏନ୍.ଏ.)

ଆଠଗଡ଼ ବନାଞ୍ଚଳ ଅଧୀନ ଗଉଡଝରି ଓ ଛେନାଖିଆନୂଆଗାଁ ଗ୍ରାମପାର୍ଶ୍ୱ ସୁବାସୀ ସଂରକ୍ଷିତ ଜଙ୍ଗଲରେ ଗୁରୁବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ବହୁସଂଖ୍ୟକ ଗଛ ପୋଡି ଯାଇଥିବା ଜଣାପଡିଛି। ଅପରାହ୍ନ ପ୍ରାୟ ୨ଟାରେ ହଠାତ୍ ଜଙ୍ଗଲରେ ନିଆଁ ଲାଗିଥିବା ସ୍ଥାନୀୟ ଲୋକେ ଦେଖି ଆଠଗଡ଼ ବନ ବିଭାଗକୁ ଜଣାଇଥିଲେ। ଖବରପାଇ ଫରେଷ୍ଟର ସବିତା ରାଉତଙ୍କ ସହ ଅନ୍ୟ କର୍ମଚାରୀ ଓ ୧୫ ଜଣିଆ ନିଆଁ ଲିଭା ଟିମ୍ ପହଞ୍ଚି ଲିଭାଇବା କାର୍ଯ୍ୟ ଆରମ୍ଭ କରିଥିଲେ। ରାତି ୮ଟା ସୁଦ୍ଧା ନିଆଁ ଆୟତ୍ତ ହୋଇପାରି ନଥିଲା। ଅନ୍ଧାର ରାତି ଓ ଜଙ୍ଗଲ ମଧ୍ୟରେ ଥିବା ପ୍ରବଳ ବାଉଁଶ ବୁଦା ନିଆଁ ଲିଭାଇବାରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଫରେଷ୍ଟର ରାଉତ କହିଛନ୍ତି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ରିପୋର୍ଟ ଲେଖାଯିବା ବେଳକୁ ନିଆଁ ଲିଭା କାର୍ଯ୍ୟ ଜାରି ରହିଥିଲା।

## ସଂକ୍ଷେପରେ

### ଜଳଛତ୍ର ମାଧ୍ୟମରେ ପଥଚାରୀଙ୍କୁ ଥଣ୍ଡା ପାନୀୟ ବଣ୍ଟନ

**ମାହାଙ୍ଗା/ସାଲେପୁର,୨୦।୪(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ମୂଳବସନ୍ତ ପଞ୍ଚାୟତ ଗୁଣୁପୁର (ହାବୁ ଛକ)ଠାରେ ମା' ବରୁଣେଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଏକ ଜଳଛତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ତ୍ରୈଲୋକ୍ୟବିହାରୀ ଦାସ ତତ୍ତ୍ୱାବଧାନ କରିଥିଲେ। ଏହି କାର୍ଯ୍ୟକ୍ରମ ଦୀର୍ଘ ୧୫ ଦିନ ଧରି ଚାଲିବ। ଏଥିରେ ସାମାଜିକ କର୍ମୀ କପିଳଚନ୍ଦ୍ର ରଣା, ଖବରଦାତା ରମେଶଚନ୍ଦ୍ର ସାହୁ, ଦେବେନ୍ଦ୍ର ନାୟକ, ଗଙ୍ଗାଧର ସିଂ, ଅନାମ ଭୂୟାଁ, ସୁଦର୍ଶନ ନାୟକ, ପର୍ଶୁରାମ ସାହୁ, ଶ୍ରୀରାମ ସାହୁ, ପ୍ରକାଶ କରଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ରହି ପଥଚାରୀଙ୍କୁ ପଣା ବାଣ୍ଟିଥିଲେ। ସେହିପରି ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ପକ୍ଷରୁ କଲେଜ ସମ୍ମୁଖରେ ଜଳଛତ୍ର ବର୍ଣ୍ଣନ କରାଯାଇଛି। ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ଅଧକ୍ଷା ଡକ୍ଟର ସଙ୍ଗୀତା ମିଶ୍ର ଯୋଗଦେଇ ଜଳଛତ୍ର କେନ୍ଦ୍ର ଉଦ୍‌ଘାଟନ କରି ନିଜେ ପଥଚାରୀଙ୍କୁ ଦହି ସରବତ ବାଣ୍ଟିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ପ୍ରାଧାପିକା ଜୟନ୍ତୀବାଳା ପରିଜା ଓ ପ୍ରାଧାପକ ଡକ୍ଟର ସୁଶାନ୍ତ ପାଢ଼ୀ ଏଥିରେ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଡ. ପ୍ରସନ୍ନ ମହାପାତ୍ର, ପ୍ରଦ୍ୟୁମ୍ନ ଚୌଧୁରୀ, କ୍ଷଣପ୍ରଭା ମହାନ୍ତି, ପ୍ରାଧାପକ ପ୍ରସନ୍ନ ଜେନା, ମଙ୍ଗରାଜ ପଣ୍ଡା, ପ୍ରାଧାପିକା ସ୍ନେହଲତା ମହାନ୍ତି, ସୁଷମାରାଣୀ କର, ନିବେଦିତା ସାହୁ, ସୁପ୍ରଭା ସେଠୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ଗଣ୍ଡଗୋଳ, ଯୁବକ ଗିରଫ

**କଟକ ସଦର,୨୦।୪(ଡି.ଏନ୍.ଏ.):** ଗଣ୍ଡଗୋଳ ଘଟଣାରେ ୪୨ ମୌଜା ପୋଲିସ ଗୁରୁବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ବ୍ରହ୍ମପୁର କୁଳୁଦ ସାହିର ଚିତ୍ରସେନ ଭୋଇ। ବୁଧବାର ସନ୍ଧ୍ୟାରେ ଅଭିଯୁକ୍ତ ଜଣକ ଯଶୋଦା ଗାର୍ଡେନ ନିକଟ ରାସ୍ତା ମଝିରେ ନିଜର ସ୍କୁଟି ରଖି ଯାତାୟାତରେ ବାଧା ସୃଷ୍ଟି କରିଥିଲେ। ପରେ ନିକଟରେ ଥିବା ସୁରେଶ ମୁଦୁଲି ନାମକ ଦୋକାନୀଙ୍କ ବିଭିନ୍ନ ସାମଗ୍ରୀ ବାହାରକୁ ଫିଙ୍ଗି ଦେଇଥିଲେ। ଏହାଛଡା ଦୋକାନ ପଛପଟେ ତମ୍ବୁ ତଳେ ରହି କାମ କରିଥିବା କେତେଜଣ ଶ୍ରମିକଙ୍କୁ ଆକ୍ରମଣ କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରି ଥାନାକୁ ନେଇଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୧୩୦/୨୩) ରୁଜୁ ହୋଇଛି।

### ସଚଳ ହେଲା ପାନୀୟ ଜଳ ପ୍ରକଳ୍ପ

**ମାହାଙ୍ଗା,୨୦।୪(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ଲଳିତଗିରି ପଞ୍ଚାୟତର ଜୁଇପୁରଠାରେ ପାନୀୟ ଜଳ ପ୍ରକଳ୍ପ ଗତ ୫ ଦିନ ହେବ ଅଚଳ ହୋଇଯାଇଥିଲା। ଏନେଇ ପଞ୍ଚାୟତର ୫,୬ ଓ ୭ ନଂ ୱାର୍ଡବାସୀ ପାଣି ପାଇବାରୁ ବଞ୍ଚିତ ହୋଇଥିଲେ। ଏନେଇ ବୁଧବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଗୁରୁବାର ଅଚଳ ପାନୀୟ ଜଳପ୍ରକଳ୍ପ ସଚଳ ହୋଇଯାଇଛି। ଖବର ପ୍ରକାଶ ପରେ ପରିମଳ ଓ ପାନୀୟ ଜଳ ବିଭାଗ ଉପଖଣ୍ଡ ଅଧିକାରୀ ଜ୍ୟୋତିରଞ୍ଜନ ଦାସଙ୍କ ନିର୍ଦ୍ଦେଶ କ୍ରମେ ଏକ ବିଭାଗୀୟ ଟିମ୍ ଉକ୍ତ ଗ୍ରାମକୁ ଯାଇ ବୋରୱେଲରେ ଥିବା ମୋଟରକୁ ମରାମତି କରି ଦେଇଛନ୍ତି। ଏଥିରେ ବିଭାଗୀୟ କନିଷ୍ଠଯନ୍ତ୍ରୀ ପ୍ରଦୀପ୍ତ ଚନ୍ଦ୍ର ଦେଓ ଓ ଦେବାଶିଷ ମହାପାତ୍ରଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ସାମିଲ ହୋଇଥିଲେ।

# ଠିକା କର୍ମଚାରୀଙ୍କୁ ମିଳୁନି ଦରମା

**ଚୌଦ୍ୱାର,୨୦।୪(ଡି.ଏନ୍.ଏ.)**

**ଚୌଦ୍ୱାର ପୌରପାଳିକା**
- ବଢୁଛି ଅସନ୍ତୋଷ
- ପରିବାର ଚଳିବା କଷ୍ଟକର




ଚୌଦ୍ୱାର ପୌରପାଳିକାରେ କାର୍ଯ୍ୟରତ ୩୦ ଜଣ ଠିକା କର୍ମଚାରୀ ୨ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଦରମା ପାଇନାହାନ୍ତି। ଫଳରେ ସେମାନଙ୍କ ପରିବାର ଚଳିବା କଷ୍ଟକର ହୋଇପଡିଛି। ଏ ସମ୍ପର୍କରେ ସେମାନେ ପୌରପାଳିକା ଅଧିକାରୀଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିପାରିନାହିଁ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ତୁରନ୍ତ ପୌର କର୍ତ୍ତୃପକ୍ଷ ଏହାର ସମାଧାନ କରି ଦରମା ପ୍ରଦାନ କରିବାକୁ କର୍ମଚାରୀମାନେ ଦାବି କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ସ୍ଥାନୀୟ ଅଞ୍ଚଳର ଏକ ଘରୋଇ ସଂସ୍ଥା ଦ୍ୱାରା ୩୦ ଠିକା କର୍ମଚାରୀଙ୍କୁ ଚୌଦ୍ୱାର ପୌରପାଳିକାର ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରାଯାଇଛି।

ପୌରପାଳିକା ପକ୍ଷରୁ ଉକ୍ତ ସଂସ୍ଥାକୁ କର୍ମଚାରୀଙ୍କ ପାରିଶ୍ରମିକ ବାବଦକୁ ଟଙ୍କା ଦିଆଯାଇଥାଏ। ପରେ ସଂସ୍ଥାର କର୍ତ୍ତୃପକ୍ଷ କର୍ମଚାରୀମାନଙ୍କୁ ଦରମା ପ୍ରଦାନ କରିଥାନ୍ତି। ଇତିମଧ୍ୟରେ ସଂସ୍ଥାର ମୁଖ୍ୟଙ୍କ ମୃତ୍ୟୁ ଘଟିବା ପରେ ସମସ୍ୟା ଉପୁଜିଛି। ଭାଗିଦାରୀରେ ଚାଲିଥିବା ଏହି ସଂସ୍ଥାରେ ଫାଟ ଦେଖାଦେବାରୁ ଠିକା କର୍ମଚାରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୌରପାଳିକା ପକ୍ଷରୁ ଠିକାଦାରଙ୍କ ପରିବାର ତଥା ବ୍ୟବସାୟିକ ପାର୍ଟନରଙ୍କୁ ଆଲୋଚନା ପାଇଁ ବାରମ୍ବାର ପୌର କାର୍ଯ୍ୟାଳୟକୁ ଡକାଯାଇ ଥିଲେ ମଧ୍ୟ ସମାଧାନର ବାଟ ଫିଟିପାରୁନାହିଁ। ଏନେଇ ପୌର ନିର୍ବାହୀ ଅଧିକାରୀ ସଞ୍ଜିବ କୁମାର ମହାପାତ୍ର କହିଛନ୍ତି, ଠିକା କର୍ମଚାରୀଙ୍କ ଅସୁବିଧାକୁ ହୃଦୟଙ୍ଗମ କରୁଛି। ପୌରପାଳିକା ତରଫରୁ ସେମାନଙ୍କୁ ସିଧାସଳଖ ଦରମା ପ୍ରଦାନ କରିବାର ବ୍ୟବସ୍ଥା ନାହିଁ। ନୋଟିସ୍ ମାଧ୍ୟମରେ ଉକ୍ତ ସଂସ୍ଥାର ଚୁକ୍ତିନାମା ରଦ୍ଦ କରି ନୂତନ ଭାବେ ଟେଣ୍ଡର କରାଯିବା ପାଇଁ ପ୍ରସ୍ତୁତି ଚାଲିଛି। କର୍ମଚାରୀମାନଙ୍କ ଇଏସ୍ଆଇ ଓ ଇପିଏଫ୍ ବାଦ୍ ଦେଇ କିଛିଦିନ ଭିତରେ ବେତନ ବ୍ୟବସ୍ଥା ପାଇଁ ଚେଷ୍ଟା କରୁଛି ବୋଲି ସେ କହିଥିଲେ।

# ରେଭେନ୍ସାରେ 'ଜି-୨୦ ୟୁନିଭର୍ସିଟି କନେକ୍ଟ' କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**କଟକ ଅଫିସ,୨୦।୪**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସେଭେନ୍ ପିଲାର୍ସ ଅଫ୍ ୱିଜଡମ୍ ସମ୍ମିଳନୀ କକ୍ଷରେ ଜି-୨୦ ୟୁନିଭର୍ସିଟି କନେକ୍ଟ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ରାଷ୍ଟ୍ରଦୂତ ଦେବରାଜ ପ୍ରଧାନ, ମୁଖ୍ୟବକ୍ତା ଡ. ପ୍ରିୟଦର୍ଶୀ ଦାଶ, ସମ୍ମାନିତ ଅତିଥି ଭାବେ ପ୍ରଫେସର ଚିନ୍ତାମଣି ମହାପାତ୍ର, ପ୍ରଫେସର ନିରଞ୍ଜନ ବାରିକ ପ୍ରମୁଖ ଯୋଗଦେଇଥିଲେ। ପିଜି କାଉନ୍‌ସିଲ ଅଧକ୍ଷା ପ୍ରଫେସର ଡ. ଅସୀମା ସାହୁ ଜି-୨୦ ପାଇଁ ଆୟୋଜନ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ବିବରଣୀ ପାଠ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସମସ୍ତ ଅଧାପିକା, ଅଧାପକ ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଡ. ଅଳକା ନନ୍ଦ ପରିଡା ଧନ୍ୟବାଦ ଦେଇଥିଲେ।

# ମେ' ୧ରୁ ପଛୁଆବର୍ଗ ଜାତିଭିତ୍ତିକ ଗଣନା




ବିପର୍ଯ୍ୟୟ ପ୍ରଶମନ ବିଭାଗ ଅତିରିକ୍ତ ସଚିବ ଅମିୟ କୁମାର ସାହୁ ଓ ଅନ୍ୟ ଅଧିକାରୀମାନେ ଅଙ୍ଗନୱାଡି କର୍ମୀଙ୍କ ସହ ଆଲୋଚନା କରୁଛନ୍ତି।

**ବଡ଼ମ୍ବା/ତିଗିରିଆ,୨୦।୪ (ଡି. ଏନ. ଏ.)**

**ସରିଲା ପ୍ରଶିକ୍ଷଣ**

ପଛୁଆବର୍ଗ ଜାତିଭିତ୍ତିକ ଗଣନା ପାଇଁ ବଡ଼ମ୍ବା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବୁଧବାର ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ ଶେଷ ହୋଇଛି। ଏହି ଶିବିରରେ ସମୁଦାୟ ୧୮୬ ଗଣନାକାରୀ ଓ ସୁପରଭାଇଜର ପ୍ରଶିକ୍ଷଣ ନେଇଥିଲେ। ମାଷ୍ଟର ଟ୍ରେନର ଭାବେ ଏବିଡିଓ ଯାଜ୍ଞସେନୀ ଗୋଚ୍ଛାୟତ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଉମେଶ କୁମାର ପ୍ରଧାନ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ନବ କିଶୋର ମିଶ୍ର ଓ ମିଶନ ଶକ୍ତି ବିପିଏମ୍ ମୋନାଲିସା ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ବିପର୍ଯ୍ୟୟ ପ୍ରଶମନ ବିଭାଗ ଅତିରିକ୍ତ ସଚିବ ଅମିୟ କୁମାର ସାହୁ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇ ନିର୍ଭୁଲ୍ ଗଣନା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର ଓ ନୋଡାଲ ଅଧିକାରୀ ଭାବେ ବିଡିଓ ରମେଶ କୁମାର ଜେନା ଉପସ୍ଥିତ ଥିଲେ। ଉକ୍ତ ଗଣନା କାର୍ଯ୍ୟ ମେ ୧ରୁ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଯେଉଁମାନେ ଏହି ସମୟରେ ଆବେଦନ କରିପାରି ନ ଥିବେ ସେମାନଙ୍କ ପାଇଁ ୨୧ରୁ ୨୭ ପର୍ଯ୍ୟନ୍ତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

ଏଥିପାଇଁ ବଡ଼ମ୍ବା ବ୍ଲକ ରେ ସମୁଦାୟ ୮୮ ସର୍ଭେ କେନ୍ଦ୍ର କରାଯିବ ପାଇଁ ଧାର୍ଯ୍ୟ ହୋଇଛି। ସେହିପରି ୧୪୦ ଜଣ ଗଣନାକାରୀ ନିୟୋଜିତ ହେବାକୁ ଥିବାବେଳେ ୨୮ ଜଣଙ୍କୁ ରିଜର୍ଭ ରଖାଯାଇଛି। ସେହିପରି ତଦାରଖ ପାଇଁ ୧୫ ଜଣ ସୁପରଭାଇଜର ଥିବାବେଳେ ୩ ଜଣଙ୍କୁ ରିଜର୍ଭ ରଖିବା ଲାଗି ସ୍ଥିର ହୋଇଛି। ଏହି କାର୍ଯ୍ୟକ୍ରମକୁ ସହକାରୀ ନୋଡାଲ ଅଧିକାରୀ ତଥା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଧାନ ସଂଯୋଜନା କରିଥିଲେ। ସେହିପରି ତିଗିରିଆ ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟ ପଛୁଆବର୍ଗ ଜାତିଭିତ୍ତିକ ଗଣନା ନିମନ୍ତେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ପ୍ରଣବ କୁମାର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଏବିଡିଓ ଅଭିପ୍ସା ସ୍ୱାଇଁ, ସିଡିପିଓ ସତ୍ୟଭାମା ବିଶୋଇ,ଯୋଗାଣ ଅଧିକାରୀ ବିଦ୍ୟୁତ୍‌ଲତା ନାୟକ ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ମୋଟ ସ୍ଥିରୀକୃତ ୩୦ଟି ସେଣ୍ଟରରେ ଏହି ସ୍ୱେଚ୍ଛାକୃତ ସର୍ଭେ କରାଯିବ। ୧ମେ'ରୁ ଆରମ୍ଭ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ମୋଟ ୩୦ ଜଣ ଅଙ୍ଗନୱାଡି କର୍ମୀଙ୍କୁ ଗଣନା ଦାୟିତ୍ୱ ଦିଆଯାଇଥିବାବେଳେ ୪ ଜଣଙ୍କୁ ସୁପରଭାଇଜର ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିସହ ୬ ଜଣ ଅଙ୍ଗନୱାଡି କର୍ମୀଙ୍କୁ ରିଜର୍ଭ ରଖାଯାଇଛି।

# ଗଣକବି ବୈଷ୍ଣବ ପାଣିଙ୍କ ଶ୍ରାଦ୍ଧ ଦିବସ

**ମାହାଙ୍ଗା,୨୦।୪ (ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗଣକବି ବୈଷ୍ଣବ ପାଣି ସଙ୍ଗୀତ କଳା ନିକେତନ, ଗଣକବି ବୈଷ୍ଣବ ପାଣି କ୍ଲବ, ଗଣକବି ବୈଷ୍ଣବ ପାଣି ଆଇଟିସି ଓ କୋଠପଦା ସିନିୟର ସିଟିଜେନ୍ସ କ୍ଲବର ମିଳିତ ଆନୁକୂଲ୍ୟରେ ଗଣକବିଙ୍କ ୬୭ତମ ଶ୍ରାଦ୍ଧଦିବସ ଗୁରୁବାର ପାଳିତ ହୋଇଯାଇଛି। ରଘୁନାଥଜୀଉ ପରିସରରେ ଓ କୋଠପଦା ବଜାର ଛକରେ ଥିବା ଗଣକବି ବୈଷ୍ଣବ ପାଣିଙ୍କ ଆବକ୍ଷ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ଏକ ସ୍ମୃତିଚାରଣ ସଭା ଆୟୋଜିତ ହୋଇଥିଲା। ଏଥିରେ ସଙ୍ଗୀତ କଳା ନିକେତନର ସମ୍ପାଦକ ରତ୍ନାକର ମହାନ୍ତି ଅଧକ୍ଷତା କରିଥିଲେ। ଅତିଥି ଭାବେ କୈଳାସ ଚନ୍ଦ୍ର ବଳବନ୍ତରାୟ, ଅଲେଖଚନ୍ଦ୍ର ଦାସ, ଗଣକବି ଆଇଟିସିର ଅଧକ୍ଷ ନରହରି ସେନାପତି, ଗୀତିକାର ବିଶ୍ୱେଶ୍ୱର ମହାନ୍ତି, ସାମାଜିକ କର୍ମୀ ରାମଚନ୍ଦ୍ର ମହାପାତ୍ର, ଶିକ୍ଷକ ନେତା ମଥୁରାନନ୍ଦ ସାମଲ ପ୍ରମୁଖ ଯୋଗଦେଇ ବୈଷ୍ଣବ ପାଣିଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଚନ୍ଦ୍ରଭାନୁ ଆଚାର୍ଯ୍ୟ, ଶୁକଦେବ ସ୍ୱାଇଁ, ପ୍ରଫୁଲ୍ଲ ସାହୁ, କମଳାକାନ୍ତ ପଣ୍ଡା, ଗୋପୀନାଥ ଓଝା, କାହ୍ନୁଚରଣ ସାହୁ, ଅନ୍ନପୂର୍ଣ୍ଣା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କୁଆଁପାଳସ୍ଥିତ ପ୍ରତିଭା ଭବନ ପରିସରରେ ଗଣକବି ବୈଷ୍ଣବ ପାଣି ସାଂସ୍କୃତିକ ସଂସଦ ମାହାଙ୍ଗା ପକ୍ଷରୁ ଗଣକବିଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ସଂସଦ ସମ୍ପାଦକ ତଥା ପୂର୍ବତନ ଜିଲା ପରିଷଦ ସଭ୍ୟ ହୃଷୀକେଶ ସ୍ୱାଇଁ, ସରପଞ୍ଚଙ୍କ ପ୍ରତିନିଧି ସୁବାସ ଜେନା, କବି ପ୍ରଶାନ୍ତ କର, ହେମନ୍ତ ପ୍ରଧାନ, ସରପଞ୍ଚ ବିଜୟାନନ୍ଦ ସ୍ୱାଇଁ, ରାଜକିଶୋର ବଳ, ରମେଶ ଚନ୍ଦ୍ର ସାମଲ, ହିମାଂଶୁ ପୃଷ୍ଟି, ରଞ୍ଜନ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ଗଣକବିଙ୍କ ଜୀବନାଦର୍ଶ ଉପରେ ଆଲୋଚନା କରିବା ସହ ଶ୍ରଦ୍ଧାଞ୍ଜଳି ଦେଇଥିଲେ।

# ନିଖିଳ ଉତ୍କଳ ଶିଉଳି ଦାସ କୈବର୍ତ୍ତ ସମାଜର ବାର୍ଷିକ ସମ୍ମିଳନୀ

**ତିଗିରିଆ, ୨୦।୪ (ଡି.ଏନ.ଏ.)**

ତିଗିରିଆ ବ୍ଲକ ଅନ୍ତର୍ଗତ ବିନ୍ଧାଣିମାସ୍ଥିତ ମା'ଚଣ୍ଡୀ ଠାକୁରାଣୀଙ୍କ ପୀଠରେ ନିଖିଳ ଉତ୍କଳ ଶିଉଳି ଦାସ କୈବର୍ତ୍ତ ସମାଜ ପକ୍ଷରୁ ରାଜ୍ୟ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀ ପ୍ରାରମ୍ଭରେ ମା'ଚଣ୍ଡୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ସର୍ବସମ୍ମତିକ୍ରମେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏହି ଅବସରରେ ସଭାପତି ଭାବେ ସୁରେଶ କୁମାର ଦଳେଇ, ଉପସଭାପତି ରମେଶ କୁମାର ମାଝି, କୋଷାଧକ୍ଷ ପ୍ରଫୁଲ୍ଲ କୁମାର ଦେହୁରୀ ଓ ସମ୍ପାଦକ ଭାବେ ଉଦ୍ଧବ ଦଳେଇ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ଏନେଇ ଆୟୋଜିତ ସଭାରେ ନୂତନ ସମ୍ପାଦକ ଦଳେଇ ସଭାପତିତ୍ୱ କରିଥିଲେ। ଏହି ସଭାରେ ଯୌତୁକ ପ୍ରଥା ବନ୍ଦ କରିବା, ମେଧାବୀ ଛାତ୍ରୀଛାତ୍ରଙ୍କୁ ବୃତ୍ତି ପ୍ରଦାନ, ନିଜ ସମାଜରେ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ପ୍ରଦାନ ଓ ଗରିବ କନ୍ୟାବିବାହରେ ଆର୍ଥିକ ସହାୟତା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ସଭାରେ ଶତ୍ରୁଘ୍ନ ଦଳେଇ, ଗୁରୁବାରୀ ଖଟୁଆ, ସପ୍ନେଶର ଦଳେଇ, ନନ୍ଦ ଦଳେଇ, ଗୁଣନିଧି ମାଝି, ଝରିଆ ଦଳେଇ, କାଳନ୍ଦୀ ଦଳେଇ ପ୍ରମୁଖ ସହଯୋଗ କରିଥିଲେ।




# ଅଂଶୁଘାତରୁ ରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ

**ବଡ଼ମ୍ବା,୨୦।୪(ଡି.ଏନ୍.ଏ.)**

କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ନିର୍ଦ୍ଦେଶରେ ବଡ଼ମ୍ବା ତହସିଲ କାର୍ଯ୍ୟାଳୟ ପରିସରରେ ଗୁରୁବାର ଅଂଶୁଘାତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡ଼ମ୍ବା ତହସିଲଦାର ନୀଳକଣ୍ଠ ବେହେରା ପୌରୋହିତ୍ୟ କରିଥିଲେ। କାର୍ଯ୍ୟକ୍ରମରେ ଅଂଶୁଘାତର ୧୦ ଗୋଟି ନିୟମ ସମ୍ବଳିତ ଏକ ବ୍ୟାନର ଲଗାଯାଇ ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ଦିଆଯାଇଥିଲା। ବିଶେଷକରି ପ୍ରଚଣ୍ଡ ରୌଦ୍ରତାପ ସମୟରେ ବାହାରକୁ ନ ବାହାରିବାକୁ ଜନସାଧାରଣଙ୍କୁ ନିବେଦନ କରାଯାଇଥିଲା। ଏଥିସହ ଜରୁରୀ କାମ ପଡ଼ିଲେ ମୁଣ୍ଡରେ ଓଦା କପଡ଼ା, ଛତା ବ୍ୟବହାର କରିବା ସହ ହାତରେ ପାଣି ବୋତଲ ଏବଂ ପାଦରେ ଚପଲ ପରିଧାନ କରି ବାହାରକୁ ବାହାରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଅନ୍ୟପକ୍ଷେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଠିକାଦାରମାନେ କୌଣସି ଶ୍ରମିକଙ୍କୁ କାର୍ଯ୍ୟରେ ନିୟୋଜିତ କରିପାରିବେ ନାହିଁ, ଯଦି ଏନେଇ କୌଣସି ଅଭିଯୋଗ ଆସେ ଉକ୍ତ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତହସିଲଦାର ବେହେରା ଗଣମାଧ୍ୟମଙ୍କୁ ସୂଚନା ଦେଇଛନ୍ତି। ଏହି ସଚେତନତା କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ତପନ ପରିଡ଼ାଙ୍କ ସମେତ ତହସିଲ କର୍ମଚାରୀ ଅନୁଜ ବେହେରା, ଶୈଳେନ୍ଦୁ ନାୟକ, ଝରି ସ୍ୱାଇଁ, ସତ୍ୟସ୍ୱରୂପ ଦାସ, ଅହି ଭୂଷଣ ସାହୁ, ରଶ୍ମିରଞ୍ଜନ ଜେଠୀ, ବିଜୟ ବରାଳ, ରାମ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ରକ୍ତଦାନ ସଚେତନତା ବାର୍ତ୍ତା ପ୍ରଚାର କରୁଛନ୍ତି ଜୟଦେବ

**କଟକ ଅଫିସ,୨୦।୪**

**କୋଲକାତାରୁ ସାଇକଲରେ ଆସି କଟକରେ ପହଞ୍ଚିଲେ**

ରକ୍ତଦାନ ଭଳି ମହତ୍ କାର୍ଯ୍ୟରେ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ବିଭିନ୍ନ ବର୍ଗର ଲୋକଙ୍କୁ ସାମିଲ କରାଇବା ଲକ୍ଷ୍ୟରେ କୋଲକାତାରୁ ବାହାରିଥିବା ଜୟଦେବ ରାଉତ ଗୁରୁବାର କଟକରେ ପହଞ୍ଚିଛନ୍ତି। ଢେଙ୍କାନାଳରୁ ଗୁରୁବାର ସକାଳେ ବାହାରି ମଧ୍ୟାହ୍ନରେ ସେ କଟକରେ ପହଞ୍ଚିଥିଲେ। ପରେ ସେ ଷ୍ଟୁଆର୍ଟ କଲେଜ, ଖ୍ରୀଷ୍ଟ କଲେଜ, ଇନ୍ଦିରା ଗାନ୍ଧୀ କଲେଜ, ଗୋପବନ୍ଧୁ ବାଗ୍, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ପ୍ରମୁଖ ସ୍ଥାନ ଗସ୍ତ କରି ରକ୍ତର ଆବଶ୍ୟକତା ପୂରଣ ପାଇଁ ପ୍ରତି ଘରର ଲୋକ ରକ୍ତଦାନ କରିବାକୁ ଆଗେଇ ଆସିବା ପାଇଁ ବାର୍ତ୍ତା ପ୍ରଚାର କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଭଦ୍ରକ ଜିଲା ଧାମନଗର ବ୍ଲକ ଅନ୍ତର୍ଗତ ଧୁଷୁରି ଅଞ୍ଚଳର ବାସିନ୍ଦା ହେଉଛନ୍ତି ଜୟଦେବ। ସେ କୋଲକାତାର ଏକ ଝୋଟକଳରେ କାମ କରନ୍ତି। ହେଲେ ନିଜର ଦୈନନ୍ଦିନର କାର୍ଯ୍ୟ କରିବା ସହ ସମୟକ୍ରମେ ରକ୍ତଦାନ ଅଭିଯାନରେ ସେ ସାମିଲ ହୋଇଥିଲେ। ନିଜେ ରକ୍ତଦାନ କରିବା ସହ ଅନ୍ୟମାନଙ୍କୁ ଏଥିପାଇଁ ପ୍ରବର୍ତ୍ତାଇବା କାର୍ଯ୍ୟରେ ନିୟୋଜିତ ହେଲେ। ସେ ଏବେ ଫେଡରେଶନ ଅଫ୍ ବ୍ଲଡ୍ ଡୋନର ଅର୍ଗାନାଇଜେଶନ ଅଫ୍ ଓଡ଼ିଶାର ବ୍ରାଣ୍ଡ ଆମ୍ବାସାଡର ପାଲଟିଛନ୍ତି। ସାଇକଲରେ ଭାରତ ପରିକ୍ରମା କରି ହର ଘର ରକ୍ତଦାନ ଅଭିଯାନରେ ସେ ନିଜକୁ ସାମିଲ କରିଛନ୍ତି। ଦେଶର ଘରେ ଘରେ ରକ୍ତ ଦାନ ଏକ ମହତ୍ କାର୍ଯ୍ୟର ବାର୍ତ୍ତା ପ୍ରଚାର କରିବା ଅଭିଯାନ ୨୦୨୨ ଅକ୍ଟୋବର ୧ରେ ବରସତ୍ କୋଲକାତାରୁ ସେ ଆରମ୍ଭ କରିଥିଲେ। ଇତିମଧ୍ୟରେ ସେ ୧୪ଟି ରାଜ୍ୟ ଗସ୍ତ କରି ବାର୍ତ୍ତା ପ୍ରଚାର କରିଛନ୍ତି। ଗୁରୁବାର ଜୟଦେବଙ୍କୁ କଟକ ଏସ୍‌ସିବି ମେଡିକାଲ ପରିସରସ୍ଥ ରେଡ୍‌କ୍ରସ ଭବନ ସମେତ ବିଭିନ୍ନ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। କଟକ ଜିଲା ଯୁବ ରେଡ୍‌କ୍ରସ ସେକ୍ରେଟାରି ଡ. ସସ୍ମିତା ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ରେଡକ୍ରସ ବ୍ଲଡ୍ ସେଣ୍ଟର୍‌ର ନିର୍ଦ୍ଦେଶକ ଡା. ଚନ୍ଦ୍ରିକା ପ୍ରସାଦ ଦାସ, ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷା ଡ. ଦୀପା ନାଗ, ନିରଞ୍ଜନ ପଟ୍ଟନାୟକଙ୍କ ସମେତ ଏସ୍‌ସିବି ବ୍ଲଡ୍ ବ୍ୟାଙ୍କ ଓ ଯୁବ ରେଡ୍‌କ୍ରସର ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ। ସେ ଗୁରୁବାର ସର୍କିଟ ହାଉସ୍‌ରେ ରାତ୍ରିଯାପନ କରିଥିଲେ। ଶୁକ୍ରବାର ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିବେ। ଜୟଦେବଙ୍କ ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।



ରକ୍ତଦାନ ସଚେତନତା ବାର୍ତ୍ତା ନେଇ କଟକରେ ପହଞ୍ଚିଥିବା ଜୟଦେବ ରାଉତ।

DADLS - 09



ଓଡ଼ିଶା ସରକାର

ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ
ଡଃ. ସଦାଶିବ ତ୍ରିପାଠୀଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
୨୧ ଅପ୍ରେଲ, ୨୦୨୩

ସକାଳ ୮ ଘଟିକା ସମୟରେ କ୍ୟାପିଟାଲ ହସ୍ପିଟାଲ ଛକ, ଭୁବନେଶ୍ୱରସ୍ଥିତ ଡଃ. ସଦାଶିବ ତ୍ରିପାଠୀଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସନ୍ଧ୍ୟା ୬ ଘଟିକା — ସାଧାରଣ ସଭା — ଜୟଦେବ ଭବନ, ଭୁବନେଶ୍ୱର

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ମୁନ୍ନା ଖାଁ, ମାନ୍ୟବର ସାଂସଦ, ରାଜ୍ୟସଭା
ବିଶିଷ୍ଟ ଅତିଥି – ଶ୍ରୀଯୁକ୍ତ ପ୍ରଦୀପ ମାଝୀ, ଉପଦେଷ୍ଟା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ
ସମ୍ମାନନୀୟ ଅତିଥି – ଅବିଭକ୍ତ କୋରାପୁଟ ଜିଲ୍ଲାର ମାନ୍ୟବର ସାଂସଦ ଓ ବିଧାୟକ ବୃନ୍ଦ
– କସ୍ତୁରୀ ମହାପାତ୍ର, ସଂପାଦିକା, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ
ମୁଖ୍ୟବକ୍ତା – ଶ୍ରୀଯୁକ୍ତ ଶୁଭେନ୍ଦୁ ମହାନ୍ତି, ପ୍ରାଧ୍ୟାପକ, ଅର୍ଥନୀତି ବିଭାଗ, ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ଖୋର୍ଦ୍ଧା

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ପରିଷଦ, ଭୁବନେଶ୍ୱରର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0027/2324

## ସଂକ୍ଷେପରେ

### ଚୋରି ସାମଗ୍ରୀ ଜବତ, ଜଣେ ଗିରଫ

ବାଲିଅନ୍ତା,୨୦।୪(ଡି.ଏନ୍.ଏ.): ଏକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ତାଲା ଭାଙ୍ଗି ସାମଗ୍ରୀ ଚୋରି କରି ନେଇଥିବା ଅଭିଯୋଗରେ ପାହାଳ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ କଟକ ସଦର ଥାନା ଅଞ୍ଚଳର ମହାଧରପଡ଼ା ଅଞ୍ଚଳର ରାକେଶ ରଞ୍ଜନ ବେହେରା(୩୬)। ତାଙ୍କ ନିକଟରୁ ଆଲମିରା, ପ୍ଲାଷ୍ଟିକ ଚେୟାର ଆଦି ଜବତ ହୋଇଛି। ଗତ ମାସ ୭ ତାରିଖରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ତାଲା ଭାଙ୍ଗି ଚୋରି ହୋଇଥିବା ନେଇ ଥାନାରେ ଅଫିସର ସ୍ୱାସ୍ଥ୍ୟ ଅଧିକାରୀ ଏତଲା ଦେଇଥିଲେ। ପୋଲିସ ୭୭/୨୩ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା।

### ୩ ସ୍ଥାନରୁ ଜବରଦଖଲ ହଟିଲା

ଭୁବନେଶ୍ୱର, ୨୦।୪(ବ୍ୟୁରୋ): ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଗୁରୁବାର ସହରର ୩ଟି ସ୍ଥାନରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ପ୍ରଥମେ ବରମୁଣ୍ଡା ମୌଜା ଅନ୍ତର୍ଗତ ପ୍ଲଟ ନମ୍ବର ୯୨୦ ଓ ୪୩ରେ ଉଚ୍ଛେଦ ହୋଇଥିଲା। ଏଥିରେ ୧୨ଟି ଆଜବେଷ୍ଟସ୍ ଘରକୁ ଭଙ୍ଗାଯାଇଥିଲା। ଉଚ୍ଛେଦବେଳେ ବିଡିଏ ଏନଫୋର୍ସମେଣ୍ଟ ଅଫିସର ଶ୍ୱେତ କୁମାର ଦାସ, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ଓ ଖଣ୍ଡଗିରି ଥାନା ଆଇଆଇସି ଦୟାନିଧି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଦ୍ୱିତୀୟରେ ବଡ଼ଗଡ଼ ଥାନା ଅନ୍ତର୍ଗତ ୱାର୍ଡ ନଂ-୫୭ ସ୍ଥିତ ରତ୍ନାକର ବାଗରୁ ଉଚ୍ଛେଦ କରାଯାଇଥିଲା। ୱାର୍ଡ ଅଫିସର, ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ଓ ବଡ଼ଗଡ଼ ଥାନା ଆଇଆଇସିଙ୍କ ଉପସ୍ଥିତିରେ ଏହି ଉଚ୍ଛେଦ କାର୍ଯ୍ୟ କରାଯାଇଥିଲା। ଏଥିରେ ୬ଟି ପାଚେରି, ୩ଟି ଷ୍ଟିଲ ବୋର୍ଡ, ଗୋଟିଏ ବାଉଁଶ ଓ ପଲିଥିନ ନିର୍ମିତ ଘର, ୬ ର୍ୟାମ୍ପ ଏବଂ ଗୋଟିଏ କ୍ୟାବିନ ଭଙ୍ଗାଯାଇଥିଲା। ଶେଷରେ ନହରକଣ୍ଟା ମୌଜାରେ ଉଚ୍ଛେଦ କରାଯାଇଥିଲା। ଏହି ସମୟରେ କେତେଜଣ ଜବରଦଖଲକାରୀ ପ୍ରବଳ ବିରୋଧ କରିଥିଲେ। ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଓ ଜବରଦଖଲକାରୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଶେଷରେ ପାହାଳ ପୋଲିସ ଓ ସ୍ଥାନୀୟ ଗାଁ କମିଟିର ହସ୍ତକ୍ଷେପ ପରେ ଉଚ୍ଛେଦ କରାଯାଇଥିଲା। ଏଥିରେ ମୋଟ ୩୪ଟି ନିର୍ମାଣାଧୀନ ଘର ଭଙ୍ଗାଯାଇଥିଲା। ସେଥିମଧ୍ୟରୁ ୩ଟି ସେପ୍ଟି ଟ୍ୟାଙ୍କ, ୭ଟି ସଂପ୍ରସାରଣ ଅଂଶ, ୭ଟି ଆଜବେଷ୍ଟସ ଘର, ୫ଟି ପାଚେରି, ଗୋଟିଏ ଲୁହା ଗେଟ, ଗୋଟିଏ ଛାତ ଘର ଏବଂ ୧୦ଟି ର୍ୟାମ୍ପ ଭଙ୍ଗାଯାଇଥିଲା।

### ଏଏପି ପକ୍ଷରୁ ଫଳ ବଣ୍ଟନ

ବୋଲଗଡ଼,୨୦।୪(ଡି.ଏନ୍.ଏ.): ରମଜାନ ମାସରେ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ କଡ଼ବ ଗ୍ରାମରେ ଆମ ଆଦମୀ ପାର୍ଟି(ଏଏପି)ର ସ୍ୱେଚ୍ଛାସେବୀ କିଶୋର ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଫଳ ବଣ୍ଟନ କରାଯାଇଛି। ଭାଇଚାରା ବଜାୟ ରଖିବା ପାଇଁ ଏଏପିର ଏହି ପ୍ରୟାସକୁ କଡ଼ବ ପଞ୍ଚାୟତର ସମିତି ସଭ୍ୟ ସେକ୍ ଆଜାଦ ଅଲୀ ପ୍ରଶଂସା କରିଛନ୍ତି। ସ୍ଥାନୀୟ ନିର୍ବାଚନ ମଣ୍ଡଳୀର ସମସ୍ତ ମୁସଲମାନ ଭାଇଭଉଣୀଙ୍କୁ ଏଏପି ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି। ଭକ୍ତବନ୍ଧୁ ପଟ୍ଟନାୟକ, କୈମୁର ଖାନ୍, ସେକ୍ ଇସାବୁଲ ତରଫଦାର, ସୋନୁ, କାଲିଆ, ଡୁକୁ ପ୍ରମୁଖ ବଣ୍ଟନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# କାମ କରୁନି ପଲିଥିନ କଟକଣା ନିୟମ

**ଖୋର୍ଦ୍ଧା ଅଫିସ,୨୦।୪**


ରାସ୍ତା ପାର୍ଶ୍ୱରେ ଗଦା ହୋଇଥିବା ପ୍ଲାଷ୍ଟିକ୍ ସାମଗ୍ରୀ ଓ ପଲିଥିନ।

■ ରାସ୍ତା, ଡ୍ରେନ୍‌ରେ ପଡ଼ି ରହିଛି ପ୍ଲାଷ୍ଟିକ ଓ ପଲିଥିନ
■ କଟକଣା ସତ୍ତ୍ୱେ ମାନୁନାହାନ୍ତି ଲୋକେ
■ ଆଗାମୀ ଦିନରେ ଚଢ଼ାଉ କରାଯିବ: ପୌର ଉପାଧକ୍ଷ

ପଲିଥିନ ପରିବେଶ ପାଇଁ ଚିନ୍ତାର କାରଣ ସାଜିଛି। ଭବିଷ୍ୟତରେ ଏହା ମାନବ ସମାଜ ପାଇଁ ଘାତକ ସାଜିବାକୁ ଯାଉଥିବା ଜାଣି ମଧ୍ୟ କେହି ସଚେତନ ହେବାକୁ ରାଜି ନୁହନ୍ତି। ଯେପରି ପ୍ଲାଷ୍ଟିକ ଏବଂ ପଲିଥିନ ଲୋକଙ୍କ ଜୀବନରେ ଏକ ଅଂଶବିଶେଷ ପାଲଟିଗଲାଣି। ଏହା ଉପରେ ସରକାର କଟକଣା ଜାରି କରିଛନ୍ତି। ତଥାପି ଏହାର ବ୍ୟବହାର ଉପରେ ରୋକ୍ ଲାଗିପାରୁନି। ଖୋର୍ଦ୍ଧା ସହରରେ ପ୍ଲାଷ୍ଟିକ ଏବଂ ପଲିଥିନ ବ୍ୟବହାର କଟକଣା ପ୍ରହସନ ପାଲଟିଛି।

ଦୈନନ୍ଦିନ ଜୀବନରେ ପଲିଥିନ ବ୍ୟବହାର ଅଭ୍ୟାଗଗତ ପାଲଟିଗଲାଣି। ରାଶନ ସାମଗ୍ରୀ, ଫଳ, ପନିପରିବା ଏପରିକି ଔଷଧ ଏବଂ ଖାଇବା ପଦାର୍ଥ ଲାଗି ପଲିଥିନ ବ୍ୟବହାର କରାଯାଉଛି। ପରିସ୍ଥିତି ଏପରି ହେଲାଣି ସବୁ କାମରେ ପ୍ଲାଷ୍ଟିକ, ପଲିଥିନ ଲୋଡୁଛନ୍ତି ଲୋକେ। ବ୍ୟବହାର ପରେ ଏଣେତେଣେ କିମ୍ବା ରାସ୍ତାକଡରେ ଫୋପାଡି ଦେଉଛନ୍ତି। ନାଳ ନର୍ଦ୍ଦମାରେ ପ୍ଲାଷ୍ଟିକ, ପଲିଥିନ ପଡି ପଚିଶଢି ନାଳପାଣି ନିଷ୍କାସନ ହେବାରେ ଅସୁବିଧା ହେଉଛି। ଖୋର୍ଦ୍ଧା ସହରର ଏକାଧିକ ଡ୍ରେନରେ ପ୍ଲାଷ୍ଟିକ, ପଲିଥିନ ପଡି ଭର୍ତ୍ତି ହୋଇଥିବା ବେଳେ ରାସ୍ତାକଡ଼ରେ ପଡି ରହୁଛି। ଗୋପୀନାଥ ସାହି, ଉପରସାହି, ରାଧାବଲ୍ଲଭ ସାହି ଓ ବରୁଣେଇ ସାହି, ସାମନ୍ତରାପୁର ଛକ, ଉପରସାହି, ଖ୍ରୀଷ୍ଟିଆନ ସାହି, ବାସେଳି ସାହି, ମାଛ ମାର୍କେଟ, ଉପଜିଲାପାଳଙ୍କ ବାସଭବନ ପଛପଟ ଆଦି ସାହିର ନାଳରେ ବର୍ଷ ବର୍ଷ ଧରି ପ୍ଲାଷ୍ଟିକ, ପଲିଥିନ ଜମି ରହିଛି। ଫଳରେ ବର୍ଷା ହେଲେ ଖୋର୍ଦ୍ଧା ସହରରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଅନ୍ୟପଟେ ଗୋରୁ, କୁକୁର ଖାଦ୍ୟ ଲାଳସାରେ ଏହାକୁ ଏଣେତେଣେ ପକାଉଛନ୍ତି। ପରିବେଶ ପ୍ରଦୂଷଣ ହେବା ସହ ଜୈବ ବିବିଧତାକୁ ନଷ୍ଟ କରୁଛି। ସରକାରୀ କଟକଣା ସତ୍ତ୍ୱେ ଲୋକେ ଏହାକୁ ଜାବୁଡି ଧରିଥିବାରୁ ଆଗକୁ ବଡ଼ ବିପଦକୁ ଟାଣିଆଣିବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଦିନକୁ ଦିନ ସହରାଞ୍ଚଳରେ ପ୍ରଦୂଷଣ ବଢି ଚାଲିଥିଲେ ମଧ୍ୟ ଏଥିପ୍ରତି କାହାରି ନିଘା ନାହିଁ।

ପ୍ରକାଶ ଯେ, ରାଜ୍ୟ ସରକାର ପ୍ରଥମେ ୫ଟି ମହାନଗର ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା ସମେତ ପୁରୀ ସହରରେ ଏହାର ବ୍ୟବହାର ଉପରେ କଟକଣା ଜାରି କରିଥିଲେ। ପରବର୍ତ୍ତୀ ସମୟରେ ଅନ୍ୟ ଜିଲାରେ ମଧ୍ୟ ଲାଗୁ କରାଯାଇଥିଲା। ତେବେ ପ୍ରଥମେ ସ୍ଥାନୀୟ ପୌର ପ୍ରଶାସନ ପକ୍ଷରୁ ଧରପଗଡ ହୋଇଥିବା ବେଳେ ଏଥିରେ ଶିଥିଳ ପଡିଯାଇଛି। ରାସ୍ତାକଡ ଉଠାଦୋକାନୀ, ଫୁଟପାଥ ବ୍ୟବସାୟୀଙ୍କଠାରୁ ସମସ୍ତ ହୋଟେଲ, ପାନ ଦୋକାନ, ବଡ଼ ବ୍ୟବସାୟିକ ପ୍ରତିଷ୍ଠାନରେ ବହୁଳ ବ୍ୟବହାର କରାଯାଉଛି। ସହରରେ ପଲିଥିନ ବ୍ୟବହାର ହେଉଥିବା ସତ୍ତ୍ୱେ ବିଭାଗୀୟ ଉଦାସୀନତା ଯୋଗୁ ଏହାକୁ ପରୋକ୍ଷରେ ପ୍ରୋତ୍ସାହିତ କରୁଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଏନେଇ ପୌର ଉପାଧ୍ୟକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି କୁହନ୍ତି, ପ୍ରଶାସନ ପକ୍ଷରୁ ରୀତିମତ ବ୍ୟବଧାନରେ ଚଢ଼ାଉ କରାଯାଉଛି। କରୋନା ଯୋଗୁ ଗତ ଦୁଇ ବର୍ଷ ହେବ ପ୍ରାୟ ଦୋକାନ ବଜାର ବନ୍ଦ ରହିଥିଲା। ଆଗାମୀ ଦିନରେ ଚଢ଼ାଉ କରାଯିବ। ବର୍ଷାଦିନ ପୂର୍ବରୁ ନାଳରେ ଜମି ରହିଥିବା ପ୍ଲାଷ୍ଟିକ, ପଲିଥିନ ବାହାର କରାଯିବ ବୋଲି ସେ କହିଛନ୍ତି।

# ସଡ଼କ ଦୁର୍ଘଟଣାରେ ଜଣେ ମୃତ

**ନିରାକାରପୁର,୨୦।୪(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଞ୍ଚଳରେ ଗୁରୁବାର ଏକ ଦୁଃଖଦ ଘଟଣା ଘଟିଛି। ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ବେଳେ ଆଉ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଏହି ଥାନା ଅଧୀନ ରାମେଶ୍ୱର ପଞ୍ଚାୟତ ପଦ୍ମପୁର ଗ୍ରାମର ବିଶ୍ୱମ୍ଭର ସ୍ୱାଇଁ ଓରଫ ବିଶୁନି(୫୭)। ଆହତ ଖଜୁରିପଡ଼ା ଗ୍ରାମର ଗୋବିନ୍ଦ ବଳିୟାରସିଂହ ଓରଫ ବୁଲୁ(୪୫) ଭୁବନେଶ୍ୱରସ୍ଥିତ ଏମ୍ସ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସୂଚନା ମୁତାବକ, ଗୁରୁବାର ଅପରାହ୍ନରେ ବିଶୁନି ଓ ବୁଲୁ ପଲସରରେ ରାମେଶ୍ୱର ଛକ ପଟୁ ନିଜ ଗ୍ରାମକୁ ଫେରୁଥିଲେ। ରାମେଶ୍ୱର ଓ ଖଜୁରିପଡା ମଧ୍ୟବର୍ତ୍ତି ଅଞ୍ଚଳରେ ଥିବା ଏକ ମାଛ ଗୋଦାମ ସମ୍ମୁଖ ନୂଆ ଜଗନ୍ନାଥ ସଡକ ପାର୍ଶ୍ୱରେ ଥିବା ଏକ ଗଛରେ ଭାରସାମ୍ୟ ହରାଇ ପିଟି ହୋଇଯାଇଥିଲେ। ସ୍ଥାନୀୟଲୋକ ପହଞ୍ଚି ଉଭୟଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ମେଡିକାଲ ପଠାଇଥିଲେ। ସେଠାରେ ଡାକ୍ତର ବିଶୁନିଙ୍କୁ ମୃତ ଘୋଷଣ କରିଥିଲେ। ବୁଲୁଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଏମ୍ସ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ପଲସରକୁ ଜବତ କରିଛି। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଏନେଇ କୌଣସି ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ଗୀତାଞ୍ଜଳି ନାୟକ କହିଛନ୍ତି।

# ପ୍ରସ୍ତାବିତ ଅଙ୍ଗନୱାଡି ଗୃହ ନିର୍ମାଣକୁ ବିରୋଧ


ବିଡିଓ ନିକଟରେ ଅଭିଯୋଗ କରିବାକୁ ଆସଥିବା ଗ୍ରାମବାସୀ।

**ବାଣପୁର,୨୦।୪(ଡି.ଏନ୍.ଏ.)**

ବାଣପୁର ବ୍ଲକ ଆୟତପୁର ପଞ୍ଚାୟତର ପାଳଧୁଆପଲ୍ଲୀ ଗ୍ରାମର ସ୍କୁଲ ପରିସରରେ ପ୍ରସ୍ତାବିତ ଗୋପୀନାଥ ପ୍ରସାଦ ମୌଜାର ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣକୁ ପାଳଧୁଆପଲ୍ଲୀ ଗ୍ରାମବାସୀ ବିରୋଧ କରିଛନ୍ତି। ଏନେଇ ପାଳଧୁଆପଲ୍ଲୀ ଗ୍ରାମବାସୀ ବାଣପୁର ବିଡିଓ ଶୀତଲ ଅଗ୍ରୱାଲ ଓ ତହସିଲଦାର କୁଞ୍ଜବିହାରୀ ବଡ଼ଜେନାଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ତେବେ ତଦନ୍ତ ପରେ ନିଷ୍ପତ୍ତି ନିଆଯିବ ବୋଲି ବିଡିଓ ଅଗ୍ରୱାଲ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଅଭିଯୋଗ ମୁତାବକ, ଗୋପୀନାଥ ପ୍ରସାଦ ମୌଜାରେ ସରକାରୀ ଜାଗା ଥିବା ସତ୍ତ୍ୱେ ପାଳଧୁଆପଲ୍ଲୀ ଗ୍ରାମ ସ୍କୁଲ ପରିସରରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କରାଯିବାକୁ ମସୁଧା ଚଳାଇଛନ୍ତି। ଏହି କେନ୍ଦ୍ର ସ୍କୁଲ ପରିସରରେ ନିର୍ମାଣ ହେଲେ ଖେଳକୁଦ ନିମନ୍ତେ ଜାଗା ସଂକୀର୍ଣ୍ଣ ହୋଇଯିବ। ୪ବର୍ଷ ପୂର୍ବରୁ ଏଭଳି ନିଷ୍ପତ୍ତିକୁ ଗ୍ରାମବାସୀ ବିରୋଧ କରିବା କାରଣରୁ ତାହା ବନ୍ଦ ହୋଇଥିବା ସ୍ଥଳେ ପୁଣି ମସୁଧା ଚଳାଇଛନ୍ତି। ତେଣୁ ସ୍କୁଲ ପରିସରରେ ଅଙ୍ଗନୱାଡି ଗୃହ ନିର୍ମାଣ ନ କରିବାକୁ ଶତାଧିକ ଗ୍ରାମବାସୀ ବିଡିଓଙ୍କୁ ନିବେଦନ କରିଛନ୍ତି।

# ଗ୍ରାମୀଣ କଳା ଉତ୍ସବ ଉଦ୍‌ଘାଟିତ


ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଏବଂ ଅନ୍ୟ ଅତିଥି।

**ବୋଲଗଡ଼,୨୦।୪(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ସମ୍ମୁଖ ରଜ ପଡିଆରେ ଗ୍ରାମୀଣ କଳା ଉତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳ ଲୋକକଳାକୁ ପୁନର୍ଜୀବିତ କରିବା ଓ ପ୍ରତିଭାକୁ ଉନ୍ମୋଚନ କରିବା ଏହାର ମୂଳ ଲକ୍ଷ୍ୟ ବୋଲି ବିଧାୟକ କହିଥିଲେ। ଏହି ଉତ୍ସବ ଜନସାଧାରଣରେ ଆଦୃତି ଲାଭ କରିବ ବୋଲି ଆଶା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନୃତ୍ୟ ଗୁରୁ ପୁଷ୍ପିତା ମିଶ୍ର, ସଙ୍ଗୀତ ଗୁରୁ ନିମାକାନ୍ତ ରାଉତରାୟ, ସୁକାନ୍ତ କୁଣ୍ଟ, ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ, ପ୍ରଯୋଜକ ରବିନାରାୟଣ ପଣ୍ଡା, ଷ୍ଟଣ୍ଟମ୍ୟାନ ବିକାଶ ମଲିକ, ଜିଲାପରିଷଦ ସଭ୍ୟା ସୁନନ୍ଦିତା ସାହୁ, ବିଜେଡି ରାଜ୍ୟ ସମ୍ପାଦକ ଶୁଭକାନ୍ତ ମହାପାତ୍ର, ଗୀତାଞ୍ଜଳି ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଆରାଧନା ପ୍ରିନ୍‌ସେସ୍ ଡ୍ୟାନ୍ସ ଏମାଡେମୀ ଦ୍ୱାରା ଆୟୋଜିତ ଏହି ଉତ୍ସବରେ ସଭାପତି ରାଧାମୋହନ ସାହୁ ସଭାପତିତ୍ୱ କରିଥିଲେ। ନିର୍ଦ୍ଦେଶକ ସତ୍ୟବାନ ଦଳବେହେରା ମଞ୍ଚ ପରିଚାଳନା ଓ ସମ୍ପାଦକ ସୁଧାଂଶୁ ପରିଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଗ୍ରାମାଞ୍ଚଳର ପାଲା, ଦାସକାଠିଆ, ଧୁଡୁକି, ଦଣ୍ଡ ନୃତ୍ୟ ସହ ବଲାଙ୍ଗିରର ରୁଣୁଝୁଣୁ ଡ୍ୟାନ୍ସ ଗ୍ରୁପ ଦ୍ୱାରା ଦୁଲଦୁଲ ନାଚ ପରିବେଷଣ କରାଯାଇଥିଲା। ସିନେ କଳାକାର ସୁଶ୍ରୀ ଐଶ୍ୱର୍ଯ୍ୟା ଓ ସୁଶ୍ରୀ ଅର୍ପିତା ଯୋଗ ଦେଇ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମସ୍ତ ଅତିଥି ଓ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ନିର୍ଦ୍ଦେଶକ ସତ୍ୟବାନ ପଶ୍ଚିମକବାଟ ଧନ୍ୟବାଦ ଦେଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିଥିବା ବେଳେ ପ୍ରବଳ ଜନସମାଗମ ହୋଇଥିଲା।


ବୋଲଗଡ଼ : ସ୍ଥାନୀୟ ବ୍ଲକ ଅଫିସ୍ ସମ୍ମୁଖ ରଜ ପଡିଆରେ ଅନୁଷ୍ଠିତ ଗ୍ରାମୀଣ କଳା ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ଯକୃତର ଯତ୍ନ ମଣିଷର ପ୍ରାଥମିକତା

**ଭୁବନେଶ୍ୱର, ୨୦।୪ (ବ୍ୟୁରୋ)**

ଗ୍ୟାଷ୍ଟ୍ରୋ ଲିଭର୍ କେୟାର ଫାଉଣ୍ଡେଶନ ଏବଂ କମିଶନରେଟ ପୋଲିସର ମିଳିତ ପ୍ରୟାସରେ ବୁଧବାର 'ବିଶ୍ୱ ଯକୃତ ଦିବସ' ପାଳିତ ହୋଇଯାଇଛି। ମଞ୍ଚେଶ୍ୱର ହାଡ଼ବାଇ ବସ୍ତିରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଲୋକଙ୍କ ମଧ୍ୟରେ ଯକୃତର ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା। ବରିଷ୍ଠ ପେଟରୋଗ ବିଶେଷଜ୍ଞ ତଥା ଓଡ଼ିଶା ଗ୍ୟାଷ୍ଟ୍ରୋ ଲିଭର୍ କେୟାର ଫାଉଣ୍ଡେଶନର ମୁଖ୍ୟ ପ୍ରଫେସର ମନୋଜ ସାହୁ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ପୋଲିସ କମିଶନର ଡା. ଉମାଶଙ୍କର ଦାଶ ଏବଂ ବହୁ ବରିଷ୍ଠ ପୋଲିସ ଅଧିକାରୀ ଯୋଗଦେଇଥିଲେ। ମଣିଷ ଶରୀରରେ ଲିଭର ବା ଯକୃତ ଏକ ପ୍ରମୁଖ ଅଙ୍ଗ। ତେଣୁ ଯକୃତର ଯତ୍ନ ପ୍ରତ୍ୟେକ ମଣିଷର ପ୍ରାଥମିକତା ହେବା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ପୋଲିସ କମିଶନରଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏନେଇ ଲୋକଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ନୋଡାଲ ଅଫିସର ବସନ୍ତ କୁମାର ପ୍ରଧାନ, ବସ୍ତି ମିତ୍ର ସୁରେଶ ନାୟକ, ରାଜବନ୍ଧୁ ପ୍ରମୁଖଙ୍କ ସମେତ ମଞ୍ଚେଶ୍ୱର ଥାନାର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଶତାଧିକ ଲୋକଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ଏବଂ ଯକୃତ ପରୀକ୍ଷା କରାଯାଇଥିଲା।




# ଟାଉନ ପ୍ଲାନିଂ ପ୍ରସ୍ତାବିତ ରାସ୍ତାକୁ ନେଇ ଅସନ୍ତୋଷ



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

■ କ୍ଷତିଗ୍ରସ୍ତ ହେବ ତମାଣ୍ଡୋ ମିନି ଷ୍ଟାଡିୟମ
■ ଅଞ୍ଚଳବାସୀଙ୍କ ଆନ୍ଦୋଳନ ଚେତାବନୀ

**ଝାଁଳା,୨୦।୪(ଡି.ଏନ୍.ଏ.)**

ଟାଉନ୍ ପ୍ଲାନିଂ ପ୍ରସ୍ତାବିତ ରାସ୍ତାକୁ ନେଇ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି ରାସ୍ତା ହେଲେ ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ତମାଣ୍ଡୋ ମିନି ଷ୍ଟାଡିୟମ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହେବ। ଏନେଇ ସ୍ଥାନୀୟ ଶିବ ଶକ୍ତି କ୍ଲବ ପକ୍ଷରୁ ଜିଲାପାଳଙ୍କ ଠାରୁ ଆରମ୍ଭ କରି ସ୍ଥାନୀୟ ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ପରେ ଶିବ ଶକ୍ତି କ୍ଲବ ପକ୍ଷରୁ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତେବେ ହାଇକୋର୍ଟଙ୍କ ଆଦେଶ ସତ୍ତ୍ୱେ ପ୍ରଶାସନିକ ଅଧିକାରୀ ଠିକ୍‌ଭାବେ କାର୍ଯ୍ୟକାରୀ କଲେ ନାହିଁ। ଏନେଇ ସ୍ଥାନୀୟ ମିନି ଷ୍ଟାଡିୟମଠାରେ ତମାଣ୍ଡୋ ଗ୍ରାମ୍ୟ କମିଟି ଓ ଶିବ ଶକ୍ତି କ୍ଲବ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମିନି ଷ୍ଟାଡିୟମ ପାର୍ଶ୍ୱରେ ୬ ଏକର ୯୪୦ ଡିସିମିଲ ସରକାରୀ ଜାଗା ରହିଛି। ଷ୍ଟାଡିୟମର ସୁରକ୍ଷା ପାଇଁ ଏହି ସରକାରୀ ଜାଗାକୁ ରିଂରୋଡ୍ ରାସ୍ତାରେ ଅନ୍ତର୍ଭୁକ୍ତ ଲାଗି ନିବେଦନ କରାଯାଇଛି। ଏହା ନ ହେଲେ ତମାଣ୍ଡୋ ଗ୍ରାମ୍ୟ କମିଟି ଓ ସ୍ଥାନୀୟ ବାସିନ୍ଦା ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ଚେତାବନୀ ଦିଆଯାଇଛି।

ପ୍ରକାଶ ଯେ, ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏହି ଖେଳ ପଡ଼ିଆରେ ତମାଣ୍ଡୋ ଶିବଶକ୍ତି କ୍ଲବ ପକ୍ଷରୁ ଦୀର୍ଘ ୨୬ବର୍ଷ ହେବ ରାଜ୍ୟସ୍ତରୀୟ ତମାଣ୍ଡୋ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ସହ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଆସୁଥିଲା। ଏଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ୩୫ ଲକ୍ଷ ଟଙ୍କା ବ୍ୟୟରେ ଏଠାରେ ବ୍ଲକ ଲେବୁଲ ମିନି ଷ୍ଟାଡିୟମ ନିର୍ମାଣ କରାଯାଇଥିଲା। ୧୦ଏକର ୫୦୦ ଡିସିମିଲ ପରିମିତ ଅଞ୍ଚଳରେ ନିର୍ମିତ ଏହି ଷ୍ଟାଡିୟମକୁ ୨୦୧୭ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ପରବର୍ତ୍ତୀ ସମୟରେ ୧୫ଲକ୍ଷ ଟଙ୍କା ବ୍ୟୟରେ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଥିଲା। ଏହି ଷ୍ଟାଡିୟମରେ ବିଭିନ୍ନ ପ୍ରତିଯୋଗିତା ସହ ପିଲାମାନେ ପୋଲିସ, ଆର୍ମି ଚାକିରି ପାଇଁ ଅଭ୍ୟାସ କରୁଛନ୍ତି। ଭୁବନେଶ୍ୱରଠାରୁ ଖୋର୍ଦ୍ଧା ମଧ୍ୟରେ ଥିବା ଜାତୀୟ ରାଜପଥ ପାର୍ଶ୍ୱରେ ଏଭଳି ଖେଳପଡ଼ିଆ ନ ଥିବା ଖବରଦାତା ସମ୍ମିଳନୀରେ କୁହାଯାଇଛି। କ୍ଲବର ସାଧାରଣ ସମ୍ପାଦକ ସୁକାନ୍ତ କୁମାର ପଟ୍ଟନାୟକ, ଗ୍ରାମ୍ୟ କମିଟି ସଭାପତି ବିଶ୍ୱନାଥ ସୁବୁଦ୍ଧି, ପୂର୍ବତନ ସରପଞ୍ଚ ବିପିନ ବିହାରୀ ପରିଡା, ପୂର୍ବତନ ସରପଞ୍ଚ ଧନେଶ୍ୱର ସୁବୁଦ୍ଧି, କ୍ଲବର ମୁଖ୍ୟ ପରାମର୍ଶଦାତା ପ୍ରସନ୍ନ କୁମାର ପଟ୍ଟନାୟକ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।



# ରୋଜଗାରର ବାଟ ଫିଟାଉଛି ବାଉଁଶ ଶିଳ୍ପ

**ଭୁବନେଶ୍ୱର,୨୦।୪(ବ୍ୟୁରୋ)**

ହସ୍ତଶିଳ୍ପର ଆଦର ସବୁବେଳେ ରହିଛି। ତା'ର ଚାହିଦା ଆଗ ଅପେକ୍ଷା ବଢ଼ିବାରେ ଲାଗିଛି। ହସ୍ତଶିଳ୍ପ କଥା ହେଉ କି ହସ୍ତତନ୍ତ ସବୁଥିରେ ନୂଆ କୌଶଳର ପ୍ରୟୋଗ ଫଳରେ ଏହାକୁ ଲୋକେ ଅଧିକ ପସନ୍ଦ କରୁଛନ୍ତି। କାରିଗରଙ୍କ କଳାର ଯାଦୁରେ ଅଦରକାରୀ ଜିନିଷ ବି ସୁନ୍ଦର ଓ ଆକର୍ଷଣୀୟ ସାମଗ୍ରୀରେ ପରିଣତ ହୋଇଥାଏ। ନିକଟରେ ଆୟୋଜିତ ବିଭିନ୍ନ ପ୍ରଦର୍ଶନୀରେ ବାଉଁଶରୁ ତିଆରି ଅନେକ ପ୍ରକାରର ସାମଗ୍ରୀ ବିକ୍ରି ହେଉଥିବା ଦେଖିବାକୁ ମିଳିଥିଲା। ବାଉଁଶ କଥା କହିଲେ ମନକୁ ସଙ୍ଗେ ସଙ୍ଗେ ଆସିଯାଏ ଘରକରଣା ସାମଗ୍ରୀ, ଯେମିତିକି ଝୁଡ଼ି, ପାଛିଆ, ଡାଲା, କୁଲା, ମେଜ ଆଦି। କିନ୍ତୁ ଏବେ ବାଉଁଶରେ ବିଭିନ୍ନ ପ୍ରକାର ଡିଜାଇନ୍ ଅଳଙ୍କାର, ଆସବାବପତ୍ର, ଲ୍ୟାମ୍ପଶେଡ୍ ଭଳି ସାମଗ୍ରୀ କାରିଗରଙ୍କ ପାଇଁ ଏକ ଭିନ୍ନ ଅନୁଭବ ଆଣିଦେବା ସହ ଲୋକଙ୍କୁ ଚିରାଚରିତଠୁ କିଛି ନୂଆ ଭେଟି ଦେଉଛି। ଏହା ବ୍ୟତୀତ ବାଉଁଶ ଶିଳ୍ପ ହାଲୁକା, ଉଚ୍ଚ ପ୍ରସାରଣ, ଦୀର୍ଘସ୍ଥାୟୀ ଓ ପରିବେଶ ଅନୁକୂଳ। ପ୍ରାଚୀନ ସମୟରୁ ବାଉଁଶ ଆମ ବ୍ୟବହାରିକ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ନେଇଛି। ଏବେ ଏହା ରୋଜଗାରର ବାଟ ଫିଟାଇଛି। ଆଦିବାସୀ ବଜାରରୁ ଆରମ୍ଭ ହୋଇଥିବା ବାଉଁଶ ଶିଳ୍ପର ଚାହିଦା ବୃଦ୍ଧି ହେବା ସହ ନୂଆ ଉତ୍ପାଦ ସୃଷ୍ଟି ହେଉଛି। ହସ୍ତଶିଳ୍ପ ନିର୍ଦ୍ଦେଶାଳୟରେ ଥିବା ହସ୍ତତନ୍ତ, ହସ୍ତକଳା, ବୟନ ଶିଳ୍ପ ପକ୍ଷରୁ ବାଉଁଶ ଶିଳ୍ପର ପ୍ରଚାର ପ୍ରସାର ଏବଂ କାରିଗରମାନଙ୍କୁ ପ୍ରଶିକ୍ଷଣ ଦିଆଯିବା ସହ ୬ଟି ସୁବିଧା କେନ୍ଦ୍ର ପ୍ରଦାନ କରାଯାଇଛି। ଏଥିପାଇଁ ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥା (ଓବିଡିଏ) ଏବଂ ଓଡ଼ିଶା ମିନେରାଲ ବିୟରିଂ ଏରିଆଜ୍ ଡେଭଲପମେଣ୍ଟ କର୍ପୋରେଶନ (ଓଏମ୍‌ବିଏଡିସି)ର ଆର୍ଥିକ ସହଯୋଗରେ ବାଉଁଶ ଶିଳ୍ପର ଉନ୍ନୟନ ପାଇଁ ଯୋଜନା କରାଯାଉଛି, ଯାହାଦ୍ୱାରା ରାଜ୍ୟର ବାଉଁଶ ଶିଳ୍ପ କ୍ଷେତ୍ରରେ କାମ କରୁଥିବା କାରିଗର ଅନେକ ସୁବିଧା ପାଇପାରୁଛନ୍ତି।


ଜଣେ କାରିଗର ବାଉଁଶ ସାମଗ୍ରୀ ତିଆରି କରୁଛନ୍ତି।

**୬ଟି କ୍ଲଷ୍ଟରରେ ସାଧାରଣ ସୁବିଧା କେନ୍ଦ୍ର**
- ଆରମ୍ଭ ହେବ ବାମ୍ବୋ ବଜାର, ରୁରାଲ ହାଟ
- ପ୍ରଶିକ୍ଷଣ ପରେ ବୃଦ୍ଧି ପାଉଛି ଆତ୍ମବିଶ୍ୱାସ

## ରାଜ୍ୟର ୬ଟି କ୍ଲଷ୍ଟରରେ ସୁବିଧା କେନ୍ଦ୍ର

ଓଡ଼ିଶାର ୬ଟି କ୍ଲଷ୍ଟରରେ ବର୍ତ୍ତମାନ ସୁବିଧା କେନ୍ଦ୍ର (ସିଏଫ୍‌ସିଏସ୍) ନିର୍ମାଣ ଚାଲିଛି। ଏହା ହେବା ଦ୍ୱାରା ବୁଣାକାରମାନେ ବୈଷୟିକ ସହାୟତା ସହ ଅଧିକ ଅର୍ଥ ଉପାର୍ଜନ କରିବାର ବାଟ ପାଇପାରିବେ। ସୁବର୍ଣ୍ଣପୁର ଜିଲାର ବିନିକା କ୍ଲଷ୍ଟର, ବରଗଡ଼ ଜିଲା ପଦମପୁର କ୍ଲଷ୍ଟରର ବ୍ରହ୍ମାନିଧି ଓ ବରଗାଁ, ମୟୂରଭଞ୍ଜ ଜିଲା ରାଇରଙ୍ଗପୁର କ୍ଲଷ୍ଟରରେ ଇଚିଣ୍ଡା, ଢେଙ୍କାନାଳ ହିଣ୍ଡୋଳ କ୍ଲଷ୍ଟରର ଦୁଦୁରକୋଟ ଏବଂ ଯାଜପୁର ଜିଲା ଗୋପାଳପୁର କ୍ଲଷ୍ଟରରେ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଚାଲିଛି। ଏହି କେନ୍ଦ୍ରଗୁଡ଼ିକ ସହ ଜାତୀୟସ୍ତରର ଡିଜାଇନରଙ୍କୁ ଆସୋସିଏଟ୍ କରାଯିବ, ଯାହାଦ୍ୱାରା ଦକ୍ଷତା ଓ ଡିଜାଇନର ବିକାଶ ହୋଇପାରିବ। ଆଗାମୀ ଦିନରେ ଅନ୍ୟ ସବୁ ଜିଲାର କ୍ଲଷ୍ଟରରେ ସାଧାରଣ ସୁବିଧା କେନ୍ଦ୍ର ନିର୍ମାଣ ହେବାର ଯୋଜନା ରହିଛି।

## ଆରମ୍ଭ ହେବ ବାମ୍ବୋ ବଜାର, ରୁରାଲ୍ ହାଟ

କେବଳ ବାଉଁଶ ଶିଳ୍ପକୁ ପ୍ରୋତ୍ସାହନ କରିବା ଉଦ୍ଦେଶ୍ୟରେ ବାମ୍ବୋ ବଜାର ଆରମ୍ଭ ହେବ। ସେଠାରେ ସ୍ଥାନୀୟ କଳାକାରଙ୍କ ନିର୍ମିତ ସାମଗ୍ରୀ ଉପଲବ୍ଧ ହେବ। ସେହିପରି ରୁରାଲ ହାଟ ଖୋଲାଯିବ। ଅନ୍ୟପଟେ ଖୁବ୍‌ଶୀଘ୍ର କେରଳ ଫରେଷ୍ଟ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ (କେଏଫ୍‌ଆର୍‌ଆଇ)ରେ ୧୧ଜଣ ଅଧିକାରୀଙ୍କୁ ନେଇ ୫ଦିନିଆ କର୍ମଶାଳା ହେବ ବୋଲି ସୂଚନା ମିଳିଛି।

## ପ୍ରଶିକ୍ଷଣରୁ ବଢ଼ୁଛି ଶିଳ୍ପର ଚାହିଦା

ବାଉଁଶ ଶିଳ୍ପକୁ ନେଇ କ'ଣ କରାଯାଇପାରିବ। ବଜାର ହାଲଚାଲ, ଉଚିତ ଦର, ବୈଷୟିକ ଜ୍ଞାନ ଓ ନୂଆ ନୂଆ ଡିଜାଇନ ସହିତ ପରିଚିତ ହେଉଛନ୍ତି କାରିଗର। କହିବାକୁ ଗଲେ ତାଲିମ ପାଇବା ପରେ ଶିଳ୍ପକୁ ନେଇ ସେମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇଛି। ମାର୍ଚ୍ଚ ୨୪ରେ ବେଙ୍ଗାଲୁରୁଠାରେ ଆୟୋଜିତ ହୋଇଥିବା ୧୨ଦିନିଆ କର୍ମଶାଳାରେ ଦୁଇ ଅଧିକାରୀଙ୍କ ସହ ୨୪ କାରିଗର ଯୋଗଦେଇଥିଲେ। ସେହିପରି ଅନ୍ୟ ୨୪ କାରିଗରଙ୍କୁ ନେଇ ଦୁଇ ଅଧିକାରୀ ଅଗରତାଲା ଯାତ୍ରା କରି ପ୍ରଶିକ୍ଷଣ ବ୍ୟବସ୍ଥା କରାଇଥିଲେ। ସେହିପରି ଭୁବନେଶ୍ୱରରେ ମାର୍ଚ୍ଚ ୩ରେ ଦିନିକିଆ କର୍ମଶାଳା ଆୟୋଜନ କରାଯାଇଥିଲା।



### ତାଲିମପ୍ରାପ୍ତ କାରିଗର କହନ୍ତି...

"ବାଉଁଶରୁ ଜିନିଷଟିଏ ତିଆରି କରିବାକୁ ବହୁତ ସମୟ ଲାଗେ। ପ୍ରଥମେ ବାଉଁଶ ତିଆରି ସାମଗ୍ରୀକୁ ସ୍ଥାନୀୟ ଦର ହିସାବରେ ବିକ୍ରି କରୁଥିଲୁ। ତେବେ ପ୍ରଶିକ୍ଷଣ ପରେ ବୈଷୟିକ ଜ୍ଞାନରେ ଅନେକ ପରିବର୍ତ୍ତନ ଆସିଛି। ଗୋଟିଏ ଦିନରେ କିଭଳି ଅଧିକ ଉତ୍ପାଦ ହୋଇ ପାରିବ ତାହା ଶିଖିବାକୁ ମିଳୁଛି। ନୂଆ ନୂଆ ଡିଜାଇନ ସହ ପରିଚିତ ହେଉଛୁ ଓ ଯନ୍ତ୍ରପାତିର ବ୍ୟବହାର କିଭଳି ହୋଇପାରୁଛି ତାହା ଜାଣିପାରିଛୁ। କେବଳ ମୁଁ ନୁହେଁ ଆମ କ୍ଲଷ୍ଟରରେ ବର୍ତ୍ତମାନ ଅନେକେ ଏହି ଶିଳ୍ପରେ ମନୋନିବେଶ କରିବାକୁ ଆଗଭର ହୋଇପଡ଼ିଛନ୍ତି।

**- ଜୀବନରାମ ମହାନ୍ତ, ବାଉଁଶ କାରିଗର, ମୟୂରଭଞ୍ଜ**

"କୌଣସି ଜିନିଷରେ ପ୍ରଶିକ୍ଷଣ ପାଇବା ପରେ ହିଁ ସେହି କାମ ପ୍ରତି ରୁଚି ଅଧିକ ବଢ଼ିଥାଏ। ନୂଆ ଜ୍ଞାନ କୌଶଳ ସହ ମୁଁ ପରିଚିତ ହେଲା ପରେ ମୋ ସମ୍ପ୍ରଦାୟର ଅନେକ କାରିଗରଙ୍କୁ ଶିଖାଇପାରୁଛି। କେନ୍ଦ୍ର ଖୋଲିବା ପରେ ସେଠାରେ କିପରି ଅଧିକରୁ ଅଧିକ ଉତ୍ପାଦ ହୋଇପାରିବ ସେଥିପ୍ରତି ଧ୍ୟାନ ଦେଇହେବ। ସେହିପରି ଅଧିକ ତାଲିମ ବା ଶିକ୍ଷା ପାଇଁ ଆଉ ଦୂରକୁ ଯିବାରୁ ପଡ଼ିବନି।

**- ବିଜୟ ସେନାପତି, ବାଉଁଶ କାରିଗର, ଢେଙ୍କାନାଳ**

# ରାଜଧାନୀର ୩ଶହ ସ୍ଥାନରେ ଜଳଛତ୍ର ଖୋଲିବ ବିଏମ୍‌ସି

**ସମସ୍ତ ଡ୍ରେନ ସଫା କରିବାକୁ ନିର୍ଦ୍ଦେଶ**

**ଭୁବନେଶ୍ୱର, ୨୦।୪ (ବ୍ୟୁରୋ)**

ପ୍ରବଳ ଖରାକୁ ଦୃଷ୍ଟିରେ ରଖି ବିଏମ୍‌ସି ପକ୍ଷରୁ ଜନସାଧାରଣଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା କରାଯାଉଛି। ଏହି କ୍ରମରେ ଶୁକ୍ରବାରଠାରୁ ମହାନଗର ନିଗମର ସମସ୍ତ ୱାର୍ଡରେ ଜଳଛତ୍ର ଖୋଲିବା ନେଇ ପ୍ରସ୍ତୁତି ଆରମ୍ଭ ହେବ। ଗୁରୁବାର ବିଏମ୍‌ସି ମୁଖ୍ୟାଳୟରେ ପବ୍ଲିକ୍ ହେଲ୍ଥ, ପରିମଳ ଷ୍ଟାଣ୍ଡିଂ କମିଟି ବୈଠକ ଅନୁଷ୍ଠିତ ହୋଇଥିବାବେଳେ ଏନେଇ ନିଷ୍ପତ୍ତି ହୋଇଛି। ଏଥିପାଇଁ ସମସ୍ତ କର୍ପୋରେଟରଙ୍କୁ ୩ଟି ଲେଖାଏ ମାଠିଆ ପ୍ରଦାନ କରାଯିବ। ଏହାବାଦ୍ ବିଭିନ୍ନ ଅଟୋ ଆସୋସିଏଶନ୍, ଏସ୍‌ଏଚ୍‌ଜି, ସ୍ୱେଚ୍ଛାସେବୀ ସଙ୍ଗଠନ ଆଦିକୁ ମାଠିଆ ପ୍ରଦାନ କରାଯିବ। ସହରର ପ୍ରାୟ ୩ଶହ ସ୍ଥାନରେ ବିଏମ୍‌ସି ପକ୍ଷରୁ ଜଳଛତ୍ର ଖୋଲିବ। ସକାଳୁ ଜଳଛତ୍ର ଖୋଲିବା ସହ ସେଥିରେ ପର୍ଯ୍ୟାପ୍ତ ପାଣି ରଖାଯିବ। ସ୍ୱେଚ୍ଛାସେବୀମାନେ ରହି ଲୋକଙ୍କୁ ପାଣି ବଣ୍ଟନ କରିବେ ବୋଲି ସୂଚନା ଦିଆଯାଇଛି। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ ବିରଞ୍ଚି ନାରାୟଣ ମହାସୁପକାର, ଅତିରିକ୍ତ କମିଶନର (ପରିମଳ) ଶୁଭେନ୍ଦୁ ସାହୁ, ଡେପୁଟି କମିଶନର (ପରିମଳ) ମନୋରଞ୍ଜନ ସାହୁ, କର୍ପୋରେସନ ଡେପୁଟି କମିଶନର ସପନ ନନ୍ଦ, ସିଏଚ୍‌ଓ, ଏନ୍‌ୟୁଏଚ୍‌ଏମ୍ ନିର୍ଦ୍ଦେଶକଙ୍କ ସମେତ ବିଦ୍ୟୁତ୍, ୱାଟର ସପ୍ଲାଏ, ଡ୍ରେନେଜ୍ ଆଦି ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ଗୁରୁବାରଠାରୁ ବିଏମ୍‌ସି ପକ୍ଷରୁ ବୁଲା ଜୀବଜନ୍ତୁଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା ଆରମ୍ଭ ହୋଇଛି। ଖଣ୍ଡଗିରି ଏବଂ ଅନ୍ୟାନ୍ୟ ଛକ ସ୍ଥାନଗୁଡିକରେ ସେମାନଙ୍କ ପାଇଁ ପାଣିକୁଣ୍ଡ ରଖାଯାଇଛି।

ଅପରପକ୍ଷେ ବୈଠକରେ ବର୍ଷାଦିନ ପୂର୍ବରୁ ସମସ୍ତ ଡ୍ରେନ୍ ସଫା କରିବା ନେଇ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ସହରରେ ଥିବା ୧୦ଟି ମୁଖ୍ୟ ଡ୍ରେନର ସଫେଇ ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବାବେଳେ ଖୁବ୍‌ଶୀଘ୍ର ଏହାକୁ ଖୋଲାଯିବ। ସେହିପରି ଅନ୍ୟ ଛୋଟ ଛୋଟ ଡ୍ରେନ୍‌ଗୁଡିକୁ ସଫା କରିବା ପାଇଁ ବିଭିନ୍ନ ସଫେଇ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ମେ ୫ ତାରିଖ ପୂର୍ବରୁ ଏହା କାର୍ଯ୍ୟକାରୀ ନ ହେଲେ ଏଜେନ୍ସି ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦିଆଯାଇଛି। ସେହିପରି ସହରର ୩ଟି ଜୋନ୍‌ରେ ଲାଇଟ୍ ଲଗାଯିବା ନେଇ ପ୍ରାୟ ୬/୭ କୋଟି ଟଙ୍କାର ଟେଣ୍ଡର ଡକା ସରିଛି। ଯେଉଁ ସ୍ଥାନଗୁଡିକରେ ଲାଇଟ୍ ନାହିଁ ବା ଜଳୁନାହିଁ ସେଠାରେ ସ୍ଥିତିକୁ ଦେଖି ହାଇମାଷ୍ଟ କିମ୍ବା ଅନ୍ୟ ଲାଇଟ୍ ଲଗାଯିବ। ରାଜଧାନୀବାସୀଙ୍କ ସୁବିଧା ପାଇଁ ବିଏମ୍‌ସି ପକ୍ଷରୁ ଚେଷ୍ଟା କରାଯାଉଥିବା କୁହାଯାଇଛି।

# ଶ୍ରୀ ସାଇନାଥ ମନ୍ଦିରର ବାର୍ଷିକ ଉତ୍ସବ

**ବାଲିଅନ୍ତା,୨୦।୪(ଡି.ଏନ୍.ଏ.):** ରାଜଧାନୀ ଉପକଣ୍ଠ ହାଇଟେକ ଛକସ୍ଥିତ ଶ୍ରୀ ସାଇନାଥ ମନ୍ଦିରର ୯ମ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାଇବାବାଙ୍କ ବିଗ୍ରହକୁ ନୀତିକାନ୍ତି ଅନୁଯାୟୀ ସ୍ନାନ କରାଯାଇଥିଲା। ପରେ ଆଳତି, ହୋମଯଜ୍ଞ, ଘଟପୂଜା, ମାତୃପୂଜା, ସୂର୍ଯ୍ୟପୂଜା, ଅଭିଷେକ, ମଧ୍ୟାହ୍ନ ଆଳତୀ, ସନ୍ଧ୍ୟା ଆଳତି ପରେ ରାତି ୧୦ଟା ସମୟରେ ଶେଯ ଆଳତି ନୀତି ସମ୍ପନ୍ନ ହୋଇଥିଲା। ଏହି ଉପଲକ୍ଷେ 'ସଙ୍ଗୀତ ରାଗିଣୀ' ଭଜନ ସନ୍ଧ୍ୟା କଳାକାରଙ୍କ ଦ୍ୱାରା ସାଇ ଭଜନ ପରିବେଷଣ କରାଯାଇଥିଲା। ଏହି ଅବସରରେ ସକାଳ ୫ଟାଠାରୁ ରାତି ୧୦ଟା ପର୍ଯ୍ୟନ୍ତ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ସନ୍ଧ୍ୟାରେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ସ୍ଥାନୀୟ କର୍ପୋରେଟର ବିପ୍ଳବ ବେହେରାଙ୍କ ସମେତ ବହୁ ଲୋକପ୍ରତିନିଧି ବାବାଙ୍କ ଦର୍ଶନ କରିଥିଲେ।






# ଅଲେଖ ନନ୍ଦୀଙ୍କ କବିତା ପୁସ୍ତକ 'ପ୍ରଦ୍ୟୋତିକା' ଉନ୍ମୋଚିତ

**ଭୁବନେଶ୍ୱର,୨୦।୪(ବ୍ୟୁରୋ)**

ଅବସରପ୍ରାପ୍ତ ବ୍ୟାଙ୍କ ପ୍ରଶାସକ ତଥା ସାହିତ୍ୟିକ ଅଲେଖ ନନ୍ଦୀଙ୍କ କବିତା ପୁସ୍ତକ 'ପ୍ରଦ୍ୟୋତିକା' ଗୁରୁବାର ପୁରୁଣା ଭୁବନେଶରର ଶ୍ରୀରାମ ନଗରସ୍ଥିତ ଏଥେନା ପ୍ରକାଶନୀ ସଂସ୍ଥା ପରିସରରେ ଉନ୍ମୋଚିତ ହୋଇଯାଇଛି। ଏହି ଉତ୍ସବରେ ଲେଖକ ସତ୍ୟନାରାୟଣ ମହାପାତ୍ର ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଓଡ଼ିଆ ଭାଷା ପ୍ରତିଷ୍ଠାନର ସଂଯୋଜକ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର, ବିଶ୍ୱଭାରତୀ ଶାନ୍ତି ନିକେତନର ପ୍ରଫେସର ଶରତ କୁମାର ଜେନା, ଲେଖକ ଜଗତ ଚନ୍ଦ୍ର ଦାସ, ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ଗବେଷକ ଦେବାଶିଷ ମହାପାତ୍ର ଏବଂ କେଦାରନାଥ ଗବେଷଣା ପ୍ରତିଷ୍ଠାନର ସମ୍ପାଦକ ଡ. ରମେଶ ଚନ୍ଦ୍ର ପାଣି ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଏହି ଏକପଦୀ କବିତା ସଙ୍କଳନର ଆଲୋଚନା କରିବା ସହ ଓଡ଼ିଆ କବିତାରେ ଛନ୍ଦର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ନମିତା ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ଗାଳ୍ପିକ ମାୟାଧର ସାହୁ ଗଳ୍ପ ପାଠ କରିଥିଲେ। ପ୍ରକାଶକ ରାଜ କିଶୋର ଦାସ ଧନ୍ୟବାଦ ଦେଇଥିଲେ।



ଅତିଥିମାନେ କବିତା ପୁସ୍ତକ 'ପ୍ରଦ୍ୟୋତିକା' ଉନ୍ମୋଚନ କରୁଛନ୍ତି।

# ଆଜି ପାଳନ ହେବ ଲୋକସେବା ଦିବସ

**ଭୁବନେଶ୍ୱର, ୨୦।୪(ବ୍ୟୁରୋ):** ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ ପକ୍ଷରୁ ଶୁକ୍ରବାର ରାଜ୍ୟସ୍ତରୀୟ ଲୋକ ସେବା ଦିବସ-୨୦୨୩ ପାଳନ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକସେବା ଭବନସ୍ଥିତ କନଭେନସନ୍ ସେଣ୍ଟର ଠାରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ପ୍ରଶାସନିକ ଅଧିକାରୀଙ୍କ ସମାବେଶକୁ ସମ୍ବୋଧିତ କରିବାକୁ ସମ୍ମତି ପ୍ରଦାନ କରିଛନ୍ତି। ଲୋକସେବା ଦିବସ ନାଗରିକମାନଙ୍କ ଉଦ୍ଦେଶ୍ୟରେ ନିଜକୁ ପୁନଃ ସମର୍ପିତ କରିବା ଏବଂ ଜନସେବା କାର୍ଯ୍ୟରେ ଶ୍ରେଷ୍ଠତା ପ୍ରତି ସେମାନଙ୍କ ପ୍ରତିବଦ୍ଧତାକୁ ନବୀକରଣ କରିବାର ଏକ ଅବସର ଭାବରେ ପାଳନ କରାଯାଏ। ସ୍ୱାଧୀନ ଭାରତର ପ୍ରଥମ ସ୍ୱରାଷ୍ଟ୍ର ମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ୧୯୪୭ରେ ଦିଲ୍ଲୀର ମେଟକାଫ ହାଉସରେ ଭାରତୀୟ ପ୍ରଶାସନିକ ସେବାର ଯୁବ ପ୍ରୋବେଶନରମାନଙ୍କୁ ଏହି ଦିବସରେ ସମ୍ବୋଧିତ କରିଛନ୍ତି। ସେମାନଙ୍କୁ ପ୍ରକୃତ ସେବା ଭାବନାକୁ ଗ୍ରହଣ କରିବା ପାଇଁ ମାର୍ଗଦର୍ଶନ କରିଛନ୍ତି। ସେହିଦିନକୁ ସ୍ମରଣୀୟ କରିବା ପାଇଁ ପ୍ରତିବର୍ଷ ଏହି ଦିନରେ ଲୋକସେବା ଦିବସ ପାଳନ କରାଯାଉଛି। ଗତ କିଛି ବର୍ଷ ମଧ୍ୟରେ ଓଡ଼ିଶାରେ ଶାସନ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପାନ୍ତରିତ ହୋଇଛି।

# ସଡ଼କ ଦୁର୍ଘଟଣାରେ ଜଣେ ମୃତ

**ନିରାକାରପୁର, ୨୦।୪(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଞ୍ଚଳରେ ଗୁରୁବାର ଏକ ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ବେଳେ ଆଉ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ରାମେଶ୍ୱର ପଞ୍ଚାୟତ ପଦ୍ମପୁର ଗ୍ରାମର ବିଶ୍ୱମ୍ଭର ସ୍ୱାଇଁ ଓରଫ ବିଶୁନି। ଆହତ ଖଜୁରିପଡ଼ା ଗ୍ରାମର ଗୋବିନ୍ଦ ବଳିୟାରସିଂହ ଓରଫ ବୁଲୁ ଭୁବନେଶ୍ୱରସ୍ଥିତ ଏମ୍‌ସ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

# ୨୨ ଭାଜପା ଯୁବମୋର୍ଚ୍ଚା ନେତାଙ୍କୁ ହାଇକୋର୍ଟରୁ ଜାମିନ ମିଳିଲା

**ଭୁବନେଶ୍ୱର ବିକ୍ଷୋଭ ବେଳେ ପୋଲିସ ସହ ଧସ୍ତାଧସ୍ତି ମାମଲା**

**କଟକ ଅଫିସ,୨୦।୪**

ଦେଢ଼ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଜେଲ୍‌ରେ ଥିବା ୨୨ ଜଣ ଭାଜପା ଯୁବମୋର୍ଚ୍ଚା ନେତାଙ୍କୁ ହାଇକୋର୍ଟ ଗୁରୁବାର ଜାମିନ ପ୍ରଦାନ କରିଛନ୍ତି। ଭୁବନେଶ୍ୱରରେ ବିକ୍ଷୋଭ କରିବାବେଳେ ପୋଲିସ ସହ ଧସ୍ତାଧସ୍ତି ହୋଇ ଯୁବମୋର୍ଚ୍ଚା ନେତାମାନେ ଗିରଫ ହୋଇଥିଲେ। ବିଚାରପତି ସଙ୍ଗମ କୁମାର ସାହୁ ଏମାନଙ୍କ ଆବେଦନ ଉପରେ ଶୁଣାଣି କରି ଜାମିନ ପ୍ରଦାନ କରିଛନ୍ତି।

ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତି ପ୍ରତିବାଦରେ ଗତ ଫେବୃୟାରୀ ୨୮ରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବିଧାନସଭା ଘେରାଉବେଳେ ହିଂସାକାଣ୍ଡ ଘଟିଥିଲା। ଭାଜପା କାର୍ଯ୍ୟାଳୟଠାରୁ ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟଙ୍କ ନେତୃତ୍ୱରେ କର୍ମୀମାନେ ବିଧାନସଭା ଆଡ଼କୁ ଯାଉଥିବାବେଳେ ପୋଲିସ ସେମାନଙ୍କୁ ଲୋୟର ପିଏମ୍‌ଜିଠାରେ ଅଟକାଇଥିଲା। ହେଲେ ଭାଜପା କର୍ମୀମାନେ ପୋଲିସ ଉପରକୁ ଢେଲା ଓ ଅଣ୍ଡାମାଡ଼ କରିଥିଲେ। ଏଥିରେ ୨୧ ଜଣ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ଏହି ଘଟଣାରେ ଇରାଶିଷଙ୍କ ସମେତ ୨୨ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ସେହିଦିନଠାରୁ ସେମାନେ ଜେଲ୍‌ରେ ଥିଲେ। ଅପରପକ୍ଷରେ ଭାଜପା କର୍ମୀଙ୍କୁ ପୋଲିସର ବର୍ବର ଅତ୍ୟାଚାର ସହ ଲାଠିମାଡ଼ କରିବା ଅଭିଯୋଗରେ ପୋଲିସରେ ପାଲଟା ଅଭିଯୋଗ କରାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ମାମଲା ପରିଚାଳନା କରୁଥିଲେ।

# 'କର୍ମ, ଦାୟିତ୍ୱବୋଧ ସହ ଜୀବନକୁ ଉପଭୋଗ କର'



ପୁରସ୍କାର ବିତରଣ ଉତ୍ସବରେ ଅତିଥିଙ୍କ ଗହଣରେ ପୁରସ୍କୃତ କୃତୀ ପ୍ରତିଯୋଗୀ ଓ ଅନ୍ୟମାନେ।

**ବିଜେଇଏମ୍ ସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ**

**ଭୁବନେଶ୍ୱର,୨୦।୪(ବ୍ୟୁରୋ)**

ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ବର୍ଷର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ୨ଦିନ ଧରି ଆୟୋଜିତ ଏହି ଉତ୍ସବର ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ସୂଚନା ଓ ଲୋକସମ୍ପର୍କ ବିଭାଗର ପୂର୍ବତନ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ଯୋଗଦେଇ ଜୀବନକୁ କର୍ମ ଓ ଦାୟିତ୍ୱବୋଧ ମଧ୍ୟରେ ଉପଭୋଗ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରଘୁନାଥ ମିଶ୍ର ଯୋଗଦେଇ ପିଲାଙ୍କର ସର୍ବାଙ୍ଗୀନ ଉନ୍ନତି ହିଁ ଶିକ୍ଷାର ପରିପ୍ରକାଶ ବୋଲି କହିଥିଲେ। ବିଦ୍ୟାଳୟର ପରିଚାଳକ ପ୍ରତାପ କୁମାର ଜେନା ପିଲାଙ୍କର ମାନସିକ, ବୌଦ୍ଧିକ ଓ ଆତ୍ମିକ ବିକାଶ ନିମନ୍ତେ ଆନୁସଙ୍ଗିକ ଶିକ୍ଷାର ଆବଶ୍ୟକତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଉପପରିଚାଳକ ସଂଗ୍ରାମ କେଶରୀ ନାୟକ, ଉପସଭାପତି ଡ. ଅଶ୍ୱିନୀ କୁମାର ତିୱାରୀ ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ସନ୍ଧ୍ୟା ଜେନା ସ୍ୱାଗତ ଭାଷଣ ଓ ଉପାଧ୍ୟକ୍ଷା ପଲ୍ଲବୀ ମହାପାତ୍ର ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ୨୦୨୧-୨୨ ଓ ୨୦୨୨-୨୩ ବର୍ଷର ଶୈକ୍ଷିକ ଓ ଅନ୍ୟାନ୍ୟ କ୍ଷେତ୍ରରେ ଦକ୍ଷତା ଅର୍ଜନ କରିଥିବା ୧୪୦ରୁ ଊର୍ଦ୍ଧ୍ୱ ପିଲାଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୱେଷା ବିଶ୍ୱାଳଙ୍କୁ 'ବିଜେଇଏମ୍ ବ୍ଲୁ', ଆରାଧ୍ୟା ବଡ଼ଜେନା, ଅକ୍ଷତ ରାଉତରାୟ, ପ୍ରତ୍ୟୁଷ କୁମାର ହୋତାଙ୍କୁ ଓ' ଲିଟିଲଉଡ୍ ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିଲା।


DADLS - 09



ଓଡ଼ିଶା ସରକାର

**ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ**
**ଡଃ. ସଦାଶିବ ତ୍ରିପାଠୀଙ୍କ**
**ରାଜ୍ୟସ୍ତରୀୟ ଜୟନ୍ତୀ**
**୨୧ ଅପ୍ରେଲ, ୨୦୨୩**

ସକାଳ ୮ ଘଟିକା ସମୟରେ କ୍ୟାପିଟାଲ ହସ୍ପିଟାଲ ଛକ, ଭୁବନେଶ୍ୱରସ୍ଥିତ ଡଃ. ସଦାଶିବ ତ୍ରିପାଠୀଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର

ମୁଖ୍ୟ ଅତିଥି - ଶ୍ରୀଯୁକ୍ତ ମୁନ୍ନା ଖାଁ, ମାନ୍ୟବର ସାଂସଦ, ରାଜ୍ୟସଭା
ବିଶିଷ୍ଟ ଅତିଥି - ଶ୍ରୀଯୁକ୍ତ ପ୍ରଦୀପ ମାଝୀ, ଉପଦେଷ୍ଟା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ
ସମ୍ମାନନୀୟ ଅତିଥି - ଅବିଭକ୍ତ କୋରାପୁଟ ଜିଲ୍ଲାର ମାନ୍ୟବର ସାଂସଦ ଓ ବିଧାୟକ ବୃନ୍ଦ
- କସ୍ତୁରୀ ମହାପାତ୍ର, ସଂପାଦିକା, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ
ମୁଖ୍ୟବକ୍ତା - ଶ୍ରୀଯୁକ୍ତ ଶୁଭେନ୍ଦୁ ମହାନ୍ତି, ପ୍ରାଧ୍ୟାପକ, ଅର୍ଥନୀତି ବିଭାଗ, ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ଖୋର୍ଦ୍ଧା

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ପରିଷଦ, ଭୁବନେଶ୍ୱରର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ବିନମ୍ର ଅନୁରୋଧ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0027/2324




୨୦।୪।୨୦୨୩

| | |
|---|---|
| ୨,୬୪,୯୨୮ ଟଙ୍କା | |
| ସୁନା | ୨.୨୦୦ ଗ୍ରାମ୍ |
| ରୁପା | ୩୧.୧୦୦ ଗ୍ରାମ୍ |

# ପରସ୍ପର ସମନ୍ୱୟ ରଖି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ

■ ଚନ୍ଦନ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ
■ ରଥଖଳା, ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଦେଖିଲେ ଜିଲାପାଳ

ପୁରୀ ଅଫିସ,୨୦।୪


ଚନ୍ଦନଯାତ୍ରା ପ୍ରସ୍ତୁତି ପାଇଁ ଶ୍ରୀମନ୍ଦିର କାର୍ଯ୍ୟାଳୟ ରେ ଅନୁଷ୍ଠିତ ବୈଠକ ।

ଅକ୍ଷୟ ତୃତୀୟାରୁ ଆରମ୍ଭ ହେବ ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା । ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଚଳନ୍ତିପ୍ରତିମା ଶ୍ରୀମଦନମୋହନ, ରାମକୃଷ୍ଣ, ଶ୍ରୀଦେବୀ, ଭୂଦେବୀ ଏବଂ ପଞ୍ଚ ମହାଦେବ ଚାପ ଖେଳିବେ। ଏହାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ଗୁରୁବାର ସନ୍ଧ୍ୟାରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମାଙ୍କ ଅଧକ୍ଷତାରେ ବୈଠକ ହୋଇଥିଲା । ରାସ୍ତା ମରାମତି, ନିରବଚ୍ଛିନ୍ନ ବିଦ୍ୟୁତ୍ ବ୍ୟବସ୍ଥା, ଠାକୁରଙ୍କ ଯିବାଆସିବା ରାସ୍ତା ଅବରୋଧ ନ ହେବା, ରାସ୍ତା ଆଲୋକୀକରଣ, ନରେନ୍ଦ୍ର ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ ଓ ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ଠିକ୍ ଭାବେ ପରିଚାଳନା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ମହାଜନ, ବିମାନବଡୁ, ମନ୍ଦିର କମାଣ୍ଡର ଓ ବିଭିନ୍ନ ନିର୍ମାଣକାରୀ ସଂସ୍ଥା ପରସ୍ପର ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଚନ୍ଦନଯାତ୍ରାରେ ଯେପରି ଅସୁବିଧା ନ ହୁଏ, ସେଥିପ୍ରତି ସତର୍କ ରହିବାକୁ କହିଥିଲେ । ତେବେ ଐତିହ୍ୟ ପରିକ୍ରମା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଜାରି ରହିଥିବାରୁ ଅନେକ ସମୟରେ ମହାପ୍ରଭୁଙ୍କ ନୀତିକାନ୍ତିରେ ସମସ୍ୟା ଦେଖାଯାଉଛି। ଯାହାକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ତେଣୁ ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ସାରିବା ଆବଶ୍ୟକ ବୋଲି ବୈଠକରେ ମତ ରଖିଥିଲେ ସେବାୟତ। ନଚେତ୍ ମହାପ୍ରଭୁଙ୍କ ନୀତିକାନ୍ତି ଉପରେ ଏହାର ପ୍ରଭାବ ପଡ଼ିପାରେ ବୋଲି କହିଥିଲେ। ସେହିପରି ଚନ୍ଦନ ଯାତ୍ରା ସମୟରେ ଅଦିନିଆ ଝଡର ଆଶଙ୍କା ଥିବାରୁ ସେଥିପାଇଁ ଅଧିକ ସତର୍କତାର ସହ କାର୍ଯ୍ୟ କରିବା, କର୍ମଚାରୀ ନିୟୋଜନ କରିବାକୁ ପରାମର୍ଶ ଦିଆଯାଇଥିଲା । ରଥଖଳା ପ୍ରସ୍ତୁତି, ସୁରକ୍ଷା, ବ୍ୟାରିକେଡ ନିର୍ମାଣ, ରାସ୍ତା ଲେଭଲିଂ କରିବା ଇତ୍ୟାଦି ସମ୍ବନ୍ଧରେ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା । ବୈଠକରେ ଏସ୍‌ପି ଡା.କନୱର ବିଶାଲ ସିଂ, ଅତିରିକ୍ତ ଜିଲାପାଳ ପ୍ରଶାସନ ପ୍ରଦୀପ ସାହୁ, ଅତିରିକ୍ତ ଜିଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ ଜେନା, ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ଉପଜିଲାପାଳ ଭବତାରଣ ସାହୁ, ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ, ବରିଷ୍ଠ ସେବାୟତ, ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ବୈଠକ ସରିବା ପରେ ଜିଲାପାଳ ରଥଖଳା, ଐତିହ୍ୟ ପରିକ୍ରମା ପ୍ରକଳ୍ପ ନିର୍ମାଣ କାର୍ଯ୍ୟର ଅନୁଧ୍ୟାନ କରିବା ସହ ଟାଟା ଓ ଓବିସିସି ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

# ନରେନ୍ଦ୍ର ଚକଡ଼ା ସ୍ଥିତି ଅନୁଧ୍ୟାନ କଲେ ଏସ୍‌ପି

ପୁରୀ ଅଫିସ,୨୦।୪

ମହାପ୍ରଭୁଙ୍କ ଚନ୍ଦନଯାତ୍ରା ଚଳିତ ମାସ ୨୩ ତାରିଖଠାରୁ ଆରମ୍ଭ ହେବ। ଚନ୍ଦନ ଯାତ୍ରାରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ରାମକୃଷ୍ଣ, ମଦନମୋହନ, ଶ୍ରୀଦେବୀ, ଭୂଦେବୀଙ୍କ ସମେତ ପଞ୍ଚୁ ପାଣ୍ଡବ ନରେନ୍ଦ୍ର ପୁଷ୍କରିଣୀରେ ୨୧ ଦିନ ବ୍ୟାପୀ ନୌକାବିହାର ବା ଜଳକ୍ରୀଡା କରିବେ। ଏଥିପାଇଁ ଗତ ଚୈତ୍ର ପୂର୍ଣ୍ଣିମା ଦିନ ନନ୍ଦା, ଭଦ୍ରା ଚାପକୁ ଭୋଇ ସେବାୟତମାନେ ନରେନ୍ଦ୍ର ପୁଷ୍କରିଣୀରୁ ବାହାର କରିବା ପରେ ଗୁରୁବାରଠାରୁ ଚାପଡଙ୍ଗାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ମହାରଣା ଓ ଭୋଇ ସେବକଙ୍କ ଦ୍ୱାରା ନିର୍ମାଣ କାର୍ଯ୍ୟ ଜାରି ରହିଛି। ପ୍ରାଥମିକ ପର୍ଯ୍ୟାୟରେ ନନ୍ଦା ଓ ଭଦ୍ରା ଚାପରେ ପଟା ବାଡିଆ ଚାଲିଛି। ଅପରପକ୍ଷ ଏଥିଲାଗି ଶ୍ରୀମନ୍ଦିର ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏ ନେଇ ଏସପି ଡ. କନୱର ବିଶାଳ ସିଂ ଗୁରୁବାର ନରେନ୍ଦ୍ର ପୁଷ୍କରିଣୀ ଯାଇ ସୁରକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି। ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଚନ୍ଦନ ଚାପ ଭକ୍ତମାନେ କିଭଳି ଶୃଙ୍ଖଳିତ ଭାବେ ଦର୍ଶନ କରିପାରିବେ ସେନେଇ ଏସ୍‌ପି ଅନୁଧ୍ୟାନ କରିଛନ୍ତି। ଚଳିତଥର ଚନ୍ଦନଯାତ୍ରାରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯିବ। ସୁରକ୍ଷା ଦାୟିତ୍ୱରେ ୮ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହେବା ସହ ୨ଜଣ ଅତିରିକ୍ତ ଏସପି, ୩ଜଣ ଡିଏସପି, ୭ ଇନ୍‌ସ୍ପେକ୍ଟରଙ୍କ ସହ ୨୫ ସବ ଇନ୍‌ସ୍ପେକ୍ଟର ଓ ଆସିଷ୍ଟାଣ୍ଟ ସବ୍ ଇନ୍‌ସ୍ପେକ୍ଟର ମୁତୟନ ରହିବେ ବୋଲି ପୋଲିସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।


ଏସପି ଡ. କନୱର ବିଶାଲ ସିଂ ଗୁରୁବାର ଚନ୍ଦନ ଚକଡାକୁ ଅନୁଧ୍ୟାନ କରୁଛନ୍ତି ।

## ସଂକ୍ଷେପରେ

### ୭୬ ଗ୍ରାମ ବ୍ରାଉନ ସୁଗାର ଜବତ, ଜଣେ ଗିରଫ

ପିପିଲି,୨୦।୪(ସ୍ୱ.ପ୍ର.)- ପିପିଲି ଥାନା ଅନ୍ତର୍ଗତ ଦାଣ୍ଡମୁକୁନ୍ଦପୁର ଲୋଟସ ମଣ୍ଡପ ନିକଟରେ ପୁରୀ ଜିଲା ଅବକାରୀ ବିଭାଗ ଚଢ଼ାଉ କରି ଜଣେ ବ୍ୟକ୍ତିଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାସୁଦେବପୁର ଗ୍ରାମର ଦାମୋଦର ଦାସ(୪୧)। ତାଙ୍କଠାରୁ ମୋଟ ୭୬ ଗ୍ରାମ ବ୍ରାଉନ ସୁଗାର ଜବତ ହୋଇଛି। ଏହାର ମୂଲ୍ୟ ୭ଲକ୍ଷ ୬୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ପୁରୀ ଜିଲା ମୋବାଇଲ ସ୍କ୍ୱାର୍ଡ ଉପନିରୀକ୍ଷକ ସିଦ୍ଧେଶ୍ୱର ମଲ୍ଲିକ କହିଛନ୍ତି। ଏନେଇ ୨୩/୨୩-୨୪ରେ ମାମଲା ରୁଜୁ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ପୁରୀ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ପୁରୀ ଜିଲା ଅବକାରୀ ବିଭାଗ ଅଧିକାରୀ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶରେ ଜିଲାର ବିଭିନ୍ନ ସ୍ଥାନରେ ବେଆଇନ ନିଶା କାରବାର ଉପରେ ଚଢ଼ାଉ ଜାରି ରହିଛି। ପିପିଲି ଦାଣ୍ଡମୁକୁନ୍ଦପୁରଠାରେ ନିଶା କାରବାର ଚାଲୁଥିବା ଅବକାରୀ ବିଭାଗ କୌଣସି ସୂତ୍ରରୁ ଖବରପାଇ ଗୁରୁବାର ସେଠାରେ ଚଢ଼ାଉ କରିଥିଲା। ଚଢ଼ାଉରେ ଏଏସ୍‌ଆଇ ସୁବାସ ଚନ୍ଦ୍ର ମହାପାତ୍ର, କର୍ମଚାରୀ ପ୍ରଦୀପ ପଣ୍ଡା, ଜଗନ୍ନାଥ ଦାସ, ଡଲିମଣି, ଦିପ୍ତି ରଞ୍ଜନ ଦାସ ପ୍ରମୁଖ ସାମିଲ ଥିଲେ।

### ଘରୁ ୩ ଲକ୍ଷ ଟଙ୍କାର ସୁନାଗହଣା ଲୁଟ

ନିମାପଡ଼ା,୨୦।୪(ଡି.ଏନ୍.ଏ.)- ଚାରିଛକ ଥାନା ଅନ୍ତର୍ଗତ ଆମ୍ଭୋର ଗ୍ରାମର ଜଣଙ୍କ ଘରୁ ଚୋରି ହୋଇଥିବା ନେଇ ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ୪୨/୨୩ରେ ଏକ ମାମଲା ରୁଜୁ କରିଛି। ଖବରପାଇ ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ, ଏସ୍‌ଆଇ କୃଷ୍ଣଚନ୍ଦ୍ର ପୃଷ୍ଟି, ଏଏସ୍‌ଆଇ ଶିଶିର ମହାନ୍ତି ଓ ପ୍ରକାଶ ମହାନ୍ତି ପ୍ରମୁଖ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ସୂଚନା ମୁତାବକ, ଆମ୍ଭୋର ଗ୍ରାମର କୃଷ୍ଣଚନ୍ଦ୍ର ଭୂୟାଁଙ୍କ ପରିବାର ବୁଧବାର ରାତିରେ ଖାଇପିଇ ଶୋଇଥିଲେ। ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ କୃଷ୍ଣଚନ୍ଦ୍ରଙ୍କ ଘରର ବାଡ଼ିପଟ ଲୁହା ଗ୍ରୀଲ ତାଡ଼ି ଭିତରକୁ ପଶିଥିଲେ। ତାଙ୍କ ସାନ ପୁଅ, ବୋହୂ ଘରେ ନ ଥିବାର ସୁଯୋଗ ନେଇ ତାଙ୍କ ରୁମ୍‌ର ତାଲା ଭାଙ୍ଗି ଲୁହା ଆଲମିରାର ତାଲା ଭାଙ୍ଗି ଗୋଟିଏ ସୁନା ହାର, ୨ଟି ସୁନା ମୁଦି, ୪ ପଟ ସୁନା ଚୁଡ଼ି, ଏକ ସୁନାଚେନ୍, ଲକେଟ୍, ଗୋଟିଏ ସାଇକେଲ, ନଗଦ ୧୦ ହଜାର ଟଙ୍କା ଲୁଟି ନେଇ ଖସି ପଳାଇଛନ୍ତି। ଚୋରି ଅଳଙ୍କାରର ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଗୃହକର୍ତ୍ତା କହିଛନ୍ତି।

### ଜାଗେଶ୍ୱରୀ କ୍ଲବର ବାର୍ଷିକ ଉତ୍ସବ

ଗୋପ,୨୦।୪(ଡି.ଏନ୍.ଏ.)- ଓଡ଼ିଆ ଘରର ସଂସ୍କୃତି, ପରମ୍ପରା, ଭାଇଚାରା ଧୀରେ ଧୀରେ ଦିଗହରା ହେବାରେ ଲାଗିଛି। ଏଥିପ୍ରତି ଆମକୁ ସଚେତନ ହେବାକୁ ପଡ଼ିବ। କାହିଁକି ନା ଆମେ ଜଗନ୍ନାଥ ସଂସ୍କୃତି ସହିତ ଜଡ଼ିତ। ତେଣୁ ଆମ ଓଡ଼ିଆ ସଂସ୍କୃତିକୁ ବଜାୟ ରଖିବାକୁ ହେଲେ ସଂସ୍କୃତି ବିଷୟରେ ଯୁବପିଢ଼ିଙ୍କୁ ଜଣାଇବାକୁ ହେବ ବୋଲି ମହଲପଡା ସରପଞ୍ଚ ଶିଶିର ରଞ୍ଜନ ନାୟକ କହିଛନ୍ତି। ବୁଧବାର ଗୋପ ବ୍ଲକ ଅନ୍ତର୍ଗତ ମହଲପଡା ପଞ୍ଚାୟତ ଅଧୀନ ଓରେଇ ଗ୍ରାମରେ ମା' ଜାଗେଶ୍ୱରୀ ଡ୍ରାମାଟିକ୍ କ୍ଲବର ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ସରପଞ୍ଚ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ଲୋକମାନଙ୍କୁ ଉପରୋକ୍ତ ସୂଚନା ଦେଇଥିଲେ। ବରିଷ୍ଠ ସାମ୍ବାଦିକ ଜଟାଧାରୀ ମାଝୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଗୋପ ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ, ସଂଯୁକ୍ତା ପଣ୍ଡା, ଲକ୍ଷ୍ମୀଧର ପଣ୍ଡା, ପ୍ରସନ୍ନ କୁମାର ପରିଡ଼ା, ଟୁକୁନି ବେହେରା ପ୍ରମୁଖ ଯୋଗଦେଇ ଓଡ଼ିଆ ଘରର ସଂସ୍କୃତି, ପରମ୍ପରା, ଭାଇଚାରା ସମ୍ପର୍କରେ ମତ ଦେବା ସହ ଏକତା ଦ୍ୱାରା ସବୁ ସମ୍ଭବ ବୋଲି କହିଥିଲେ। ଏହି ଅବସରରେ କ୍ଲବ ପକ୍ଷରୁ ନାଟକ ଅସ୍ଥି ଚଉରା ସତୀ ତୁଳସୀ ମନସ୍ଥ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ କ୍ଲବର ସତ୍ୟରଞ୍ଜନ ମାଝି, ସୋନୁ ବାରିକ, ସନ୍ତୋଷ ସ୍ୱାଇଁ, ବୁଲୁ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।


ବୈଶାଖ ଅମାବାସ୍ୟା ଅବସରରେ ଅମାବାସ୍ୟା ନାରାୟଣ ମହୋଦଧିରେ ଅମାବାସ୍ୟା ନୀତି ସମ୍ପନ୍ନ କରୁଛନ୍ତି ।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ

ନିରାକାରପୁର,୨୦।୪(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଞ୍ଚଳରେ ଗୁରୁବାର ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ବେଳେ ଆଉ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଏହି ଥାନା ଅଧୀନ ରାମେଶ୍ୱର ପଞ୍ଚାୟତ ପଦ୍ମପୁର ଗ୍ରାମର ବିଶ୍ୱମ୍ଭର ସ୍ୱାଇଁ ଓରଫ ବିଶୁନି। ଆହତ ଖଜୁରିପଡ଼ା ଗ୍ରାମର ଗୋବିନ୍ଦ ବଳିୟାରସିଂହ ଓରଫ ବୁଲୁ(୪୫) ଭୁବନେଶ୍ୱରସ୍ଥିତ ଏମ୍ସ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସୂଚନା ମୁତାବକ, ଗୁରୁବାର ଅପରାହ୍ନରେ ବିଶୁନି ଓ ବୁଲୁ ପଲସରରେ ରାମେଶ୍ୱର ଛକ ପଟୁ ନିଜ ଗ୍ରାମକୁ ଫେରୁଥିଲେ। ରାମେଶ୍ୱର ଓ ଖଜୁରିପଡା ମଧ୍ୟବର୍ତ୍ତି ଅଞ୍ଚଳରେ ଥିବା ଏକ ମାଛ ଗୋଦାମ ସମ୍ମୁଖ ଏକ ଗଛରେ ଭାରସାମ୍ୟ ହରାଇ ପିଟି ହୋଇଯାଇଥିଲେ।

# ଅନ୍ନପୂର୍ଣ୍ଣା ଥିଏଟର ହେବ ନବୀକରଣ

ପୁରୀ ଅଫିସ,୨୦।୪

ପୁରୀର ଅନ୍ନପୂର୍ଣ୍ଣା ଥିଏଟର ପୁରୀ ତଥା ଓଡ଼ିଶାର ପ୍ରାଚୀନ ରଙ୍ଗମଞ୍ଚ ମଧ୍ୟରେ ଅନ୍ୟତମ। ଅନେକ କଳାକାର ଏଠାରେ ସୃଷ୍ଟି ହେବା ସହ ରାଜ୍ୟ ସଂସ୍କୃତିକୁ ପ୍ରଚାର ପ୍ରସାର କରିବାରେ ସହାୟକ ହୋଇଥିଲା। ଅନେକ କଳାକାର ଏହି ଥିଏଟରରୁ ଶିଖି ଦେଶରେ ରାଜ୍ୟର ନାମ ରଖିଛନ୍ତି। ତେବେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ତେଣୁ ତାହାର ପୂର୍ବ ଗୌରବ ଫେରାଇ ଆଣିବାକୁ ପ୍ରଶାସନ ଉଦ୍ୟମ ଆରମ୍ଭ କରିଛି। ଏ ନେଇ ଜିଲାପାଳ ସମର୍ଥ ବର୍ମା ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚର ନବୀକରଣ ଓ ପୁନର୍ବିନ୍ୟାସ ପାଇଁ ସରକାରଙ୍କୁ ଅନୁରୋଧ କରିଥିଲେ। ଏହି ଅନୁରୋଧ ଆଧାରରେ ଅବଢ଼ା ଯୋଜନାରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚକୁ ସାମିଲ କରି ଏହାର ନବୀକରଣ ଓ ପୁନର୍ବିନ୍ୟାସ ପାଇଁ ପୂର୍ତ୍ତ ବିଭାଗର ସ୍ୱତନ୍ତ୍ର ସଚିବ ଓବିସିସିକୁ ପତ୍ର ଲେଖିଛନ୍ତି। ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚର ଏହି ନବୀକରଣ ପାଇଁ କଳାକାର ଓ କଳାପ୍ରେମୀମାନେ ଖୁସିବ୍ୟକ୍ତ କରିବା ସହ ସରକାର ଓ ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି।

# ରାସ୍ତାକାମକୁ ନେଇ ସେବାୟତ ଅସନ୍ତୋଷ, ନୀତି ବିଳମ୍ବ

ପୁରୀ ଅଫିସ,୨୦।୪

ଅମାବାସ୍ୟା ତିଥି ଅବସରରେ ଶ୍ରୀମନ୍ଦିରରେ ସାଗର ବିଜେ ନୀତି ସହ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ବିଳମ୍ବ ହୋଇଥିବା ପରିଲିକ୍ଷିତ ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ନୀତି ନିର୍ଘଣ୍ଟଠାରୁ ପ୍ରାୟ ୩ ଘଣ୍ଟା ନୀତି ବିଳମ୍ବ ହୋଇଥିଲା । ଯାହାକୁ ନେଇ ସେବାୟତ ଓ ଭକ୍ତଙ୍କ ମନରେ ପ୍ରବଳ ଅସନ୍ତୋଷ ଦେଖିବାକୁ ମିଳିଛି। ଗୁରୁବାର ମହାପ୍ରଭୁଙ୍କ ସକାଳ ଧୂପ ଦିନ ୧୧ଟା ୫୫ରେ ସମ୍ପନ୍ନ ହୋଇ ୧୨ଟା ୫ରେ ପାଣି ପଡିଥିଲା । ଏହାପରେ ଅମାବାସ୍ୟା ନାରାୟଣ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ପାଲିଙ୍କିକୁ ବିଜେ କରିଥାନ୍ତି। ମାତ୍ର ବିମାନବଡୁ ସେବକମାନେ ରାସ୍ତାକାମ ଚାଲିଥିବା ବେଳେ ମଇଳା ପାଣି ପଡ଼ିଥିବାରୁ ପାଲିଙ୍କି ନେବା ସମ୍ଭବପର ନଥିବା କହିଥିଲେ। ଫଳରେ ଠାକୁର ବିଜେ ହୋଇ ନଥିଲେ। ଏନେଇ ପ୍ରଶାସନକୁ ଜଣାଯିବା ପରେ ଠାକୁର ଯିବା ରାସ୍ତାରେ ବାଲି ପକାଯାଇ ରାସ୍ତା ପ୍ରସ୍ତୁତ କରାଯାଇଥିଲା। ପରେ ଠାକୁର ବିଜେ ହୋଇ ପାଲିଙ୍କିକୁ ବିଜେ କରିବା ସହ ନୀତି ପାଇଁ ସମୁଦ୍ରକୂଳକୁ ଯାଇଥିଲେ। ସମୟରେ ଠାକୁର ବିଜେ ନ ହୋଇପାରିବାରୁ ମହାପ୍ରଭୁଙ୍କ ଭୋଗ ମଣ୍ଡପ ବାହାରିବାରେ ବିଳମ୍ବ ହେବା ସହ ଭକ୍ତମାନେ ମହାପ୍ରସାଦ ପାଇ ନ ଥିଲେ। ଏ ନେଇ ଜଣେ ବିମାନବଡୁ ସେବକଙ୍କ କହିବା ଅନୁଯାୟୀ ଶ୍ରୀମନ୍ଦିର ଚାରିପାଖରେ ରାସ୍ତା କାର୍ଯ୍ୟ ଚାଲୁଥିବାରୁ ଅନେକ ସମୟରେ ଠାକୁରଙ୍କୁ ପାଲିଙ୍କି ବା ବିମାନରେ ନେବା ରେ ସମସ୍ୟା ଦେଖାଯାଉଛି।




# 'ସବୁ ବର୍ଗର ଡାକ୍ତରଙ୍କ ସ୍କେଲ ସମାନ ରହିବା ଉଚିତ'

ପୁରୀ ଅଫିସ,୨୦।୪


ଉତ୍ସବରେ ରାଜ୍ୟପାଳ ଓ ଅନ୍ୟ ଅତିଥିମାନେ ଛାତ୍ର ସଂଘର ମୁଖପତ୍ର ଉନ୍ମୋଚିତ କରୁଛନ୍ତି ।

ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, ପୁରୀ ଆନୁକୂଲ୍ୟରେ ଛାତ୍ର ସଂସଦର ୭୩ତମ ବାର୍ଷିକ ଉତ୍ସବ ଆୟୁଷସ୍ପର୍ଶ ଗୁରୁବାର ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି ଏକ ଡାକ୍ତର ଏକ ସ୍କେଲ ଉପରେ ଗୁରୁତ୍ୱାରୋପ କରି କହିଥିଲେ, ଏଲୋପାଥିକ, ହୋମିଓପାଥିକ ଓ ଆୟୁର୍ବେଦିକ ବର୍ଗର ସମସ୍ତ ଡାକ୍ତରଙ୍କ ସ୍କେଲ ସମାନ ରହିବା ଉଚିତ । ସମ୍ମାନିତ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଯୋଗଦେଇ କ୍ୟାମ୍ପସ ପରିସରର ଜଳ ନିଷ୍କାସନର ବ୍ୟବସ୍ଥାକୁ ତୁରନ୍ତ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାସହ ଚିରକାଳୀନ ରୋଗଗୁଡିକରେ ଆୟୁର୍ବେଦର ସଫଳତାକୁ ଗୁରୁତ୍ୱାରୋପ କରିଥିଲେ । ଅନ୍ୟତମ ଅତିଥି ଭାବେ ରାଜ୍ୟ ଆୟୁଷ ନିର୍ଦ୍ଦେଶକ କଲ୍ୟାଣ କୁମାର ରଥ ଯୋଗଦେଇ ଆୟୁର୍ବେଦର ଉନ୍ନତ ଭବିଷ୍ୟତ ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡା. ସୁଦର୍ଶନ ବେହେରା ଏବଂ ଛାତ୍ର ସଂସଦର ମୁଖ୍ୟ ଉପଦେଷ୍ଟା ପ୍ରଫେସର ଡା. ରଞ୍ଜନ କୁମାର କାପ୍ତ, ଛାତ୍ର ସଂସଦର ସଭାପତି ଡା. ଆକାଶ ଭୋଇ, ଛାତ୍ର ସଂସଦର ସାଧରଣ ସମ୍ପାଦକ ଡା. ବାଦଲ ବର୍ଗର୍ଥୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସାଧାରଣ ସମ୍ପାଦକ ଡା. ବର୍ଗର୍ଥୀ ଧନ୍ୟବାଦ ଦେଇଥିଲେ।

# 'ସତର୍କତାର ସହ ଲେଖନ୍ତୁ ଖବରଦାତା'

ପୁରୀ ଅଫିସ ୨୦।୪

**ଓଡ଼ିଶା ସାମ୍ବାଦିକ ୟୁନିୟନର କାର୍ଯ୍ୟକାରିଣୀ ବୈଠକ**

ଖବରଦାତାମାନେ ସବୁ ସମୟରେ ସତର୍କତା ସହ ଲେଖନୀ ଚାଳନା କରିବା ଉଚିତ। କାରଣ ଦାୟିତ୍ୱହୀନ ଖବର ପରିବେଷଣ ସାମାଜିକ ବିଭ୍ରାଟ ସୂତ୍ରଧର ସାଜିବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି। ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଓଡ଼ିଶା ସାମ୍ବାଦିକ ୟୁନିୟନ (ଓୟୁଜେ)ର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମନ୍ତ୍ରୀ ବେହେରା ଖବରଦାତାଙ୍କ ବୀମା ରାଶିକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ଅବସର ପରେ ପେନସନ ଲାଗୁ ଓ ଖବରଦାତାଙ୍କ ସୁରକ୍ଷା ପାଇଁ ଆଇନ ପ୍ରଣୟନ କରିବାକୁ ଓୟୁଜେ ପକ୍ଷରୁ ଉପସ୍ଥାପିତ ଦାବି ପ୍ରତି ସମର୍ଥନ ଜଣାଇ ମନ୍ତ୍ରୀ ଏ ବାବଦରେ ରାଜ୍ୟ ସରକାରଙ୍କ ସହ ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ସେହିପରି ପୁରୀରେ ଖବରଦାତାଙ୍କ ପାଇଁ ଏକ ଅତିଥିଭବନ ନିର୍ମାଣ ଲାଗି ହୋଇଥିବା ଦାବି ମଧ୍ୟ ଶୀଘ୍ର ପୂରଣ କରାଯିବ ବୋଲି ସେ କହିଥିଲେ। ଓୟୁଜେ ସଭାପତି ପ୍ରସନ୍ନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୩୦ଟି ଜିଲାରୁ ୩୦୦ରୁ ଅଧିକ ପ୍ରତିନିଧି ଯୋଗଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଯୋଗଦେଇଥିଲେ। ଜିଲା ସଭାପତି ମଧୁସୂଦନ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ବୈଠକରେ ଓଡ଼ିଶା ମୋ ପରିବାରର ଜିଲା ସଂଯୋଜକ ସୁବାଶିଷ ଖୁଣ୍ଟିଆ, ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ଚକ୍ରଧର ମହାପାତ୍ର, ଗୌରହରି ପ୍ରଧାନ, ଉତ୍କଳ ବିଦ୍ୱତ୍ ପରିଷଦର ଅଧ୍ୟକ୍ଷ ମନୋଜ ରଥ, ରାଜକିଶୋର ପାତ୍ର, ସନ୍ତୋଷ ସେଠୀ, ଓୟୁଜେ ସାଧାରଣ ସମ୍ପାଦକ ଅଶୋକ ନନ୍ଦ ପ୍ରମୁଖ ସାମିଲ ଥିଲେ । ଏହି ଅବସରରେ ବିଭିନ୍ନ ଜିଲାର ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରୀ ଜିଲା ସାଧାରଣ ସମ୍ପାଦକ ମିଲନ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଖବରଦାତା କମଳଲୋଚନ ମିଶ୍ର, ସୌମିତ୍ର ହରିଚନ୍ଦନ, ଶ୍ୟାମସୁନ୍ଦର ମହାପାତ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିବା ସହ ଧନ୍ୟବାଦ ଦେଇଥିଲେ। ପରେ ରାଜ୍ୟ ଉପସଭାପତି କିଶାନ ରାଉତ, ରାଜେଶ ପଟ୍ଟନାୟକ, ସମ୍ପାଦକ ପ୍ରସନ୍ନ ପାଇକରାୟ ଯୋଗଦେଇ ସାଂଗଠନିକ ଆଲୋଚନା କରିଥିଲେ।



ଓଡ଼ିଶା ସାମ୍ବାଦିକ କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ମହିଳା ଖବରଦାତା।

DADLS - 09



ଓଡ଼ିଶା ସରକାର

ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ
ଡଃ. ସଦାଶିବ ତ୍ରିପାଠୀଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
୨୧ ଅପ୍ରେଲ, ୨୦୨୩

ସକାଳ ୮ ଘଟିକା ସମୟରେ କ୍ୟାପିଟାଲ ହସ୍ପିଟାଲ ଛକ, ଭୁବନେଶ୍ୱରସ୍ଥିତ ଡଃ. ସଦାଶିବ ତ୍ରିପାଠୀଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସନ୍ଧ୍ୟା ୬ ଘଟିକା   ସାଧାରଣ ସଭା   ଜୟଦେବ ଭବନ, ଭୁବନେଶ୍ୱର

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ମୁନା ଖାଁ, ମାନ୍ୟବର ସାଂସଦ, ରାଜ୍ୟସଭା
ବିଶିଷ୍ଟ ଅତିଥି – ଶ୍ରୀଯୁକ୍ତ ପ୍ରଦୀପ ମାଝୀ, ଉପଦେଷ୍ଟା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ
ସମ୍ମାନନୀୟ ଅତିଥି – ଅବିଭକ୍ତ କୋରାପୁଟ ଜିଲ୍ଲାର ମାନ୍ୟବର ସାଂସଦ ଓ ବିଧାୟକ ବୃନ୍ଦ
– କସ୍ତୁରୀ ମହାପାତ୍ର, ସଂପାଦିକା, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ
ମୁଖ୍ୟବକ୍ତା – ଶ୍ରୀଯୁକ୍ତ ଶୁଭେନ୍ଦୁ ମହାନ୍ତି, ପ୍ରାଧ୍ୟାପକ, ଅର୍ଥନୀତି ବିଭାଗ, ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ଖୋର୍ଦ୍ଧା

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ପରିଷଦ, ଭୁବନେଶ୍ୱରର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0027/2324

# ଅକ୍ଟୋବରରେ ପରିଣୀତି-ରାଘବଙ୍କ ବିବାହ




**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ଖୁବ୍‌ଶୀଘ୍ର ଆପ୍ ଏମ୍‌ପି ରାଘବ ଚଡ୍ଢାଙ୍କ ସହ ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛନ୍ତି। ଏନେଇ ଦୁହେଁ ଏକ ଭାଇରାଲ ଭିଡିଓରେ କହିଛନ୍ତି। ବହୁଦିନ ଧରି ଉଭୟ ଉଭୟଙ୍କୁ ଡେଟ୍ କରୁଥିବା ନେଇ ଚର୍ଚ୍ଚା ଜୋର ଧରିଥିଲା। ଏଥିସହ ଦୁହିଁଙ୍କୁ ମଧ୍ୟ ଅନେକ ସମୟରେ ଏକାଠି ଦେଖିବାକୁ ମିଳିଛି। ନିକଟରେ ଫ୍ୟାଶନ ଡିଜାଇନର ମନୀଷ ମାଲହୋତ୍ରାଙ୍କ ଘରେ ଉଭୟଙ୍କୁ ଦେଖିବାକୁ ମିଳିଥିଲା। ଭାଇରାଲ ହୋଇଥିବା ଭିଡିଓରେ ପରିଣୀତି କହିଛନ୍ତି, ଆମ ଦୁହିଁଙ୍କ ନିର୍ବନ୍ଧ ସରିଯାଇଛି। ଉଭୟଙ୍କ ପରିବାର ଏ ସମ୍ପର୍କରେ ରାଜି ଅଛନ୍ତି। ସେମାନେ ଅକ୍ଟୋବର ୨୭ରୁ ନଭେମ୍ବର ୫ ତାରିଖ ମଧ୍ୟରେ ବିବାହ କରିବେ। ତେବେ ପରିଣୀତିଙ୍କୁ ଶେଷ ଥର ପାଇଁ ଫିଲ୍ମ 'ଉଚାଇ'ରେ ଦେଖିବାକୁ ମିଳିଥିଲା। ଆଗକୁ ତାଙ୍କର ଆଉ ୨ଟି ଫିଲ୍ମ ଆସିବାକୁ ଯାଉଛି।

# କଲ୍ୟାଣକାରୀ ନୀତି ଓ ପ୍ରଶାସନିକ ଅଧିକାରୀ




ଦେଶର ସରକାର ଲୋକଙ୍କ ପାଇଁ ବିଭିନ୍ନ କଲ୍ୟାଣକାରୀ ନୀତିର ପ୍ରଣୟନ କରିଥା'ନ୍ତି। ତେବେ ପ୍ରତିଟି ନୀତିର ସଫଳ ରୂପାୟନ କ୍ଷେତ୍ରରେ ପ୍ରଶାସନିକ ଅଧିକାରୀଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥାଏ। ପ୍ରଶାସନିକ ଅଧିକାରୀମାନେ ସରକାରଙ୍କ ନୀତିକୁ ସାଧାରଣ ନାଗରିକଙ୍କ ପାଇଁ ସୁନିଶ୍ଚିତ କରିଥା'ନ୍ତି। ତେଣୁ ସମାଜ ପ୍ରତି ସେମାନଙ୍କର ଅବଦାନ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଏପ୍ରିଲ ୨୧ରେ ଜାତୀୟ ନାଗରିକ ସେବା ଦିବସ ବା ସିଭିଲ ସର୍ଭିସ୍ ଡେ' ପାଳନ କରାଯାଇଥାଏ। ପ୍ରଶାସନିକ ଅଧିକାରୀ ନାଗରିକଙ୍କ ଉଦ୍ଦେଶ୍ୟରେ ନିଜକୁ ସମର୍ପିତ କରିଥାଏ ଏବଂ ଜନସେବା ପ୍ରତି ନିଜର ପ୍ରତିବଦ୍ଧତାକୁ ଏହି ଦିବସ ପାଳନ କରିବା ଅବସରରେ ପୂରଣ କରିବା ନେଇ ଉତ୍ତରଦାୟୀ ରହିଥା'ନ୍ତି।

ପ୍ରଶାସନିକ ଅଧିକାରୀ ସରକାରୀ କାର୍ଯ୍ୟକ୍ରମର ସୁଗମ କାର୍ଯ୍ୟକାରିତା କ୍ଷେତ୍ର ପାଇଁ ଉପାୟ ସୃଷ୍ଟି କରନ୍ତି ଏବଂ ହିତାଧିକାରୀଙ୍କ ନିକଟରେ ଏହି ସୁବିଧା ପହଞ୍ଚାଇଥା'ନ୍ତି। ଏହି ଦିବସ ଅବସରରେ ସାଧାରଣ ପ୍ରଶାସନରେ ଉତ୍କର୍ଷ କାର୍ଯ୍ୟ ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥାଏ। ଭାରତର ପ୍ରଥମ ସ୍ୱରାଷ୍ଟ୍ରମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ୨୧ ଏପ୍ରିଲ ୧୯୪୭ରେ ନୂଆଦିଲ୍ଲୀରେ ପ୍ରଶାସନିକ ସେବା ଅଧିକାରୀଙ୍କୁ ସମ୍ବୋଧିତ କରିଥିଲେ। ପଟେଲ ତାଙ୍କ ଅଭିଭାଷଣରେ ପ୍ରଶାସନିକ ଅଧିକାରୀମାନଙ୍କୁ ଭାରତର ଇସ୍ପାତ ଫ୍ରେମ୍ ବୋଲି କହିଥିଲେ। ଏହି ସ୍ମୃତିକୁ ମନେରଖିବା ପାଇଁ ପ୍ରଥମ ଜାତୀୟ ନାଗରିକ ସେବା ଦିବସ ୨୧ ଏପ୍ରିଲ ୨୦୦୬ରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଅନୁଷ୍ଠିତ ହୋଇଥିଲା। ଜାତୀୟ ସିଭିଲ ସର୍ଭିସ୍ ଡେ'ରେ ସିଭିଲ ସର୍ଭିସ୍‌ର ମହତ୍ତ୍ୱ ନେଇ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍), ଭାରତୀୟ ପୋଲିସ ସେବା (ଆଇପିଏସ୍), ଭାରତୀୟ ବୈଦେଶିକ ସେବା (ଆଇଏଫ୍ଏସ୍) ଏବଂ ଅଲ ଇଣ୍ଡିଆ ସର୍ଭିସେସ୍ ତଥା ସେଣ୍ଟ୍ରାଲ ସର୍ଭିସେସ୍ ଗ୍ରୁପ୍ ଏ' ଏବଂ ଗ୍ରୁପ୍ ବି'ର ପ୍ରଶାସନିକ ଅଧିକାରୀଙ୍କ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥାଏ। ଏହାସହ ସମ୍ପୃକ୍ତ ପ୍ରଶାସନିକ ଅଧିକାରୀମାନଙ୍କ ମଧ୍ୟରେ ଦାୟିତ୍ୱବୋଧ ଏବଂ ଆଦର୍ଶ ଜାଗ୍ରତ କରିବାର ପ୍ରୟାସ କରାଯାଇଥାଏ।

# ଦିବ୍ୟାଙ୍ଗ ଯୁବକଙ୍କ ନିଆରା ଡ୍ୟାନ୍ସ



**ନୂଆଦିଲ୍ଲୀ:** ଜୀବନରେ ଅନେକ ଦୁଃଖ କଷ୍ଟ ଆସିଥାଏ। ହେଲେ ସେଥିରେ ହାରି ନ ଯାଇ କିପରି ବଞ୍ଚିହେବ ଶିଖିବା ଉଚିତ। ତାକୁ ସାମ୍ନା କରିବାକୁ ସାହସ ରଖିବାକୁ ହୋଇଥାଏ। ଏହାର ଏକ ଉଦାହରଣ ପାଲଟିଛନ୍ତି ଜଣେ ଦିବ୍ୟାଙ୍ଗ ଯୁବକ। ଯୁବକଙ୍କ ଗୋଟିଏ ଗୋଡ଼ ନାହିଁ। ଏହା ସତ୍ତ୍ୱେ ବି ସେ ନିଜକୁ ଦୁଃଖରୁ କାଢି ନିଜ ଅନୁସାରେ ଜୀବନ ବଞ୍ଚୁଛନ୍ତି। ନିକଟରେ ତାଙ୍କର ଏକ ଡ୍ୟାନ୍ସ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ ସେ ପୂରା ଜୋଶ୍‌ର ସହ ଡ୍ୟାନ୍ସ କରୁଥିବା ଦେଖିବାକୁ ମିଳିଛି। ଭିଡିଓରେ ଯୁବକ ସ୍କୁଲ ୟୁନିଫର୍ମ ପିନ୍ଧିଥିବା ବେଳେ ହାତରେ ଏକ ସାହାରା ବାଡ଼ି ଧରିଛନ୍ତି। ତାଙ୍କର ଗୋଟେ ଗୋଡ଼ ଜଙ୍ଘ ପାଖରୁ ନ ଥିବାବେଳେ ସେ ଖୁସିରେ ଡ୍ୟାନ୍ସ କରୁଛନ୍ତି। ସେଥିରେ କୌଣସି କଷ୍ଟ ଅନୁଭବ କରୁଥିବା ଜଣାପଡୁନି। ଦିବ୍ୟାଙ୍ଗ ହୋଇ ମଧ୍ୟ ତାଙ୍କ ଭିତରେ ଥିବା ଉତ୍ସାହ ସମସ୍ତଙ୍କ ପ୍ରେରଣାଦାୟକ। ତେବେ ଏହି ଭିଡିଓଟି କେଉଁଠାର ତାହା ଜଣାପଡିନି।

# ସରକାରୀ ଅଫିସରଙ୍କ ପାଇଁ ଜିନ୍ସ, ଟି-ଶାର୍ଟ ବ୍ୟାନ୍



ମହାରାଷ୍ଟ୍ରର ସରକାରୀ ଅଫିସରମାନଙ୍କ ପାଇଁ ଜିନ୍ସ ପିନ୍ଧିବାକୁ ଅନୁମତି ଥିବାବେଳେ ଟି-ଶାର୍ଟ ବ୍ୟାନ ହୋଇଛି। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏହା ପୂର୍ବରୁ ଅନେକ ଥର ଏପରି କିଛି ନିୟମ ଲାଗୁ କରିଥିବା ଜଣାପଡିଛି।

**ପାଟନା:** ବର୍ତ୍ତମାନ ସମୟରେ ଲୋକଙ୍କ ଆରାମଦାୟକ ପୋଷାକ ହେଉଛି ଜିନ୍ସ, ଟି-ଶାର୍ଟ, ଯାହା ଅଧିକାଂଶ ଲୋକଙ୍କ ପସନ୍ଦ ଥିବାବେଳେ ତାକୁ ପିନ୍ଧି ଲୋକେ କୌଣସି ବି ସ୍ଥାନକୁ ଯାତ୍ରା କରିଥାନ୍ତି। ହେଲେ ବିହାର ସାରନ ଜିଲାରେ ମାଜିଷ୍ଟ୍ରେଟ୍ ସରକାରୀ ଚାକିରି କରିଥିବା ଲୋକଙ୍କ ପାଇଁ ଜିନ୍ସ ଟି-ଶାର୍ଟ ବ୍ୟାନ କରିଛନ୍ତି। ଅଫିସରେ କାର୍ଯ୍ୟରତ ଥିବାବେଳେ ସେମାନେ ଫର୍ମାଲ ପୋଷାକ ପରିଧାନ ସହ ବେକରେ ପରିଚୟ ପତ୍ର ଧାରଣ କରିବେ। ଯଦି କେହି ଏହି ନିୟମ ବିରୋଧରେ ଯିବ, ତାହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଅନ୍ୟପଟେ


## ଓଡ଼ିଶା ଆଦର୍ଶ ବିଦ୍ୟାଳୟ, କୋଟଗଡ଼, କନ୍ଧମାଳ
## ODISHA ADARSHA VIDYALAYA KOTAGARH, KANDHAMAL

At/PO-Kotagarh, Pin-762105
Department of School & Mass Education, Govt. of Odisha
Affiliated to CBSE, New Delhi, Affiliation No.- 1520129, School Code-17215, U-DISE Code- 21210705109
E-mail id:-kotagarh@oav.edu.in

### WALK-IN-INTERVIEW

No. n-24:- A walk- in interview will be conducted on date-28.04.2023 (FRIDAY) at 10.00 AM in the premises of Odisha Adarsha Vidyalaya, Kotagarh, Block- Kotagarh, Dist- Kandhamal to fill up the following PTG AND TGTs posts purely on contractual basis for the academic session 2023-24 or till the vacancies are filled up whichever is earlier. The interested candidates with desired qualification below 65 years of age may send their Resume to the Vidyalaya mail (kotagarh@oav.edu.in) by 27th April, 2023 and he/she can attend the interview with their complete Bio-Data and the original documents along with the photo copies of same.

| Sl. No. | Name of the Post | Total No. of post | Essential qualification | Remuneration per Month |
|---|---|---|---|---|
| 01 | PGT - Mathematics | 01 | P.G. in concerned subject with BEd. | Rs.30,000/- |
| 02 | TGT - English | 01 | Graduation in concerned subject with BEd. | Rs.25,000/- |
| 03 | TGT - Sanskrit | 01 | Graduation in concerned subject with BEd. | |

For more Details visit the website www.kandhamal.nic.in
N.B.- 01. NO TA/DA will be given to attend the interview
02. In the absence of BEd. Candidates, preference can be given to Non-BEd. Candidates.

Sd./- Principal
Odisha Adarsha Vidyalaya
Kotagarh, Kandhamal
OIPR-27093/11/0001/2324

## OFFICE OF THE REGULATED MARKET COMMITTEE, NILGIRI

No. H-05:
At: Bhanpur (Nilgiri NAC) P.O.: Nilgiri, Via: Nilgiri
Dist.: Balasore (Odisha), PIN - 765040
Tender Call Notice No. 114/RMC Dated: 13.04.2023
Bid Identification No. 01/RMC-Nilgiri/2022-23

### E-Procurement Notice IFB (Invitation for Bids)

| Sr. No. | Item | Details |
|---|---|---|
| 1 | The Sub-Collector, Nilgir-cum-Chairman, RMC Nilgiri invites percentage rate bids in Double/Single Cover System in ONLINE MODE only for work as detailed below: | |
| 2 | Nature of the work | Construction of Agricultural Marketing Infrastructure at Ajodhya Market Yard, Ajodhya & MMY under RMC Nilgiri. |
| 3 | No. of work | 01 No. |
| 4 | Bid Cost | Rs.10000 online transfer |
| 5 | Value of Tender | Rs.190.25 lakhs |
| 6 | Class of Contractor | "B" & "A" Class |
| 7 | Availability of BID documents in the website | Dt.20.04.2023 from 10.00 A.M. to Dt.10.05.2023 upto 5.00 P.M. |
| 8 | Last date/time of receipt of bids in the portal | Dt.10.05.2023 upto 5.00 P.M. |
| 9 | Date of Opening of Bid | Dt.11.05.2023 at 11.00 A.M. |
| 10 | The bidders have to participate in ONLINE bidding only. Further details can be seen from the website: **https://tendersorissa.gov.in**. Any Addendum/Corrigendum/Cancellation of the tender etc. can also be seen in the website: **https://tendersorissa.gov.in**. | |

Sd./- Sub-Collector, Nilgiri-cum-Chairman
RMC, Nilgiri
OIPR-07072/11/0001/2324

## ODISHA CONSTRUCTION CORPORATION LIMITED
BHUBANESWAR, ODISHA,
PIN-751012, Tel.No.(0674) 2562020,
e-Mail:theoccltd@odishaconstruction.com
GSTIN-21AAACO2571K2ZM
DESIGNED TO EXCEL
No.CAD-249:
"e"-Procurement Notice No.05/OCCL/2023-24 (online)
Online percentage rate tenders are invited for the following works.

| Sl. No. | Name of Work | Bid Identification No. | Approx value of work (Rs. in Crores) | Bid Security (through on-line transfer) (in Rs.) | Period of Completion | Availability of Tender (online) | Submission of tender (online) |
|---|---|---|---|---|---|---|---|
| 01 | Improvement & black topping of Canal Service road of Telengiri Main Canal and its off-taking distributaries under Telengiri Medium Irrigation Project. | OCCL-TSP/01/ 2023-24 | Rs.30.81 Crores | Rs.30,81,000/- | 12 (Twelve) calendar months | From 21.04.2023, 03.30 PM to 06.05.2023, 5.30 PM | From 21.04.2023, 03.30 PM to 06.05.2023, 5.30 PM |
| 02 | Improvement of Service road with black topping Right Main Canal from 41 Km to 83.70 Km and off-taking distributaries under RCD-I, Mukhiguda | OCCL-TSP/02/ 2023-24 | Rs.26.96 Crores | Rs.26,96,000 | 12 (Twelve) calendar months | From 21.04.2023, 03.30 PM to 06.05.2023, 5.30 PM | From 21.04.2023, 03.30 PM to 06.05.2023, 5.30 PM |

Procurement Officer: Managing Director, OCCL
Date of Opening of the Technical Bid: **08.05.2023,12.00 Noon onwards.**
Further details can be seen from the e-Procurement portal:https://www.tendersodisha.gov.in.

Sd./- Managing Director
OIPR-34120/11/0006/2324

## ODISHA POLICE STATE FORENSIC SCIENCE LABORATORY ODISHA, BHUBANESWAR, PIN - 751010

Tel. No.: 0674-2586187, E-mail ID: dirsfsl.orpol@nic.in
No. 1064/O.E.-I Dated: 06.04.2023

### ADVERTISEMENT

No. D-23: Applications are hereby invited from the retired Sr. Private Secretary, Private Secretary, Personnel Assistant or Sr. Stenographer of DGPO Cadre for re-engagement against a vacant post of Sr. Stenographer of State Forensic Science Laboratory, Odisha, Bhubaneswar having good service records and physical fitness, not above the age of 65 years (as on the date of Issue of Advertisement) for contractual re-employment against the vacant post for a period of two years or till the filling of the vacant post, whichever is earlier, on payment of monthly remuneration to be decided as per Finance Dept. OM No. 24533/F dated 29.09.2022. Retired Sr. Private Secretary, Private Secretary, Personal Assistant or Sr. Stenographer of DGPO Cadre may submit applications in the prescribed form to the Director, State FSL, Odisha, Bhubaneswar by Registered Post/Speed Post so as to reach O/o. Director, State FSL, Odisha, Bhubaneswar on or before dated 30.04.2023.
The detailed guideline indicating eligibility criteria and terms and conditions laiddown as per G.A. Dept. Resolution No. 23750, Dt.27.08.2014 and Finance Department O.M. No. 24533/F dated 29.09.2022 will be followed for selection and same is attached with this advertisement.

Sd./- Addl. DG of Police-cum-Director
State FSL, Bhubaneswar
OIPR-12029/11/0004/2324

## GOVERNMENT OF ODISHA ST & SC DEVELOPMENT DEPARTMENT
## OFFICE OF THE PROJECT ADMINISTRATOR, INTEGRATED TRIBAL DEVELOPMENT AGENCY, RAIRANGPUR

### e- Procurement Notice

Bid Identification No.01/ITDA (RRP) 2023-24
No.390 //2023-ITDA, RRP Dated, 19.04.2023

**No.CAD-247:** Bid documents consisting of works, Tender Value, Cost of Tender paper, Bid Security, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e "www.tendersodlsha.gov.in"

| | | | |
|---|---|---|---|
| 01. | Name of the work | : | Civil Works as mentioned in DTCN |
| 02. | No. of Works | : | 64 (Sixty Four) Numbers only |
| 03. | Estimated Cost | : | Rs. 4.00 Lakhs to Rs. 47.00 Lakhs |
| 04. | Period of completion | : | 4(Four) Calendar Months to 6 (Six) Calendar Months as per work category |
| 05. | Date & Time of availability of bid document in the portal | : | 21.04.2023 at 10.00 A.M. to 04.05.2023 13.00 hours |
| 06. | Last date for receipt of bids in the portal | : | 04.05.2023 till 13.00 hours |
| 07. | Bid received Online shall be opened on | : | 06.05.2023 at 10.30 hours onwards respectively |
| 08. | Name and address of the officer inviting Bid | : | Project Administrator, I.T.D.A. Rairangpur |

Further details can be seen from the "www.tendersodisha.gov.in."

Sd./- Project Administrator
I.T.D.A., Rairangpur
OIPR-26041/11/0001/2324

## GOVERNMENT OF ODISHA, DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER, BARGARH IRRIGATION DIVISION, BARGARH

No.A-53:
email Id: - eebargarh-eicwr.od@nic.in / eecanalbgh11@gmail.com

### BID IDENTIFICATION NO. CDT-01/2023-24 (ON-LINE). DATED.14.04.2023

1. Nature of work : Improvement of Canal
2. Nos. of works : 14 (Fourteen) Nos.
3. Estimated Cost : Rs.8.30 lakhs to Rs.10.00 lakhs
4. Period of completion : As per D.T.C.N.
5. Date & Time of available of Bid Document in the portal : Dt.21.04.2023 at 10.00 A.M to Dt.01.05.2023 up to 05.00 P.M.
6. Last date / Time for receipt of Bids in the portal : Dt.01.05.2023 up to 05.00 P.M.
7. Date of opening of Bid : Dt.02.05.2023 at 10.00 A.M.
8. Name and Address of the Officer Inviting bid : Superintending Engineer, Bargarh Irrigation Division, Bargarh, At- Canal Colony, PO/Dist- Bargarh, email Id: - eecanalbgh11@gmail.com eebargarh-eicwr.od@nic.in

| Procurement Officer | Name of the Division | Bid Identification No. | Availability of tender online for bidding | | Last date & time of seeking of clarification | Date & Time of opening of tender | Date, Time & Place of lottery if required |
|---|---|---|---|---|---|---|---|
| | | | From | To | | | |
| 1 | 2 | 3 | 4 | 5 | 6 | 7 | 8 |
| Superintending Engineer, Bargarh Irrigation Division, Bargarh | Bargarh Irrigation Division, Bargarh | CDT-01/ 2023-24 (online) | Dt.21.04.2023 at 10.00 A.M. | Dt.01.05.2023 upto 05.00 P.M. | Dt.27.04.2023 upto 01.00 P.M. | Dt.02.05.2023 at 10.00 AM in the O/o. the S.E.Bargarh Irrigation Division, Bargarh | Dt.10.05.2023 at 10.00 AM in the O/o. the S.E. Bargarh Irrigation Division,Bargarh |

Further details can be seen from the e-procurement portal http://tendersorissa.gov.in.
OIPR-32461/11/0001/2324
Sd./- Superintending Engineer, Bargarh Irrigation Division, Bargarh

## DISTRICT DISASTER MANAGEMENT AUTHORITY (DDMA), SUNDARGARH

No. 4130 Date: 18.04.2023

### Expression of Interest (EoI) for "Preparation of Village Disaster Management Plan"

No. F-23: The Expression of Interest (EOI) are invited for the interested registered Non-Government Organizations (NGO) who will be engaged for preparation of Village Disaster Management Plan in different Blocks of Sundargarh District for the year 2023-24. The interested NGOs should apply by 05.05.2023 till 1.00 P.M. through Speed Post/Registered Post only and the same will be open on 06.05.2023 at 10.00 A.M. For further details kindly visit the district website **(https://sundargarh.nic.in)**.

Sd./- Collector-cum-Chairman
DDMA, Sundargarh
OIPR-24160/11/0001/2324

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE: KEONJHAR

e-Procurement Notice for Bridge Works under BSY
Identification No. Bridge Online NCB No.368
No.1466/ Date:19.04.2023
Tel.06766-258301 (O), Email:se_nerwkjr@rediffmail.com

**No.O-73:** 1. Name of the Work:Construction of Bridge Works under BSY in the District of Keonjhar. 2. No. of Work: 02 (Two) Nos.3. Estimated Cost: As per Annexure in NIT. 4. Class of Contractor (Eligible): As per Annexure in NIT. 5. Period of Completion: As per Annexure in NIT. 6. Other details:

| Procurement Officer | Bid Identification No. | Availability of Tender online for bidding | | Last date & Time of Seeking Tender Clarification | Date & Time of Opening of Tender in O/o.C.C.E, R.W.Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | Bridge Online NCB No.368 | Dt.26.04.23 at 11.00 AM | Dt.10.05.23 upto 5.00 P.M. | Dt.09.05.23 upto 5.00 P.M. | Dt.11.05.23 at 11.00 A.M. | Will be intimated Later |

Further details can be seen from the website www.tendersorissa.gov.in.
Sd./- N.V. Harihar Rao
OIPR-25177/11/0002/2324
Chief Construction Engineer, Rural Works Circle, Keonjhar

## OFFICE OF THE ENGINEER-IN-CHIEF, RURAL WATER SUPPLY & SANITATION,

JAL "O" PARIMAL BHAWAN, UNIT-V, BHUBANESWAR-751001, ODISHA
Tel: 0674-2395734, FAX: 0674-2394946, e-mail: cerwssodisha@gmail.com

### NOTICE INVITING BID

NATIONAL COMPETITIVE BIDDING THROUGH e-PROCUREMENT FOR EXECUTION OF RURAL PIPED WATER SUPPLY PROJECTS IN DIFFERENT DISTRICTS ON EPC CONTRACT
No. 4423/ Date: 18.04.2023

**No.O-74:** The Engineer-in-Chief, RWS&S, Odisha, Bhubaneswar on behalf of the Governor of Odisha invites proposals for Consultancy Services for engagement of Authority's Engineer (AE) for supervision of various Mega Piped Water Supply projects on the basis of National Competitive Bidding for the works detailed in the table given below. The firm is advised to examine carefully all instructions in the RFP Document.

| Sl. No. | Name of the Rural Water Supply Project | Bid ID No. | Assignment Period (months) | Availability of Bid Documents for Online Bidding | |
|---|---|---|---|---|---|
| | | | | From | To |
| 1 | RFP for Consultancy Services for engagement of Authority's Engineer (AE) for supervision of various Mega Piped Water Supply projects in **Balasore** Circle (Phase-II) | EIC/RWSS-2/23-24 | 24 months (Twenty Four Months)(extendable by further upto 12 months | 17.00 hours of 24.04.2023 | 17.00 hours of 24.05.2023 |
| 2 | RFP for Consultancy Services for engagement of Authority's Engineer (AE) for supervision of various Mega Piped Water Supply projects in **Berhampur-**Circle (Phase-II) | EIC/RWSS-3/23-24 | 24 months (Twenty Four Months)(extendable by further upto 12 months | 17.00 hours of 24.04.2023 | 17. 00 hours of 24.05.2023 |
| 3 | RFP for Consultancy Services for engagement of Authority's Engineer (AE) for supervision of various Mega Piped Water Supply projects in **Bhubaneswar** Circle (Phase-II) | EIC/RWSS-4/23-24 | 24 months (Twenty Four Months)(extendable by further upto 12 months | 17.00 hours of 24.04.2023 | 17. 00 hours of 24.05.2023 |
| 4 | RFP for Consultancy Services for engagement of Authority's Engineer (AE) for supervision of various Mega Piped Water Supply projects in **Bolangir** Circle(Phase-II) | EIC/RWSS-5/23-24 | 24 months (Twenty Four Months)(extendable by further upto 12 months | 17.00 hours of 24.04.2023 | 17. 00 hours of 24.05.2023 |
| 5 | RFP for Consultancy Services for engagement of Authority's Engineer (AE) for supervision of various Mega Piped Water Supply projects in **Cuttack** Circle(Phase-II) | EIC/RWSS-6/23-24 | 24 months (Twenty Four Months)(extendable by further upto 12 months | 17.00 hours of 24.04.2023 | 17. 00 hours of 24.05.2023 |
| 6 | RFP for Consultancy Services for engagement of Authority's Engineer (AE) for supervision of various Mega Piped Water Supply projects in **Koraput** Circle(Phase-II) | EIC/RWSS-7/23-24 | 24 months (Twenty Four Months)(extendable by further upto 12 months | 17.00 hours of 24.04.2023 | 17. 00 hours of 24.05.2023 |
| 7 | RFP for Consultancy Services for engagement of Authority's Engineer (AE) for supervision of various Mega Piped Water Supply projects in **Sambalpur** Circle (Phase-II) | EIC/RWSS-8/23-24 | 24 months (Twenty Four Months)(extendable by further upto 12 months | 17.00 hours of 24.04.2023 | 17. 00 hours of 24.05.2023 |

Name & address of officer inviting Bid: Engineer-in-Chief,RWSS Jal "O" Parimal Bhawan, Unit-V, Bhubaneswar, Ph: 0674-2395734/0674-2531533, e-mail: cerwssodisha@gmail.com
Further details can be seen from the e-procurement portal **http://tendersodisha.gov.in**

Sd./- 18.04.2023
Engineer-in-Chief, RWSS
OIPR-25003/11/0003/2324

## OFFICE OF THE COLLECTOR & DISTRICT MAGISTRATE, NAYAGARH

Advt. No. 618 Date: 18.04.2023

### EXPRESSION OF INTEREST FOR PREPARATION OF VILLAGE DISASTER MANAGEMENT PLAN 2022-23 OF NAYAGARH DISTRICT

No. F-22: The District Disaster Management Authority (DDMA), Nayagarh invites applications for Expression of Interest (EOI) from the willing registered NGOs for preparation of Village Disaster Management Plan (VDMP), 2022-23 in 350 villages of Nayagarh District. The details Term of References, eligibility criteria etc. may be downloaded from the District website **www.nayagarh.nic.in**. The EOI should reach the Assistant Collector, Emergency Section, Collectorate, Nayagarh through Speed Post/ Regd. Post/ Courier by 03.05.2023 till 5 PM and will be opened at 11.00 AM on 04.05.2023. The undersigned reserves the right to reject any or all EOIs without assigning any reason thereof.

Sd./- Collector & DM, Nayagarh
OIPR-24009/11/0001/2324

## idco | ODISHA NEW OPPORTUNITIES — OFFICE OF THE CHIEF GENERAL MANAGER (P&C)
IDCO, IDCO TOWERS, JANPATH, BHUBANESWAR - 751022
No. CAD-251
Tender Call Notice No. IDCO: H.O./P&C/EST/E-2172/01/2023/11825 Dated: 18.04.2023

### NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

1. Name of the Work : Construction of SFRC pre-cast pre-tensioned Compound Wall at Gramadhi Industrial Area, Khurda, Odisha
2. Value of the Work : Rs.98.31 lakhs
3. Period of Completion : 02 (Two) Calendar Months
4. Other details :

| Procurement Officer | Tender Reference No. | Availability of Tender Online for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Janpath, Bhubaneswar - 751022 | P&C/EST/E-10/ 2023-24 | 27.04.2023 at 17.00 hrs. | 11.05.2023 upto 17.00 hrs. |

Further details can be seen from the e-Procurement Portal: **www.tendersodisha.gov.in** and Corrigendum if any will not be published in Newspapers and can only be seen in the e-Procurement portal **www.tendersodisha.gov.in** and **www.idco.in**
OIPR-14003/11/0017/2324
Sd./- Chief General Manager (P&C), IDCO, Bhubaneswar

See Career Appointment on every Wednesday & Saturday

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଶା ସ୍କିଲ୍ କନ୍‌କ୍ଲେଭ-୨୦୨୩ ଅବସରରେ ଓଡ଼ିଶା ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ପଥପ୍ରାନ୍ତ ନାଟକ, ରାମ ମନ୍ଦିର ନିକଟ ମଧୁସୂଦନ ମାର୍ଗ, ସକାଳ ୬ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପୂର୍ବତନ ମୁଖ୍ୟମନ୍ତ୍ରୀ ସଦାଶିବ ତ୍ରିପାଠୀଙ୍କ ୧୧୩ତମ ଜୟନ୍ତୀ, କ୍ୟାପିଟାଲ ହସ୍ପିଟାଲ ନିକଟସ୍ଥ ପ୍ରତିମୂର୍ତ୍ତି ସ୍ଥଳୀ, ସକାଳ ୮ଟା ଓ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ସାଧାରଣ ସଭା, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଜୟ ଓଡ଼ିଶା ପକ୍ଷରୁ ଭ୍ରାମ୍ୟମାଣ ଜଳଛତ୍ର, ରମାଦେବୀ ୟୁନିଭର୍ସିଟି ସମ୍ମୁଖ, ପୂର୍ବାହ୍ନ ୧୦ଟା ୩୦।

## ଚୋରି ସାମଗ୍ରୀ ଜବତ, ଜଣେ ଗିରଫ

ବାଲିଅନ୍ତା,୨୦।୪(ଡି.ଏନ୍.ଏ.): ଏକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ତାଲା ଭାଙ୍ଗି କିଛି ଅଫିସ ଉପକରଣ ଚୋରି କରି ନେଇଥିବା ଅଭିଯୋଗରେ ପାହାଳ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ସଦର ଥାନା ଅଞ୍ଚଳର ମହୀଧରପଡ଼ା ଅଞ୍ଚଳର ରାକେଶ ରଞ୍ଜନ ବେହେରା(୩୬)। ପୋଲିସ ତାଙ୍କ ପାଖରୁ ଚୋରି ସାମଗ୍ରୀ, ଏକ ଆଲମିରା, ୨ଟି ପ୍ଲାଷ୍ଟିକ ଚେୟାର, ୪ଟି ଝରକା ଆଦି ଜବତ କରିଛି। ଗତ ମାସ ୭ ତାରିଖରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ତାଲା ଭାଙ୍ଗି ଚୋରି ହୋଇଥିବା ନେଇ ଥାନାରେ ଅଫିସର ସ୍ୱାସ୍ଥ୍ୟ ଅଧିକାରୀ ଏତଲା ଦେଇଥିଲେ। ଏନେଇ ପୋଲିସ ୭୭/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା।

## ବୀଣାପାଣି ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ପୁରସ୍କାର ପ୍ରଦାନ ଉତ୍ସବ

ଭୁବନେଶ୍ୱର,୨୦।୪(ବ୍ୟୁରୋ): କୋଳଥିଆ ସ୍ଥିତ ବୀଣାପାଣି ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ସଂଯୁକ୍ତା ସୁନ୍ଦରାୟ, ଭାରତ ସେବା ସଂଘର ସମ୍ପାଦକ ସ୍ୱାମୀ ଜଗନ୍ନାଥ ନନ୍ଦ ପ୍ରମୁଖ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସେହିପରି ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଚିନ୍ତାମଣି ଦାସ କେବଳ ପାଠପଢ଼ା ନୁହେଁ ନୃତ୍ୟ ସଙ୍ଗୀତ ଆଦି ବିଭିନ୍ନ କ୍ଷେତ୍ରରେ ପିଲାଙ୍କୁ ପ୍ରୋତ୍ସାହିତ କରାଗଲେ ସେମାନେ ଆଗକୁ ବଢ଼ିପାରିବେ ବୋଲି କହିଥିଲେ। ବିକାଶ ଫାଉଣ୍ଡେଶନର ମହାସଚିବ ରମାକାନ୍ତ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ସୁମନ୍ତ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ମୁଖ୍ୟ ପରାମର୍ଶଦାତା କୈଳାସ ଚନ୍ଦ୍ର ଦାଶ, ସଭାପତି ସନାତନ ଦଳେଇ, ଉପସଭାପତି ବାଲୁଙ୍କେଶ୍ୱର ସ୍ୱାଇଁ, ପୂର୍ବତନ କର୍ପୋରେଟର ଅଶ୍ୱିନୀ ସୁନ୍ଦରାୟ, ଶିକ୍ଷାବିତ୍ ଗତିକୃଷ୍ଣ ଉତ୍ତରକବାଟ ପ୍ରମୁଖ ଉପସ୍ଥିତ ଥିଲେ।

# ହୋଟେଲ ଉପରକୁ ବୋମାମାଡ଼

### ଫ୍ଲାଏଓଭର ବ୍ରିଜ୍ ଉପରୁ ଫିଙ୍ଗିଲେ, ହୋଟେଲ କାଚ ଭାଙ୍ଗିଲା

- ଗେଷ୍ଟ ଭୟଭୀତ, ପ୍ରାଥମିକ ତଦନ୍ତରୁ ପୂର୍ବ ଶତ୍ରୁତା ସନ୍ଦେହ
- ଡ୍ୟାନ୍ସ ବାର୍‌ରେ ଗଣ୍ଡଗୋଳକୁ ନେଇ ଘଟଣା ଘଟିଥିବା ଚର୍ଚ୍ଚା



ପୋଲିସ ଘଟଣାସ୍ଥଳରେ ତଦନ୍ତ କରୁଛି।


ଜବତ ହୋଇଥିବା ବୋମା।

ଭୁବନେଶ୍ୱର,୨୦।୪(ବ୍ୟୁରୋ)

ରାଜଧାନୀରେ କିଛିଦିନର ନୀରବତା ପରେ ଗୁରୁବାର ବୋମାମାଡ଼ ଘଟଣା ସାମ୍ନାକୁ ଆସିଛି। ମଞ୍ଚେଶ୍ୱର ଥାନାଠାରୁ କିଛି ଦୂର ରସୁଲଗଡ଼ ଛକ ନିକଟରେ ଥିବା ଊର୍ମି ହୋଟେଲ୍‌କୁ ରାତି ପ୍ରାୟ ୮ଟା ୧୫ ବେଳେ ଦୁର୍ବୃତ୍ତମାନେ ୨ଟି ବୋମା ଫିଙ୍ଗିଛନ୍ତି। ଗୋଟିଏ ବୋମା ଜୀବନ୍ତ ଥିବା ଦେଖିବାକୁ ମିଳିଛି। ଏହି ବୋମା ହୋଟେଲର ୨୦୨ ରୁମ୍‌ରେ ବାଜିଥିବା ବେଳେ ୨ଟି କାଚ ଭାଙ୍ଗିଯାଇଛି। ଏଥିରେ କୌଣସି ବଡ଼ଧରଣ କ୍ଷୟକ୍ଷତି ହୋଇନାହିଁ କି କେହି ଆହତ ହୋଇ ନାହାନ୍ତି। ନିକଟସ୍ଥ ଫ୍ଲାଏଓଭର ବ୍ରିଜ ଉପରୁ ବାଇକରେ ଯାଉଥିବା ଦୁଇ ଯୁବକ ଏହି ବୋମା ଫୋପାଡ଼ିଥିବା କେତେଜଣ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଜନଗହଳିପୂର୍ଣ୍ଣ ଅଞ୍ଚଳରେ ବୋମା ପକାଇବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଛି। ଏନେଇ ହୋଟେଲ ମ୍ୟାନେଜର ସମରେନ୍ଦ୍ର ରାଉତ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବୋମାମାଡ଼ ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଥିଲା। ଥାନାଧିକାରୀ ସୁଧୀର କୁମାର ସାହୁ ଏବଂ ଜୋନ-୫ ଏସିପି ସଞ୍ଜୀବ ଶତପଥୀ ପ୍ରମୁଖ ହୋଟେଲରେ ପହଞ୍ଚି ତଦନ୍ତ କରିଛନ୍ତି। ସେମାନେ ସ୍ଥାନୀୟ ଲୋକ, ହୋଟେଲ କର୍ତ୍ତୃପକ୍ଷ, କର୍ମଚାରୀ ଓ ଅତିଥିମାନଙ୍କୁ ପଚରାଉଚରା କରିଥିଲେ। ଏସିପି କହିଛନ୍ତି, କେଉଁ କାରଣକୁ ନେଇ ଏହି ବୋମାମାଡ଼ କରାଯାଇଛି ତାହାର ବିଭିନ୍ନ ଦିଗକୁ ନେଇ ଅନୁସନ୍ଧାନ ଚାଲିଛି। କର୍ମଚାରୀ ଓ ହୋଟେଲ ମାଲିକଙ୍କୁ ପଚରାଉଚରା କଲା ପରେ ଅଧିକ କିଛି ତଥ୍ୟ ଜଣାପଡ଼ିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ହୋଟେଲ୍‌ର ଡ୍ୟାନ୍ସ ବାର୍‌ରେ ପୂର୍ବରୁ ଘଟିଥିବା ଝଗଡ଼ା ପାଇଁ ଏହି ବୋମାମାଡ଼ ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏପରିକି ଭିନ୍ନ ଭିନ୍ନ ରାତିରେ ଉକ୍ତ ହୋଟେଲର ଡ୍ୟାନ୍ସ ବାର୍‌ରେ ଗଣ୍ଡଗୋଳ ଘଟିଥିବା ନଜିର ରହିଛି। ତେଣୁ ବୋମାମାଡ଼ର ପ୍ରକୃତ କାରଣ ଜାଣିବା ପାଇଁ ପୋଲିସ ତଦନ୍ତ ଚଳାଇଛି।

# ୩ ସ୍ଥାନରୁ ଜବରଦଖଲ ହଟିଲା

ଭୁବନେଶ୍ୱର, ୨୦।୪(ବ୍ୟୁରୋ)

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଗୁରୁବାର ସହରର ୩ଟି ସ୍ଥାନରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ପ୍ରଥମେ ବରମୁଣ୍ଡା ମୌଜା ଅନ୍ତର୍ଗତ ପ୍ଲଟ ନମ୍ବର ୯୨୦ ଓ ୪୩ରେ ଉଚ୍ଛେଦ ହୋଇଥିଲା। ଏଥିରେ ୧୨ଟି ଆଜବେଷ୍ଟସ୍ ଘରକୁ ଭଙ୍ଗାଯାଇଥିଲା। ଉଚ୍ଛେଦବେଳେ ବିଡିଏ ଏନଫୋର୍ସମେଣ୍ଟ ଅଫିସର ଶ୍ୱେତ କୁମାର ଦାସ, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ଓ ଖଣ୍ଡଗିରି ଥାନା ଆଇଆଇସି ଦୟାନିଧି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଦ୍ୱିତୀୟରେ ବଡ଼ଗଡ଼ ଥାନା ଅନ୍ତର୍ଗତ ୱାର୍ଡ ନଂ-୫୭ ସ୍ଥିତ ରତ୍ନାକର ବାଗରୁ ଉଚ୍ଛେଦ କରାଯାଇଥିଲା। ୱାର୍ଡ ଅଫିସର, ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ଓ ବଡ଼ଗଡ଼ ଥାନା ଆଇଆଇସିଙ୍କ ଉପସ୍ଥିତିରେ ଏହି ଉଚ୍ଛେଦ କାର୍ଯ୍ୟ କରାଯାଇଥିଲା। ଏଥିରେ ୬ଟି ପାଚେରି, ୩ଟି ଷ୍ଟିଲ ବୋର୍ଡ, ଗୋଟିଏ ବାଉଁଶ ଓ ପଲିଥିନ ନିର୍ମିତ ଘର, ୬ ର୍‍ୟାମ୍ପ ଏବଂ ଗୋଟିଏ କ୍ୟାବିନ ଭଙ୍ଗାଯାଇଥିଲା।

### ନହରକଣ୍ଟାରେ ଉଚ୍ଛେଦ ବେଳେ ବିରୋଧ

ଶେଷରେ ନହରକଣ୍ଟା ମୌଜାରେ ଉଚ୍ଛେଦ କରାଯାଇଥିଲା। ଏହି ସମୟରେ କେତେଜଣ ଜବରଦଖଲକାରୀ ପ୍ରବଳ ବିରୋଧ କରିଥିଲେ। ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଓ ଜବରଦଖଲକାରୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଶେଷରେ ପାହାଳ ପୋଲିସ ଓ ସ୍ଥାନୀୟ ଗାଁ କମିଟିର ହସ୍ତକ୍ଷେପ ପରେ ଉଚ୍ଛେଦ କରାଯାଇଥିଲା। ଏଥିରେ ମୋଟ ୩୪ଟି ନିର୍ମାଣାଧୀନ ଘର ଭଙ୍ଗାଯାଇଥିଲା। ସେଥିମଧ୍ୟରୁ ୩ଟି ସେପ୍ଟି ଟ୍ୟାଙ୍କ, ୭ଟି ସଂପ୍ରସାରଣ ଅଂଶ, ୭ଟି ଆଜବେଷ୍ଟସ ଘର, ୫ଟି ପାଚେରି (ପ୍ରାୟ ୨୦୦ ଫୁଟର ଲମ୍ବ), ଗୋଟିଏ ଲୁହା ଗେଟ, ଗୋଟିଏ ଛାତ ଘର ଏବଂ ୧୦ଟି ର୍‍ୟାମ୍ପ ଭଙ୍ଗାଯାଇଥିଲା।

# ୩ ଜଣଙ୍କୁ 'ଏକାମ୍ର ସମ୍ମାନ'


ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ ଏବଂ ଅନ୍ୟମାନେ।

ଭୁବନେଶ୍ୱର(ବ୍ୟୁରୋ)/ପୁରୁଣା ଭୁବନେଶ୍ୱର,୨୦।୪(ଡି.ଏନ୍.ଏ.)

### ପ୍ରତ୍ନତତ୍ତ୍ୱବିତ୍ କେଦାରନାଥ ମହାପାତ୍ରଙ୍କ ଶ୍ରାଦ୍ଧୋତ୍ସବ

ପୋଥି, ପଥର ଓ ପ୍ରତ୍ନତତ୍ତ୍ୱର ମଣିଷ ଭାବେ ଓଡ଼ିଶାରେ ପ୍ରତିଷ୍ଠିତ ପ୍ରତ୍ନତତ୍ତ୍ୱବିତ୍ ତଥା ଐତିହାସିକ କେଦାରନାଥ ମହାପାତ୍ରଙ୍କ ୪୨ତମ ଶ୍ରାଦ୍ଧୋତ୍ସବ ଗୁରୁବାର କେଦାରନାଥ ଗବେଷଣା ପ୍ରତିଷ୍ଠାନଠାରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ସଭାପତି ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ରଘୁନାଥ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ତଥା କବି ଡ. ପ୍ରସନ୍ନ କୁମାର ପାଟଶାଣୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଅଲେଖ ଚନ୍ଦ୍ର ଷଡ଼ଙ୍ଗୀ, ମୁଖ୍ୟବକ୍ତା ଭାବେ ପୁଣେସ୍ଥିତ ଜାତୀୟ ପ୍ରତିରକ୍ଷା ପ୍ରତିଷ୍ଠାନର ପ୍ରାକ୍ତନ ପ୍ରଫେସର ହରିହର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ସ୍ୱର୍ଗତ ମହାପାତ୍ରଙ୍କ ଜୀବନୀ ଓ ଗବେଷଣା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ପ୍ରତିଷ୍ଠାନ ପକ୍ଷରୁ ଡ. ଜୀବନ କୁମାର ପଟ୍ଟନାୟକ, ପ୍ରଫେସର ରଘୁନାଥ ପଣ୍ଡା, ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନଙ୍କୁ 'ଏକାମ୍ର ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସେମାନଙ୍କ ଉଦ୍ଦେଶ୍ୟରେ ପ୍ରତିଷ୍ଠାନ ପକ୍ଷରୁ ପ୍ରଦତ୍ତ ମାନପତ୍ରକୁ ତନୟାଦାସ ଗୋସ୍ୱାମୀ, ସୁଶାନ୍ତ କୁମାର ସ୍ୱାଇଁ ଏବଂ ଡ. ଜେନାମଣି ସଞ୍ଜୀବ କୁମାର ପାଠ କରିଥିଲେ। ପ୍ରତିଷ୍ଠାନର ଯୁଗ୍ମ ସମ୍ପାଦକ ଡ. ଦେବାଶିଷ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ ଡ. ରମେଶ ଚନ୍ଦ୍ର ପାଣି ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ଯୁଗ୍ମ ସମ୍ପାଦକ ଅରୁଣ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

## ଅଂଶୁଘାତରେ ସନ୍‌କନୁର ପକ୍ଷୀ ମୃତ

ବାରଙ୍ଗ,୨୦।୪(ଡି.ଏନ୍.ଏ.)

ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ବିହଙ୍ଗ ସରଣୀରେ ରହୁଥିବା ଏକ ସନ୍‌କନୁର ପକ୍ଷୀର ଅଂଶୁଘାତରେ ଗୁରୁବାର ମୃତ୍ୟୁ ଘଟିଛି। ପକ୍ଷୀଟି ଖରା ଯୋଗୁ ମଧ୍ୟାନ୍ନ ସମୟରେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲା। ଦାୟିତ୍ୱରେ ଥିବା କର୍ମଚାରୀ ଏ ସଂକ୍ରାନ୍ତରେ କର୍ତ୍ତୃପକ୍ଷଙ୍କୁ ଖବର ଦେବାରୁ ବନ୍ୟପ୍ରାଣୀ ଚିକିତ୍ସକମାନେ ତା'ର ଚିକିତ୍ସା କରିଥିଲେ। ହେଲେ ତା'ର ମୃତ୍ୟୁ ଘଟିଥିଲା। ଏହି ପ୍ରଜାତିର ପକ୍ଷୀ ଉତ୍ତର-ପୂର୍ବ, ଦକ୍ଷିଣ ଆମେରିକାର କ୍ରାନ୍ତୀୟ ଓ ଉପକ୍ରାନ୍ତୀୟ ଚାରଣଭୂମି ଅଞ୍ଚଳରେ ଦେଖାଯା'ନ୍ତି। ସେହିପରି ରାଜ୍ୟଉଦ୍ଭିଦ ଉଦ୍ୟାନର ଶାଗୁଣା ପ୍ରଜନନ କେନ୍ଦ୍ରରେ ରହୁଥିବା ଏକ ଭାରତୀୟ (ଲମ୍ବା ଥଣ୍ଟିଆ) ଶାଗୁଣା କିଛିଦିନ ହେବ ଆଖିରେ ଯନ୍ତ୍ରଣା ପାଉଥିଲା। ଚିକିତ୍ସା ପାଇଁ ତାକୁ ଗୁରୁବାର କର୍ତ୍ତୃପକ୍ଷ ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସାଳୟର କ୍ୱାରେଣ୍ଟାଇନ ଆଣିଛନ୍ତି। ଏହି ଶାଗୁଣାଟି ୨୦୨୦ ନଭେମ୍ବରରେ ଗ୍ୱାଲିୟର ଗାନ୍ଧୀ ପ୍ରାଣୀ ଉଦ୍ୟାନରୁ ଆସିଥିଲା।

## ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

ପିପିଲି,୨୦।୪(ସ୍ୱ.ପ୍ର.)

ପିପିଲି ଥାନା ଦାଣ୍ଡମୁକୁନ୍ଦପୁର ଲୋଟସ ମଣ୍ଡପ ନିକଟରେ ପୁରୀ ଜିଲା ଅବକାରୀ ବିଭାଗ ଚଢ଼ାଉ କରି ଜଣେ ବ୍ୟକ୍ତିଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାସୁଦେବପୁର ଗ୍ରାମର ଦାମୋଦର ଦାସ(୪୧)। ତାଙ୍କଠାରୁ ୭୬ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏହାର ମୂଲ୍ୟ ୭ଲକ୍ଷ ୬୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ପୁରୀ ଜିଲା ମୋବାଇଲ ସ୍କ୍ୱାର୍ଡ ଉପନିରୀକ୍ଷକ ସିଦ୍ଧେଶ୍ୱର ମଲ୍ଲିକ କହିଛନ୍ତି।

# ଯକୃତର ଯତ୍ନ ପ୍ରତ୍ୟେକ ମଣିଷର ପ୍ରାଥମିକତା



କାର୍ଯ୍ୟକ୍ରମରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଏବଂ ଅନ୍ୟ ଅତିଥି।

ଭୁବନେଶ୍ୱର, ୨୦।୪ (ବ୍ୟୁରୋ)

ଗ୍ୟାଷ୍ଟ୍ରୋ ଲିଭର୍ କେୟାର ଫାଉଣ୍ଡେଶନ ଏବଂ କମିଶନରେଟ ପୋଲିସର ମିଳିତ ପ୍ରୟାସରେ ବୁଧବାର 'ବିଶ୍ୱ ଯକୃତ ଦିବସ' ପାଳିତ ହୋଇଯାଇଛି। ମଞ୍ଚେଶ୍ୱର ହାଡ଼ବାଇ ବସ୍ତିରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଲୋକଙ୍କ ମଧ୍ୟରେ ଯକୃତର ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା। ବରିଷ୍ଠ ପେଟରୋଗ ବିଶେଷଜ୍ଞ ତଥା ଓଡ଼ିଶା ଗ୍ୟାଷ୍ଟ୍ରୋ ଲିଭର୍ କେୟାର ଫାଉଣ୍ଡେଶନର ମୁଖ୍ୟ ପ୍ରଫେସର ମନୋଜ କୁମାର ସାହୁ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ପୋଲିସ କମିଶନର ଡା. ଉମାଶଙ୍କର ଦାଶ ଏବଂ ବହୁ ବରିଷ୍ଠ ପୋଲିସ ଅଧିକାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ଉପସ୍ଥିତ ଲୋକଙ୍କ ସହିତ ସୁସ୍ଥ ଜୀବନଚର୍ଯ୍ୟା ନେଇ ଡା. ସାହୁ ଆଲୋଚନା କରିଥିଲେ। ମଣିଷ ଶରୀରରେ ଲିଭର ବା ଯକୃତ ଏକ ପ୍ରମୁଖ ଅଙ୍ଗ। ତେଣୁ ଯକୃତର ଯତ୍ନ ପ୍ରତ୍ୟେକ ମଣିଷର ପ୍ରାଥମିକତା ହେବା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ପୋଲିସ କମିଶନରଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏନେଇ ଲୋକଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ନୋଡାଲ ଅଫିସର ବସନ୍ତ କୁମାର ପ୍ରଧାନ, ବସ୍ତି ମିତ୍ର ସୁରେଶ ନାୟକ, ରାଜବନ୍ଧୁ ପ୍ରମୁଖଙ୍କ ସମେତ ମଞ୍ଚେଶ୍ୱର ଥାନାର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଶତାଧିକ ଲୋକଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ଏବଂ ଯକୃତ ପରୀକ୍ଷା କରାଯାଇଥିଲା।

# ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ ପକ୍ଷରୁ ଅକ୍ଷୟତୃତୀୟା ପୁରସ୍କାର

ଭୁବନେଶ୍ୱର,୨୦।୪(ବ୍ୟୁରୋ)

ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ ପକ୍ଷରୁ ଚଳିତ ବର୍ଷ ପାଇଁ ଅକ୍ଷୟତୃତୀୟା ପୁରସ୍କାର ଘୋଷଣା କରାଯାଇଛି। 'ଆମ ଓଡ଼ିଶା' ସଙ୍ଗଠନକୁ ନନ୍ଦିଘୋଷ ସମ୍ମାନ, ଡ. ନରେଶ ଚନ୍ଦ୍ର ଦାସଙ୍କୁ ଶ୍ରୀସୁଦର୍ଶନ ସମ୍ମାନ, ପ୍ରାଧ୍ୟାପକ ସୁନୀଲ କୁମାର ରଥଙ୍କୁ ଶ୍ରୀବଳଭଦ୍ର ସମ୍ମାନ, ପ୍ରାଧ୍ୟାପିକା ଅର୍ଚ୍ଚନା ନାୟକଙ୍କୁ ଦେବୀ ସୁଭଦ୍ରା ସମ୍ମାନ, ପ୍ରଫେସର ଡ. ବ୍ରଜକିଶୋର ସ୍ୱାଇଁଙ୍କୁ ଶ୍ରୀଜଗନ୍ନାଥ ସମ୍ମାନ ପ୍ରଦାନ କରାଯିବ। ଆସନ୍ତା ଅକ୍ଷୟତୃତୀୟା ସନ୍ଧ୍ୟାରେ ଏହି ପୁରସ୍କାର ଦିଆଯିବ। ସାତକଡ଼ି ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କମିଟି ବୈଠକରେ ଏ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଛି ବୋଲି ସଂସ୍ଥାନର ସମ୍ପାଦକ ପୀତବାସ ରାଉତରାୟ ଓ ଆବାହକ ରମାକାନ୍ତ ମିଶ୍ର ଗୁରୁବାର ସୂଚନା ଦେଇଛନ୍ତି।



ଗଣକବି ବୈଷ୍ଣବ ପାଣିଙ୍କ ଶ୍ରାଦ୍ଧୋତ୍ସବରେ ଗୁରୁବାର ସଙ୍ଗୀତ ମହାବିଦ୍ୟାଳୟ ସମ୍ମୁଖରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଉତ୍କଳ ସମ୍ମିଳନୀ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

# ଜଳ ସମ୍ବନ୍ଧୀୟ ସମସ୍ୟା ସହରର ପ୍ରମୁଖ ଆହ୍ୱାନ


କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ଭୁବନେଶ୍ୱର, ୨୦।୪(ବ୍ୟୁରୋ)

### ଜଳବାୟୁ ପରିବର୍ତ୍ତନ ଓ ଏହାର ମୁକାବିଲା ନେଇ ଆଲୋଚନା

ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ଯୋଜନାବଦ୍ଧ ଭାବରେ ସମାଧାନ କରାଯିବା ଆବଶ୍ୟକ। ଏହାଦ୍ୱାରା ବାସସ୍ଥାନ, ବିଶେଷକରି ଭାରତୀୟ ସହରଗୁଡିକ ନିଜ ଅଧୀନରେ ସମ୍ଭାବ୍ୟ ଜଳବାୟୁ ପରିବର୍ତ୍ତନକୁ ହ୍ରାସ କରିବାକୁ ନିଜକୁ ପ୍ରସ୍ତୁତ କରିବେ ବୋଲି ମତ ପ୍ରକାଶ ପାଇଛି। ବୁଧବାର ଗୃହ ଓ ନଗର ଉନ୍ନୟନ ବିଭାଗ ଅଧିନରେ ଥିବା ରିଭର ସିଟିଜ୍ ଆଲାଏନ୍ସ (ଆରସିଏ)ର ସଦସ୍ୟ ଏବଂ ବିଏମ୍‌ସି ଅଧିକାରୀଙ୍କ ମଧ୍ୟରେ ଇକୋ ସିଷ୍ଟମ ଆଧାରିତ ଆଡପ୍ଟେସନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ନାସ୍‌ନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଅର୍ବାନ ଆଫାୟାର୍ସର ବରିଷ୍ଠ ପ୍ରକଳ୍ପ ଅଧିକାରୀ ଡ. ଉଦୟ ଭୋଣ୍ଡେ ଯୋଗଦେଇ କହିଲେ, ଜଳବାୟୁ ପରିବର୍ତ୍ତନ ଅନୁଯାୟୀ ଭୁବନେଶ୍ୱର ସହରକୁ ନବୀକରଣ କରାଯାଇପାରେ। ଏଥିପାଇଁ ହିତାଧିକାରୀ ଏଜେନ୍ସିମାନଙ୍କ ମଧ୍ୟରେ ଆଲୋଚନା ହେବା ଆବଶ୍ୟକ ବୋଲି ମତ ଦେଇଥିଲେ।

ରାଜଧାନୀ ଭୁବନେଶ୍ୱରରେ ଗୁରୁତ୍ୱପୂର୍ଣ୍ଣ ଆର୍ଦ୍ରଭୂମି, ଜଳଉତ୍ସ ରହିଛି। ଏହାର ଦକ୍ଷିଣରେ ଦୟା ନଦୀ ଏବଂ ପୂର୍ବରେ କୁଆଖାଇ ନଦୀ ଭଳି ଗୁରୁତ୍ୱପୂର୍ଣ୍ଣ ଇକୋସିଷ୍ଟମ ଅଛି। ସହର ଜଳବାୟୁ ପରିବର୍ତ୍ତନ ପାଇଁ ଅତ୍ୟନ୍ତ ଅସୁରକ୍ଷିତ ବୋଲି ୨୦୧୪ରେ ୟୁଏନ୍‌ଡିପି ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରେ ଚେତାବନୀ ଦିଆଯାଇଛି। ଏବେ ବି ଜଳ ସମ୍ବନ୍ଧୀୟ ସମସ୍ୟା ସହରର ପ୍ରମୁଖ ଆହ୍ୱାନ ଭାବେ ଉଭା ହୋଇଛି। ୨୦୦୬ରୁ ସହରର ଭୂତଳ ଜଳସ୍ତର ଏବଂ ଏହାର ପାରିପାର୍ଶ୍ୱିକ ସ୍ଥିତି ହ୍ରାସ ପାଇବାରେ ଲାଗିଛି। ତେଣୁ ଏ ସବୁ ଉପରେ ଗୁରୁତ୍ୱାରୋପ କରିବା ସହ ସମାଧାନ କରିବା ଲାଗି ଆଲୋଚନା କରାଯାଇଥିଲା। ସେହପରି ଜଳ ସମ୍ବନ୍ଧୀୟ ସମସ୍ୟାର ପ୍ରକୃତି ଭିତ୍ତିକ ସମାଧାନ ସୃଷ୍ଟି କରିବାକୁ ଏକ ମ୍ୟାପିଂ ହେବ ବୋଲି ଆଲୋଚନା ହୋଇଥିଲା। ବୈଠକରେ ବିଏମ୍‌ସି ଅତିରିକ୍ତ କମିଶନର-୧ ଲକ୍ଷ୍ମୀକାନ୍ତ ସେଠୀ, ଅତିରିକ୍ତ କମିଶନର-୩ ସୂର୍ଯ୍ୟବଂଶୀ ମୟୁର ବିକାଶ, ୱାଟ୍‌କୋ, ଡିଏଫ୍‌ଓ, ବିଡିଏ ସେକ୍ରେଟାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଚୁକ୍ତିଭିତ୍ତିକ ଡାକ୍ତରଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଉ

### ଦାବି ପୂରଣ ନ ହେଲେ କଳାବ୍ୟାଜ୍ ପିନ୍ଧି ଅନଶନ ଚେତାବନୀ

ଭୁବନେଶ୍ୱର, ୨୦।୪ (ବ୍ୟୁରୋ)

ରାଜ୍ୟରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଡାକ୍ତରଙ୍କ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସେମାନଙ୍କୁ ସ୍ଥାୟୀ କରିବା କିମ୍ବା ସାମାଜିକ ସୁରକ୍ଷା ଯୋଗାଇ ଦିଆଯିବା ନିମନ୍ତେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ରାଜ୍ୟର ପିଏଚ୍‌ସି, ସିଏଚ୍‌ସି, ସଦର ମହକୁମା ଓ ଜିଲାସ୍ତରୀୟ ହସ୍ପିଟାଲରେ ୪ଶହରୁ ଊର୍ଦ୍ଧ୍ୱ ଚୁକ୍ତିଭିତ୍ତିକ ଡାକ୍ତର ନିଯୁକ୍ତ ଥିବାବେଳେ, ସେମାନଙ୍କ ଭବିଷ୍ୟତ ଅନ୍ଧାର ଭିତରକୁ ଠେଲି ହୋଇଯାଉଥିବା ଅଭିଯୋଗ ହୋଇଛି। ଗୁରୁବାର ନିଖିଳ ଓଡ଼ିଶା ଚୁକ୍ତିଭିତ୍ତିକ ଏମ୍‌ବିବିଏସ୍ ଡାକ୍ତରଙ୍କ ପକ୍ଷରୁ ଉତ୍କଳ ସାମ୍ବାଦିକ ସଂଘଠାରେ ଏକ ଖବରଦାତା ସମ୍ମିଳନୀରେ ଏଭଳି ଅଭିଯୋଗ କରାଯାଇଛି।

ରାଜ୍ୟର ବହୁ ସଂଖ୍ୟକ ଡାକ୍ତରୀ ପଦବୀ ଖାଲି ପଡ଼ିଥିବାରୁ ଗ୍ରାମାଞ୍ଚଳରେ ରୋଗୀମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ, ସିଏଚ୍‌ସିଗୁଡ଼ିକରେ ଅତିକମ୍‌ରେ ୧୦ ଜଣ ଡାକ୍ତର ନିଯୁକ୍ତ କରାଯିବା କଥା। ମାତ୍ର ସ୍ୱଳ୍ପ ଡାକ୍ତର, ନର୍ସ ଓ ପାରାମେଡ଼ିକାଲଙ୍କୁ ନେଇ ହସ୍ପିଟାଲ ଚାଲୁଛି। ବହୁ ଡାକ୍ତରଖାନାରେ ଭିତ୍ତିଭୂମି ଅଭାବ ସହ କର୍ମଚାରୀ ସଙ୍କଟ ଲାଗି ରହିଥିବାବେଳେ ଚୁକ୍ତିଭିତ୍ତିକ ଡାକ୍ତରମାନେ ମାସିକ ମାତ୍ର ୫୫ ହଜାର ଟଙ୍କା ବେତନରେ କାର୍ଯ୍ୟକରିବା ଅସମ୍ଭବ ହୋଇ ପଡ଼ିଛି। ସେମାନଙ୍କୁ ଆଖିଦୃଶିଆ ଦରମା ସହ ଗସ୍ତଖର୍ଚ୍ଚ, ଘରଭଡ଼ା, ଚାକିରିର ସ୍ଥାୟିତ୍ୱ ଓ ପ୍ରମୋଶନ ମଧ୍ୟ ମିଳୁନାହିଁ। ସେହିପରି ୨୦୨୨ ଅକ୍ଟୋବରରେ ରାଜ୍ୟ ସରକାର ଚୁକ୍ତିଭିତ୍ତିକ ପ୍ରଥା ଉଠାଇବା ପାଇଁ ଘୋଷଣା କରିଥିଲେ ବି ଏହି ଡାକ୍ତରମାନଙ୍କ କ୍ଷେତ୍ରରେ ତାହା ଲାଗୁ କରା ନ ଯିବା ପରିତାପର ବିଷୟ ବୋଲି ଡା. ପୂର୍ଣ୍ଣେନ୍ଦୁ ନନ୍ଦ ଅଭିଯୋଗ କରିଛନ୍ତି। ସରକାର ଆସନ୍ତା ୨ସପ୍ତାହ ମଧ୍ୟରେ ଏହି ଡାକ୍ତରମାନଙ୍କ ଦାବି ପ୍ରତି ଉଚିତ୍ ପଦକ୍ଷେପ ଗ୍ରହଣ ନ କଲେ ଚୁକ୍ତିଭିତ୍ତିକ ଡାକ୍ତରମାନେ କଳାବ୍ୟାଜ୍ ପରିଧାନ କରି ନିଜ ନିଜ କର୍ମସ୍ଥଳରେ ଅନଶନ କରିବେ ବୋଲି ଚେତାବନୀ ଦିଆଯାଇଛି। କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିଲେ ରାଜ୍ୟ ସରକାର ସେଥିପାଇଁ ଦାୟୀ ରହିବେ ବୋଲି କୁହାଯାଇଛି। ଖବରଦାତା ସମ୍ମିଳନୀରେ ଡା. ରାଜୀବ ମିର୍ଜା, ଡା. ନିର୍ମାଲ୍ୟ ବିଶ୍ୱାଳ ଏବଂ ଡା. ରାକେଶ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ନିଖିଳ ଓଡ଼ିଶା ଚୁକ୍ତିଭିତ୍ତିକ ଏମ୍‌ବିବିଏସ୍ ଡାକ୍ତର।

## ସଂକ୍ଷେପରେ

### ୭.୬୦ ଲକ୍ଷର ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

ପିପିଲି,୨୦।୪(ସ୍ୱ.ପ୍ର.)- ପିପିଲି ଥାନା ଅନ୍ତର୍ଗତ ଦାଣ୍ଡମୁକୁନ୍ଦପୁର ଲୋଟସ ମଣ୍ଡପ ନିକଟରେ ପୁରୀ ଜିଲା ଅବକାରୀ ବିଭାଗ ଚଢ଼ାଉ କରି ଜଣେ ବ୍ୟକ୍ତିଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାସୁଦେବପୁର ଗ୍ରାମର ଦାମୋଦର ଦାସ(୪୧)। ତାଙ୍କଠାରୁ ୭୬ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏହାର ମୂଲ୍ୟ ୭ଲକ୍ଷ ୬୦ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ପୁରୀ ଜିଲା ମୋବାଇଲ ସ୍କ୍ୱାର୍ଡ ଉପନିରୀକ୍ଷକ ସିଦ୍ଧେଶ୍ୱର ମଲ୍ଲିକ କହିଛନ୍ତି। ଏନେଇ ୨୩/୨୩-୨୪ରେ ମାମଲା ରୁଜୁ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ପୁରୀ ଜିଲା ଅବକାରୀ ବିଭାଗ ଅଧିକାରୀ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶରେ ଜିଲାର ବିଭିନ୍ନ ସ୍ଥାନରେ ବେଆଇନ ନିଶା କାରବାର ଉପରେ ଚଢ଼ାଉ ଜାରି ରହିଛି। ପିପିଲି ଦାଣ୍ଡମୁକୁନ୍ଦପୁରଠାରେ ନିଶା କାରବାର ଚାଲୁଥିବା ଅବକାରୀ ବିଭାଗ କୌଣସି ସୂତ୍ରରୁ ଖବରପାଇ ଗୁରୁବାର ସେଠାରେ ଚଢ଼ାଉ କରିଥିଲା।

### ଘରୁ ୩ ଲକ୍ଷ ଟଙ୍କାର ସୁନାଗହଣା ଚୋରି

ନିମାପଡ଼ା,୨୦।୪(ଡି.ଏନ୍.ଏ.)- ଚାରିଛକ ଥାନା ଅନ୍ତର୍ଗତ ଆମ୍ବୋର ଗ୍ରାମର ଜଣଙ୍କ ଘରୁ ଚୋରି ହୋଇଥିବା ନେଇ ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ୪୨/୨୩ରେ ଏକ ମାମଲା ରୁଜୁ କରିଛି। ଖବରପାଇ ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ, ଏସ୍‌ଆଇ କୃଷ୍ଣଚନ୍ଦ୍ର ପୃଷ୍ଟି, ଏଏସ୍‌ଆଇ ଶିଶିର ମହାନ୍ତି ଓ ପ୍ରକାଶ ମହାନ୍ତି ପ୍ରମୁଖ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ସୂଚନା ମୁତାବକ, ଆମ୍ବୋର ଗ୍ରାମର କୃଷ୍ଣଚନ୍ଦ୍ର ଭୂୟାଁଙ୍କ ପରିବାର ବୁଧବାର ରାତିରେ ଖାଇପିଇ ଶୋଇଥିଲେ। ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ କୃଷ୍ଣଚନ୍ଦ୍ରଙ୍କ ଘରର ବାଡ଼ିପଟ ଲୁହା ଗ୍ରୀଲ ତାଡ଼ି ଭିତରକୁ ପଶିଥିଲେ। ତାଙ୍କ ସାନ ପୁଅ, ବୋହୂ ଘରେ ନ ଥିବାର ସୁଯୋଗ ନେଇ ତାଙ୍କ ରୁମ୍‌ର ତାଲା ଭାଙ୍ଗି ଲୁହା ଆଲମିରାର ତାଲା ଭାଙ୍ଗି ଗୋଟିଏ ସୁନା ହାର, ୨ଟି ସୁନା ମୁଦି, ୪ ପଟ ସୁନା ଚୁଡ଼ି, ଏକ ସୁନାଚେନ୍, ଲକେଟ୍, ଗୋଟିଏ ସାଇକେଲ, ନଗଦ ୧୦ ହଜାର ଟଙ୍କା ଲୁଟି ନେଇ ଖସି ପଳାଇଛନ୍ତି। ଚୋରି ଅଳଙ୍କାରର ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଗୃହକର୍ତ୍ତା କହିଛନ୍ତି।

### ଜାଗେଶ୍ୱରୀ କ୍ଲବର ବାର୍ଷିକୋତ୍ସବ

ଗୋପ,୨୦।୪(ଡି.ଏନ୍.ଏ.)- ଓଡ଼ିଆ ଘରର ସଂସ୍କୃତି, ପରମ୍ପରା, ଭାଇଚାରା ଧୀରେ ଧୀରେ ଦିଗହରା ହେବାରେ ଲାଗିଛି। ଏଥିପ୍ରତି ଆମକୁ ସଚେତନ ହେବାକୁ ପଡ଼ିବ। କାହିଁକି ନା ଆମେ ଜଗନ୍ନାଥ ସଂସ୍କୃତି ସହିତ ଜଡ଼ିତ। ତେଣୁ ଆମ ଓଡ଼ିଆ ସଂସ୍କୃତିକୁ ବଜାୟ ରଖିବାକୁ ହେଲେ ସଂସ୍କୃତି ବିଷୟରେ ଯୁବପିଢ଼ିଙ୍କୁ ଜଣାଇବାକୁ ହେବ ବୋଲି ମହଲପଡା ସରପଞ୍ଚ ଶିଶିର ରଞ୍ଜନ ନାୟକ କହିଛନ୍ତି। ଗୋପ ବ୍ଲକ ଅନ୍ତର୍ଗତ ମହଲପଡା ପଞ୍ଚାୟତ ଅଧୀନ ଓରେଇ ଗ୍ରାମରେ ଜାଗେଶ୍ୱରୀ ଡ୍ରାମାଟିକ୍ କ୍ଲବର ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ସରପଞ୍ଚ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ଲୋକମାନଙ୍କୁ ଉପରୋକ୍ତ ସୂଚନା ଦେଇଥିଲେ। ଜଟାଧାରୀ ମାଝୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗୋପ ଥାନାଧିକାରୀ ସୁନୀଲ ପ୍ରଧାନ, ସଂଯୁକ୍ତା ପଣ୍ଡା, ଲକ୍ଷ୍ମୀଧର ପଣ୍ଡା, ପ୍ରସନ୍ନ ପରିଡ଼ା, ଟୁକୁନି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ହୋଟେଲ୍ ଉପରକୁ ବୋମାମାଡ଼

ଭୁବନେଶ୍ୱର,୨୦।୪(ବ୍ୟୁରୋ)

## ଫ୍ଲାଏଓଭର ବ୍ରିଜ ଉପରୁ ଫିଙ୍ଗିଲେ, ହୋଟେଲ କାଚ ଭାଙ୍ଗିଲା

- ଗେଷ୍ଟ ଭୟଭୀତ, ପ୍ରାଥମିକ ତଦନ୍ତରୁ ପୂର୍ବ ଶତ୍ରୁତା ସନ୍ଦେହ
- ଡ୍ୟାନ୍ସ ବାର୍‌ରେ ଗଣ୍ଡଗୋଳକୁ ନେଇ ଘଟଣା ଘଟିଥିବା ଚର୍ଚ୍ଚା



ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛି।


ପଡିରହିଥିବା ବୋମା।

ରାଜଧାନୀରେ କିଛିଦିନର ନୀରବତା ପରେ ଗୁରୁବାର ବୋମାମାଡ଼ ଘଟଣା ସାମ୍ନାକୁ ଆସିଛି। ମଞ୍ଚେଶ୍ୱର ଥାନାଠାରୁ କିଛି ଦୂର ରସୁଲଗଡ଼ ଛକ ନିକଟରେ ଥିବା ଉର୍ମୀ ହୋଟେଲ୍‌କୁ ରାତି ପ୍ରାୟ ୮ଟା ୧୫ ବେଳେ ଦୁର୍ବୃତ୍ତମାନେ ୨ଟି ବୋମା ଫିଙ୍ଗିଛନ୍ତି। ଗୋଟିଏ ବୋମା ଜୀବନ୍ତ ଥିବା ଦେଖିବାକୁ ମିଳିଛି। ଏହି ବୋମା ହୋଟେଲର ୨୦୨ ରୁମ୍‌ରେ ବାଜିଥିବା ବେଳେ ୨ଟି କାଚ ଭାଙ୍ଗିଯାଇଛି। ଏଥିରେ କୌଣସି ବଡ଼ କ୍ଷୟକ୍ଷତି ହୋଇନାହିଁ କି କେହି ଆହତ ହୋଇ ନାହାନ୍ତି। ନିକଟସ୍ଥ ଫ୍ଲାଏଓଭର ବ୍ରିଜ ଉପରୁ ବାଇକରେ ଯାଉଥିବା ଦୁଇ ଯୁବକ ଏହି ବୋମା ଫୋପାଡ଼ିଥିବା କେତେଜଣ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଜନଗହଳିପୂର୍ଣ୍ଣ ଅଞ୍ଚଳରେ ବୋମା ପକାଇବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଛି। ଏନେଇ ହୋଟେଲ ମ୍ୟାନେଜର ସମରେନ୍ଦ୍ର ରାଉତ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବୋମାମାଡ଼ ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଥିଲା। ଥାନାଧିକାରୀ ସୁଧୀର କୁମାର ସାହୁ ଏବଂ ଜୋନ-୫ ଏସିପି ସଞ୍ଜୀବ ଶତପଥୀ ପ୍ରମୁଖ ହୋଟେଲରେ ପହଞ୍ଚି ତଦନ୍ତ କରିଛନ୍ତି। ସେମାନେ ସ୍ଥାନୀୟ ଲୋକ, ହୋଟେଲ କର୍ତ୍ତୃପକ୍ଷ, କର୍ମଚାରୀ ଓ ଅତିଥିମାନଙ୍କୁ ପଚରାଉରା କରିଥିଲେ। ଏସିପି କହିଛନ୍ତି, କେଉଁ କାରଣକୁ ନେଇ ଏହି ବୋମାମାଡ଼ କରାଯାଇଛି ତାହାର ବିଭିନ୍ନ ଦିଗକୁ ନେଇ ଅନୁସନ୍ଧାନ ଚାଲିଛି। କର୍ମଚାରୀ ଓ ହୋଟେଲ ମାଲିକଙ୍କୁ ପଚରାଉଚରା କଲା ପରେ ଅଧିକ କିଛି ତଥ୍ୟ ଜଣାପଡ଼ିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ହୋଟେଲ୍‌ର ଡ୍ୟାନ୍ସ ବାର୍‌ରେ ପୂର୍ବରୁ ଘଟିଥିବା ଝଗଡ଼ା ପାଇଁ ଏହି ବୋମାମାଡ଼ ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏପରିକି ଭିନ୍ନ ଭିନ୍ନ ରାତିରେ ଉକ୍ତ ହୋଟେଲର ଡ୍ୟାନ୍ସ ବାର୍‌ରେ ଗଣ୍ଡଗୋଳ ଘଟିଥିବା ନଜିର ରହିଛି। ତେଣୁ ବୋମାମାଡ଼ର ପ୍ରକୃତ କାରଣ ଜାଣିବା ପାଇଁ ପୋଲିସ ତଦନ୍ତ ଚଳାଇଛି।

# ଶିକ୍ଷକଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ

ଖୋର୍ଦ୍ଧା ଅଫିସ,୨୦।୪

## ଅନିୟମିତତା ପଛରେ ରହିଛି ସମ୍ପୃକ୍ତି

ଖୋର୍ଦ୍ଧା ବ୍ଲକରେ କାର୍ଯ୍ୟରତ ଜଣେ ଶିକ୍ଷକଙ୍କ ବିରୋଧରେ ଆସିଛି ସାଂଘାତିକ ଅଭିଯୋଗ। ତାଙ୍କ ବିରୋଧରେ କେତେଜଣ ବ୍ୟକ୍ତି ବ୍ୟାପକ ଅନିୟମିତତା ଅଭିଯୋଗ ଆଣି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ସମ୍ପୃକ୍ତ ଶିକ୍ଷକ ଏହି ବ୍ଲକରେ ସିଆରସିସିଭାବେ କାର୍ଯ୍ୟରତ ଥିବା ବେଳେ ଅଧିକାଂଶ ସମୟରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଦେଖିବାକୁ ମିଳୁଛି। ଶିକ୍ଷା ବିଭାଗର ଏକାଧିକ ଅନିୟମିତତା ପଛରେ ତାଙ୍କର ସମ୍ପୃକ୍ତି ରହିଛି। ନିଜକୁ ଶିକ୍ଷକ ସଂଘର ସଭାପତି ବୋଲି ପରିଚୟ ଦେଇ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ଅନ୍ୟତ୍ର ବଦଳି, ଜିପିଏଫ୍, ଛୁଟି ମଞ୍ଜୁର ଆଦି କାର୍ଯ୍ୟ ପାଇଁ ବେଆଇନ ଭାବେ ଟଙ୍କା ଆଦାୟ କରୁଛନ୍ତି ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି। ଏହି ଶିକ୍ଷକଙ୍କ ବିରୋଧରେ ପୂର୍ବରୁ ଜିଲାପାଳ ଏବଂ ଜିଲା ଶିକ୍ଷାଧିକାରୀଙ୍କ ନିକଟରେ ବିଭିନ୍ନ ପ୍ରସଙ୍ଗରେ ଏକାଧିକ ଅଭିଯୋଗ ହୋଇଛି। ତଥାପି ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ତଦନ୍ତ କରାଯାଇ ଏହି ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଦାବି ହୋଇଛି।

ଏନେଇ ନିଜ ନାମ ଗୋପନ ରଖି ଜଣେ ଶିକ୍ଷକ କହିଛନ୍ତି ଯେ, ଅଭିଯୋଗ ଆସିଥିବା ଶିକ୍ଷକ ଜଣକ ନିଜକୁ ଶିକ୍ଷକ ନେତା ବୋଲି ପରିଚୟ ଦେଉଛନ୍ତି। ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସମସ୍ୟା ସମାଧାନ ପ୍ରତି ଗୁରୁତ୍ୱ ଦେବା ପରିବର୍ତ୍ତେ ବ୍ଲକ ଶିକ୍ଷାଧିକାରୀଙ୍କୁ ବିଭିନ୍ନ ପ୍ରସଙ୍ଗରେ ସୁରକ୍ଷା ଢାଲଭାବେ କାର୍ଯ୍ୟ କରୁଛନ୍ତି। କୌଣସି ଶିକ୍ଷକ ବ୍ଲକ ଶିକ୍ଷାଧିକାରୀଙ୍କ ବିରୋଧରେ ଗଲେ, ତାଙ୍କୁ ସୁରକ୍ଷା ଦେବାକୁ ଆଗେଇ ଆସୁଛନ୍ତି। ଶିକ୍ଷକଙ୍କ ସମସ୍ୟା ସମାଧାନ ପ୍ରତିଶ୍ରୁତି ଦେଇ ହଇରାଣ କରୁଛନ୍ତି। ଶିକ୍ଷକମାନଙ୍କ ବଦଳି, ଡେପୁଟେଶନ, ଘରୋଇ ବିଦ୍ୟାଳୟ ସିଓଆର ଆଦି ବାବଦରେ ହସ୍ତକ୍ଷେପ କରୁଛନ୍ତି। ଏଥିରେ ଅର୍ଥ କାରବାର କରାଯାଉଛି। ତାଙ୍କ ମନମୁଖି କାର୍ଯ୍ୟ, ଟଙ୍କା ଆଦାୟକୁ ନେଇ ଶିକ୍ଷକ ସମାଜ ଅପମାନିତ ହେଉଛି ବୋଲି ସେ କହିଛନ୍ତି।

# ଅଂଶୁଘାତରେ ସନ୍‌କନୁର ପକ୍ଷୀ ମୃତ

ବାରଙ୍ଗ,୨୦।୪(ଡି.ଏନ୍.ଏ.)

## ଚିକିତ୍ସାଳୟକୁ ଆସିଲା ଅସୁସ୍ଥ ଶାଗୁଣା

ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ବିହଙ୍ଗ ସରଣୀରେ ରହୁଥିବା ଏକ ସନ୍‌କନୁର ପକ୍ଷୀର ଅଂଶୁଘାତରେ ଗୁରୁବାର ମୃତ୍ୟୁ ଘଟିଛି। ପକ୍ଷୀଟି ଖରା ଯୋଗୁ ମଧ୍ୟାହ୍ନ ସମୟରେ ହଠାତ୍ ଅସୁସ୍ଥ ହୋଇପଡିଥିଲା। ଦାୟିତ୍ୱରେ ଥିବା କର୍ମଚାରୀ ଏ ସଂକ୍ରାନ୍ତରେ କର୍ତ୍ତୃପକ୍ଷଙ୍କୁ ଖବର ଦେବାରୁ ବନ୍ୟପ୍ରାଣୀ ଚିକିତ୍ସକମାନେ ତା'ର ଚିକିତ୍ସା କରିଥିଲେ। ହେଲେ ତା'ର ମୃତ୍ୟୁ ଘଟିଥିଲା। ଏହି ପ୍ରଜାତିର ପକ୍ଷୀ ଉତ୍ତର-ପୂର୍ବ, ଦକ୍ଷିଣ ଆମେରିକାର କ୍ରାନ୍ତୀୟ ଓ ଉପକ୍ରାନ୍ତୀୟ ଚାରଣଭୂମି ଅଞ୍ଚଳରେ ଦେଖାଯା'ନ୍ତି। ସେହିପରି ରାଜ୍ୟଉଦ୍ଭିଦ ଉଦ୍ୟାନର ଶାଗୁଣା ପ୍ରଜନନ କେନ୍ଦ୍ରରେ ରହୁଥିବା ଏକ ଭାରତୀୟ (ଲମ୍ବା ଥଣ୍ଟିଆ) ଶାଗୁଣା କିଛିଦିନ ହେବ ଆଖିରେ ଯନ୍ତ୍ରଣା ପାଉଥିଲା। ଚିକିତ୍ସା ପାଇଁ ତାକୁ ଗୁରୁବାର କର୍ତ୍ତୃପକ୍ଷ ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସାଳୟର କ୍ୱାରେଣ୍ଟାଇନ ଆଣିଛନ୍ତି। ଏହି ଶାଗୁଣାଟି ୨୦୨୦ ନଭେମ୍ବରରେ ଗ୍ୱାଲିୟର ଗାନ୍ଧୀ ପ୍ରାଣୀ ଉଦ୍ୟାନରୁ ଆସିଥିଲା।


ବୈଶାଖ ଅମାବାସ୍ୟା ଅବସରରେ ଅମାବାସ୍ୟା ନାରାୟଣ ମହୋଦଧି ରେ ଅମାବାସ୍ୟା ନୀତି ସମ୍ପନ୍ନ କରୁଛନ୍ତି।

# ଅନ୍ନପୂର୍ଣ୍ଣା ଥିଏଟର ହେବ ନବୀକରଣ

ପୁରୀ ଅଫିସ,୨୦।୪

ପୁରୀର ଅନ୍ନପୂର୍ଣ୍ଣା ଥିଏଟର ପୁରୀ ତଥା ଓଡ଼ିଶାର ପ୍ରାଚୀନ ରଙ୍ଗମଞ୍ଚ ମଧ୍ୟରେ ଅନ୍ୟତମ। ଅନେକ କଳାକାର ଏଠାରେ ସୃଷ୍ଟି ହେବା ସହ ରାଜ୍ୟ ସଂସ୍କୃତିକୁ ପ୍ରଚାର ପ୍ରସାର କରିବାରେ ସହାୟକ ହୋଇଥିଲା। ଅନେକ କଳାକାର ଏହି ଥିଏଟରରୁ ଶିଖି ଦେଶରେ ରାଜ୍ୟର ନାମ ରଖିଛନ୍ତି। ତେବେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ତେଣୁ ତାହାର ପୂର୍ବ ଗୌରବକୁ ଫେରେଇ ଆଣିବାକୁ ପ୍ରଶାସନ ଉଦ୍ୟମ ଆରମ୍ଭ କରିଛି। ଏ ନେଇ ଜିଲାପାଳ ସମର୍ଥ ବର୍ମା ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚର ନବୀକରଣ ଓ ପୁନର୍ବିନ୍ୟାସ ପାଇଁ ସରକାରଙ୍କୁ ଅନୁରୋଧ କରିଥିଲେ। ଏହି ଅନୁରୋଧ ଆଧାରରେ ଅବଢ଼ା ଯୋଜନାରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚକୁ ସାମିଲ କରି ଏହାର ନବୀକରଣ ଓ ପୁନର୍ବିନ୍ୟାସ ପାଇଁ ପୂର୍ତ୍ତ ବିଭାଗର ସ୍ୱତନ୍ତ୍ର ସଚିବ ଓବିସିସିକୁ ପତ୍ର ଲେଖିଛନ୍ତି। ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚର ଏହି ନବୀକରଣ ପାଇଁ କଳାକାର ଓ କଳାପ୍ରେମୀମାନେ ଖୁସିବ୍ୟକ୍ତ କରିବା ସହ ସରକାର ଓ ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି।

# ୩ ଜଣଙ୍କୁ 'ଏକାମ୍ର ସମ୍ମାନ'

ଭୁବନେଶ୍ୱର(ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର,୨୦।୪(ଡି.ଏନ୍.ଏ.)

ପୋଥି, ପଥର ଓ ପ୍ରତ୍ନତତ୍ତ୍ୱର ମଣିଷ ଭାବେ ଓଡ଼ିଶାରେ ପ୍ରତିଷ୍ଠିତ ପ୍ରତ୍ନତତ୍ତ୍ୱବିତ୍ ତଥା ଐତିହାସିକ କେଦାରନାଥ ମହାପାତ୍ରଙ୍କ ୪୨ତମ ଶ୍ରାଦ୍ଧୋତ୍ସବ ଗୁରୁବାର କେଦାରନାଥ ଗବେଷଣା ପ୍ରତିଷ୍ଠାନଠାରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ସଭାପତି ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ରଘୁନାଥ ମିଶ୍ର ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ତଥା କବି ଡ. ପ୍ରସନ୍ନ କୁମାର ପାଟ୍ଟଶାଣୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଅଲେଖ ଚନ୍ଦ୍ର ଷଡ଼ଙ୍ଗୀ, ମୁଖ୍ୟବକ୍ତା ଭାବେ ପୁଣେସ୍ଥିତ ଜାତୀୟ ପ୍ରତିରକ୍ଷା ପ୍ରତିଷ୍ଠାନର ପ୍ରାକ୍ତନ ପ୍ରଫେସର ହରିହର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ସ୍ୱର୍ଗତ ମହାପାତ୍ରଙ୍କ ଜୀବନୀ ଓ ଗବେଷଣା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ପ୍ରତିଷ୍ଠାନ ପକ୍ଷରୁ ଡ. ଜୀବନ କୁମାର ପଟ୍ଟନାୟକ, ପ୍ରଫେସର ରଘୁନାଥ ପଣ୍ଡା, ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନଙ୍କୁ 'ଏକାମ୍ର ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସେମାନଙ୍କ ଉଦ୍ଦେଶ୍ୟରେ ପ୍ରତିଷ୍ଠାନ ପକ୍ଷରୁ ପ୍ରଦତ୍ତ ମାନପତ୍ରକୁ ତନୟାଦାସ ଗୋସ୍ୱାମୀ, ସୁଶାନ୍ତ କୁମାର ସ୍ୱାଇଁ ଏବଂ ଡ. ଜେନାମଣି ସଞ୍ଜୀବ କୁମାର ପାଠ କରିଥିଲେ। ପ୍ରତିଷ୍ଠାନର ଯୁଗ୍ମ ସମ୍ପାଦକ ଡ. ଦେବାଶିଷ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ ଡ. ରମେଶ ଚନ୍ଦ୍ର ପାଣି ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ଯୁଗ୍ମ ସମ୍ପାଦକ ଅରୁଣ କୁମାର ନାୟକ ଧନ୍ୟବାଦ ଦେଇଥିଲେ।


କେଦାରନାଥ ଗବେଷଣା ପ୍ରତିଷ୍ଠାନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ ଏବଂ ଅନ୍ୟଅତିଥି।

# ମନ୍ଦିରର ବାର୍ଷିକୋତ୍ସବ

ବାଲିଅନ୍ତା,୨୦।୪(ଡି.ଏନ୍.ଏ.)

ରାଜଧାନୀ ଉପକଣ୍ଠ ହାଇଟେକ ଛକସ୍ଥିତ ସାଇନାଥ ମନ୍ଦିରର ୯ମ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାଇବାବାଙ୍କ ବିଗ୍ରହକୁ ନୀତିକାନ୍ତି ଅନୁଯାୟୀ ସ୍ନାନ କରାଯାଇଥିଲା। ପରେ ଆଳତି, ହୋମଯଜ୍ଞ, ଘଟପୂଜା, ମାତୃପୂଜା, ସୂର୍ଯ୍ୟପୂଜା, ଅଭିଷେକ, ମଧ୍ୟାହ୍ନ ଆଳତୀ, ସନ୍ଧ୍ୟା ଆଳତି ପରେ ରାତି ୧୦ଟା ସମୟରେ ଶେଯ ଆଳତି ନୀତି ସମ୍ପନ୍ନ ହୋଇଥିଲା। ଏହି ଉପଲକ୍ଷେ 'ସଙ୍ଗୀତ ରାଗିଣୀ' ଭଜନ ସନ୍ଧ୍ୟା କଳାକାରଙ୍କ ଦ୍ୱାରା ସାଇ ଭଜନ ପରିବେଷଣ କରାଯାଇଥିଲା।

# ନରେନ୍ଦ୍ର ଚକଡ଼ା ସ୍ଥିତି ଅନୁଧ୍ୟାନ କଲେ ଏସ୍‌ପି


ଏସପି ଡ. କନୱର ବିଶାଲ ସିଂ ଗୁରୁବାର ଚନ୍ଦନ ଚକଡାକୁ ଅନୁଧ୍ୟାନ କରୁଛନ୍ତି।

ପୁରୀ ଅଫିସ,୨୦।୪

ମହାପ୍ରଭୁଙ୍କ ଚନ୍ଦନଯାତ୍ରା ଚଳିତ ମାସ ୨୩ ତାରିଖଠାରୁ ଆରମ୍ଭ ହେବ। ଚନ୍ଦନ ଯାତ୍ରାରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ରାମକୃଷ୍ଣ, ମଦନମୋହନ, ଶ୍ରୀଦେବୀ, ଭୂଦେବୀଙ୍କ ସମେତ ପଞ୍ଚୁ ପାଣ୍ଡବ ନରେନ୍ଦ୍ର ପୁଷ୍କରିଣୀରେ ୨୧ ଦିନ ବ୍ୟାପି ନୌକାବିହାର ବା ଜଳକ୍ରୀଡା କରିବେ। ଏଥିପାଇଁ ଗତ ଚୈତ୍ର ପୂର୍ଣ୍ଣିମା ଦିନ ନନ୍ଦା, ଭଦ୍ରା ଚାପକୁ ଭୋଇ ସେବାୟତ ମାନେ ନରେନ୍ଦ୍ର ପୁଷ୍କରିଣୀରୁ ବାହାର କରିବା ପରେ ଗୁରୁବାରଠାରୁ ଚାପଡଙ୍ଗାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ମହାରଣା ଓ ଭୋଇ ସେବକଙ୍କ ଦ୍ୱାରା ନିର୍ମାଣ କାର୍ଯ୍ୟ ଜାରି ରହିଛି। ପ୍ରାଥମିକ ପର୍ଯ୍ୟାୟରେ ନନ୍ଦା ଓ ଭଦ୍ରା ଚାପରେ ପଟା ବାଡିଆ ଚାଲିଛି। ଅପରପକ୍ଷ ଏଥିଲାଗି ଶ୍ରୀମନ୍ଦିର ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏ ନେଇ ଏସପି ଡ. କନୱର ବିଶାଳ ସିଂ ଗୁରୁବାର ନରେନ୍ଦ୍ର ପୁଷ୍କରିଣୀ ଯାଇ ସୁରକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି। ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଚନ୍ଦନ ଚାପ ଭକ୍ତମାନେ କିଭଳି ଶୃଙ୍ଖଳିତ ଭାବେ ଦର୍ଶନ କରିପାରିବେ ସେନେଇ ଏସ୍‌ପି ଅନୁଧ୍ୟାନ କରିଛନ୍ତି। ଚଳିତଥର ଚନ୍ଦନଯାତ୍ରରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯିବ। ସୁରକ୍ଷା ଦାୟିତ୍ୱରେ ୮ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହେବା ସହ ୨ଜଣ ଅତିରିକ୍ତ ଏସପି, ୩ଜଣ ଡିଏସପି, ୭ ଇନ୍‌ସ୍ପେକ୍ଟରଙ୍କ ସହ ୨୫ ସବ ଇନ୍‌ସ୍ପେକ୍ଟର ଓ ଆସିଷ୍ଟାଣ୍ଟ ସବ୍ ଇନ୍‌ସ୍ପେକ୍ଟର ମୁତୟନ ରହିବେ ବୋଲି ପୋଲିସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଆର୍ମି ଇଲେଭେନ, ବି.ବି.ରକ୍‌ଷ୍ଟାର ବିଜୟୀ

## ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ

ବୋଲଗଡ଼,୨୦।୪(ଡି.ଏନ୍.ଏ.)

ସ୍ଥାନୀୟ ବାମନ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ଚାଲିଥିବା ନବମ ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟରେ ଗୁରୁବାର ବି.ବି.ରକ୍‌ଷ୍ଟାର ଓ ରିୟଲ ଫାଇଟର ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ବି.ବି.ରକ୍‌ଷ୍ଟାର ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୫ ଉଇକେଟ ବିନିମୟରେ ୧୦୨ ରନ ସଂଗ୍ରହ କରିଥିଲା। ଜବାବରେ ରିୟଲ ଫାଇଟର ୧୧.୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୭୬ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବିଜୟୀ ଟିମ୍‌ର ବିକୁନି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେହିପରି ବୁଧବାର ଅନୁଷ୍ଠିତ ଚତୁର୍ଥ ମ୍ୟାଚ୍ ଆର୍ମି ଇଲେଭେନ ଓ ଫିଲ୍ଡ ଫାଇଟର ମଧ୍ୟରେ ହୋଇଥିଲା। ଆର୍ମି ଇଲେଭେନ ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୯ ଉଇକେଟ ବିନିମୟରେ ୧୧୧ରନ ସଂଗ୍ରହ କରିଥିଲା। ଜବାବରେ ଫିଲ୍ଡ ଫାଇଟର ଟିମ୍ ସମସ୍ତ ଉଇକେଟ ବିନିମୟରେ ୯.୨ ଓଭରରେ ୬୯ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବିଜୟୀ ଟିମ୍‌ର ସଚ୍ଚି ମୁଦୁଲି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରଶ୍ମିରଞ୍ଜନ ମହାରଣା ଓ ଅଜୟ ସିଂ ଉଭୟ ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜକ କମିଟି ପକ୍ଷରୁ ଚିତ୍ତରଞ୍ଜନ ପଟ୍ଟନାୟକ, ଶୁଭାଶିଷ ଦଳବେହେରା, ସନ୍ତୋଷ କୁମାର ନାୟକ, ସ୍ନେହାଶିଷ ଚମ୍ପତି ପ୍ରମୁଖ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିଙ୍କଠାରୁ ବିକୁନି ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

# ପରସ୍ପର ସମନ୍ୱୟ ରଖି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ

- ଚନ୍ଦନ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ
- ରଥଖଳା, ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଦେଖିଲେ ଜିଲାପାଳ

ପୁରୀ ଅଫିସ,୨୦।୪


ଚନ୍ଦନଯାତ୍ରା ପ୍ରସ୍ତୁତି ପାଇଁ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକ।

ଅକ୍ଷୟ ତୃତୀୟାରୁ ଆରମ୍ଭ ହେବ ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା। ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନ, ରାମକୃଷ୍ଣ, ଶ୍ରୀଦେବୀ, ଭୂଦେବୀ ଏବଂ ପଞ୍ଚ ମହାଦେବ ଚାପ ଖେଳିବେ। ଏହାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ଗୁରୁବାର ସନ୍ଧ୍ୟାରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ରାସ୍ତା ମରାମତି, ନିରବଚ୍ଛିନ୍ନ ବିଦ୍ୟୁତ୍ ବ୍ୟବସ୍ଥା, ଠାକୁରଙ୍କ ଯିବାଆସିବା ରାସ୍ତା ଅବରୋଧ ନ ହେବା, ରାସ୍ତା ଆଲୋକୀକରଣ, ନରେନ୍ଦ୍ର ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ ଓ ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ଠିକ୍ ଭାବେ ପରିଚାଳନା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ମହାଜନ, ବିମାନବଡୁ, ମନ୍ଦିର କମାଣ୍ଡର ଓ ବିଭିନ୍ନ ନିର୍ମାଣକାରୀ ସଂସ୍ଥା ପରସ୍ପର ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଚନ୍ଦନଯାତ୍ରାରେ ଯେପରି ଅସୁବିଧା ନ ହୁଏ, ସେଥିପ୍ରତି ସତର୍କ ରହିବାକୁ କହିଥିଲେ। ତେବେ ଐତିହ୍ୟ ପରିକ୍ରମା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଜାରି ରହିଥିବାରୁ ଅନେକ ସମୟରେ ମହାପ୍ରଭୁଙ୍କ ନୀତିକାନ୍ତିରେ ସମସ୍ୟା ଦେଖାଯାଉଛି। ଯାହାକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ତେଣୁ ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ସାରିବା ଆବଶ୍ୟକ ବୋଲି ବୈଠକରେ ମତ ରଖିଥିଲେ ସେବାୟତ। ନଚେତ୍ ମହାପ୍ରଭୁଙ୍କ ନୀତିକାନ୍ତି ଉପରେ ଏହାର ପ୍ରଭାବ ପଡ଼ିପାରେ ବୋଲି କହିଥିଲେ। ସେହିପରି ଚନ୍ଦନ ଯାତ୍ରା ସମୟରେ ଅଦିନିଆ ଝଡର ଆଶଙ୍କା ଥିବାରୁ ସେଥିପାଇଁ ଅଧିକ ସତର୍କତାର ସହ କାର୍ଯ୍ୟ କରିବା, କର୍ମଚାରୀ ନିୟୋଜନ କରିବାକୁ ପରାମର୍ଶ ଦିଆଯାଇଛି। ବୈଠକରେ ଏସ୍‌ପି ଡା.କନୱର ବିଶାଳ ସିଂ, ଅତିରିକ୍ତ ଜିଲାପାଳ ପ୍ରଶାସନ ପ୍ରଦୀପ ସାହୁ, ଅତିରିକ୍ତ ଜିଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ ଜେନା ପ୍ରମୁଖ ଯୋଗଦେଇଥିଲେ।

## ଟ୍ରକ୍ ଧକ୍କାରେ ସିକ୍ୟୁରିଟି ଗାର୍ଡ ଗୁରୁତର

ଖୁଣ୍ଟୁଣୀ,(ଡି.ଏନ୍.ଏ.): ୫୫ନଂ. ଜାତୀୟ ରାଜପଥର ଖୁଣ୍ଟୁଣୀ ଥାନା ଅଧୀନ ପୁରୁଷୋତ୍ତମପୁର ଗ୍ରାମ ନିକଟରେ ଗୁରୁବାର ଟ୍ରକ ଧକ୍କାରେ ଏକ କାରଖାନାର ରାମ କିଶୋର ସିଂ ନାମକ ଜଣେ ସିକ୍ୟୁରିଟି ଗାର୍ଡ ଗୁରୁତର ହୋଇଛନ୍ତି। ତାଙ୍କ ଘର ବିହାରରେ ହୋଇଥିବାବେଳେ ସେ ସ୍ଥାନୀୟ ପାନିଆମା ଗ୍ରାମରେ ଭଡାରେ ରହି କପୁରସିଂଠାରେ ଥିବା ଏକ କାରଖାନାରେ ସିକ୍ୟୁରିଟି ଗାର୍ଡ ଭାବେ କାମ କରୁଛନ୍ତି। ଅପରାହ୍ନ ପ୍ରାୟ ସାଢେ ୨ଟାରେ ରାମ ଡ୍ୟୁଟି କରିବା ପାଇଁ ସାଇକେଲରେ କାରଖାନାକୁ ଯାଉଥିବାବେଳେ ଖୁଣ୍ଟୁଣୀ ପଟୁ ଦ୍ରୁତ ଗତିରେ ଆସୁଥିବା ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ତାଙ୍କର ସାଇକେଲ ଭାଙ୍ଗିରୁଜି ଯାଇଥିବାବେଳେ ସେ ଗୁରୁତର ହୋଇଥିଲେ। ଚିକିତ୍ସା ଲାଗି ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ସଂକ୍ଷେପରେ

### କଟକରେ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେଉ

କଟକ ଅଫିସ, ୨୦।୪: କଟକ ସହରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କର ବାସଭବନ ରହିଛି। ସେହିପରି କଟକ ସହରର ବିକାଶ କ୍ଷେତ୍ରରେ ଜାନକୀଙ୍କ ଅବଦାନ ଅତୁଳନୀୟ। ଏଣୁ କଟକ ଶେଲ୍ଟର ଛକକୁ ଜାନକୀବଲ୍ଲଭ ପଟ୍ଟନାୟକ ଛକ ନାମରେ ନାମିତ କରିବା ସହ ସେଠାରେ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଅନେକ ଥର ଦାବି କରାଯାଇଛି। ହେଲେ ରାଜ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରିନାହାନ୍ତି। କଟକ ୟୁଥ୍ ଫୋରମ୍ ଓ ଛାତ୍ର ସମାଜ ଓଡ଼ିଶା ପକ୍ଷରୁ ପୁଣି ଥରେ ଉକ୍ତ ଦାବି କରାଯାଇଛି। ସଙ୍ଗଠନ ପକ୍ଷରୁ ଏ ସମ୍ପର୍କିତ ଏକ ଦାବିପତ୍ର ଜିଲାପାଳଙ୍କୁ ଗୁରୁବାର ଦିଆଯାଇଛି। ଛାତ୍ର ସମାଜ ଓଡ଼ିଶାର ଆବାହକ ଦୀପକ କୁମାର ଗୁରୁ, କଟକ ୟୁଥ୍ ଫୋରମ୍ ସଭାପତି ଗୁରୁଦାସ ଗୌତମ, ଯୁବନେତା ବିକି ଚକ୍ରବର୍ତ୍ତୀ, ସ୍ମୃତିରଞ୍ଜନ ରାଉତ, ଚର୍ଚ୍ଚିତ ମହାନ୍ତି, ସପନ ଲେଙ୍କା ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

### ୨୨ରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରୌପ୍ୟ ଜୟନ୍ତୀ ସମାରୋହ

କଟକ ସଦର,୨୦।୪(ଡି.ଏନ୍.ଏ.): କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରୌପ୍ୟ ଜୟନ୍ତୀ ସମାରୋହ ଆସନ୍ତା ୨୨ ଓ ୨୩ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବ। ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଟକ ସଦର ତହସିଲଦାର ମାନସ ରଞ୍ଜନ ଭୋଇ, ସମ୍ମାନିତ ଅତିଥି ଭାବେ ଅଭିନେତା ଶ୍ରୀତମ ଦାସ ଓ ସ୍ମୃତି ରଞ୍ଜନ ବେହେରା, ମୁଖ୍ୟବକ୍ତା ଭାବେ ଶ୍ରୀସନ୍ନ୍ୟାସୀ ଯୋଗଦେବେ। ସେହିପରି ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ସମ୍ମାନିତ ଅତିଥି ଭାବେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, ମୁଖ୍ୟବକ୍ତା ଭାବେ କାଦମ୍ବିନୀ ପତ୍ରିକାର ସମ୍ପାଦକ ଇତିରାଣୀ ସାମନ୍ତ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଗୁରୁବାର ବିଦ୍ୟାମନ୍ଦିର ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଶିଶୁ ମନ୍ଦିର ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ ଚନ୍ଦ୍ର କର ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ପରିଚାଳନା କମିଟି ଉପସଭାପତି ଅଧାପକ ସନ୍ତୋଷ କୁମାର ତ୍ରିପାଠୀ, ସମ୍ପାଦକ ନବଘନ ରାଉତ, ପ୍ରଧାନ ଆଚାର୍ଯ୍ୟ ସୋମନାଥ ବିଶ୍ୱାଳ ଓ ଉପଦେଷ୍ଟା ହୃଷୀକେଶ ଜେନା ଉପସ୍ଥିତ ଥିଲେ।

### 'ସମାଜ ପାଇଁ ଗଣକବିଙ୍କ ଅବଦାନ ଅତୁଳନୀୟ'

କଟକ ଅଫିସ, ୨୦।୪: ଗଣକବି ବୈଷ୍ଣବ ପାଣି ଗବେଷଣା ପରିଷଦ ପକ୍ଷରୁ ଗଣକବିଙ୍କ ଶ୍ରାଦ୍ଧ ଦିବସ କଟକ ଖାନନଗର ପାର୍କଠାରେ ଗୁରୁବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ଆବାହକ ତଥା ଆଇନଜୀବୀ ଆକାଶ ଭୂୟାଁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଫେସର ଡ. ବାବାଜୀ ଚରଣ ପଟ୍ଟନାୟକ ଯୋଗଦେଇ ଗଣକବିଙ୍କ ଅମର ପ୍ରତିଭା ଓ ସମାଜ ପାଇଁ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଡା. ରବି ରଞ୍ଜନ ସାହୁ, ଅଧାପକ ଡ. ଶେଖ୍ କଲିମୁଲ୍ଲା, ନାଟ୍ୟକାର ଅଭୟ ଦାସ, ଆଇନଜୀବୀ ଅନ୍ନପୂର୍ଣ୍ଣା ସାହୁ, ମିଲନ କୁମାର ବଡୁ, ପତଙ୍ଗ ଭୂଷଣ ଦାସ, ଭୁବନାନନ୍ଦ ମହାନ୍ତି, ପ୍ରକାଶ ମୁଦୁଲି, ସ୍ୱାଧୀନ ମହାପାତ୍ର, ପବିତ୍ର କୁମାର ନାୟକ ପ୍ରମୁଖ ଗଣକବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଆଇନଜୀବୀ ବିଭୁ ପ୍ରସନ୍ନ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ୪ ମାସରେ ହସ୍ପିଟାଲ ରାସ୍ତାକାମ ସରିବ

**ଏସ୍‌ସିବି ସମ୍ପ୍ରସାରଣ କାର୍ଯ୍ୟ ତ୍ୱରାନ୍ୱିତ ନେଇ ବୈଠକ**

- ବ୍ଲଡ୍ ବ୍ୟାଙ୍କ ଷ୍ଟାଫ କ୍ୱାର୍ଟର୍ସ ପାଇଁ ଜମି ଚିହ୍ନଟ
- ପ୍ରାଣୀଧନ ନିର୍ଦ୍ଦେଶାଳୟ ପରିସରକୁ ସ୍ଥାନାନ୍ତର ହେବ ମଙ୍ଗଳାବାଗ ଥାନା

କଟକ ଅଫିସ,୨୦।୪


ସିଡିଏ ଅଧକ୍ଷ ଅନିଲ ସାମଲ ଏସ୍‌ସିବି ସମ୍ପ୍ରସାରଣ କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ମଙ୍ଗଳାବାଗ ଥାନା ପ୍ରାଣୀଧନ ନିର୍ଦ୍ଦେଶାଳୟ ପରିସରକୁ ସ୍ଥାନାନ୍ତର କରାଯିବ। ଓଏମ୍‌ପି ଛକ ନିକଟ ଅଧ ଏକର ଜମିରେ ବ୍ଲଡ୍ ବ୍ୟାଙ୍କ ଷ୍ଟାଫ କ୍ୱାର୍ଟର୍ସ ନିର୍ମାଣ ହେବ। ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ କରିବା ପାଇଁ ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଛି। ଏହାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ପ୍ରଶାସନ ଗୁରୁତ୍ୱ ଦେଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଅଧକ୍ଷ ତଥା ପ୍ରକଳ୍ପ କାର୍ଯ୍ୟକାରୀ କମିଟି ଅଧକ୍ଷ ଅନିଲ କୁମାର ସାମଲ ଏସ୍‌ସିବି ମେଡିକାଲ ପରିଦର୍ଶନ କରିବା ସହ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ।

୨୦୨୩ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଶେଷ ହେବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ଏଥିସହ ହସ୍ପିଟାଲର ୨ ପଟରେ ଆରମ୍ଭ ହୋଇଥିବା ୪ ଲେନ୍ କାର୍ଯ୍ୟ ଆସନ୍ତା ୪ ମାସ ମଧ୍ୟରେ ଶେଷ ହେବ ବୋଲି ସାମଲ ସୂଚନା ଦେଇଛନ୍ତି। ହସ୍ପିଟାଲର ୪ ପାଖରୁ ଗୋଟିଏ ପଟରେ ତାଳଦଣ୍ଡା କେନାଲ ରାସ୍ତା ରହିଥିବାବେଳେ ଅନ୍ୟ ପଟରେ ରିଂବନ୍ଧ ରାସ୍ତା ରହିଛି। ସେହିପରି ଅନ୍ୟ ଦୁଇ ପଟରୁ ଲେଫ୍ଟ ଆକ୍‌ସେସ୍ ରୋଡ୍ ଏବଂ ରାଇଟ୍ ଆକ୍‌ସେସ୍ ରୋଡ କାର୍ଯ୍ୟ ଆରମ୍ଭ ହୋଇଛି। ଲେଫ୍ଟ ଆକ୍‌ସେସ ଓ ରାଇଟ୍ ଆକ୍‌ସେସ୍ ରୋଡ ପାଇଁ ଜମି ଅଧିଗ୍ରହଣ ସରିଥିବାବେଳେ ବାକି ୨ଟି ଜମିର ଅଧିଗ୍ରହଣ କାର୍ଯ୍ୟ ଜାରି ରହିଛି। ସେହିପରି ନୂତନ ରେଡ୍‌କ୍ରସ୍ ବିଲ୍ଡିଂର ନିର୍ମାଣ କାର୍ଯ୍ୟ ୨ ମାସ ମଧ୍ୟରେ ଶେଷ ହେବା ପରେ ଉକ୍ତ ପୁରୁଣା ବିଲ୍ଡିଂକୁ ଭାଙ୍ଗି ଦିଆଯିବ ବୋଲି ସାମଲ କହିଛନ୍ତି। ଏସ୍‌ସିବି ସମ୍ପ୍ରସାରଣ ପ୍ରକଳ୍ପ ପାଇଁ ୧୩ଟି କାର୍ଯ୍ୟ (ରେସିଡେନ୍ସିଆଲ) ନାଗାର୍ଜୁନ ନାମକ ସଂସ୍ଥାକୁ ଦିଆଯାଇଥିଲାବେଳେ କ୍ଲିନିକାଲ ବ୍ଲକର ୪ଟି ପ୍ରକଳ୍ପକୁ ଏଲ୍‌ଆଣ୍ଡଟିକୁ ଦିଆଯାଇଛି। ୨୮୦ କୋଟି ଟଙ୍କା ବ୍ୟୟରେ ଏସ୍‌ସିବିର କ୍ଲିନିକାଲ ବ୍ଲକ କାର୍ଯ୍ୟ ଜାରି ରହିଛି। ବ୍ଲଡବ୍ୟାଙ୍କ ବିଲ୍ଡିଂର ନିର୍ମାଣ କାର୍ଯ୍ୟ ପିଡବ୍ଲ୍ୟୁଡି ଦ୍ୱାରା କରାଯାଉଥିବା ସମ୍ପର୍କରେ ସାମଲ ସୂଚନା ଦେଇଛନ୍ତି। ଏହି ପରିଦର୍ଶନବେଳେ ଏଡିଏମ୍(ରେଭିନ୍ୟୁ) ପୂର୍ଣ୍ଣଚନ୍ଦ୍ର ମିଶ୍ର, କଟକ ସଦର ତହସିଲଦାରଙ୍କ ସମେତ ଏସ୍‌ସିବି ମେଡିକାଲ ରେଜିଷ୍ଟ୍ରାର ପ୍ରମୁଖ ଉପସ୍ଥିତ ଥିଲେ।

# ଜବରଦଖଲ ଉଚ୍ଛେଦ

କଟକ ଅଫିସ,୨୦।୪

କଟକ ମହାନଗର ନିଗମ(ସିଏମ୍‌ସି) ଏନ୍‌ଫୋର୍ସମେଣ୍ଟ ଟିମ୍ ଓ ଟ୍ରାଫିକ ପୋଲିସ ପକ୍ଷରୁ ଗୁରୁବାର ବାଦାମବାଡିଠାରୁ ମଧୁପାଟଣା ପର୍ଯ୍ୟନ୍ତ ଗୋଟିଏ ପଟ ରାସ୍ତାରୁ ଜବର ଦଖଲ ଉଚ୍ଛେଦ କରାଯାଇଛି। ବେଆଇନ ଭାବେ ରାସ୍ତାକୁ ମାଡି ବ୍ୟବସାୟ ଚଳାଉଥିବା ଏକାଧିକ ବ୍ୟବସାୟୀଙ୍କର ଅସ୍ଥାୟୀ ନିର୍ମାଣ ଭାଙ୍ଗି ଦିଆଯାଇଛି। ବିଶେଷକରି ଡ୍ରେନ୍ ଉପରେ ବ୍ୟବସାୟ କରୁଥିବା ଏକାଧିକ ବ୍ୟବସାୟୀଙ୍କଠାରୁ ୭,୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ପାର୍କିଂ ସମସ୍ୟା ସୃଷ୍ଟି କରୁଥିବା ବ୍ୟବସାୟୀଙ୍କୁ ତାଗିଦ କରାଯାଇଥିଲା। ସିଏମ୍‌ସି ସହକାରୀ କମିଶନର ତ୍ରିଶୂଳ ମାର୍ଦି ଓ ତ୍ରିନାଥ ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ଉଚ୍ଛେଦରେ ଟ୍ରାଫିକ ଇନ୍ସପେକ୍ଟର କିଶୋର ଚନ୍ଦ୍ର ପ୍ରଧାନ, ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଟିମ୍‌ର ପଞ୍ଚାନନ ପାଲ, ସ୍କ୍ୱାଡ୍ ସଦସ୍ୟ ପ୍ରଫୁଲ୍ଲ ମଙ୍ଗଲ, ବିଭୁତି ରାୟ, ୧ ପ୍ଲାଟୁନ ପୋଲିସ ଫୋର୍ସ ଓ କଟକ ଜିଲା ଏନଫୋର୍ସମେଣ୍ଟ ଫୋର୍ସ ସାମିଲ ହୋଇଥିଲା।

# ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ



ଜଗତପୁର ବିଦ୍ୟୁତ୍ ଉପଭୋକ୍ତା ସଂଘ ପକ୍ଷରୁ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରାଯାଇଛି।

ମଙ୍ଗୁଳି-ଜଗତପୁର,୨୦।୪(ଡି.ଏନ୍.ଏ.)

ରାଜ୍ୟରେ ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ଏହି ସମୟରେ ଜଗତ୍‌ପୁର ଅଞ୍ଚଳରେ ମରାମତି ଆଳରେ ବାରମ୍ବାର ବିଦ୍ୟୁତ୍ କାଟ୍ ହେଉଛି। ଫଳରେ ବିଦ୍ୟୁତ୍ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଜଗତପୁର ବିଦ୍ୟୁତ୍ ଉପଭୋକ୍ତା ସଂଘ ପକ୍ଷରୁ ସ୍ଥାନୀୟ ଗୋଲେଇ ଛକସ୍ଥିତ ଟିପିସିଓଡିଏଲ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ସଂଘ ସଭାପତି ତୀର୍ଥାନନ୍ଦ ପଣ୍ଡାଙ୍କ ନେତୃତ୍ୱରେ ୨୦ରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ଉପଭୋକ୍ତାଙ୍କ ସମସ୍ୟା ସମ୍ପର୍କରେ ବିଭାଗୀୟ ଏସ୍‌ଡିଓ ଓ ଜେଇଙ୍କ ସହ ଆଲୋଚନା କରାଯିବା ସହିତ ଏକ ସ୍ମାରକପତ୍ର ଏସ୍‌ଡିଓ ସରୋଜ କୁମାର ସାହୁଙ୍କୁ ପ୍ରଦାନ କରାଯାଇଥିଲା। ଉକ୍ତ ସ୍ମାରକପତ୍ରରେ ଦର୍ଶାଯାଇଛି, ଅଘୋଷିତ ବିଦ୍ୟୁତ୍ କାଟ୍ ବନ୍ଦ କରାଯାଉ, ଦୀର୍ଘବର୍ଷର ପୁରୁଣା ତାର ଓ ଖୁଣ୍ଟ ବଦଳାଯାଉ, ଅଧିକ କ୍ଷମତା ସମ୍ପର୍ଣ୍ଣ ଟ୍ରାନ୍ସଫର୍ମର ବସାଯାଉ, ନୂତନ ଗ୍ରୀଡ୍ ସ୍ଥାପନ ଓ ଅସହ୍ୟ ଗୁଳୁଗୁଳି ସମୟରେ ବକେୟା ଟଙ୍କା ପାଇଁ କୌଣସି ଉପଭୋକ୍ତାଙ୍କ ଲାଇନ୍ କଟା ନ ଯାଉ। ସେହିପରି ପୁରୁଣା ସର୍ଭିସ ତାର ବଦଳା ଗଲେ ଉପଭୋକ୍ତା ସର୍ଭିସ ତାର ଦେଉଥିବାବେଳେ ଲେବର ଚାର୍ଜ ବାବଦରେ ପ୍ରାୟ ୧୦୦୦ ଟଙ୍କା ଭଳି ମୋଟା ଅଙ୍କର ଅର୍ଥରାଶି ବିଲ୍‌ରେ ସଂଯୁକ୍ତ ହୋଇ ଆସିବାକୁ ସଂଘ ଦୃଢ ବିରୋଧ କରିଛି। ଏହି ଘେରାଉରେ ଆଇନଜୀବୀ ନୀରୋଦ ଚନ୍ଦ୍ର ପଣ୍ଡା, ମାନସ ପରିଡା, ଅଲେଖ ଚନ୍ଦ୍ର ବେହେରା, ସଚ୍ଚିଦାନନ୍ଦ ଶୁକ୍ଳ, ସନାତନ ନାୟକ, ରଶ୍ମିକାନ୍ତ ସାମଲ, ଲଳିତ ପରିଡା, ନଗେନ୍ଦ୍ର ମହାପାତ୍ର ପ୍ରମୁଖ ସାମିଲ ଥିଲେ।

# ସୁରକ୍ଷିତ ସ୍ଥାନରେ ପାଠପଢ଼ା ବ୍ୟବସ୍ଥା କରାଯାଉ



ଦାବିପତ୍ର ଦେବାକୁ ଆସିଥିବା ମୋ କଟକ ସୁରକ୍ଷା ମଞ୍ଚର ସଦସ୍ୟମାନେ।

**ଜରାଜୀର୍ଣ୍ଣ ଅବସ୍ଥାରେ ଯୋବ୍ରା ପତିତପାବନ ସରକାରୀ ନୋଡାଲ ଉ.ପ୍ରା.ବିଦ୍ୟାଳୟ**

କଟକ ଅଫିସ, ୨୦।୪

ରାଜ୍ୟ ସରକାର ସରକାରୀ ବିଦ୍ୟାଳୟ ଓ ଛାତ୍ରୀଛାତ୍ରଙ୍କୁ ପ୍ରାଧାନ୍ୟ ଦେଉଛନ୍ତି। ସରକାରୀ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ କରିବାକୁ ୫-ଟି ମାଧ୍ୟମରେ ବ୍ୟାପକ ଅର୍ଥ ବ୍ୟୟ କରାଯାଉଛି। ହେଲେ କଟକସ୍ଥିତ ଯୋବ୍ରା ପତିତପାବନ ସରକାରୀ ନୋଡାଲ ଉ.ପ୍ରା. ବିଦ୍ୟାଳୟର ସ୍ଥିତି ଭିନ୍ନ। ଶ୍ରେଣୀଗୃହର କାନ୍ଥ ଅନେକାଂଶ ଭାଙ୍ଗି ଯାଇଛି। ଏପରି କି କାନ୍ଥରେ ଗଛ ଉଠିବାରୁ ଦୁର୍ବଳ ଅବସ୍ଥାରେ ରହିଛି। ଉକ୍ତ ସ୍କୁଲରେ ୫ ଜଣ ଶିକ୍ଷୟିତ୍ରୀଶିକ୍ଷକ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ପାଠ ପଢାଉଛନ୍ତି। ଏଥିସହ ମାତ୍ର ୫ଟି ଭଙ୍ଗାଟିଣ ଆଜବେଷ୍ଟସ ଘରେ ଅତି ଦୟନୀୟ ଭାବେ ଛାତ୍ରୀଛାତ୍ରମାନେ ପାଠ ପଢୁଛନ୍ତି ବୋଲି ମୋ କଟକ ସୁରକ୍ଷା ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ଉକ୍ତ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସୁରକ୍ଷା ନିମନ୍ତେ ଯଥାଶୀଘ୍ର ସୁରକ୍ଷିତ ସ୍ଥାନରେ ପାଠପଢା ବ୍ୟବସ୍ଥା କରିବାକୁ ମଞ୍ଚ ଦାବି କରିଛି। ଏ ସମ୍ପର୍କିତ ଏକ ଦାବିପତ୍ର ମଞ୍ଚ ପକ୍ଷରୁ ଗୁରୁବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦିଆଯାଇଛି। ମଞ୍ଚର ସମ୍ପାଦକ ଜିତେନ୍ଦ୍ର କୁମାର ସାହୁ, ଅରୁଣ କୁମାର ବାରିକ, ରଶ୍ମିତା ସାମଲ, ସର୍ବେଶ୍ୱର ସାହୁ, ଅମର ବାରିକ, ଜଗନ୍ନାଥ ଦାସ, ସୁବାସ ଚନ୍ଦ୍ର ଦଳାଇ ପ୍ରମୁଖ ଉକ୍ତ ଦାବିପତ୍ର ପ୍ରଦାନ କରିଥିଲେ। ଏ ସମ୍ପର୍କରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ମହାନଦୀ ତଟୋତ୍ସବ ଉଦ୍‌ଯାପିତ

କଟକ ସଦର,୨୦।୪(ଡି.ଏନ୍.ଏ.)

କିଶନ ନଗର ତହସିଲ ଅନ୍ତର୍ଗତ ମଲୀପୁରଠାରେ ଅନୁଷ୍ଠିତ ୫ ଦିନିଆ ମହାନଦୀ ତଟୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇଥିଲେ। ଏହି ଅବସରରେ କିଶନ ନଗର ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶ, କନ୍ଦରପୁର ଥାନା ଅଧିକାରୀ ବିପିନ ବିହାରୀ ହୋତା ଓ କଟକ ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ସ୍ଥାନୀୟ ଶିଶୁ କଳାକାରଙ୍କ ଲୋକନୃତ୍ୟ, ରାଇବଂଶୀ ଡ୍ୟାନ୍ସ ଗ୍ରୁପ୍, ସିଜିଲର୍ସ ଡ୍ୟାନ୍ସ ଗ୍ରୁପ୍‌ର କଳାକାରମାନେ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ। ମହାନଦୀ ତଟୋତ୍ସବ କମିଟି ସଭାପତି ସତ୍ୟବ୍ରତ ତ୍ରିପାଠୀ, ସମ୍ପାଦକ ତଥା କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅଭିଯୋଗ ସତ୍ତ୍ୱେ ସମସ୍ୟା ସମାଧାନ ହେଉନି

**ବିଡିଓଙ୍କୁ ଦାବିପତ୍ର**

ମଙ୍ଗୁଳି-ଜଗତପୁର,୨୦।୪(ଡି.ଏନ୍.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ କୟଳପଡ଼ା ପଞ୍ଚାୟତରେ ଅନେକ ସମସ୍ୟା ରହିଛି। ଏହାର ସମାଧାନ ପାଇଁ ଗ୍ରାମବାସୀ ବାରମ୍ବାର ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ପଦକ୍ଷେପ ନିଆଯାଉନାହିଁ। ଫଳରେ ଗ୍ରାମବାସୀଙ୍କ ପକ୍ଷରୁ ଗୁରୁବାର ବିଡିଓ ଆଶୁତୋଷ ମିଶ୍ରଙ୍କୁ ଏ ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବତନ ସରପଞ୍ଚ ରଶ୍ମିରଞ୍ଜନ ପ୍ରଧାନ ଓ ପୂର୍ବତନ ଜିଲା ପରିଷଦ ସଭ୍ୟ ଶ୍ରୀଧର ରାଉଳଙ୍କ ନେତୃତ୍ୱରେ ଗ୍ରାମର ଶତାଧିକ ଜନସାଧାରଣ ଏକତ୍ରିତ ହୋଇ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମରେ ପାଣି ସମସ୍ୟା, ନୂତନ ଭତ୍ତା କାର୍ଡ ନ କରିବା, ବିଦ୍ୟୁତ୍ ଖୁଣ୍ଟରେ ଲାଇଟ୍ ଲଗାଯିବା ନେଇ ଗ୍ରାମବାସୀ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ହେଲେ ଏପର୍ଯ୍ୟନ୍ତ ସମସ୍ୟାର ସମାଧାନ ହେଲାନାହିଁ। ଅପରପକ୍ଷରେ ଗ୍ରାମରେ ଅଧିକାଂଶ ପ୍ରକଳ୍ପ କାମ ନିମ୍ନମାନର କରାଯାଇଥିବା ଓ ପ୍ରତି ମାସରେ ପଞ୍ଚାୟତ ବୈଠକ ନ ହୋଇ ୫/୬ମାସ ବ୍ୟବଧାନରେ ଦସ୍ତଖତ କରାଯାଉଥିବା ଅଭିଯୋଗ ହୋଇଛି। ଯଦି ଆସନ୍ତା ୨୪ ତାରିଖ ମଧ୍ୟରେ ସମସ୍ୟାର ସମାଧାନ କରା ନ ଯାଏ, ତେବେ ୨୫ ତାରିଖରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀ ଧାରଣାରେ ବସିବେ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ଧାରଣା ଦିଆଯିବ। ଏହି ସମୟରେ ଗ୍ରାମବାସୀଙ୍କର କୌଣସି କ୍ଷତି ହେଲେ ବ୍ଲକ ପ୍ରଶାସନ ଦାୟୀ ରହିବ ବୋଲି ଟାଙ୍ଗୀ ପୋଲିସକୁ ଲିଖିତ ଆକାରରେ ଜଣାଇ ଦିଆଯାଇଛି ବୋଲି ପୂର୍ବତନ ସରପଞ୍ଚ ପ୍ରଧାନ କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଜାନକୀ ପରିଡା, ହରିହର ପାତ୍ର, ଭରତ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ବିଡିଓ ମିଶ୍ର କହିଛନ୍ତି, ଗ୍ରାମବାସୀଙ୍କ ସମସ୍ୟାର ସମାଧାନ କରାଯିବ।

# ବର୍ଷାଜଳ ନିଷ୍କାସନ ପାଇଁ ଯୋଜନା ପ୍ରସ୍ତୁତ ହେବ

**ସିଏମ୍‌ସି, ରେଭେନ୍‌ଶା କର୍ତ୍ତୃପକ୍ଷଙ୍କୁ ନେଇ ବୈଠକ**

କଟକ ଅଫିସ,୨୦।୪


ବୈଠକରେ ସିଏମ୍‌ସି ମେୟର, ଡେପୁଟି ମେୟର, କମିଶନର ଓ ବିଧାୟକଙ୍କ ସହ ଅନ୍ୟମାନେ।

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପରିସରରେ ବର୍ଷାଜଳ ଜମି ରହିବା ଘଟଣା ପ୍ରଶାସନ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ଗୁରୁବାର ବିଶ୍ୱବିଦ୍ୟାଳୟ ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ, କମିଶନର ନିଖିଲ ପଓନ କଲ୍ୟାଣ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ, ରେଜିଷ୍ଟ୍ରାର କାହ୍ନୁଚରଣ ମଲ୍ଲିକ୍, ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ସମେତ ଏକାଧିକ ଶିକ୍ଷାବିତ୍ ଯୋଗଦେଇଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପରିସରରୁ ବର୍ଷାଜଳ ନିଷ୍କାସନ ସମ୍ପର୍କରେ ବୈଠକରେ ଆଲୋଚନା ହେବା ସହ ଏଥିପାଇଁ ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏ ନେଇ ମେୟର କହିଥିଲେ, କ୍ୟାମ୍ପସ ପରିସର ତଳିଆ ଅଞ୍ଚଳ ହୋଇଥିବାରୁ ବର୍ଷାଜଳ ନିଷ୍କାସନରେ ବାଧା ଉପୁଜୁଛି। ଏଥିପାଇଁ ସମସ୍ତ ବିଭାଗ ସହ ଯୋଗାଯୋଗ କରାଯାଇ ଏକ ସମନ୍ୱିତ ଯୋଜନା ହାତକୁ ନିଆଯିବ। ବିଶ୍ୱବିଦ୍ୟାଳୟ ପରିସରରେ ରହିଥିବା ସ୍ୱେରେଜ୍ ଓ ଡ୍ରେନେଜ୍ ବ୍ୟବସ୍ଥାରେ ସୁଧାର ଅଣାଯିବାର ଯଥେଷ୍ଟ ଆବଶ୍ୟକତା ରହିଛି। ସେହିପରି କ୍ୟାମ୍ପସ ବାହାର ଡ୍ରେନ୍‌କୁ ପରିସରରେ ଥିବା ଡ୍ରେନ୍ ସହ ସଂଯୋଗ କରିବା ପାଇଁ ଜାଇକା ଯନ୍ତ୍ରୀଙ୍କ ସହଯୋଗ ଲୋଡାଯାଇଛି। ସମସ୍ୟାର ତୁରନ୍ତ ସମାଧାନ ପାଇଁ ଉଦ୍ୟମ କରାଯିବ ବୋଲି ସେ କହିଥିଲେ । ଏହି ପରିପ୍ରେକ୍ଷୀରେ ମେୟର, କମିଶନର, ବିଧାୟକ ଓ ତାଙ୍କ ସହ ଥିବା ଅଧିକାରୀ, ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କ୍ୟାମ୍ପସ ପରିସର ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ବିଧାୟକ ବିଶ୍ୱାଳ, ରେଭେନ୍‌ଶା କର୍ତ୍ତୃପକ୍ଷ ସମସ୍ୟାର ସମାଧାନ ପାଇଁ ମେୟର ଓ କମିଶନରଙ୍କୁ କେତେକ ପ୍ରସ୍ତାବ ଦେଇଥିଲେ। ଏହି ବୈଠକରେ ସିଏମ୍‌ସି ଡେପୁଟି ମେୟର ଦମୟନ୍ତୀ ମାଝି, ସିଏମ୍‌ସି ଇଞ୍ଜିନିୟରିଂ ବିଭାଗ ମୁଖ୍ୟ ଅତନୁ ସାମନ୍ତ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ସତ୍ୟବ୍ରତ ମହାପାତ୍ରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।


ଗଣକବି ବୈଷ୍ଣବ ପାଣିଙ୍କ ଶ୍ରାଦ୍ଧଦିବସ ଉପଲକ୍ଷେ ଗୁରୁବାର ଗଣକବି ବୈଷ୍ଣବ ପାଣି ଗବେଷଣା ପରିଷଦ ପକ୍ଷରୁ ଖାନ୍‌ନଗର ପାର୍କରେ ଥିବା ଗଣକବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିବା ବ୍ୟକ୍ତିବୃନ୍ଦ।


ଇଦ୍ ଉପଲକ୍ଷେ କଟକ ଦରଘାବଜାରସ୍ଥିତ କଦମ-ଇ-ରସୁଲକୁ ଆଲୋକମାଳାରେ ସଜ୍ଜିତ କରାଯାଇଛି।

# ୨୨ ଭାଜପା ଯୁବମୋର୍ଚ୍ଚା ନେତାଙ୍କୁ ହାଇକୋର୍ଟରୁ ଜାମିନ ମିଳିଲା

**ଭୁବନେଶ୍ୱର ବିକ୍ଷୋଭ ବେଳେ ପୋଲିସ ସହ ଧସ୍ତାଧସ୍ତି ମାମଲା**

କଟକ ଅଫିସ,୨୦।୪: ଦେଢ଼ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଜେଲ୍‌ରେ ଥିବା ୨୨ ଜଣ ଭାଜପା ଯୁବମୋର୍ଚ୍ଚା ନେତାଙ୍କୁ ହାଇକୋର୍ଟ ଗୁରୁବାର ଜାମିନ ପ୍ରଦାନ କରିଛନ୍ତି। ଭୁବନେଶ୍ୱରରେ ବିକ୍ଷୋଭ କରିବାବେଳେ ପୋଲିସ ସହ ଧସ୍ତାଧସ୍ତି ହୋଇ ଯୁବମୋର୍ଚ୍ଚା ନେତାମାନେ ଗିରଫ ହୋଇଥିଲେ। ବିଚାରପତି ସଙ୍ଗମ କୁମାର ସାହୁ ଏମାନଙ୍କ ଆବେଦନ ଉପରେ ଶୁଣାଣି କରି ଜାମିନ ପ୍ରଦାନ କରିଛନ୍ତି। ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତି ପ୍ରତିବାଦରେ ଗତ ଫେବୃଆରୀ ୨୮ରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବିଧାନସଭା ଘେରାଉବେଳେ ହିଂସାକାଣ୍ଡ ଘଟିଥିଲା। ଭାଜପା କାର୍ଯ୍ୟାଳୟଠାରୁ ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟଙ୍କ ନେତୃତ୍ୱରେ କର୍ମୀମାନେ ବିଧାନସଭା ଆଡ଼କୁ ଯାଉଥିବାବେଳେ ପୋଲିସ ସେମାନଙ୍କୁ ଲୋୟର ପିଏମ୍‌ଜିଠାରେ ଅଟକାଇଥିଲା। ହେଲେ ଭାଜପା କର୍ମୀମାନେ ପୋଲିସ ଉପରକୁ ଢେଲା ଓ ଅଣ୍ଡାମାଡ଼ କରିଥିଲେ। ଏଥିରେ ୨୧ ଜଣ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ଏହି ଘଟଣାରେ ଇରାଶିଷଙ୍କ ସମେତ ୨୨ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ସେହିଦିନଠାରୁ ସେମାନେ ଜେଲ୍‌ରେ ଥିଲେ। ଅପରପକ୍ଷରେ ଭାଜପା କର୍ମୀଙ୍କୁ ପୋଲିସର ବର୍ବର ଅତ୍ୟାଚାର ସହ ଲାଠିମାଡ଼ କରିବା ଅଭିଯୋଗରେ ପୋଲିସରେ ପାଲଟା ଅଭିଯୋଗ କରାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ମାମଲା ପରିଚାଳନା କରୁଥିଲେ।

## ସଂକ୍ଷେପରେ

ସୁବର୍ଣ୍ଣପୁରରେ ବିଜେଡିର ଯୁବ ସମାବେଶ

### ବିଶ୍ୱାସ, ଭରସାକୁ ନେଇ ୪୦ ବର୍ଷ ଧରି ଆପଣଙ୍କ ସହ ରହିଛି

ଗୋପ,୨୦।୪(ଡି.ଏନ୍.ଏ.)- ଦୀର୍ଘ ୪୦ ବର୍ଷ ଧରି ଆପଣଙ୍କ ବିଶ୍ୱାସ, ଭରସା ଓ ଭଲପାଇବା ନେଇ ମୁଁ ଆପଣଙ୍କ ସହ ରହିଛି। ରାଜ୍ୟ ସରକାର କେବଳ ନିମାପଡ଼ା- ଗୋପ ନିର୍ବାଚନମଣ୍ଡଳୀରେ ବିକାଶର କଥା ଚିନ୍ତା କରିନାହାନ୍ତି। ସାରା ରାଜ୍ୟରେ ବିକାଶମୂଳକ କାର୍ଯ୍ୟ ସହିତ ସାଧାରଣ ଲୋକଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଛନ୍ତି। ସୁବର୍ଣ୍ଣପୁରଠାରେ ବିଜେଡିର ଆୟୋଜିତ ଯୁବ ସମାବେଶରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଏହା କହିଛନ୍ତି। ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ସନାତନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ଗୋପ ବ୍ଲକ ବିଜେଡି ସଭାପତି ମଧୁସୂଦନ ପାଇକରାୟ, ଯୁବନେତା ପୂନେଶ ସେନାପତି, ୧୧ନଂ. ଜିଲା ପରିଷଦ ପ୍ରାର୍ଥୀ ଭାଗୀରଥି ସେନାପତି, ପ୍ରଶାନ୍ତ ସ୍ୱାଇଁ, ଯୋଗେନ୍ଦ୍ର ବେହେରା ପ୍ରମୁଖ ସମାବେଶର ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖିଥିଲେ। ସମାବେଶରେ ଗୋପ ବ୍ଲକ ଅଣ୍ଡରା-ଇଚ୍ଛାପୁର, ବନ୍ତଳିଗ୍ରାମ, ଗଣେଶ୍ୱରପୁର ଓ କୁଆଁପଡ଼ା ପଞ୍ଚାୟତର ଯୁବକମାନେ ଯୋଗ ଦେଇଥିଲେ। ୧୧ନଂ. ଜିଲା ପରିଷଦ ସଭ୍ୟ ସ୍ୱର୍ଗତ ଧର୍ମେନ୍ଦ୍ର ପ୍ରଧାନଙ୍କ ମୃତ୍ୟୁ ପରେ ପ୍ରଥମ ଥର ପାଇଁ ଏହି ଜୋନ୍‌ରେ ଉପନିର୍ବାଚନ ମେ ୨ରେ ଅନୁଷ୍ଠିତ ହେବ। ଏହି ଉପନିର୍ବାଚନ ଲାଗି ବିଭିନ୍ନ ଦଳରୁ ୯ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ବିଜେଡି ପ୍ରାର୍ଥୀ ଭାଗୀରଥି ସେନାପତି ନିର୍ବାଚନ ଲଢୁଛନ୍ତି। ମୁଖ୍ୟତଃ ଏଥିରେ କଂଗ୍ରେସ ଏବଂ ବିଜେଡି ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଥିବାବେଳେ ଭାଜପା ସେତେଟା ସୁଦୃଢ଼ ନ ଥିବା ଜଣାପଡ଼ିଛି। ସମାବେଶରେ ଶତାଧିକ ଭାଜପା ଓ କଂଗ୍ରେସର ଯୁବ ନେତୃବୃନ୍ଦମାନେ ମନ୍ତ୍ରୀ ଦାଶଙ୍କ ନେତୃତ୍ୱରେ ଦଳରେ ସାମିଲ ହୋଇଥିବା ଦଳ ଲାଗି ଏକ ବଡ଼ ଆହ୍ୱାନ ବୋଲି ଜଣାପଡିଛି। ଯୁବ ସମାବେଶକୁ ମନଦୀପ ପାଇକରାୟ, ପ୍ରହଲ୍ଲାଦ ସ୍ୱାଇଁ, ଶ୍ରୀକାନ୍ତ ନାୟକ, କରୁଣାକର ସାହୁ, ଜ୍ଞାନ ରଞ୍ଜନ ବେହେରା, ଦେବାଶିଷ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

### ଅଂଶୁଘାତରେ ସନ୍‌କନୁର ପକ୍ଷୀ ମୃତ

### ଚିକିତ୍ସାଳୟକୁ ଆସିଲା ଅସୁସ୍ଥ ଶାଗୁଣା

ବାରଙ୍ଗ,୨୦।୪(ଡି.ଏନ୍.ଏ.)- ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ବିହଙ୍ଗ ସରଣୀରେ ରହୁଥିବା ଏକ ସନ୍‌କନୁର ପକ୍ଷୀର ଅଂଶୁଘାତରେ ଗୁରୁବାର ମୃତ୍ୟୁ ଘଟିଛି। ପକ୍ଷୀଟି ଖରା ଯୋଗୁ ମଧ୍ୟାହ୍ନ ସମୟରେ ହଠାତ୍ ଅସୁସ୍ଥ ହୋଇପଡିଥିଲା। ଦାୟିତ୍ୱରେ ଥିବା କର୍ମଚାରୀ ଏ ସଂକ୍ରାନ୍ତରେ କର୍ତ୍ତୃପକ୍ଷଙ୍କୁ ଖବର ଦେବାରୁ ବନ୍ୟପ୍ରାଣୀ ଚିକିତ୍ସକମାନେ ତା'ର ଚିକିତ୍ସା କରିଥିଲେ। ହେଲେ ତା'ର ମୃତ୍ୟୁ ଘଟିଥିଲା। ଏହି ପ୍ରଜାତିର ପକ୍ଷୀ ଉତ୍ତର-ପୂର୍ବ, ଦକ୍ଷିଣ ଆମେରିକାର କ୍ରାନ୍ତୀୟ ଓ ଉପକ୍ରାନ୍ତୀୟ ଚାରଣଭୂମି ଅଞ୍ଚଳରେ ଦେଖାଯାଆନ୍ତି। ସେହିପରି ରାଜ୍ୟଉଦ୍ଭିଦ ଉଦ୍ୟାନର ଶାଗୁଣା ପ୍ରଜନନ କେନ୍ଦ୍ରରେ ରହୁଥିବା ଏକ ଭାରତୀୟ (ଲମ୍ବା ଥଣ୍ଟିଆ) ଶାଗୁଣା କିଛିଦିନ ହେବ ଆଖିରେ ଯନ୍ତ୍ରଣା ପାଉଥିଲା। ଚିକିତ୍ସା ପାଇଁ ତାକୁ ଗୁରୁବାର କର୍ତ୍ତୃପକ୍ଷ ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସାଳୟର କ୍ୱାରେଣ୍ଟାଇନ ଆଣିଛନ୍ତି। ଏହି ଶାଗୁଣାଟି ୨୦୨୦ ନଭେମ୍ବରରେ ଗ୍ୱାଲିୟର ଗାନ୍ଧୀ ପ୍ରାଣୀ ଉଦ୍ୟାନରୁ ଆସିଥିଲା।

# ଶେଷ ପର୍ଯ୍ୟାୟରେ ଚନ୍ଦନଯାତ୍ରା ପ୍ରସ୍ତୁତି

ପୁରୀ ଅଫିସ,୨୦।୪

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୧୨ ମାସରେ ୧୩ ଯାତ୍ରା ସହ ଅନେକ ଉପଯାତ୍ରା ଶ୍ରୀମନ୍ଦିର ଭିତରେ ଏବଂ ବାହାରେ ଅନୁଷ୍ଠିତ ହୋଇଥାଏ। ମହାପ୍ରଭୁଙ୍କ ଏହି ପ୍ରମୁଖ ତ୍ରୟଦଶ ଯାତ୍ରା ମଧ୍ୟରୁ ଚନ୍ଦନ ଯାତ୍ରା ଅନ୍ୟତମ। ପବିତ୍ର ଅକ୍ଷୟ ତୃତୀୟାଠାରୁ ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ଆରମ୍ଭ ହେବ। ଆସନ୍ତା ୨୩ ତାରିଖରେ ଅକ୍ଷୟ ତୃତୀୟା ପଡୁଥିବାରୁ ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରାକୁ ଆଉ ଦୁଇ ଦିନ ବାକି ଥିବାବେଳେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଦାଉରୁ ଉପଶମ ପାଇବା ନିମନ୍ତେ ମହାପ୍ରଭୁ ନରେନ୍ଦ୍ର ପୁଷ୍କରିଣୀରେ ନୌକା ବିହାର କରିଥାନ୍ତି। ଏହି ନୌକା ବିହାରକୁ ଚନ୍ଦନ ଯାତ୍ରା ବା ଚାପ ବୋଲି କୁହାଯାଇଥାଏ। ମୁଖ୍ୟତଃ ଚନ୍ଦନ ଯାତ୍ରା ୪୨ ଦିନ ଧରି ଅନୁଷ୍ଠିତ ହୋଇଥାଏ। ମହାପ୍ରଭୁଙ୍କ ଏହି ଯାତ୍ରା ଦୁଇଟି ପର୍ଯ୍ୟାୟରେ ସମ୍ପନ୍ନ ହୋଇଥାଏ। ଅକ୍ଷୟ ତୃତୀୟାଠାରୁ ପ୍ରଥମ ୨୧ଦିନକୁ ବାହାର ଚନ୍ଦନ ଯାତ୍ରା ଏବଂ ହଳଦୀ ପାଣିଠାରୁ ଶେଷ ୨୧ ଦିନକୁ ଭିତର ଚନ୍ଦନଯାତ୍ରା ଭାବେ ଅଭିହିତ କରାଯାଇଥାଏ। ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀ ମଦନମୋହନ, ମହାଲକ୍ଷ୍ମୀଙ୍କ ଚଳନ୍ତି ପ୍ରତିମା ଶ୍ରୀଦେବୀ, ମା' ସରସ୍ୱତୀଙ୍କ ଚଳନ୍ତି ପ୍ରତିମା ଭୂଦେବୀ, ଶ୍ରୀବଳଭଦ୍ରଙ୍କ ଚଳନ୍ତି ପ୍ରତିମା ରାମକୃଷ୍ଣ ଏବଂ ଶ୍ରୀକ୍ଷେତ୍ରରର ପଞ୍ଚ ମହାଦେବ ଭାବେ ପୂଜିତ ଶ୍ରୀ ଯମେଶ୍ୱର, ଶ୍ରୀ ଲୋକନାଥ, ଶ୍ରୀ ମାର୍କେଣ୍ଡେଶ୍ୱର, ଶ୍ରୀ କପାଳଲୋଚନ ଏବଂ ଶ୍ରୀ ନୀଳକଣ୍ଠ ବିମାନରେ ନରେନ୍ଦ୍ର ପୁଷ୍କରିଣୀ ଆସି ନନ୍ଦା ଏବଂ ଭଦ୍ରା ନାମକ ଚାପ ଡଙ୍ଗାରେ ବସି ଚାପ ଖେଳିଥାନ୍ତି।

ତେବେ ଅକ୍ଷୟ ତୃତୀୟାରୁ



ଚନ୍ଦନ ଯାତ୍ରା ପାଇଁ ନରେନ୍ଦ୍ର ପୁଷ୍କରିଣୀରେ ଥିବା ଚନ୍ଦନ ଘରକୁ ଚିତ୍ରକଳା କାରିଗରମାନେ ସଜାଉଛନ୍ତି ।

### ୪୨ଦିନ ଧରି ଚାଲିବ ଯାତ୍ରା

ମହାପ୍ରଭୁଙ୍କ ରଥ ନିର୍ମାଣ ଶୁଭାରମ୍ଭ ହେବା ସହ ବାହାର ଚନ୍ଦନ ହେବ। ତେଣୁ ଶ୍ରୀନହର ରଥଖଳାରେ ଭୋଇ ସେବକମାନଙ୍କ ପକ୍ଷରୁ ୧୧ ବଖରା ବିଶିଷ୍ଟ ଚାଳି ପ୍ରସ୍ତୁତ ହୋଇଛି। ୩ ବଖରା ଲେଖାଏ ୯ଘର ବିଶ୍ୱକର୍ମାଙ୍କ ପାଇଁ ଗୋଟିଏ ଲେଖାଏ ବିନ୍ଧ କାରିଗର ଓ ରୂପକାର ପାଇଁ ଉଦ୍ଦିଷ୍ଟ ରହିଛି। ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ୨୫ ଜଣରୁ ଊର୍ଦ୍ଧ୍ୱ ଭୋଇ ସେବକ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ରହିଛନ୍ତି। ସେହିଭଳି ନରେନ୍ଦ୍ର ଚକଡାରେ ଚାଳି ନିର୍ମାଣ କରିଛନ୍ତି। ରାସ୍ତାରେ ପନ୍ତି ଛାମୁଣ୍ଡିଆ ମାନ ନିର୍ମାଣ କରାଯାଇଛି ବୋଲି ଭୋଇ ସର୍ଦ୍ଦାର ରବି ଭୋଇ କହିଛନ୍ତି। ସେହିପରି ନରେନ୍ଦ୍ର ପରିସରରେ ଡଙ୍ଗା ରଙ୍ଗ କାର୍ଯ୍ୟ ଚାଲିଛି। ନରେନ୍ଦ୍ର ପୁଷ୍କରିଣୀର ନନ୍ଦା, ଭଦ୍ରା ସମେତ ବୈଜୟନ୍ତୀ ଡଙ୍ଗା କାର୍ଯ୍ୟ ଚାଲିଛି। ଡଙ୍ଗା ବ୍ୟତୀତ ଚକଡା, ହଂସ, ଠେକେରା ବାଡ, ଚାପର ବିଭିନ୍ନ ଅଂଶ, ଚକଡ଼ାର ବିଭିନ୍ନ ସ୍ଥାନରେ ଦେବଦେବୀଙ୍କ ପ୍ରତିଛବି ଆଦି ରଙ୍ଗ କାର୍ଯ୍ୟ ଚିତ୍ରକାର ସେବାୟତଙ୍କ ପକ୍ଷରୁ କରାଯାଉଛି। ଅନ୍ୟପଟେ ଚନ୍ଦନ ଯାତ୍ରା ନିମନ୍ତେ ଦର୍ଜୀ ସେବାୟତଙ୍କ ନେତୃତ୍ୱରେ ୧୭ଜଣ ସେବକ ଠାକୁରଙ୍କ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଚନ୍ଦନ ଯାତ୍ରାରେ ଠାକୁରଙ୍କ ପାଇଁ ୧୭ଟି ଶେଯ, ୨୧ଟି ମାଣ୍ଡି, ୨ଟି ମୃଦଙ୍ଗ ମାଣ୍ଡି ସହ ନନ୍ଦା ଭଦ୍ରାଡଙ୍ଗା ଦ୍ୱୟ ପାଇଁ ଧଳା ଓ ନାଲି ଚାପମଣ୍ଡନୀ ତିଆରି ଚାଲିଛି। ୨ଟି ଡଙ୍ଗା ପାଇଁ ୮ଟି ବାଙ୍କ ତିଆରି ହେଉଛି। ଚାପର କାଠ ଭଳି ବାଙ୍କ ଲାଗିବ। ୨ଟି ପାଲିଙ୍କି ପାଇଁ ଚାପ ତିଆରି ହେବ। ୧୩ଟି ଚାନ୍ଦୁଆ ନରେନ୍ଦ୍ର ପୁଷ୍କରିଣୀରେ ଲାଗିବ। ତରାସ, ପତାକା, କଳା ଓ ଧଳା ଛତି ଓଲାର ଓ ଛୁରିର ସାଜ ତିଆରି ଚାଲିଛି। ଏଥିସହ ମହାପ୍ରଭୁଙ୍କ ବିଞ୍ଚଣା, ଅଳଙ୍କାର, ମୁଣି ପାନ ବଟୁଆ ଆଦିର ସାଜ ଭେଲଭେଟ କନା ଜରି ଜମ୍ବୁରା ଆଦି ପ୍ରସ୍ତୁତି ଚାଲିଛି ବୋଲି ଦରଜି ସର୍ଜି ସର୍ଦ୍ଦାର ପ୍ରକାଶ ମହାପାତ୍ର ସୂଚନା ଦେଇଛନ୍ତି।

### ୭ ଦିନରେ ସରକାରୀ ବାସଭବନ ଛାଡ଼ିବାକୁ ନିର୍ଦ୍ଦେଶ

ପୁରୀ ଅଫିସ,୨୦।୪

ଉଚ୍ଚ ପଦବୀକୁ ପ୍ରମୋଶନ ହେବା ପରେ ମଧ୍ୟ ସରକାରୀ ବାସଭବନ ଛାଡୁ ନଥିବାବେଳେ ଖୁବ୍‌ଶୀଘ୍ର ବାସଭବନ ଛାଡିବା ପାଇଁ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ସମ୍ପୃକ୍ତ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଚିଠି କରିଥିବା ସୂଚନା ମିଳିଛି। ପୁରୀ ଜିଲା ପିପିଲି ବ୍ଲକ କମାକନ୍ତିଆ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରୁଥିବା ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀ ପଦୋନ୍ନତି ପାଇବା ପରେ ମଧ୍ୟ ସେ ତାଙ୍କର ସରକାରୀ ବାସଭବନ ଛାଡି ନଥିବା ଜଣାପଡିଛି। ସୂଚନାଯୋଗ୍ୟ, ୨୦୨୨ ଏପ୍ରିଲ ୨୮ରେ ଉକ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ ସୁପରଭାଇଜର ପଦବୀକୁ ପଦୋନ୍ନତି ହୋଇ ସତ୍ୟବାଦୀ ବ୍ଲକ ଅଳଗୁମ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି ହୋଇଥିଲେ। ପରେ ସେ ସେଠାକୁ ଯାଇ କାର୍ଯ୍ୟରେ ଯୋଗଦେଇଥିଲେ। ମାତ୍ର ପିପିଲି କମାକନ୍ତିଆଠାରେ ରହୁଥିବା ସରକାରୀ ବାସଭବନକୁ ଛାଡି ନ ଥିଲେ। ଯାହା ଆଇନର ଉଲ୍ଲଂଘନ। ଏ ନେଇ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କଠାରେ ଅଭିଯୋଗ କରିଥିଲେ। ତେଣୁ ଆଇନ ଅନୁଯାୟୀ ସମ୍ପୃକ୍ତ ସ୍ୱାସ୍ଥ୍ୟ କର୍ମୀ ତାଙ୍କର ପିପିଲି କମାକନ୍ତିଆସ୍ଥିତ ସରକାରୀ ବାସଭାବନକୁ ୭ଦିନ ମଧ୍ୟରେ ଛାଡିବାକୁ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଚିଠି ମାଧ୍ୟମରେ ସୂଚନା ଦେଇଛନ୍ତି। ତେବେ ସମ୍ପୃକ୍ତ କର୍ମଚାରୀ ୭ଦିନ ମଧ୍ୟରେ ସରକାରୀ ବାସଭବନ ନ ଛାଡିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ୱାସ୍ଥ୍ୟ ଅଧିକାରୀ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡ. ସୁଜାତା ମିଶ୍ର ଏନେଇ ପିପିଲି ବ୍ଲକ ଜନ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଅଳଗୁମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀଙ୍କୁ ଆଦେଶ ତୁରନ୍ତ କାର୍ଯ୍ୟ କରି ତାଙ୍କୁ ରିପୋର୍ଟ ଦେବା ପାଇଁ ଚିଠିରେ ଉଲ୍ଲେଖ କରିଛନ୍ତି।



ଗୋପ ଅଗ୍ନିଶମ ବିଭାଗ ପକ୍ଷରୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ଅଗ୍ନି ସଚେତନତା କରାଯାଉଛି ।

### ସ୍ୱାସ୍ଥ୍ୟକେନ୍ଦ୍ରରେ ଅଗ୍ନିଶମ ବିଭାଗର ସଚେତନତା

ଗୋପ,୨୦।୪(ଡି.ଏନ୍.ଏ.)

ଆମେ ନିଜେ ତଥା ଅନ୍ୟକୁ ଅଗ୍ନିରୁ ବଞ୍ଚାଇପାରିବା ସହ ଗ୍ୟାସ ସିଲିଣ୍ଡର୍‌କୁ ଠିକ୍ ଭାବେ ବ୍ୟବହାର କରିବା ସେଥିପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଗୁରୁବାର ଗୋପ ଅଗ୍ନିଶମ ଅଧିକାରୀ ବସନ୍ତ କୁମାର ପାତ୍ର ୨ଟି ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ କରି ଲୋକମାନଙ୍କୁ ବୁଝାଇଥିଲେ। ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ସମସ୍ତ ଡାକ୍ତର ଓ କର୍ମଚାରୀମାନଙ୍କୁ ପ୍ରଥମେ ଅଗ୍ନି ନିୟନ୍ତ୍ରଣ କରିବା ଓ ଘରେ ରୋଷେଇ ସମୟରେ କିପରି ନିଜକୁ ସୁରକ୍ଷିତ ରଖିବା ନେଇ ସଚେତନ କରାଯାଇଥିଲା। ସେହିପରି ମଧ୍ୟାହ୍ନରେ ଗୋପ ବ୍ଲକ ଏରବଙ୍ଗ ପଞ୍ଚାୟତ ଅନ୍ତର୍ଗତ ବାଲିସାହି ଗ୍ରାମର ଥିବା କେତେକ ମହିଳା ଗୋଷ୍ଠୀର ଶତାଧିକ ମହିଳାଙ୍କୁ ଗ୍ୟାସ ସିଲିଣ୍ଡର୍‌ର ଅଗ୍ନିବର୍ଦ୍ଧକ ସମ୍ପର୍କରେ ଅଗ୍ନିଶମ ଅଧିକାରୀ ବସନ୍ତ କୁମାର ପାତ୍ର ସଚେତନତା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଗୋପ ଅଗ୍ନିଶମ ବିଭାଗ କର୍ମଚାରୀ ସହଯୋଗ କରିଥିଲେ।

### ବ୍ଲକର ସମସ୍ତ ବିଭାଗର ଟୁଇଟର ଆକାଉଣ୍ଟ ଖୋଲାଯାଉ

ସାକ୍ଷୀଗୋପାଳ,୨୦।୪(ସ୍ୱ.ପ୍ର./ଡି.ଏନ୍.ଏ.)

ସାଧାରଣ ଲୋକଙ୍କ ଅଭିଯୋଗଠାରୁ ଆରମ୍ଭ କରି ସମାଧାନ ନିମନ୍ତେ ସମସ୍ତ କାର୍ଯ୍ୟକୁ ନିଜ ମୋବାଇଲ ମାଧ୍ୟମରେ କରିବାକୁ ସରକାର ଅଧିକ ଯତ୍ନବାନ ହେବାକୁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବିଭାଗର ଅନେକ ବରିଷ୍ଠ ଅଧିକାରୀ ମଧ୍ୟ ନିଜ ଅଞ୍ଚଳର ଲୋକଙ୍କୁ ସହାୟତା ପାଇଁ ନିଜେ ଅନେକ ପଦକ୍ଷେପ ନେଇଥାନ୍ତି। ସାମ୍ପ୍ରତିକ ସମୟରେ ଲୋକଙ୍କ ଅଭିଯୋଗ ଓ ସରକାରଙ୍କ ବିଭିନ୍ନ ସୂଚନା ନିମନ୍ତେ ଅଧିକାଂଶ ଲୋକ ଟୁଇଟରକୁ ଏକ ମାଧ୍ୟମ ଭାବେ ନେଉଛନ୍ତି। ଏହା ମାଧ୍ୟମରେ ମଧ୍ୟ ତୁରନ୍ତ ସମସ୍ୟାର ସମାଧାନ ହେଉଛି। ହେଲେ ସତ୍ୟବାଦୀରେ ଥିବା ସମସ୍ତ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଟୁଇଟର ଆକାଉଣ୍ଟ ରହିଥିଲେ ମଧ୍ୟ ସେଗୁଡିକ ଦୀର୍ଘ ଦିନ ଧରି ଅବ୍ୟବହୃତ ଭାବେ ପଡ଼ି ରହିଛି। ତେଣୁ ସତ୍ୟବାଦୀର ସମସ୍ତ ବିଭାଗ ସହ ଅଧିକାରୀଙ୍କ ଟୁଇଟର ଆକାଉଣ୍ଟକୁ ଶୀଘ୍ର ଚାଲୁ କରିବା ସହ ଯେଉଁ ବିଭାଗର ଟୁଇଟର ଆକାଉଣ୍ଟ ନାହିଁ, ବିଭାଗ ସେଗୁଡ଼ିକର ଟୁଇଟର ଆକାଉଣ୍ଟ ଖୋଲାଯାଉ। ସତ୍ୟବାଦୀ ବରିଷ୍ଠ ନାଗରିକ ଫୋରମ ସମ୍ପାଦକ ଆଇନଜୀବୀ ଅମର ନନ୍ଦ, ବରିଷ୍ଠ ସଭ୍ୟ ଖବରଦତା କିଶୋର ମହାପାତ୍ର, ଅଶୋକ ବେହେରା ପ୍ରମୁଖ ଏନେଇ ଅନୁରୋଧ କରିଛନ୍ତି।

## ରଥଯାତ୍ରା ପାଇଁ ସ୍ୱେଚ୍ଛାସେବୀଙ୍କୁ ଦାୟିତ୍ୱ ବଣ୍ଟନ

ପୁରୀ ଅଫିସ,୨୦।୪

ବିଗତ ବର୍ଷରେ ରଥଯାତ୍ରାରେ ସ୍ୱେଚ୍ଛାସେବୀମାନଙ୍କର ସେବା ପ୍ରଶଂସନୀୟ ଥିଲା। ଚଳିତ ରଥଯାତ୍ରାରେ ମଧ୍ୟ ସ୍ୱେଚ୍ଛାସେବୀମାନେ ଶ୍ରଦ୍ଧାଳୁମାନଙ୍କୁ ଅନୁରୂପ ସେବା ଯୋଗାଇଦେବେ ବୋଲି ଆଶାବ୍ୟକ୍ତ କରିଛନ୍ତି ଜିଲାପାଳ ସମର୍ଥ ବର୍ମା। ଗୁରୁବାର ଟାଉନହଲରେ ଜିଲା ପ୍ରଶାସନ ପକ୍ଷରୁ ଆଗାମୀ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ସ୍ୱେଚ୍ଛାସେବୀମାନଙ୍କ ସହ ଏକ ସମନ୍ୱୟ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ବର୍ମା ଅଧ୍ୟକ୍ଷତା କରି ରଥଯାତ୍ରା ସମୟରେ ବିବିଧ କାର୍ଯ୍ୟକୁ ସୁରୁଖୁରୁରେ ପରିଚାଳନା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ତେଣୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ କର୍ମକର୍ତ୍ତାମାନେ ସେମାନଙ୍କ ଅନୁଭବରୁ ରଥଯାତ୍ରାରେ ଆସୁଥିବା ଶ୍ରଦ୍ଧାଳୁମାନଙ୍କୁ ବିଭିନ୍ନ ସେବା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ପରେ ପରିମଳ ବ୍ୟବସ୍ଥା,

### ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କ ସମନ୍ୱୟ ସଭା

ସ୍ୱାସ୍ଥ୍ୟସେବା, ଚିକିତ୍ସା ସହାୟତା, ଆମ୍ବୁଲାନ୍ସ ସେବା, ଷ୍ଟେଚର ସେବା, ରକ୍ତଦାନ, ଶବ ସତ୍କାର, ଆଶୁ ଚିକିତ୍ସା କେନ୍ଦ୍ର ସ୍ଥାପନ, ପାନୀୟ ଜଳ ଯୋଗାଣ, ଟ୍ରାଫିକ ରକ୍ଷାରେ ସହାୟତା, ବଡ଼ଦାଣ୍ଡରୁ ଗୋରୁଙ୍କୁ ହଟାଇବା, ସୂଚନା ପ୍ରଦାନ ବ୍ୟବସ୍ଥା ଓ ଉଦ୍ଧାର କାର୍ଯ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଗୁଡ଼ିକର ଦାୟିତ୍ୱ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ବଣ୍ଟାଯାଇଛି ବୋଲି ଆଲୋଚନା କରାଗଲା।

ଏହି କାର୍ଯ୍ୟକୁ ବିଭିନ୍ନ ସବ୍‌କମିଟି ଗଠନ କରାଯାଇ ବରିଷ୍ଠ ଅଧିକାରୀ ବା ନୋଡାଲ ଅଫିସରଙ୍କ ତତ୍ତ୍ୱାବଧାନରେ ଯୋଜନାବଦ୍ଧ ଭାବେ କାର୍ଯ୍ୟ ସମ୍ପାଦନ କରାଯିବ ବୋଲି ସ୍ଥିର ହୋଇଛି। ଯେଉଁ କ୍ଷେତ୍ରରେ ଅଭିଜ୍ଞତା ରହିଛି, ସେହି ସ୍ୱେଚ୍ଛାସେବୀମାନେ ସେଠାରେ କାର୍ଯ୍ୟ କରିବେ। ପରେ ନୋଡାଲ ଅଫିସରମାନଙ୍କ ତତ୍ତ୍ୱାବଧାନରେ ସ୍ୱେଚ୍ଛାସେବୀ କର୍ମୀଙ୍କ ସହ ଏକାଧିକ ବୈଠକ କରାଯାଇ ପୂର୍ଣ୍ଣାଙ୍ଗ ପ୍ରସ୍ତୁତି କରାଯିବ। ସଭାରେ ଅତିରିକ୍ତ ଜିଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଦିଲୀପ କୁମାର ମହାପାତ୍ର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଉପଜିଲାପାଳ ଭବତାରଣ ସାହୁ, ପିକେଡିଏ ସମ୍ପାଦକ ଡ. ଲଲାଟେନ୍ଦୁ ସାହୁ, ଏଡିଏମ୍‌ଓ ଡା. ବିରଜା ଶଙ୍କର ରଥ, ଜିଲା ଶିକ୍ଷା ଅଧିକାରୀ ବିଶ୍ୱଜିତ ଘୋଷ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ଅଭିମନ୍ୟୁ ବାରିକ, ପୋଲିସ ଚନ୍ଦ୍ରଶେଖର ଦାଶ, ଡେପୁଟି କଲେକ୍ଟର ରାକେଶ ପଣ୍ଡା, ଅତିରିକ୍ତ ପୌରନିର୍ବାହୀ ଅଧିକାରୀ ମନୋଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଭାରେ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କ ସହ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇ ବିବିଧ ପ୍ରସ୍ତାବ ମାନ ଦେଇଥିଲେ।

### ବିଦ୍ୟା ହେଉଛି ଦୁନିଆର ଶ୍ରେଷ୍ଠ ବିଭୂତି

ଡେଲାଙ୍ଗ,୨୦।୪(ଡି.ଏନ୍.ଏ.)

#### ଶିଶୁମନ୍ଦିରର ବାର୍ଷିକ ଉତ୍ସବ

ବିଦ୍ୟା ହେଉଛି ଦୁନିଆର ଶ୍ରେଷ୍ଠ ବିଭୂତି। ଆଜିର ଶିଶୁ କାଲିର ଭବିଷ୍ୟତ। ଅଭିଭାବକମାନେ ଶିଶୁଙ୍କ ପ୍ରାଥମିକ ଶିକ୍ଷା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଶ୍ରୀପୁରୁଷୋତ୍ତମସ୍ଥିତ ଶିଶୁ ବିଦ୍ୟାମନ୍ଦିରର ୧୧ତମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ସହଶିକ୍ଷା ନିର୍ଦ୍ଦେଶକ ତଥା ପୁରୀ ଗୋବର୍ଦ୍ଧନ ପୀଠ ଅଧ୍ୟକ୍ଷ ପ୍ରଫୁଲ୍ଲ ରଥ ଯୋଗଦେଇ ଏହା କହିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ଜଳନ୍ଧର ବେହେରା ଏହାର ସଭାପତିତ୍ୱ କରିଥିଲେ। ଉତ୍ସବରେ ସଭାପତି ବୁଦ୍ଧଦେବ ମିଶ୍ର, ଡେଲାଙ୍ଗ ୟୁଜିୟୁପି ବିଦ୍ୟାଳୟ ସାହିତ୍ୟ ଶିକ୍ଷକ ଅଭୟ ଚରଣ ସାହୁ, ଶିକ୍ଷକ ରତ୍ନାକର ଚମ୍ପତି, ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଅସିତ ମିଶ୍ର, ଜନ୍ମେଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଭାରତୀୟ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ପରୀକ୍ଷାର କୃତୀ ଛାତ୍ରୀଛାତ୍ର ସୁକନ୍ୟା ସୁକୁମାରୀ ସାହୁ, ପ୍ରତ୍ୟାଶା ମିଶ୍ର, ପରାଗ ମହାନ୍ତିଙ୍କ ସହ କ୍ରୀଡ଼ା ଓ ଶିକ୍ଷାରେ ଶ୍ରେଷ୍ଠ ୭୦ ଜଣଙ୍କୁ ମଞ୍ଚରେ ପୁରସ୍କୃତ କରାଯାଇଥିଲା। ମେଧାବୀ ଛାତ୍ରୀ ସୋନାଲି ଭୋଇଙ୍କୁ ମୃତ୍ୟୁଞ୍ଜୟ ମିଶ୍ର ୫ ହଜାର ଟଙ୍କା ଅର୍ଥରାଶି ଦେଇଥିଲେ। ଗୁରୁମା ଲକ୍ଷ୍ମୀପ୍ରିୟା ରାଉତ, ଲିଜା ସାହୁ, ସୁଚିତ୍ରା ପ୍ରଧାନ, ରଶ୍ମିତା ମହାପାତ୍ର, ବନ୍ଦିତା ବିଭୁଦର୍ଶିନୀ, ରୁପାଲି ବେହେରା ପ୍ରମୁଖ ସହଯୋଗ କରିଥିଲେ।





ଶ୍ରୀପୁରୁଷୋତ୍ତମସ୍ଥିତ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ।

## 'ବୈଷ୍ଣବଙ୍କ ଲେଖା ସମାଲୋଚନା ଥିଲା'





ଗଣକବି ବୈଷ୍ଣବ ପାଣିଙ୍କ ଶ୍ରାଦ୍ଧ ଉତ୍ସବରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ।

ପୁରୀ ଅଫିସ,୨୦।୪

ରାଜ୍ୟସ୍ତରୀୟ ସମ୍ମିଳିତ ଲେଖକ ମଞ୍ଚ ଓଡ଼ିଶା ପକ୍ଷରୁ ଗଣକବି ବୈଷ୍ଣବ ପାଣିଙ୍କର ଶ୍ରାଦ୍ଧ ଓ ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ଔପନ୍ୟାସିକ ଗୋପୀନାଥ ମହାନ୍ତିଙ୍କ ଜୟନ୍ତୀ ସଙ୍ଗୀତ ପରିଷଦ ପରିସରରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଶାସକ ବିନୋଦ କୁମାର ପଣ୍ଡା ଯୋଗଦେଇ ଥିଲେ। ସମ୍ମାନିତ ବକ୍ତା ଭାବେ ସଦାଶିବ ମିଶ୍ର, ଓ ଶିକ୍ଷାବିତ୍ ଶିବସୁନ୍ଦର ମିଶ୍ର ଯୋଗଦେଇଥିଲେ। ଅତିଥିମାନେ ଉତ୍କଳର ଗଣକବି ୧୮୮୨ କୁମାର ପୂର୍ଣ୍ଣିମା ତିଥିରେ ମାହାଙ୍ଗା ନିକଟବର୍ତ୍ତୀ କୋଠପଦାରେ ଜନ୍ମଗ୍ରହଣ କରିଥିଲେ। ଗଣକବି ତାଙ୍କ ଜୀବନକାଳ ମଧ୍ୟରେ ଅନେକ ଦୁଃଖ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। ଏପରିକି ଗାଈ ମଧ୍ୟ ଚରାଇଛନ୍ତି। ତାଙ୍କର ଏକାଧିକ ରଚନା ମଧ୍ୟରେ ନାଟକ ମେଘନାଦ ଓ ଦୁଃଖିନୀର ଗୋବର ଗୋଟେଇ, ସୁନ୍ଦର ଭଜନ ଓ କବିତା ଜନମାନସରେ ବେଶ୍ ଆଦୃତ ହୋଇଥିଲା। ପରାଧୀନ ଭାରତବର୍ଷର ସ୍ଥିତିକୁ ସେ ଦେଖି ସେ ଇଂରେଜ ସରକାରଙ୍କୁ ତାଙ୍କର ଲେଖନୀ ମାଧ୍ୟମରେ ସମାଲୋଚନା କରୁଥିଲେ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ମଞ୍ଚର ସଭାପତି ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଡ. ରାନୁ ମିଶ୍ର, ଅଧ୍ୟାପକ ଭାରତୀ ଭୂଷଣ ଦାସ, ଆଶାଲତା ପ୍ରଧାନ, ଚାରୁଲତା ମିଶ୍ର, ରାଧାକୃଷ୍ଣ ପ୍ରଧାନ, ଯୋଗେଶ୍ୱର ପ୍ରହରାଜ, ସୁରେଶ ପଟ୍ଟନାୟକ, ଡ.ସୁଦୀପ୍ତା ମିଶ୍ର, ସାମ୍ବାଦିକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଯୋଗେନ୍ଦ୍ର ସାହୁ, ଭାଗବତ ପ୍ରସାଦ ପଟ୍ଟନାୟକ, ସୌମ୍ୟ ରଞ୍ଜନ ବିଶୋଇ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଭବାନୀ ପ୍ରସାଦ ବଳିଆରସିଂ ଧନ୍ୟବାଦ ଦେଇଥିଲେ।

# 'ରକ୍ତଦାନ ଦ୍ୱାରା ଭାବ ଯୋଡ଼ିହୁଏ'

ପୁରୀ ଅଫିସ,୨୦।୪

ବିଶ୍ୱର ବିଭିନ୍ନ ଦେଶ ଯୁଦ୍ଧ ବିଭୀଷିକା ଓ ଆତଙ୍କବାଦରେ ମାତି ଜନଗଣଙ୍କୁ ରକ୍ତାକ୍ତ କରୁଥିବାବେଳେ ଆହତ, ଅସହାୟ, ନିଃସହାୟ ଓ ଆହତଙ୍କୁ ଯେଉଁଠି ରକ୍ତଦାନ କରାଯାଏ, ସେ ମୋ ଭାରତବର୍ଷ– ମୋର ପୁଣ୍ୟ ଜନ୍ମଭୂମି। ଏଇ ହେଉଛି ସେଇ ଉତ୍କଳଭୂମି, ଯେଉଁଠି ରକ୍ତଦାତାଟିଏ ଜାତି–ବର୍ଣ୍ଣ–ଧର୍ମ ନିର୍ବିଶେଷରେ ରକ୍ତଦାନ କରି ଉଲ୍ଲସିତ ହୁଏ। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସମର୍ପଣ ସଂଗଠନ ଦ୍ୱାରା ଆୟୋଜିତ ରାଜ୍ୟ ସ୍ୱେଚ୍ଛାକୃତ ରକ୍ତଦାତା ମହାସମାବେଶର ଉଦ୍‌ଯାପନୀ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମତବ୍ୟକ୍ତ କରିଛନ୍ତି। ରାଜ୍ୟପାଳ ଆହୁରି କହିଥିଲେ, ରକ୍ତଦାତା ଜଣେ ଈଶ୍ୱର, ଯେ ରକ୍ତ ଭଳି ଦାନରେ ଭାବ ଓ ଭକ୍ତିରେ ସମର୍ପିତ ହୁଏ। ଯାହା ସମାଜରେ ରକ୍ତଦାତାଙ୍କ ସମ୍ପର୍କ ବଢ଼ିବା ସହ ଭାବ, ସମ୍ପର୍କ ଯୋଡ଼ି ଥାଏ। ଯେପରି ଶ୍ରୀକୃଷ୍ଣ–ଯଶୋଦା ଓ ଶ୍ରୀରାମ –ଶବରୀ ମଧ୍ୟରେ ରକ୍ତଗତ ସମ୍ପର୍କ ନଥାଇ ବାତ୍ସଲ୍ୟମମତା ପରି ରକ୍ତଦାତା ଅଜଣା–ଅଚିହ୍ନାକୁ ରକ୍ତଦାନ କରି ଯେଉଁ ତ୍ୟାଗର ପରିଚୟ ଦିଏ, ତାହା କର୍ମଯୋଗ ଓ ଭକ୍ତିଯୋଗଠାରୁ ବହୁ ଊର୍ଦ୍ଧ୍ୱରେ ବୋଲି ରାଜ୍ୟପାଳ କହିଥିଲେ।

ମହାସମାବେଶର ମୁଖ୍ୟ ସଂଯୋଜକ ବଦ୍ରି ମିଶ୍ରଙ୍କ ସଂଯୋଜନାରେ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ରାଜ୍ୟ ସରକାର ଓଡ଼ିଶା ମୋ ପରିବାର ମାଧ୍ୟମରେ ରକ୍ତଦାନକୁ ଏକ ଆନ୍ଦୋଳନରେ ପରିଣତ କରିଛନ୍ତି। ତେବେ ସମର୍ପଣର ଏହି ରାଜ୍ୟ ସମାବେଶ ରକ୍ତଦାତା –ରକ୍ତଗ୍ରହୀତା ମଧ୍ୟରେ ରକ୍ତଗତ ସମ୍ପର୍କ ସୃଷ୍ଟି କରିବ। ସମ୍ମାନିତ ଅତିଥି ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କହିଥିଲେ, ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ସରକାର ପୁରୀରେ ଅତ୍ୟାଧୁନିକ ରକ୍ତ ବିଭକ୍ତୀକରଣ ଯନ୍ତ୍ରର ବ୍ୟବସ୍ଥା କରିବା ସହ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଯୁବଗୋଷ୍ଠୀଙ୍କୁ ରକ୍ତଦାନ ପାଇଁ ସଚେତନ କରିବା ଆବଶ୍ୟକ। ଏହି ସମାବେଶରେ ସମର୍ପଣ ସଭାପତି ଡ. ଅଭିମନ୍ୟୁ ଭୂୟାଁ ସଭାପତିତ୍ୱ କରିଥିବା ବେଳେ ସମ୍ପାଦିକା ଜୟନ୍ତୀ ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉତ୍ସବ କମିଟି ଅଧ୍ୟକ୍ଷ ମଧୁସୂଦନ ମିଶ୍ର ଧନ୍ୟବାଦ ଦେଇଥିଲେ। ମହାସମାବେଶ ଉପଲକ୍ଷେ ସକାଳୁ ବିଧାୟକ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଶ୍ରୀମନ୍ଦିରର ସିଂହଦ୍ୱାରଠାରୁ ସଚେତନତା ରାଲି ହୋଇଥିଲା। ଶୋଭାଯାତ୍ରା ଗୋପବନ୍ଧୁ ଆୟୁର୍ବେଦ ସମ୍ମିଳନୀ କକ୍ଷରେ ପହଞ୍ଚିବା ପରେ ଜିଲାପାଳ ସମର୍ଥ ବର୍ମା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରକ୍ତଦାତା

### ରାଜ୍ୟ ସ୍ୱେଚ୍ଛାକୃତ ରକ୍ତଦାତା ମହାସମାବେଶ

ତଥା ପ୍ରକୃତିପ୍ରେମୀ ଅକ୍ଷୟ ଜୟସିଂହଙ୍କୁ ସମ୍ମାନିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମହାସମାବେଶର ବୁଲେଟିନ 'ରକ୍ତଦାତା' ଓ ସମର୍ପଣର ୱେବ୍‌ସାଇଟକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିସ୍ମିତା ମହାନ୍ତି, କୃଷ୍ଣଚନ୍ଦ୍ର ପାତ୍ର, ଗୋବିନ୍ଦ ପାତ୍ର, ଶିବ ନାରାୟଣ ସେନାପତି, ବିଭୁଦତ୍ତ ସୁବୁଦ୍ଧି, ଶୁଭେନ୍ଦୁ ସାମନ୍ତରାୟ, ବିଭୁପ୍ରସାଦ ସାହୁ, ଡ. ସଂଗ୍ରାମ କେଶରୀ ଜେନା, ଶିବାନୀ ଶୁଭ୍ରଜ୍ୟୋତି, ପ୍ରଶାନ୍ତ ପ୍ରବୀର ଦାସ ଓ କୋଭିଡ୍ ଯୋଦ୍ଧା ଭାବେ ମାତିସ ମାନବେସ୍ ଏବଂ ଆଲିସା ପ୍ରମୁଖଙ୍କୁ ରାଜ୍ୟପାଳ ସମ୍ମାନିତ କରିଥିଲେ। ଡା. ମନୋଜ ସାହୁ, ଉପଦେଷ୍ଟା ରାଜକିଶୋର ପାତ୍ର, ଗିରିଶ ନାୟକ ପ୍ରମୁଖ ମଞ୍ଚାସୀନ ଥିବାବେଳେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ କେଦାରନାଥ ମହାପାତ୍ର, ସୌମ୍ୟରଞ୍ଜନ ପାତ୍ର, ସାଗରିକା ରଥ, ଶକ୍ତି ମିଶ୍ର, ଶିବାନୀ ଶୁଭ୍ରଜ୍ୟୋତି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।



ପୁରୀ ଆୟୁର୍ବେଦିକ କଲେଜ ପରିସରରେ ଅନୁଷ୍ଠିତ ସମର୍ପଣର ବାର୍ଷିକ ଉତ୍ସବରେ ରାଜ୍ୟପାଳ ଗଣେଶୀ ଲାଲଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଲିପୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଏଆଇଏଡିଏମ୍‌କେ ସାଧାରଣ ସମ୍ପାଦକ ଭାବେ
# ପାଲାନିସ୍ୱାମୀଙ୍କ ନିର୍ବାଚନକୁ ଇସିଙ୍କ ସ୍ୱୀକୃତି

### ଇପିଏସ୍ ନେତୃତ୍ୱାଧୀନ ଦଳକୁ ମିଳିଲା ଦ୍ୱିପତ୍ର ଚିହ୍ନ


ପାଲାନିସ୍ୱାମୀ

ଚେନ୍ନାଇ,୨୦।୪

ଏଡାପ୍ପାଡି କେ. ପାଲାନିସ୍ୱାମୀ (ଇପିଏସ୍)ଙ୍କୁ ଏଆଇଏଡିଏମ୍‌କେର ସାଧାରଣ ସମ୍ପାଦକ ଭାବେ ଭାରତର ନିର୍ବାଚନ କମିଶନ (ଇସି) ଗୁରୁବାର ସ୍ୱୀକୃତି ପ୍ରଦାନ କରିବା ସହ ତାଙ୍କ ଦଳକୁ ଦ୍ୱିପତ୍ର ନିର୍ବାଚନୀ ଚିହ୍ନ ପ୍ରଦାନ କରିଛନ୍ତି। ଏଥିସହିତ ଦଳ ନିୟମାବଳୀରେ ସଂଶୋଧନ କରାଯିବା ସହ ପଦାଧିକାରୀମାନଙ୍କୁ ପରିବର୍ତ୍ତନ କରାଯାଇଛି। ଇପିଏସ୍ ମାର୍ଚ୍ଚ ୨୮ ଓ ଏପ୍ରିଲ ୧୩ରେ ନିର୍ବାଚନ କମିଶନଙ୍କୁ ପତ୍ର ଲେଖି ସେ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହେବା ସହ ଦଳ ବାଇ ଲ'ରେ ହୋଇଥିବା ପରିବର୍ତ୍ତନ ସମ୍ପର୍କରେ ଜଣାଇଥିଲେ। ଏଥିସହିତ ମାର୍ଚ୍ଚ ୨୮ର ମାଡ୍ରାସ୍ ହାଇକୋର୍ଟ ରାୟ, ଏପ୍ରିଲ ୧୨ର ଦିଲ୍ଲୀ ହାଇକୋର୍ଟ ରାୟ ଏବଂ ଫେବୃୟାରୀ ୨୩ର ସୁପ୍ରିମକୋର୍ଟଙ୍କ ରାୟ ସମ୍ପର୍କରେ ପାଲାନିସ୍ୱାମୀ ଇସିଙ୍କୁ ଅବଗତ କରାଇଥିଲେ। ଏଆଇଏଡିଏମ୍‌କେ ଦେଇଥିବା ପ୍ରାର୍ଥୀଙ୍କୁ ଦ୍ୱିପତ୍ର ନିର୍ବାଚନୀ ଚିହ୍ନ ମଞ୍ଜୁର କରିବାକୁ ନିର୍ବାଚନ କମିଶନ କର୍ନାଟକର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଜଣାଇଛନ୍ତି। ଫଳରେ ଓ. ପନିରସେଲ୍‌ଭାମ ଗୁରୁବାର ସକାଳେ ଯେଉଁମାନଙ୍କୁ ପ୍ରାର୍ଥୀ ଦେଇଛନ୍ତି, ସେମାନେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବେ।

# ଆଜିଠୁ ଭାଜପାର 'ଓବିସି ଜନଜାଗରଣ ଯାତ୍ରା'

ଭୁବନେଶ୍ୱର, ୨୦।୪(ବ୍ୟୁରୋ)

ସାରା ଦେଶରେ ଶିକ୍ଷା ଓ ନିଯୁକ୍ତିରେ ଓବିସି ବର୍ଗଙ୍କୁ ୨୭ ପ୍ରତିଶତ ସଂରକ୍ଷଣ ମିଳୁଥିବାବେଳେ ଓଡ଼ିଶାରେ ଏହା ମିଳୁନାହିଁ। ବିଶେଷକରି ଶିକ୍ଷାନୁଷ୍ଠାନରେ ନାମଲେଖାରେ ପଛୁଆ ବର୍ଗର ଛାତ୍ରୀଛାତ୍ରଙ୍କୁ ଆଦୌ ସଂରକ୍ଷଣ ମିଳୁନି। ରାଜ୍ୟରେ ଓବିସି ଜନସଂଖ୍ୟା ୫୪ ପ୍ରତିଶତ। ଦେଶରେ ଅନ୍ୟ ରାଜ୍ୟଗୁଡ଼ିକରେ ଓବିସିବର୍ଗଙ୍କୁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଯଥେଷ୍ଟ ସଂରକ୍ଷଣ ସୁବିଧା ମିଳୁଥିବାବେଳେ ରାଜ୍ୟ ସରକାର ଏହି ବର୍ଗର ଲୋକଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରିଛନ୍ତି। ଭାଜପା ଏ ସମସ୍ତ ପ୍ରସଙ୍ଗରେ ଶୁକ୍ରବାରଠାରୁ 'ଓବିସି ଜନଜାଗରଣ ଯାତ୍ରା' ଆରମ୍ଭ କରିବ। ଢେଙ୍କାନାଳଠାରୁ ଆନୁଷ୍ଠାନିକଭାବେ ଏହି ଯାତ୍ରା ଆରମ୍ଭ ହୋଇ ରାଜ୍ୟର ସବୁ ସାଙ୍ଗଠନିକ ଜିଲା ଓ ନିର୍ବାଚନମଣ୍ଡଳୀରେ ଚାଲିବ ବୋଲି ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ସୂଚନା ଦେଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୁରଥ କହିଛନ୍ତି, ଓବିସି ମୋର୍ଚ୍ଚାର ଜନଜାଗରଣ ଯାତ୍ରାର ଲିଫ୍‌ଲେଟ, ପୋଷ୍ଟର, ପ୍ରଚାର ଗାଡ଼ି ଓ ଗୀତ ବିଧାୟକ ତଥା ରାଜ୍ୟ ଉପସଭାପତି ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଓବିସି ମୋର୍ଚ୍ଚା ପ୍ରଭାରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ଦ୍ୱାରା ଉନ୍ମୋଚନ କରାଯାଇଛି। ଓବିସି ବର୍ଗଙ୍କ ପ୍ରତି ରାଜ୍ୟ ସରକାରଙ୍କ ଉଦାସୀନତା ମନୋଭାବ ରହିଛି ବୋଲି ସୁରଥ କହିଛନ୍ତି।


ଦିଲ୍ଲୀ ବିଶ୍ୱବିଦ୍ୟାଳୟର ନର୍ଥ କ୍ୟାମ୍ପସ୍‌ରେ ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କରୁଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ।

## ଭାଜପା ଯୁବମୋର୍ଚ୍ଚା କର୍ମୀଙ୍କୁ ଜାମିନ ପରେ
# ଜୋର୍ ଧରିଲା ରାଜନୀତି

ଭୁବନେଶ୍ୱର, ୨୦।୪(ବ୍ୟୁରୋ)

- 'ସତ୍ୟମେବ ଜୟତେ, ଧର୍ମର ଜୟ' ହୋଇଛି : ଧର୍ମେନ୍ଦ୍ର
- ଅଭ୍ୟାସଗତ ଅପରାଧୀଙ୍କୁ ଭାଜପା ନେତାଙ୍କ ସମର୍ଥନ: ବିଜେଡି

ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗକରି କିଛିଦିନ ତଳେ ଭାଜପା ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନେ ପ୍ରତିବାଦ କରିଥିଲେ। ଏହି ସମୟରେ ପୋଲିସ ଏବଂ ଯୁବମୋର୍ଚ୍ଚା କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ହୋଇଥିଲା। ଉକ୍ତ ଘଟଣାରେ ଗିରଫ ହୋଇ କେତେଜଣ କର୍ମୀ ଜେଲ ଯାଇଥିଲେ। ତେବେ ଏମାନଙ୍କୁ ଗୁରୁବାର ହାଇକୋର୍ଟରୁ ଜାମିନ ମିଳିବା ପରେ ଏହାକୁ ନେଇ ଭାଜପା ଓ ବିଜେଡି ମଧ୍ୟରେ ଆରୋପ ପ୍ରତ୍ୟାରୋପ ଆରମ୍ଭ ହୋଇଯାଇଛି।

ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ବିରୋଧରେ ପ୍ରତିବାଦ କରିବା ସମୟରେ ପୋଲିସ ଷଡ଼ଯନ୍ତ୍ରର ଶିକାର ହୋଇ ଜେଲ ଯାଇଥିବା ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କୁ ଜାମିନ ମିଳିବା ଘଟଣାରେ 'ସତ୍ୟମେବ ଜୟତେ, ଧର୍ମର ଜୟ' ହୋଇଛି ବୋଲି ଟୁଇଟ୍‌କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଟୁଇଟ୍‌ରେ ସେ କହିଛନ୍ତି, ଭାଜପା ଯୁବମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନେ ଗତ ଫେବୃୟାରୀ ୨୮ରେ ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ବିରୋଧରେ ପ୍ରତିବାଦ କରିବା ସମୟରେ ପୋଲିସ ଦ୍ୱାରା ଷଡ଼ଯନ୍ତ୍ରର ଶିକାର ହୋଇ ସେମାନଙ୍କୁ ଜେଲଲ ଯିବାକୁ ପଡ଼ିଥିଲା। ଏହି ଘଟଣାକୁ ୫୦ ଦିନରୁ ଉର୍ଦ୍ଧ୍ୱ ହେଲାଣି। ଗଣତନ୍ତ୍ରରେ ପ୍ରତିବାଦ କରିବାର ଅଧିକାର ସମସ୍ତଙ୍କର ଅଛି। ଯୁବମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ହେଉଛନ୍ତି ଏକ ରାଜନୈତିକ ଦଳର କାର୍ଯ୍ୟକର୍ତ୍ତା। ହେଲେ ପୋଲିସ ପ୍ରଶାସନ ସେମାନଙ୍କୁ ରାଜନୈତିକ କାର୍ଯ୍ୟକର୍ତ୍ତା ଭାବେ ନୁହେଁ ବରଂ ଅପରାଧୀ ଭଳି ବ୍ୟବହାର କରିଥିଲା, ଯାହା ଗଣତନ୍ତ୍ରରେ ଗ୍ରହଣୀୟ ନୁହେଁ। ହାଇକୋର୍ଟ ଗୁରୁବାର ଯୁବ କାର୍ଯ୍ୟକର୍ତ୍ତାମାନଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଦେଶ ଆଇନ ବ୍ୟବସ୍ଥାକୁ ଆମେ ସମ୍ମାନ ଜଣାଉଛୁ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଧର୍ମେନ୍ଦ୍ରଙ୍କ ଟୁଇଟ୍ ଉପରେ ପ୍ରତିକ୍ରିୟା ଦେଇ ବିଜେଡି ନେତା ଗୌତମ ବୁଦ୍ଧ ଦାସ କହିଛନ୍ତି, ଜଣେ ଅଭ୍ୟାସଗତ ଅପରାଧୀ ଓ ହତ୍ୟା ଅଭିଯୁକ୍ତ ଓଡ଼ିଶା ଭାଜପା ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ ଏବଂ ତାଙ୍କ ସହଯୋଗୀମାନେ ଜାମିନରେ ଜେଲରୁ ମୁକୁଳୁଛନ୍ତି। ଫେବୃୟାରୀ ୨୮ରେ ଏମାନେ ବିକ୍ଷୋଭ ନାଁରେ ଭୁବନେଶ୍ୱରର ଛାତି ଉପରେ କିପରି ଆତଙ୍କ ସୃଷ୍ଟି କରିଥିଲେ ରାଜ୍ୟବାସୀ ତାହା ଦେଖିଛନ୍ତି। ସେଦିନ ସେମାନଙ୍କ ବର୍ବରତାପୂର୍ଣ୍ଣ ଆକ୍ରମଣରେ ଜଣେ ଏସ୍‌ପିଙ୍କ ସମେତ ୨୧ ପୋଲିସ ଆହତ ହୋଇଥିଲେ। ଦୁର୍ଭାଗ୍ୟର ବିଷୟ ହେଉଛି ଏଭଳି ଜଘନ୍ୟ ମାମଲାରେ ଲିପ୍ତ ଜଣେ ଅଭ୍ୟାସଗତ ଅପରାଧୀଙ୍କୁ ରାଜ୍ୟ ଭାଜପାର କେତେଜଣ ନେତା ସମର୍ଥନ କରୁଛନ୍ତି। ରାଜ୍ୟରେ ଭାଜପାର ଏହି ନେତାଙ୍କୁ ସଚେତନ ରାଜ୍ୟବାସୀ ପ୍ରତ୍ୟାଖ୍ୟାନ କରୁଛନ୍ତି। ଆଗକୁ ବି ପ୍ରତ୍ୟାଖ୍ୟାନ କରିବେ ବୋଲି ଗୌତମ କହିଛନ୍ତି।

## ଝାରସୁଗୁଡା ଉପ ନିର୍ବାଚନ
# ବିଜେଡି, ଭାଜପାର ଷ୍ଟାର ପ୍ରଚାରକ

ଭୁବନେଶ୍ୱର, ୨୦।୪(ବ୍ୟୁରୋ)

ଝାରସୁଗୁଡ଼ା ଉପ ନିର୍ବାଚନ ଲାଗି କଂଗ୍ରେସ ଆଗରୁ ନିଜର ଷ୍ଟାର୍ ପ୍ରଚାରକ ତାଲିକା ପ୍ରକାଶ କରିସାରିଥିବା ବେଳେ ଗୁରୁବାର ଭାଜପା ଏବଂ ବିଜେଡି ସେମାନଙ୍କର ୪୦ ଜଣିଆ ତାଲିକା ପ୍ରକାଶ କରିଛନ୍ତି।

### ବିଜେଡି

ନବୀନ ପଟ୍ଟନାୟକ, ପ୍ରଣବ ପ୍ରକାଶ ଦାସ, ଦେବୀ ପ୍ରସାଦ ମିଶ୍ର, ପ୍ରସନ୍ନ ଆଚାର୍ଯ୍ୟ, ଶାରଦା ପ୍ରସାଦ ନାୟକ, ନିରଞ୍ଜନ ପୂଜାରୀ, ଅଶୋକ ଚନ୍ଦ୍ର ପଣ୍ଡା,ପଦ୍ମନାଭ ବେହେରା , ସୁଶାନ୍ତ ସିଂ, ପ୍ରତାପ କେଶରୀ ଦେବ, ଅତନୁ ସବ୍ୟସାଚୀ ନାୟକ, ଅରୁଣ ସାହୁ, ପ୍ରତାପ ଜେନା, ସ୍ନେହାଙ୍ଗିନୀ ଛୁରିଆ, ଟୁକୁନି ସାହୁ, ପ୍ରଶାନ୍ତ ମୁଦୁଲି, ପୁଷ୍ପେନ୍ଦ୍ର ସିଂଦେଓ, ଦିବ୍ୟଶଙ୍କର ମିଶ୍ର, ରୀତା ସାହୁ, ଅଳକା ମହାନ୍ତି, ଚନ୍ଦ୍ରସାରଥି ବେହେରା, ବ୍ରଜ କିଶୋର ପ୍ରଧାନ, ପ୍ରଣବ ବଳବନ୍ତ ରାୟ, ବ୍ୟୋମକେଶ ରାୟ, ବିକ୍ରମ କୁମାର ପଣ୍ଡା, ନଳିନୀକାନ୍ତ ପ୍ରଧାନ, ସରୋଜ କୁମାର ମେହେର, ଦେବେଶ ଆଚାର୍ଯ୍ୟ, ପ୍ରଶାନ୍ତ ବେହେରା, ବିଭୂତି ବଳବନ୍ତ ରାୟ, କିଶୋର ନାୟକ, ଦେବୀ ରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ସ୍ୱରୂପ କୁମାର ଦାସ, ରୁଦ୍ର ପ୍ରତାପ ମହାରଥି, ଯୋଗେଶ ସିଂ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଶ୍ରୀମୟୀ ଶ୍ୱେତା ସ୍ନିଗ୍ଧା ମିଶ୍ର , ଅରିନ୍ଦମ ରୟ ଏବଂ ସତ୍ୟବ୍ରତ ତ୍ରିପାଠୀ (କୁନା ତ୍ରିପାଠୀ)।

### ଭାଜପା

ମନମୋହନ ସାମଲ, ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ, ବିଶ୍ୱେଶ୍ୱର ଟୁଡୁ, ଜୁଏଲ ଓରାମ, ଜୟନାରାୟଣ ମିଶ୍ର, ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଅପରାଜିତା ଷଡ଼ଙ୍ଗୀ, ସଙ୍ଗୀତା ସିଂଦେଓ, ନୀତେଶ ଗଙ୍ଗଦେବ, ସୁନୀଲ ବଂଶଲ, ଡି. ପୁରନ୍ଦେଶ୍ୱରୀ, ବିଜୟ ପାଲ ସିଂ ତୋମାର, ସମୀର ମହାନ୍ତି, ସୁରେଶ ପୂଜାରୀ, ବସନ୍ତ ପଣ୍ଡା, କନକବର୍ଦ୍ଧନ ସିଂଦେଓ, ବୈଜୟନ୍ତ ପଣ୍ଡା, ମୋହନ ଚରଣ ମାଝି, ନାଉରି ନାଏକ, ସମ୍ବିତ ପାତ୍ର, ଏମ୍.ଏ. ଖାରବେଳ ସ୍ୱାଇଁ, ସୁରମା ପାଢ଼ୀ, ରବି ନାରାୟଣ ନାଏକ, ମାନସ କୁମାର ମହାନ୍ତି, ପୃଥ୍ୱୀରାଜ ହରିଚନ୍ଦନ, ଗୋଲକ ପ୍ରସାଦ ମହାପାତ୍ର, ଲେଖାଶ୍ରୀ ସାମନ୍ତସିଂହାର, ସୁବାସ ପାଣିଗ୍ରାହୀ, ଶଙ୍କର ଓରାମ, ରାଧାରାଣୀ ପଣ୍ଡା,ପ୍ରଦୀପ ପୁରୋହିତ, ଭବାନୀ ଶଙ୍କର ଭୋଇ, ନିତ୍ୟାନନ୍ଦ ଗଣ୍ଡ, ମୁକେଶ ମହାଲିଙ୍ଗ, କୁସୁମ ଟେଟେ, ସୁରଜ ସୂର୍ଯ୍ୟବଂଶୀ, ମଙ୍ଗଳ ସାହୁ, ଦୀନେଶ ଜୈନ ଏବଂ ତ୍ରିନାଥ ଗୁଆଲ।

**Classified Everyday**
**0674-2580101, 2549949**




**SALE**

30' Revenue ରୋଡ୍‌କୁ ଲାଗି gharabari yellowzone boundarywall plot (1200, 1500, 1800) ନେଇ ତୁରନ୍ତ ଘର କରନ୍ତୁ। Mouza- Jujhagarha near KIIT Campus, Bhubaneswar, Direct owner- 9437033320. D-74845

Hitech Medical ପଛପଟେ 30ft ପିଚୁରୋଡ ଥାଇ ପ୍ଲଟ ମିଳୁଛି- 7008699350. D-74844

Well developed gharabari yellow zone plot for sale. Kantabada-1250, Vola-1350, Ranga Bazar- 650. Contact: 9439702573, 7978236408. D-0133

ଭୁବନେଶ୍ୱର ତମାଣ୍ଡୋ Market ପାଖରେ boundary, 30' ରାସ୍ତା ଥାଇ ପ୍ଲଟ୍ ନିଅନ୍ତୁ - 8270804320. D-74846




Construct your dream home with competitive rate and for sharing projects. Contact: Besco Developers, Bhubaneswar, 7735330028, 9778855101. D-0081




All type of professional full body massage by professional therapist at Rajmahal @ 999. Contact: 7855053566. D-0078

Relax, Refresh your body, Mind at Saikrupa Spa with best therapies. 8984068077. D-0034

Newly open SPA positively health benefits with expert therapist. 7849011931. D-73698

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74670

Newly open health benefits SPA special offer @799 Jaydev Vihar. 8018429809. D-73700

Full body massage in homely atmosphere in all therapy. Mob: 8114881641. D-73428

Newly open health benefits Spa special offer @999 Nayapalli. 7846814019. D-75101

**AFFIDAVIT**

By virtue of an affidavit sworn before the Notary Public, Attabira, I, Tanaya Bhoi, W/o- Mohan Bhoi, R/o. Nileipali, P.O.- Lahanda, Dist.- Bargarh declare that in the Postal RPLI Policy bearing No.R-OR-EA-606291 my name has been mentioned as Santara Bhoi. That Tanaya Bhoi and Santara Bhoi is one and same person. D-0140

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ



✓ ମାୟାଧର ରାଉତ
ଆବିର୍ଭାବ: ତା.୦୩.୧୧.୧୯୫୬
ତିରୋଧାନ: ତା.୧୧.୦୪.୨୦୨୩
କନ୍ତପଡ଼ା, ବଡ଼ମ୍ବା, କଟକ
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ପରୋପକାରୀ ଓ ମାର୍ଗଦର୍ଶନ ଆମପାଇଁ ପ୍ରେରଣା ଓ ଆର୍ଶୀବାଦ ହୋଇ ରହିଥାଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ କାମନା କରୁଛୁ।
ପତ୍ନୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ ନାତି, ନାତୁଣୀ
ବନ୍ଧୁ ଓ ଶୋକସନ୍ତପ୍ତ ପରିବାରବର୍ଗ
ଧ-୭୩୩୭୬

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଓଡ଼ିଶାରେ ଟିକାକରଣ ହାର ଦେଶରେ ସର୍ବୋଚ୍ଚ

ନୂଆଦିଲ୍ଲୀ,୨୦।୪

ସାରା ବିଶ୍ୱରେ ଟିକାକରଣ କ୍ଷେତ୍ରରେ ଭାରତ ଅଗ୍ରଣୀ ଦେଶ। କରୋନା ସମୟରେ ଯେତେବେଳେ ବିଶ୍ୱର ଅନେକ ଦେଶରେ ଟିକାକରଣ ଉପରୁ ଭରସା ତୁଟିଥିଲା, ସେତେବେଳେ ଭାରତ ଟିକାକରଣକୁ ଅଧିକ ପ୍ରୋତ୍ସାହନ ଦେଇଥିଲା। କେବଳ କୋଭିଡ୍ ଟିକାକରଣ ନୁହେଁ, ପିଲାଙ୍କ କ୍ଷେତ୍ରରେ ମିଶନ୍ ଇନ୍ଦ୍ରଧନୁଷ ପ୍ରଚଳନ କରି ମାଗଣା ଟିକା ପ୍ରଦାନ କରାଯାଇ ଦେଶରେ ଅସାଧ ରୋଗଗୁଡ଼ିକୁ କାବୁ କରାଯାଇଥିବା ୟୁନିସେଫ୍ ରିପୋର୍ଟରେ କୁହାଯାଇଛି।

ୟୁନିସେଫ୍ ଇଣ୍ଡିଆ ପକ୍ଷରୁ ଗୁରୁବାର ପ୍ରକାଶିତ ଦି ଷ୍ଟେଟ୍ ଅଫ୍ ଦି ୱାର୍ଲ୍ଡ ଚିଲ୍‌ଡ୍ରେନ ୨୦୨୩: ଫର୍ ଏଭ୍ରି ଚାଇଲ୍ଡ ଭ୍ୟାକସିନେଶନ' ରିପୋର୍ଟ ଅନୁସାରେ ଓଡିଶାରେ ଟିକାକରଣ କାର୍ଯ୍ୟ ୯୦.୫ ପ୍ରତିଶତ ରହିଛି , ଯାହା ଏନ୍‌ଏଫ୍‌ଏଚ୍‌ଏସ୍-୫ ଅନୁଯାୟୀ ଜାତୀୟ ହାର ୭୬.୪ ପ୍ରତିଶତଠାରୁ ଯଥେଷ୍ଟ ଅଧିକ। ଅପହଞ୍ଚ ଅଞ୍ଚଳରେ ପିଲାମାନଙ୍କୁ ଟିକାକରଣ କରିବା ପାଇଁ ପଞ୍ଚାୟତିରାଜ ଅନୁଷ୍ଠାନ ତଥା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ସ୍ଥାନୀୟ ଲୋକଙ୍କ ଅଂଶଗ୍ରହଣକୁ ଉତ୍ସାହିତ କରିବା ପାଇଁ ଓଡିଶା ସରକାରଙ୍କ ଅନନ୍ୟ ପଦକ୍ଷେପ ଯୋଗୁ ଏହା ସମ୍ଭବ ହୋଇଛି। ଫଳସ୍ୱରୂପ, ରାଜ୍ୟର ୩୦ ଜିଲା ମଧ୍ୟରୁ ୨୦ ଜିଲାରେ ପୂର୍ଣ୍ଣ ଟିକାକରଣର ହାର ୯୦ ପ୍ରତିଶତରୁ ଅଧିକ ଥିବା ଜଣାପଡ଼ିଛି। ବଣ ପାହାଡ଼ ଘେରା ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ଜନଜାତି ବସବାସ କରୁଥିବା ଓଡ଼ିଶାର ୧୪୪ ବ୍ଲକରେ ଟିକାକରଣ ହାର ଅଧିକ ରହିଛି। ପୂର୍ଣ୍ଣ ଟିକାକରଣକୁ ସୁନିଶ୍ଚିତ କରିବା ପାଇଁ ଏକ ସ୍ୱତନ୍ତ୍ର ଟିକାକରଣ ଅଭିଯାନ ମାଧ୍ୟମରେ ଫ୍ରଣ୍ଟଲାଇନ ୱାର୍କର ଯଥା ଆଶା ଓ ଅଙ୍ଗନୱାଡ଼ି କର୍ମଚାରୀମାନେ ଅପହଞ୍ଚ ଇଲାକାକୁ ଯାଇ ପରିବାରମାନଙ୍କୁ ଟିକାକରଣ ପାଇଁ ପ୍ରୋତ୍ସାହିତ କରିଥିଲେ। ସାରା ରାଜ୍ୟରେ ଟିକାକରଣର କ୍ଷମତା ଏବଂ ପ୍ରଭାବକୁ ବଜାୟ ରଖିବା ପାଇଁ ସରକାରଙ୍କ ଦକ୍ଷ ନୀତି ଓ ବ୍ୟବସ୍ଥା ଏକ ଉଚ୍ଚମାନର ଟିକାକରଣ ଅଭିଯାନରେ ମୁଖ୍ୟ ଭୂମିକା ଗ୍ରହଣ କରିଛି।

ଲଣ୍ଡନ ସ୍କୁଲ୍ ଅଫ୍ ହାଇଜିନ୍ ଆଣ୍ଡ ଟ୍ରପିକାଲ୍ ମେଡିସିନ୍ ଦ୍ୱାରା ସଂଗୃହୀତ ଏବଂ ୟୁନିସେଫ୍ ଦ୍ୱାରା ପ୍ରକାଶିତ ଦି' ଭ୍ୟାକ୍ସିନ୍ କନ୍‌ଫିଡେନ୍ସ ପ୍ରୋଜେକ୍ଟର ନୂତନ ତଥ୍ୟ ଉପରେ ଆଧାର କରି ରିପୋର୍ଟରେ ଦର୍ଶାଯାଇଛି ଯେ, ପିଲାମାନଙ୍କ ପାଇଁ ଟିକାକରଣର ମହତ୍ତ୍ୱ ବିଷୟରେ ଅଧ୍ୟୟନ କରିଥିବା ବିଶ୍ୱର ୫୫ଦେଶ ମଧ୍ୟରୁ କେବଳ ଚାଇନା, ଭାରତ ଏବଂ ମେକ୍ସିକୋରେ ଏହାଉପରେ ଲୋକଙ୍କ ଧାରଣା ଅଧିକ ଲୋକପ୍ରିୟ ଏବଂ ଉନ୍ନତ ହୋଇଛି। ଅଧ୍ୟୟନ କରାଯାଇଥିବା ଦେଶ ମଧ୍ୟରୁ ଏକ ତୃତୀୟାଂଶରୁ ଅଧିକ ଦେଶ ଯଥା ରିପବ୍ଲିକ ଅଫ୍ କୋରିଆ, ପପୁଆ ନ୍ୟୁ ଗିନି, ଘାନା, ସେନେଗାଲ୍ ଏବଂ ଜାପାନ ପରି ଦେଶରେ ମହାମାରୀ ଆରମ୍ଭ ପରେ ଏଇ ଦେଶଗୁଡିକରେ ଟିକା ଉପରୁ ବିଶ୍ୱାସ ହ୍ରାସ ପାଇଥିଲା। ବିଭ୍ରାନ୍ତିକର ସୂଚନା ତଥା ଟିକାକରଣ ପ୍ରଭାବ ଉପରେ ବିଶ୍ୱାସ ହ୍ରାସ ହେଉଥିବା ଭଳି କାରଣ ହେତୁ ଟିକାକରଣ ପାଇଁ ଦ୍ୱିଧାବୋଧ ହେବାର ଆଶଙ୍କା ରହିଛି ବୋଲି ରିପୋର୍ଟରେ ଚେତାବନୀ ଦିଆଯାଇଛି।

ହେଲେ ଭାରତରେ ଦୃଢ଼ ନେତୃତ୍ୱ ଏବଂ ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା ପିଲାଙ୍କୁ ଟିକା ପ୍ରଦାନ ସାରା ବିଶ୍ୱରେ ଉଦାହରଣ ସୃଷ୍ଟି କରିଛି। ଏହାଦ୍ୱାରା ଭାରତ ଟିକାଦାନ କ୍ଷେତ୍ରରେ ସବୁଠାରୁ ଭରସାଯୋଗ୍ୟ ରାଷ୍ଟ୍ରର ମାନ୍ୟତା ପାଇଛି। ଏହା ଭାରତ ସରକାରଙ୍କ ରାଜନୈତିକ ଏବଂ ସାମାଜିକ ପ୍ରତିବଦ୍ଧତାର ଏକ ନିଦର୍ଶନ। ମହାମାରୀ ସମୟରେ ମଧ୍ୟ ପ୍ରତ୍ୟେକ ଶିଶୁଙ୍କ ଟିକାକରଣ ଦ୍ୱାରା ନିୟମିତ ଟିକାକରଣ ପ୍ରତି ଥିବା ବିଶ୍ୱାସକୁ ଆହୁରି ଦୃଢ଼ କରିବାରେ ସହାୟକ ହୋଇଛି ବୋଲି ୟୁନିସେଫ୍ ଇଣ୍ଡିଆର ପ୍ରତିନିଧି ସିଛିଆ ମ୍ୟାକ୍ ଫ୍ରେ କହିଛନ୍ତି। ସେ ଆହୁରି କହିଛନ୍ତି, ଟିକାକରଣ ହେଉଛି ମାନବିକତାର ଅନ୍ୟତମ ଉଲ୍ଲେଖନୀୟ ସଫଳତାର କାହାଣୀ, ଯାହା ପିଲାମାନଙ୍କୁ ସୁସ୍ଥ ଜୀବନଯାପନ କରିବାକୁ ତଥା ସମାଜରେ ନିଜର ଯୋଗଦାନ କରିବାକୁ ସକ୍ଷମ କରାଇଥାଏ। ଟିକାକରଣ ପ୍ରତ୍ୟେକ ଶିଶୁଙ୍କ ପାଖକୁ ପହଞ୍ଚିବା ହେଉଛି ସମାନତାର ଏକ ପ୍ରମୁଖ ସୂଚକ, ଯାହା କେବଳ ପିଲାଙ୍କୁ ନୁହେଁ, ସମଗ୍ର ସମ୍ପ୍ରଦାୟକୁ ଲାଭ ଦିଏ। ଭବିଷ୍ୟତର ମହାମାରୀକୁ ରୋକିବା ଏବଂ ରୋଗ ଏବଂ ମୃତ୍ୟୁହାରକୁ ହ୍ରାସ କରିବା ପାଇଁ ନିୟମିତ ଟିକାକରଣ ଏବଂ ଦୃଢ଼ ସ୍ୱାସ୍ଥ୍ୟସେବା ପ୍ରଣାଳୀ ଆମକୁ ଆହୁରି ଭଲଭାବରେ ପ୍ରସ୍ତୁତ କରିପାରିବ ବୋଲି ସେ କହିଛନ୍ତି।



ଏହି ରିପୋର୍ଟରେ ଚେତାବନୀ ଦିଆଯାଇଛି ଯେ, ୨୦୧୯ରୁ ୨୦୨୧ମଧ୍ୟରେ ମୋଟ ୬ କୋଟି ୭୦ ଲକ୍ଷ ଶିଶୁ ଟିକାକରଣରୁ ବଞ୍ଚିତ ହୋଇଛନ୍ତି। ୧୧୨ଟି ଦେଶରେ ଟିକାକରଣ ହାର ସ୍ତର ହ୍ରାସ ପାଇଛି। ଫଳରେ ୨୦୨୨ରେ, ଉଦାହରଣ ସ୍ୱରୂପ, ମିଳିମିଳା ରୋଗ ସଂଖ୍ୟା ପୂର୍ବ ବର୍ଷରେ ମୋଟ ଦୁଇଗୁଣରୁ ଅଧିକ ଥିଲା। ପୋଲିଓ ଦ୍ୱାରା ପକ୍ଷାଘାତ ହୋଇଥିବା ଶିଶୁଙ୍କ ସଂଖ୍ୟା ୨୦୨୨ ବର୍ଷ ତୁଳନାରେ ୧୬% ବୃଦ୍ଧି ପାଇଥିଲା। ୨୦୧୯ ରୁ ୨୦୨୧ ସମୟକୁ ପୂର୍ବ ତିନିବର୍ଷ ସହିତ ତୁଳନା କରିବାବେଳେ ପୋଲିଓ ଦ୍ୱାରା ପକ୍ଷାଘାତ ହୋଇଥିବା ଶିଶୁଙ୍କ ସଂଖ୍ୟାରେ ଆଠ ଗୁଣ ବୃଦ୍ଧି ଘଟିଥିଲା। ଏହିସବୁ ଦୁଃସାଧ ରୋଗର ବୃଦ୍ଧି ଟିକାକରଣ ପ୍ରୟାସକୁ ଜାରି ରଖିବା ଆବଶ୍ୟକତା ଉପରେ ଆଲୋକପାତ କରିଛି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୨୧/୨୦୨୩ Bhubaneswar, Friday, April 21/ 2023


# ଦିଲ୍ଲୀ କ୍ୟାପିଟାଲ୍ସର ପ୍ରଥମ ବିଜୟ

**ନୂଆଦିଲ୍ଲୀ,୨୦।୪**

ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍‌ର ୨୮ ତମ ମ୍ୟାଚରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର)କୁ ୪ ଉଇକେଟରେ ହରାଇ ପଏଣ୍ଟ ଖାତା ଖୋଲିଛି ଦିଲ୍ଲୀ କ୍ୟାପିଟାଲ୍ସ। ଷଷ୍ଠ ମ୍ୟାଚ୍‌ରୁ କ୍ୟାପିଟାଲ୍ସ ଏହାର ପ୍ରଥମ ବିଜୟ ହାସଲ କରିଛି। କେକେଆର ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୨୭ ରନ୍‌ରେ ସୀମିତ ରହିଥିଲା। ଜବାବରେ ଦିଲ୍ଲୀ ୧୯.୨ ଓଭରରେ ୬ ଉଇକେଟ ହରାଇ ୧୨୮ ରନ୍ କରିଥିଲା। ବର୍ଷା କାରଣରୁ ପ୍ରାୟ ୩୦ ମିନିଟ ବିଳମ୍ବରେ ମ୍ୟାଚ ଆରମ୍ଭ ହୋଇଥିଲା। ଇଶାନ୍ତ ଶର୍ମାଙ୍କ ସ୍ଥାନରେ ପୃଥ୍ୱୀ ଶ’ ଓ ଭେଙ୍କଟେଶ ଆୟରଙ୍କ ସ୍ଥାନରେ ଅନୁକୂଳ ରୟ ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ୍ ଭାବରେ ଆସିଥିଲେ।

ଟସ୍ ହାରି ବ୍ୟାଟିଂ କରିଥିବା କୋଲକାତା ନାଇଟ ରାଇଡର୍ସ ପକ୍ଷରୁ ଜାସନ ରୟ ଓ ଲିଟନ ଦାସ ଓପନ୍ କରିଥିଲେ। ଦ୍ୱିତୀୟ ଓଭରରେ ଲିଟନଙ୍କୁ ଆଉଟ କରି ମୁକେଶ କୁମାର ପ୍ରଥମ ସଫଳତା ହାସଲ କରିଥିଲେ। ଅକ୍ଷର ପଟେଲ ଓ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଇଶାନ୍ତ ଶର୍ମା ଟପ୍ ଅର୍ଡରରେ ଉଇକେଟ ନେଇ ଦିଲ୍ଲୀକୁ ଭଲ ସ୍ଥିତିରେ ରଖିଥିଲେ। କେକେଆର ପକ୍ଷରୁ ଜାସନ୍ ରୟ ସର୍ବାଧିକ ୪୩ ରନ୍‌ର ଇନିଂସ ଖେଳିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଆନ୍ଦ୍ରେ ରସେଲ ୩୮* ଓ ମନ୍‌ଦୀପ ସିଂ ୧୨ ରନ୍ କରିଥିଲେ। ଏହି ୩ ଖେଳାଳିଙ୍କୁ ବାଦ ଦେଲେ ଅନ୍ୟ କୌଣସି ଖେଳାଳି ଦୁଇ ଅଙ୍କ ସ୍କୋର ଛୁଇଁ ପାର ନ ଥିଲେ। ୯୬ ରନ୍‌ରେ କେକେଆର ନବମ ଉଇକେଟ ପତନ ପରେ ବରୁନ ଚକ୍ରବର୍ତ୍ତୀ(୧)ଙ୍କୁ ସାଥୀ କରି ରସେଲ୍ ୩୦ ରନ୍ ଯୋଡିବାରୁ କେକେଆର ୧୨୭ ରନ୍‌ରେ ପହଞ୍ଚିଥିଲା। ଦିଲ୍ଲୀ ପକ୍ଷରୁ କୁଲଦୀପ ଯାଦବ, ଅକ୍ଷର ପଟେଲ, ଇଶାନ୍ତ ଶର୍ମା ଓ ଆନ୍‌ରିଚ୍ ନର୍ଜେ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ୧୨୮ ରନ୍ ଜବାବରେ ଦିଲ୍ଲୀ ଦୃଢ ଆରମ୍ଭ କରିଥିଲା। ପୃଥ୍ୱୀ ଶ (୧୩) ଓ ଡେଭିଡ୍ ୱାର୍ନର(୫୭) ପ୍ରଥମ ଉଇକେଟରେ ୩୮ ରନ୍ ଯୋଡିଥିଲେ। ୱାର୍ନର ୪୧ ବଲ୍ ଖେଳି ୧୧ ଚୌକା ମାରିଥିଲେ। ଦିଲ୍ଲୀକୁ ବିଜୟ ପାଇଁ ୩୫ ରନ୍ ଆବଶ୍ୟକ ଥିବା ବେଳେ ୱାର୍ନର ଆଉଟ ହୋଇଥିଲେ। ମନୀଷ ପାଣ୍ଡେ ୨୧ ଓ ଅକ୍ଷର ପଟେଲଙ୍କ ଅପରାଜିତ ୧୯ ରନ ବଳରେ ଦଳ ୪ ବଲ ପୂର୍ବରୁ ବିଜୟୀ ହୋଇଥିଲା। କେକେଆର ପକ୍ଷରୁ ନୀତିଶ ରାଣା, ବରୁନ୍ ଚକ୍ରବର୍ତ୍ତୀ ଓ ଅନୁକୂଳ ରୟ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।


ଇଶାନ୍ତ ଶର୍ମା

**ସଂକ୍ଷିପ୍ତ ସ୍କୋର**

କୋଲକାତା ନାଇଟ୍ ରାଇଡର୍ସ ୨୦ ଓଭରରେ ୧୨୭/୧୦ (ଜାସନ୍ ରୟ–୪୩, ଆନ୍ଦ୍ରେ ରସେଲ–୩୮*, ମନଦୀପ୍ ସିଂ–୧୨, କୁଲଦୀପ ଯାଦବ–୨/୧୩, ଅକ୍ଷର ପଟେଲ–୨/୧୫, ଇଶାନ୍ତ ଶର୍ମା–୨/୧୯)। ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୨୭/୬ (ଡେଭିଡ୍ ୱାର୍ନର–୫୭, ମନୀଷ ପାଣ୍ଡେ–୨୧, ଅକ୍ଷର ପଟେଲ–୧୭*, ବରୁନ୍ ଚକ୍ରବର୍ତ୍ତୀ–୨/୧୬, ନୀତିଶ ରାଣା–୨/୧୬, ଅନୁକୂଳ ରୟ–୨/୧୯)।

# ମାଡ୍ରିଡ୍ ଓପନରୁ ଓହରିଲେ ରାଫେଲ ନାଡାଲ

**ମାଡ୍ରିଡ୍, ୨୦।୪ (ଏପି):** ପିଚାରେ ଆଘାତପ୍ରାପ୍ତ ରାଫେଲ ନାଡାଲ ଶୀଘ୍ର ସୁସ୍ଥ ହେବାରେ ବିଳମ୍ବ ଘଟୁଥିବାରୁ ସେ ଆସନ୍ତା ସପ୍ତାହରେ ହେବାକୁଥିବା ମାଡ୍ରିଡ୍ ଓପନ ଟେନିସ ପ୍ରତିଯୋଗିତାରୁ ଓହରିଯାଇଛନ୍ତି। ୨୨ଥର ଗ୍ରାଣ୍ଡସ୍ଲାମ ବିଜେତା ଅଷ୍ଟ୍ରେଲିଆନ ଓପନରେ ଇଞ୍ଜୁରି ହେବାପରେ ଗତ ଜାନୁୟାରୀରୁ ନିଜକୁ ଖେଳରୁ ଦୂରେଇ ରଖିଛନ୍ତି। ଆଘାତଜନିତ ସମସ୍ୟା ଯୋଗୁ ସେ ଇଣ୍ଡିଆନ ୱେଲ୍ସ, ମାୟାମି, ମଣ୍ଟେ କାର୍ଲୋ ଓ ବାର୍ସିଲୋନା ଟୁର୍ନାମେଣ୍ଟ ଖେଳି ନାହାନ୍ତି। ମାଡ୍ରିଡ ଓପନ ସୋମବାରଠାରୁ ଆରମ୍ଭ ହେବାକୁ ଥିବା ବେଳେ ନାଡାଲ ପୂର୍ବରୁ ଏହି ଟୁର୍ନାମେଣ୍ଟ ୫ ଥର ଜିତିଛନ୍ତି।










4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ